R.N.I. REGN. No. 65000/96 POSTAL REGN. No. OR/BN-32/12-14

ଉନତ୍ରିଂଶ ବର୍ଷ
ସଂଖ୍ୟା : ୨୨୯
ତିଥି : ପ୍ରତିପଦ
୨୭ ମେ ୨୦୨୫, ମଙ୍ଗଳବାର
ଭୁବନେଶ୍ୱର
ପୃଷ୍ଠା- ୧୨, ମୂଲ୍ୟ- ଟ.୫.୦୦

ସମୟ SAMAYA

# ସମୟ

ପ୍ରତିଷ୍ଠାତା - ବସନ୍ତ କୁମାର ବିଶ୍ୱାଳ

Vol. - XXIX, No. 229
27 May 2025, Tuesday
Bhubaneswar
Price: 5.00
Online Portal
www.odishasamaya.com
samayaepaper.com
odishasamaya
thesamayanews@gmail.com
www.samayalive.in

Bhubaneswar | Balasore | Angul | Berhampur | Sambalpur

### ପ୍ରଧାନମନ୍ତ୍ରୀ ଭାବେ ମୋଦିଙ୍କ ୧୧ ବର୍ଷ

## ରୁଟି ଖାଇ ଶାନ୍ତିରେ ରୁହ, ନଚେତ୍ ମୋ ଗୁଳି ଅଛି : ମୋଦି



ନୂଆଦିଲ୍ଲୀ, ୨୬।୫ : ଗୁଜରାଟରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏକ ସାଧାରଣ ସଭାରେ ପାକିସ୍ତାନକୁ କଡା ଭାଷାରେ ଚେତାବନୀ ଦେଇଛନ୍ତି। ରୁଟି ଖାଅ, ଶାନ୍ତିରେ ରୁହ। ନହେଲେ ମୋ ଗୁଳି ରହିଛି ବୋଲି ପାକିସ୍ତାନକୁ ପରୋକ୍ଷରେ ଚେତାବନୀ ଦେଇଛନ୍ତି। ପହଲଗାମ୍ ଆକ୍ରମଣ ପରେ ଅପରେସନ୍ ସିନ୍ଦୂର ଥିଲା ଏହାର ଜବାବ, ଭାରତ ପାକିସ୍ତାନର ଆତଙ୍କୀ ଆଡ୍ଡା ଉପରେ ଆକ୍ରମଣ କରିବାକୁ କୌଣସି କୁଣ୍ଠାବୋଧ କରିବ ନାହିଁ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି।

ପ୍ରଧାନମନ୍ତ୍ରୀ କହିଛନ୍ତି ଯେ ୨୬ ମେ' ୨୦୧୪ରେ ପ୍ରଥମଥର ପ୍ରଧାନମନ୍ତ୍ରୀ ଭାବେ ଶପଥ ନେଇଥିଲି। ଏହାକୁ ହିସାବ କଲେ ପ୍ରଧାନମନ୍ତ୍ରୀ ହିସାବରେ ମୋଦି ୧୧ ବର୍ଷ କାର୍ଯ୍ୟକାଳ ପୂରଣ କରିଛନ୍ତି ଓ ଦେଶରେ ଏନ୍‌ଡିଏ ସରକାର ମଧ୍ୟ ୧୧ ବର୍ଷ ପୂରଣ କରିସାରିଛି। ପ୍ରଧାନମନ୍ତ୍ରୀ କହିଲେ ଯେ ଗୁଜରାଟବାସୀ ମୋତେ ପ୍ରଚୁର ଆଶୀର୍ବାଦ ଦେଇଛନ୍ତି। ଆପଣଙ୍କ ଆଶୀର୍ବାଦରେ ଦେଶବାସୀଙ୍କ ସେବାରେ ନିୟୋଜିତ ହୋଇଛି। ଦେଶର ଅନେକ ବଡ ନିଷ୍ପତ୍ତି ନେଇଛୁ। ଦେଶ ଏବେ ପ୍ରତ୍ୟେକ କ୍ଷେତ୍ରରେ ପ୍ରଗତି କରୁଛି। ଗୁଜରାଟର ଶତ ପ୍ରତିଶତ ରେଳ ନେଟ୍‌ୱାର୍କର ବିଦ୍ୟୁତ୍‌କରଣ ଶେଷ ହୋଇଛି। ଗୁଜରାଟର ଭୁଜ୍ ଠାରେ ପ୍ରଧାନମନ୍ତ୍ରୀ ଏକ ଜନସଭାକୁ ସମ୍ବୋଧିତ କରି କହିଥିଲେ ଯେ ଅପରେସନ୍ ସିନ୍ଦୂରରେ ପାକିସ୍ତାନ ଓ ପିଓକେରେ ଥିବା ୯ ଆତଙ୍କୀ ଆଡ୍ଡାକୁ ଟାର୍ଗେଟ କରାଯାଇଥିଲା। ଭାରତ ପର୍ଯ୍ୟଟନକୁ ବିକାଶ କରୁଥିବାବେଳେ ପାକିସ୍ତାନ ଆତଙ୍କୀ ଉପରେ ଫୋକସ କରିଛି।

- ପାକ୍‌କୁ ମୋଦିଙ୍କ କଡା ଚେତାବନୀ
- ଏନ୍‌ଡିଏ ସରକାରର ୧୧ ବର୍ଷ ପୂର୍ତ୍ତି
- ରୋଡ୍‌ସୋ'ରେ କର୍ଣ୍ଣେଲ ସୋଫିଆଙ୍କ ପରିବାର

ଭାରତ ପର୍ଯ୍ୟଟନମନସ୍କ ହୋଇ କାର୍ଯ୍ୟ କରୁଥିବାବେଳେ ପାକିସ୍ତାନର ମାନସିକତା ଆତଙ୍କୀ କେନ୍ଦ୍ରୀକ ହୋଇଛି। ପର୍ଯ୍ୟଟନ ଲୋକଙ୍କୁ ଏକାଠି କରେ। କିନ୍ତୁ ପାକିସ୍ତାନ ଭଳି ଦେଶ ପର୍ଯ୍ୟଟନ ବଦଳରେ ଆତଙ୍କବାଦକୁ ବାଛିଛନ୍ତି। ଯାହା ବିଶ୍ୱ ପାଇଁ ବଡ ବିପଦ। ସଦ୍ୟସମାପ୍ତ ସାମରିକ କାର୍ଯ୍ୟାନୁଷ୍ଠାନ ସମ୍ପର୍କରେ ସୂଚନା ଦେଇ ସେ କହିଥିଲେ ଯେ ଭାରତର ନୀତି ଅପରେସନ୍ ସିନ୍ଦୂର ପରେ ସ୍ପଷ୍ଟ ହୋଇଯାଇଛି। ଯିଏ ଆମ ସହିତ ଏଭଳି କରିବ ସେ ସମାନ ଦଶା ଭୋଗିବ। ଯିଏ ଆମର ମା' ଏବଂ ଭଉଣୀଙ୍କ ସିନ୍ଦୂର ପୋଛିବାକୁ ଚେଷ୍ଟା କରିବ ତାହାର ନିଶ୍ଚିତ ବିନାଶ ହେବ। ପହଲଗାମ୍‌ରେ ଆତଙ୍କୀମାନେ କ'ଣ ତାହା ଚିନ୍ତା କରନ୍ତୁ। ଆମ ମା' ଭଉଣୀଙ୍କ ସିନ୍ଦୂର ପୋଛିବାକୁ ଯଦି (୯ ପୃଷ୍ଠାରେ)

## ରଥଯାତ୍ରାକୁ ପ୍ରଧାନମନ୍ତ୍ରୀଙ୍କୁ ନିମନ୍ତ୍ରଣ

ଭୁବନେଶ୍ୱର, ୨୬।୫ (ସବ୍ୟୁ): ଆସନ୍ତା ମାସରେ ଓଡ଼ିଶାରେ ବିଜେପି ସରକାରଙ୍କ ଏକ ବର୍ଷ ପୂରଣ ହେବାକୁ ଯାଉଛି । ଏହି ବର୍ଷ ପୂର୍ତ୍ତି ଅବସରରେ ଓଡ଼ିଶା ଆସିପାରନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ । ଜୁନ୍ ୪ରୁ ୧୪ ତାରିଖ ଯାଏଁ ବର୍ଷ ପୂର୍ତ୍ତି ପାଳନ କରିବେ ସରକାର । ଠିକ୍ ସେହିପରି ରଥଯାତ୍ରା ପାଇଁ ପ୍ରଧାନମନ୍ତ୍ରୀଙ୍କୁ ନିମନ୍ତ୍ରଣ କରିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ।

ଏନେଇ ରାଜ୍ୟ ପୂର୍ତ୍ତ, ଅବକାରୀ ଓ ଆଇନ୍ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ସୂଚନା ଦେଇ କହିଛନ୍ତି, ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ପ୍ରଧାନମନ୍ତ୍ରୀଙ୍କୁ ନିମନ୍ତ୍ରଣ କରିଛନ୍ତି। ଖାଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ନୁହେଁ, ବରଂ ସମସ୍ତ ଏନଡିଏ ଶାସିତ ରାଜ୍ୟର ମୁଖ୍ୟମନ୍ତ୍ରୀ ଓ କେନ୍ଦ୍ରମନ୍ତ୍ରୀଙ୍କୁ ବି ନିମନ୍ତ୍ରଣ କରାଯାଇଛି ।

ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା କହିଛନ୍ତି, ନୀତି ଆୟୋଗଙ୍କ ବୈଠକ ଅବସରରେ ସମସ୍ତଙ୍କୁ ରଥଯାତ୍ରାରେ ପୁରୀ ଆସିବାକୁ ଅନୁରୋଧ ( ୯ ପୃଷ୍ଠାରେ)

## ହଜାରେ ଟପିଲେ କୋଭିଡ ଆକ୍ରାନ୍ତ

ନୂଆଦିଲ୍ଲୀ, ୨୬।୫ : ଦେଶରେ କୋଭିଡ ଆକ୍ରାନ୍ତଙ୍କ ସଂଖ୍ୟା ୧୦୦୯ ରେ ପହଞ୍ଚିଛି। ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ପକ୍ଷରୁ ଜାରି ସୂଚନା ଅନୁଯାୟୀ ଏହି ତଥ୍ୟ ମିଳିଛି। ଗତ ୧୯ ତାରିଖ ସୁଦ୍ଧା ୨୫୭ ସକ୍ରିୟ ସଂକ୍ରମିତ ଥିବାବେଳେ ବର୍ତ୍ତମାନ ଏହା ୧୦୦୦ ଟପିଛି। ତେବେ ରିପୋର୍ଟ ହେଉଥିବା ମାମଲାଗୁଡ଼ିକ ଅତ୍ୟନ୍ତ ଗୁରୁତର ନୁହେଁ। ହସ୍ପିଟାଲରେ ଭର୍ତ୍ତି ହେବାର ଆବଶ୍ୟକ ନାହିଁ। କେରଳ, ତାମିଲନାଡୁ, ମହାରାଷ୍ଟ୍ର ଓ କର୍ଣ୍ଣାଟକରେ କୋଭିଡ ମାମଲା ବୃଦ୍ଧି ପାଇବାରେ ଲାଗିଛି।

କେରଳରେ ସର୍ବାଧିକ ୩୩୫ ସଂକ୍ରମିତ ଚିହ୍ନଟ ହୋଇଥିବାବେଳେ ଏହା ପଛକୁ ମହାରାଷ୍ଟ୍ରରେ ୧୫୩, ଦିଲ୍ଲୀରେ ୯୯, ଗୁଜରାଟରେ ୭୬, କର୍ଣ୍ଣାଟକରେ ୩୪, ଚିହ୍ନଟ ହୋଇଛନ୍ତି। ମେ' ୧୨ ରୁ ୧୯ ମଧ୍ୟରେ କେରଳରେ ୬୯ ନୂଆ ସଂକ୍ରମିତ ଚିହ୍ନଟ ହୋଇଥିବାବେଳେ ମହାରାଷ୍ଟ୍ରରେ ୪୪, କର୍ଣ୍ଣାଟକରେ ୮, ଗୁଜରାଟରେ ୬, ଦିଲ୍ଲୀରେ ୩ ଜଣ ସଂକ୍ରମିତ ଚିହ୍ନଟ ହୋଇଥିଲେ । ବିହାର, ଝାଡଖଣ୍ଡରେ ଜଣେ ଜଣେ ସଂକ୍ରମିତ ଚିହ୍ନଟ ହୋଇଥିଲେ। ପାଟଣାର ୩୧ ବର୍ଷୀୟ ଜଣେ ବ୍ୟକ୍ତି ସଂକ୍ରମିତ ହୋଇଛନ୍ତି। ତାଙ୍କର (୯ ପୃଷ୍ଠାରେ)

### ଗଜପତି ମହାରାଜଙ୍କ ଅଧକ୍ଷତାରେ ଶ୍ରୀମନ୍ଦିର ପରିଚାଳନା କମିଟି ବୈଠକ

## ସାରା ବିଶ୍ୱରେ ଗୋଟିଏ ଦିନରେ ରଥଯାତ୍ରା ହେଉ



ପୁରୀ, ୨୬।୫ (ସବ୍ୟୁ): ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ଆସନ୍ତା ସ୍ନାନ ଯାତ୍ରା, ରଥ ଯାତ୍ରା ଓ ବାହୁଡ଼ା ପାଇଁ ଶ୍ରୀ ମନ୍ଦିର କାର୍ଯ୍ୟାଳୟରେ ଗଜପତି ମହାରାଜ ଦିବ୍ୟ ସିଂହ ଦେବଙ୍କ ଅଧକ୍ଷତାରେ ଉଚ୍ଚସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଛି । ସାରା ବିଶ୍ୱରେ ଗୋଟିଏ ଦିନରେ ରଥଯାତ୍ରା ହେଉ ବୋଲି ଗଜପତି ମହାରାଜ କହିଛନ୍ତି। ପହଣ୍ଡି ପାଇଁ ସ୍ୱତନ୍ତ୍ର ଦଳ ବ୍ୟବସ୍ଥା କରାଯାଇଛି । ଗତବର୍ଷ ପହଣ୍ଡିରେ ଅଘଟଣ ରୋକିବା ଲାଗି କରାଯାଉଛି ସ୍ୱତନ୍ତ୍ର ବ୍ୟବସ୍ଥା। ନୀତି ନିର୍ଘଣ୍ଟ ଓ ବ୍ୟବସ୍ଥା ଭଳି ଉପରେ ଆଲୋଚନା କରାଯାଇଛି । ପରିକ୍ରମା ପ୍ରକଳ୍ପ ରେ ଗଢି ଉଠିଥିବା କୋଠାକୁ ଜଗନ୍ନାଥ ( ୯ ପୃଷ୍ଠାରେ)

## ଭୁଶୁଡିଲା ଖୋର୍ଦ୍ଧା-ବଲାଙ୍ଗିର ରେଳ ଟନେଲ

ହରଭଙ୍ଗା, ୨୬।୫ (ସବ୍ୟୁ) : ବୌଦ୍ଧ ଜିଲ୍ଲା ହରଭଙ୍ଗା ବ୍ଲକ ଆଡ଼େଣିଗଡ଼ ନିକଟରେ ନିର୍ମାଣଧୀନ ଓଡ଼ିଶାର ସର୍ବବୃହତ ଖୋର୍ଦ୍ଧା - ବଲାଙ୍ଗିର ୪ ନମ୍ବର ରେଳପଥ ସୁଡ଼ଙ୍ଗ ଭୁଶୁଡିପଡିଛି । ନିମ୍ନମାନର କାର୍ଯ୍ୟ ସାଙ୍ଗକୁ ସୁରକ୍ଷା, ନିରାପତା ଯୋଗୁଁ ନିର୍ମାଣଧୀନ ୪ ନମ୍ବର ରେଳ ସୁଡ଼ଙ୍ଗର କଖାରୁଫାଳ ନିକଟରେ ୩୦ ଫୁଟ ଓସାରରେ ଉପରପାଶ୍ୱର୍ରୁ ଭୁଷୁଡି ପଡି ୧୦ ଫୁଟ ଲମ୍ବର ବଡ଼ ଗର୍ତ୍ତ ସୃଷ୍ଟି ହୋଇଛି । ଫଳରେ ସୁଡ଼ଙ୍ଗ ଭିତରେ କାର୍ଯ୍ୟକରୁଥିବା ୧୦ରୁ ଅଧିକ ଶ୍ରମିକ ଗୁରୁତର ଆହତ ହୋଇଥିବା ମଧ୍ୟ ସନ୍ଦେହ କରାଯାଉଛି । ଅନ୍ୟପଟେ ସୁଡ଼ଙ୍ଗ ଭୁଶୁଡି ପଡିବା ପରେ ନିର୍ମାଣ ଦାୟିତ୍ୱରେ ଥିବା ଜିଆଇଆରଏଲ ଏବଂ ପି ଏମସି ର କାର୍ଯ୍ୟ ଦକ୍ଷତା ଏବଂ ନିରାପତ୍ତା ଉପରେ ବଡ଼ ପ୍ରଶ୍ନ ଚିହ୍ନ ଛିଡା କରିଛି । ଏହାକୁ ମିଶାଇ ଉକ୍ତ ସୁଡ଼ଙ୍ଗରେ ତିନିଥର ଭୁଶୁଡିଥିବା କଥା ମଧ୍ୟ ଆଲୋଚନାର ପରିଧିକୁ ଆସିଛି । ମାତ୍ର ଗତକିଛି ଦିନ ପୂର୍ବେ ଆଡ଼େଣିଗଡ଼ସ୍ଥିତ ଉକ୍ତ ୪ ନମ୍ବର ସୁଡ଼ଙ୍ଗର ଉଭୟପଟ ବାଟ ଫିଟିଥିଲା । ୪ କିମି ୧୮୫ ମିଟର ଦୂରତା ବିଶିଷ୍ଟ ଓଡ଼ିଶାର ସର୍ବ ବୃହତ୍ତମ ରେଳ ସୁଡ଼ଙ୍ଗ ନିର୍ମାଣ କାର୍ଯ୍ୟରେ ଏଭଳି ଘଟଣା ଦାୟିତ୍ୱରେ (୯ ପୃଷ୍ଠାରେ)

- ୩୦ ଫୁଟ ଓସାର, ୧୦ ଫୁଟ ଲମ୍ବର ଗର୍ତ୍ତ ସୃଷ୍ଟି
- ନିରାପତ୍ତାକୁ ନେଇ ଉଠିଲା ପ୍ରଶ୍ନ
- ରେଳବାଇ ରଖିଲା ସ୍ପଷ୍ଟୀକରଣ



## ଅପରେସନ୍‌ର ୩୦ ମିନିଟ୍ ପରେ ପାକ୍‌କୁ ସୂଚନା : ଜୟଶଙ୍କର

ନୂଆଦିଲ୍ଲୀ, ୨୬।୫ : ପାକିସ୍ତାନକୁ ଅପରେସନ୍ ସିନ୍ଦୂର ୩୦ ମିନିଟ୍ ପରେ ସୂଚନା ଦିଆଯାଇଥିଲା ଏବଂ ଅସ୍ତ୍ରବିରତୀ ଲାଗି ପାକିସ୍ତାନ ପକ୍ଷରୁ ପ୍ରୟାସ ଆରମ୍ଭ କରାଯାଇଥିଲା ବୋଲି ବୈଦେଶିକ ବ୍ୟାପାର ମନ୍ତ୍ରୀ ଏସ୍ ଜୟଶଙ୍କର କହିଛନ୍ତି। ଶ୍ରୀ ଜୟଶଙ୍କର ସଂସଦୀୟ ପରାମର୍ଶଦାତା କମିଟିକୁ ଏହି ସୂଚନା ଦେଇଛନ୍ତି।

ସୂଚନାଯୋଗ୍ୟ ବିରୋଧୀ ଦଳ ନେତା ରାହୁଲ ଗାନ୍ଧି ଅଭିଯୋଗ ଆଣିଥିଲେ ଯେ ବୈଦେଶିକ ବ୍ୟାପାର ମନ୍ତ୍ରୀ ଅପରେସନ୍ ସମ୍ପର୍କରେ ପାକ୍‌କୁ ପୂର୍ବ ସୂଚନା ଦେଇଛନ୍ତି। ଏନେଇ ସେ ତାଙ୍କର ଏକ ଭିଡିଓ ବାର୍ତ୍ତାକୁ ସୋସିଆଲ ମିଡିଆରେ ସେୟାର କରିବା ସହ ଏହା ଏକ ଅପରୋଧ ବୋଲି ଅଭିଯୋଗ ଆଣିଥିଲେ। ଆକ୍ରମଣ ପୂର୍ବରୁ କିଭଳି ସୂଚନା ଦିଆଗଲା ସେନେଇ ଜୟଶଙ୍କରଙ୍କୁ ପ୍ରଶ୍ନ ବାଣରେ ଘେରିଥିଲେ। ଆଜି ବୈଦେଶିକ ମନ୍ତ୍ରୀ ଏହାର ଜବାବ ରଖିଛନ୍ତି। ସେ କହିଛନ୍ତି ଯେ ଅପରେସନ୍ ସିନ୍ଦୂରର ପ୍ରଥମ ପର୍ଯ୍ୟାୟ ସରିବାର ୩୦ ମିନିଟ୍ ପରେ ପାକ୍‌କୁ ଏହି ସୂଚନା ଦିଆଯାଇଥିଲା। ତାଙ୍କୁ କୁହାଯାଇଥିଲା ଯେ ପାକିସ୍ତାନ ଓ ପିଓକେର ୯ ଆତଙ୍କୀ ଆଡ୍ଡାକୁ ଧ୍ୱଂସ କରାଯାଇଛି। କେବଳ ଆତଙ୍କୀ ଆଡ୍ଡାକୁ ଟାର୍ଗେଟ କରାଯାଇଥିଲା। ଉଭୟ ଦେଶ ମଧ୍ୟରେ ଅସ୍ତ୍ରବିରତି (୯ ପୃଷ୍ଠାରେ)

## ଆଜି ଲଘୁଚାପ, ପ୍ରବଳ ବର୍ଷା ସମ୍ଭାବନା

ଭୁବନେଶ୍ୱର, ୨୬।୫ (ସବ୍ୟୁ): ଆସନ୍ତାକାଲି (ସୋମବାର) ପଶ୍ଚିମକେନ୍ଦ୍ରୀୟ ଓ ଏହାର ପାଶ୍ୱର୍ବର୍ତ୍ତୀ ଉତ୍ତର ବଙ୍ଗୋପସାଗରରେ ଲଘୁଚାପ କ୍ଷେତ୍ର ସୃଷ୍ଟି ହେବାର ସମ୍ଭାବନା ରହିଛି । ଏହା ପ୍ରଭାବରେ ଓଡ଼ିଶାର ବିଭିନ୍ନ ସ୍ଥାନରେ ବର୍ଷା ହୋଇପାରେ । ଲଘୁଚାପ ସୃଷ୍ଟି ହେଲେ ମୌସୁମୀ ଆଗକୁ ବଢ଼ିବାରେ ବଳ ଯୋଗାଇବ । ଆସନ୍ତା ଦୁଇଦିନ ଭିତରେ ଓଡ଼ିଶାକୁ ପ୍ରବେଶ କରିବ ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ ।

ପାଣିପାଗ ବିଭାଗର କହିବାନୁସାରେ, ରାଜ୍ୟରେ ଗତ ଦୁଇଦିନ ଧରି ବିଭିନ୍ନ ସ୍ଥାନରେ ବର୍ଷା ଲାଗି ରହିଛି । ରବିବାର ପାରାଦୀପରେ ୩୫ ମିମି ବର୍ଷା ହୋଇଥିବା ବେଳେ ରାୟଗଡ଼ାରେ ୩୩ ମିମି, ବରଗଡ଼ରେ ୨୭.୪ ମିମି, ସମ୍ବଲପୁରରେ ୨୧ ମିମି, ବାରିପଦାରେ ୧୫ ମିମି ଓ ଭୁବନେଶ୍ୱରରେ ୪.୬ ମିମି ବର୍ଷା ରେକର୍ଡ କରାଯାଇଛି । ସେହିପରି ସୋମବାର ସକାଳ ସାଢ଼େ ୮ଟାରୁ ସନ୍ଧ୍ୟା ୫ଟା ୩୦ ସୁଦ୍ଧା ରାୟଗଡ଼ାରେ ୪୭ ମିମି, ପାରଳାଖେମୁଣ୍ଡିରେ ୨୮ ମିମି, କୋରାପୁଟରେ ୨୦ ମିମି, ଖୋର୍ଦ୍ଧାରେ ୮ ମିମି, ବଲାଙ୍ଗୀରରେ ୬ମିମି ବର୍ଷା ହୋଇଥିବା ବେଳେ ଅନେକ ଜିଲ୍ଲାରେ ଝିପିଝିପି ବର୍ଷା ଲାଗି ରହିଛି ।

- କୋରାପୁଟ, ରାୟଗଡ଼ାରେ ଭୀଷଣ ବର୍ଷିବ
- ୨୮-୩୦ରେ ବଢ଼ିବ ବର୍ଷାର ପରିମାଣ

ଆସନ୍ତକାଲି (ମଙ୍ଗଳବାର) ନୂଆପଡ଼ା, ବଲାଙ୍ଗୀର, ବୌଦ୍ଧ, ସୋନପୁର, ନୟାଗଡ଼, ଗଞ୍ଜାମ, ଖୋର୍ଦ୍ଧା, ପୁରୀ, କୋରାପୁଟ, ମାଲକାନଗିରି, ନବରଙ୍ଗପୁର, ରାୟଗଡ଼ା, ଗଜପତି, କଳାହାଣ୍ଡି ଓ କନ୍ଧମାଳ ଜିଲ୍ଲାରେ ବର୍ଷା ହେବାର ସମ୍ଭାବନା ରହିଛି । ତେବେ ୨୮ରୁ ୩୦ ତାରିଖ ଭିତରେ କୋରାପୁଟ ଓ ରାୟଗଡ଼ା ଜିଲ୍ଲାର ସ୍ଥାନେ ଦୁଇ ସ୍ଥାନେ ପ୍ରବଳରୁ ଅତି ପ୍ରବଳ ବର୍ଷା ହୋଇପାରେ । ସେହିପରି ମାଲକାନଗିରି, ନବରଙ୍ଗପୁର, କଳାହାଣ୍ଡି, କନ୍ଧମାଳ, ଗଜପତି, ନୂଆପଡ଼ା ଜିଲ୍ଲାର (୯ ପୃଷ୍ଠାରେ)

### ସୁନ୍ଦରଗଡ଼ ଖଣିଜ ଚୋରି ମାମଲା

## ଏସଆଇଟିର ତଦନ୍ତ ଆରମ୍ଭ

ଭୁବନେଶ୍ୱର, ୨୬।୫ (ସବ୍ୟୁ) : ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶକ୍ରମେ ସୁନ୍ଦରଗଡ଼ ଖଣିଜ ଲୁଟ ମାମଲାର ତଦନ୍ତ ଆରମ୍ଭ କରିଛି ଭିଜିଲାନ୍ସର ସ୍ୱତନ୍ତ୍ର ଅନୁସନ୍ଧାନକାରୀ ଟିମ (ଏସଆଇଟି) । ଏସଆଇଟି ମୁଖ୍ୟ ସଞ୍ଜୟ କୁମାର କୌଶଳଙ୍କ ନେତୃତ୍ୱରେ ସୋମବାର ଠାରୁ ତଦନ୍ତ ଆରମ୍ଭ କରିଛି ଟିମ୍ । ପ୍ରଥମ ପର୍ଯ୍ୟାୟରେ ଖଣିଜ ଲୁଟ୍ ଦସ୍ତାବିଜ ଘାଣ୍ଟିବା ଆରମ୍ଭ କରିଛି ଭିଜିଲାନ୍ସ । ସୁନ୍ଦରଗଡ଼ ଜିଲାପାଳ ଖଣି ଚୋରି ଘଟଣା ନେଇ ରାଜ୍ୟ ସରକାରଙ୍କୁ ପ୍ରଦାନ କରିଥିବା ରିପୋର୍ଟ ଖଣି ବିଭାଗର ସ୍ୱତନ୍ତ୍ର ଏନଫୋର୍ସ ଟିମ ଗ୍ରାଉଣ୍ଡ ଜିରୋରେ ତଦନ୍ତ କରି ଦେଇଥିବା ରିପୋର୍ଟ , ସୁନ୍ଦରଗଡ଼ ଏସପିଙ୍କ କନଫିଡେନସିଆଲ ରିପୋର୍ଟ , ବନବିଭାଗର ରିପୋର୍ଟ ସହ ଖଣି ଚୋରି ଜଙ୍ଗଲ ଜମି ଗୁଡିକ କେଉଁ କେଉଁ କମ୍ପାନୀଙ୍କୁ ଆବଣ୍ଟିତ କରାଯାଇଥିଲା । ତାହାର ଦସ୍ତାବିଜକୁ ତନ୍ନତନ୍ନ କରି ଯାଞ୍ଚ କରୁଛି ଭିଜିଲାନ୍ସ । ଆଜି ଠାରୁ କଟକ ଅଫିସରେ ଏହି କାର୍ଯ୍ୟ ଆରମ୍ଭ ହୋଇଛି । ଏହା ସରିଲା ପରେ ଗ୍ରାଉଣ୍ଡ ଜିରୋ ରେ ଘାଣ୍ଟିବ ଏସଆଇଟି । ସମସ୍ତ ରିପୋର୍ଟକୁ ଟିମର ୮ ଜଣ ସଦସ୍ୟ ଯାଞ୍ଚ କରୁଛନ୍ତି । ଦୀର୍ଘ ୨୦ ବର୍ଷ ହେଲା ଚାଲିଆସୁଥିଲା ଖଣି ଚୋରି । ଏଥିରେ କେଉଁ କେଉଁ ସରକାରୀ ଅଧିକାରୀ , ନେତା ଓ ମାଫିଆ ସାମିଲ ଅଛନ୍ତି ତାର ଚିଠା ମଧ୍ୟ ଭିଜିଲାନ୍ସ ପ୍ରସ୍ତୁତ କରୁଥିବା ଜଣାପଡ଼ିଛି ।


### ମାତିଛନ୍ତି ସାଇବର ଠକ

## ୩ ବର୍ଷରେ ୧୩୬ କୋଟି ଠକେଇ

**ଗଗନ ସ୍ୱାଇଁ**

ଭୁବନେଶ୍ୱର,୨୬।୫

ତିନିବର୍ଷରେ ସାଇବର ଅପରାଧୀମାନେ ରାଜ୍ୟରୁ ୧୩୬ କୋଟିରୁ ଉର୍ଦ୍ଧ୍ୱ ଟଙ୍କା ଠକି ନେଇଛନ୍ତି। ଅଭିଯୋଗ ଆଧାରରେ ୬ ହଜାର ମାମଲା ଦାଏର ହୋଇଥିବା ବେଳେ୧୩୮ ଜଣ ସାଇବର ଅପରାଧୀଙ୍କୁ ଗିରଫ କରାଯାଇଛି । ସାଇବର ଅପରାଧୀମାନେ ବିଭିନ୍ନ ପ୍ରଲୋଭନ ଦେଖାଇ ଗାଁଠୁ ସହର ପର୍ଯ୍ୟନ୍ତ ଲୋକଙ୍କୁ ଠକି ଚାଲିଛନ୍ତି । ବିଭିନ୍ନ ସମୟରେ ପ୍ରଲୋଭନ ପରିବର୍ତ୍ତେ ବିଭିନ୍ନ ଉପାୟରେ ଭୟ ସଞ୍ଚାର କରାଇ ଟଙ୍କା ଠକି ନେଉଛନ୍ତି ।



ପ୍ରଯୁକ୍ତି ବିଦ୍ୟାର ବିକାଶ ହେବା ସହ ଆମ ଦୈନନ୍ଦିନ ଜୀବନରେ ସାଇବର ଅପରାଧୀଙ୍କ ହସ୍ତକ୍ଷେପ ବଢିବାରେ ଲାଗିଛି । ଅନ୍‌ଲାଇନ୍‌ରେ ପୁଞ୍ଜିନିବେଶ, ଆର୍ଥିକ ଠକେଇ, ସାଧାରଣ ଲୋକଙ୍କ ପରିଚୟ ଚୋରି, ଡିଜିଟାଲ ଗିରଫ ଭୟ ଦେଖାଇ ଟଙ୍କା ଠକି ନେବାରେ ସାଇବର ଅପରାଧୀମାନେ ସମର୍ଥ ହେଉଛନ୍ତି । ଶିଶୁ ଓ ବୟସ୍କ ବ୍ୟକ୍ତିଙ୍କୁ ଶୋଷଣ କରିବା ଭଳି ସାଇବର ଅପରାଧ ବଢିବାରେ ଲାଗିଛି । ଏହାକୁ ରୋକିବା ପାଇଁ ରାଜ୍ୟ ପୋଲିସ ପକ୍ଷରୁ ବ୍ୟାପକ ଅଭିଯାନ ଚାଲିଥିଲେ ମଧ୍ୟ ସାଇବର ଅପରାଧୀମାନେ ଚତୁରତାର ବୁଦ୍ଧି ପ୍ରୟୋଗ କରି ଟଙ୍କା ଠକି ନେବାରେ ସମର୍ଥ ହେଉଛନ୍ତି । ସାଇବର ଅପରାଧୀମାନେ ବହୁ ମାମଲାରେ ରାଜ୍ୟ ବାହାରର ହେଉଥିବାରୁ ସେମାନଙ୍କୁ ଗିରଫ କରିବା ପାଇଁ ସମୟ ଲାଗୁଛି । କେତେକ ସାଇବର ଅପରାଧରେ ଅପରାଧୀମାନେ ଦେଶ ବାହାରର ଜଣାପଡୁଥିଲେ ମଧ୍ୟ ସେମାନଙ୍କ ପାଖରେ ପୋଲିସ ପହଞ୍ଚିବା ସମ୍ଭବ ହେଉନାହିଁ ।

ଯେଉଁ କେତେକ ମାମଲାରେ ଅପରାଧୀଙ୍କୁ ଗିରଫ କରାଯାଉଛି, ସେମାନଙ୍କ ଆକାଉଣ୍ଟରୁ ଟଙ୍କା ବ୍ଲକ୍ କରାଯାଉଛି । ପରେ ସେହି ଟଙ୍କାକୁ କ୍ଷତିଗ୍ରସ୍ତ ଏତଲାକାରୀଙ୍କୁ ପୋଲିସ ଫେରାଉଥିବା ନଜରକୁ ଆସୁଛି । କ୍ରାଇମ୍‌ବ୍ରାଞ୍ଚ ସାଇବର ସେଲ୍ ହେଉ କିମ୍ବା ଭୁବନେଶ୍ୱର ସାଇବର ଥାନା ହେଉ, ସେମାନେ କେତେକ କ୍ଷତିଗ୍ରସ୍ତ ଜମାକାରୀଙ୍କୁ ଟଙ୍କା ଫେରାଇବାକୁ ସମର୍ଥ ହେଉଛନ୍ତି। ଯେଉଁମାନଙ୍କ ଏତଲା ଆଧାରରେ ଅପରାଧୀଙ୍କ ଆକାଉଣ୍ଟରୁ ଟଙ୍କା ହୋଲ୍ଡ କରାଯାଉଛି ସେମାନଙ୍କୁ ଠକେଇର କିଛି ଟଙ୍କା ଫେରାଯାଉଛି । ଯେଉଁ ଏତଲାରେ ସାଇବର ଅପରାଧୀମାନେ ଉଚ୍ଚ ପରିମାଣର ଟଙ୍କା ଠକିନେଉଛନ୍ତି, ସେ କ୍ଷେତ୍ରରେ ଅପରାଧୀମାନେ ଦେଶ ବାହାରର ହୋଇଥିବାରୁ ସେମାନଙ୍କ ଆକାଉଣ୍ଟରୁ ଟଙ୍କା ହୋଲ୍ଡ କରିବା ସମ୍ଭବ ହେଉନାହିଁ । କିଏ ଝିଅ ବାହାଘର ପାଇଁ ସଂଗ୍ରହ କରିଥିବା ଟଙ୍କାକୁ ବ୍ୟାଙ୍କରୁ ସାଇବର ଅପରାଧୀମାନେ ନେଇଯାଉଛନ୍ତି ତ ଆଉ କେଉଁଠି ( ୯ ପୃଷ୍ଠାରେ)

## ଅପରେସନ୍ ସିନ୍ଦୂରର ନୂଆ ଫଟୋ


ନୂଆଦିଲ୍ଲୀ, ୨୬।୫ : ପହଲଗାମ୍ ଆକ୍ରମଣ ପରେ ଭାରତୀୟ ସେନା ପକ୍ଷରୁ ହୋଇଥିବା ଅପରେସନ୍ ସିନ୍ଦୂରର ନୂଆ ଫଟୋ ସେନା ଅଧିକାରୀମାନେ ଜାରି କରିଛନ୍ତି। ଅପରେସନ୍ ସିନ୍ଦୂର ସମୟରେ ଆମର ୩ ସେନାର ମୁଖ୍ୟ ଯଥା ସେନାମୁଖ୍ୟ ଉପେନ୍ଦ୍ର ଦ୍ୱିବେଦୀ, ନୌସେନାର ଆଡ୍‌ମିରାଲ୍ ମୁଖ୍ୟ ଡିକେ ତ୍ରିପାଠୀ, ବାୟୁସେନାର ମୁଖ୍ୟ ମାର୍ସଲ ଏପି ସିଂହ ଓ ବରିଷ୍ଠ ଅଧିକାରୀମାନେ ୱାର ରୁମ୍‌ରେ ରହି ସବୁ ତଦାରଖ କରୁଥିଲେ। ଏହି ଫଟୋ ଆଜି ସାର୍ବଜନୀନ କରାଯାଇଛି।




ଦୁଇଟି ଫଟୋ ଯାହା ପ୍ରକାଶ ପାଇଛି ସେଥିରେ ଆମର ୩ ସେନା ମୁଖ୍ୟ ୱାର୍ ରୁମ୍‌ରେ ରହିଥିବା ଦୃଶ୍ୟ ରହିଛି। ଦ୍ୱିତୀୟ ଫଟୋରେ ରାତ୍ରୀ ୧.୦୫ରେ ଅପରେସନ୍ ସିନ୍ଦୂର ଯାହାକି ମେ' ୭ରେ ଆରମ୍ଭ ହୋଇଥିଲା ତାହା ସ୍କ୍ରିନ୍‌ରେ ଦେଖାଯାଉଛି। ଡ୍ରୋନ୍ ଫୁଟେଜ୍, ସଟେଲାଇଟ୍ ଫଟୋ ଓ ଅପରେସନ୍‌ର ବାସ୍ତବ ସମୟ ଅପ୍‌ଡେଟ୍, ଫାଇଟର ଜେଟ୍‌କୁ ବୋମା ନେଇ ଗାଇଡ୍ କରିବା ସମେତ କ୍ରୁଜ୍ ମିଶାଇଲ୍ ଓ ଆତଙ୍କୀଙ୍କ ୯ ଠିକଣା ଉପରେ ଡ୍ରୋନ୍ ଆକ୍ରମଣ ଆଦି ଦେଖାଯାଉଛି। ପ୍ରାୟ ୧୪୦ ଆତଙ୍କବାଦୀ ମୃତ୍ୟୁ ବରଣ କରିଛନ୍ତି। ଭାରତ ପକ୍ଷରୁ ଏହି ଅରେସନ୍‌ରେ କିଭଳି ଲସ୍କର-ଇ-ତୋଇବାର ପ୍ରଶିକ୍ଷଣ ଭିତ୍ତିଭୂମି ସମେତ ଜେଇଏମ୍ ଓ ହିଜାବୁଲ୍ ମୁଜାଉଦ୍ଦିନ୍‌ର ଆଡ୍ଡାଗୁଡ଼ିକୁ ଟାର୍ଗେଟ କରାଯାଉଥିବା (୯ ପୃଷ୍ଠାରେ)

# ମଶା ହୋଇଥାଆନ୍ତି ଆକର୍ଷିତ

ଅନେକ ସମୟରେ ଦେଖିବାକୁ ମିଳେ କିଛି ଲୋକଙ୍କୁ ଅଧିକ ମଶା କାମୁଡିଥାଆନ୍ତି । ଯେପରି ମଶାମାନେ ତାଙ୍କୁ ଖୋଜିଖୋଜି କାମୁଡନ୍ତି । ତେବେ ଏହା ପଛରେ ମଧ ବୈଜ୍ଞାନିକ କାରଣ ରହିଛି । ରକ୍‌ଫେଲର ବିଶ୍ୱବିଦ୍ୟାଳୟର ଗବେଷକଙ୍କ ମତରେ କିଛି ଲୋକଙ୍କର ଚର୍ମରେ କିଛି ଏଭଳି ଏସିଡ ଥାଏ, ଯାହା ମାଈ ଏଡିସ୍ ମଶାଙ୍କୁ ଆକର୍ଷିତ କରିଥାଏ । ତେଣୁ ସେମାନେ ଏଭଳି ଲୋକଙ୍କୁ ଖୋଜିଖୋଜି ତାଙ୍କ ପାଖକୁ ଯାଇଥାଆନ୍ତି । ଏହି ଲୋକଙ୍କ ଚର୍ମରେ କାର୍ବୋକ୍ସିଲିକ୍ ଏସିଡ୍‌ର ମାତ୍ରା ଅଧିକ ଥାଏ । ଯାହାର ବାସ୍ନା ମଶାଙ୍କୁ ଆକୃଷ୍ଟ କରିଥାଏ ବୋଲି ଏହି ରିପୋର୍ଟରେ ଦର୍ଶାଯାଇଛି । ଏହା ଉପରେ ଆହୁରି ଅଧିକ ଗବେଷଣା ଜାରି ରହିଛି, ଯାହାଫଳରେ ଆଗରୁ ଆହୁରି ତଥ୍ୟ ସାମନାକୁ ଆସିବ ।



## ସୋସିଆଲ କୋଟ୍ସ



“ଲକ୍‌ଡାଉନ୍‌ରେ ମୋର ଅନେକ ଖରାପ ଅଭ୍ୟାସ ଜନ୍ମ ନେଇଥିଲା । ଏଥିରେ ନିଶା ଗୋଟିଏ ଥିଲା । ଅନେକ ସମୟରେ ଗ୍ଲାସ୍ ଧରି ବସିଯାଉଥିଲି, ବହୁତ କଷ୍ଟରେ ତାକୁ ଛାଡିଛି ।

ବିବେକ ଦହିୟା, ଅଭିନେତା



“ଅପରେସନ ସିନ୍ଦୂରକୁ ଇଣ୍ଡଷ୍ଟ୍ରୀ ସମର୍ଥନ କରିଛି । ଅନେକ ସେଲିବ୍ରିଟି ଏହା ଉପରେ ମତ ଦେଇଛନ୍ତି । ହେଲେ ସୋସିଆଲ ମିଡିଆରେ ଏହାକୁ ଅଣଦେଖା କରାଯାଉଛି । ଆମେ ସବୁବେଳେ ଆମ ଦେଶ ପାଇଁ ଠିଆ ହୋଇଛୁ ।

ସୁନୀଲ ସେଟ୍ଟି, ଅଭିନେତା



“ଏବେ ବି ବିଶ୍ୱାସ ହେଉନି କି ମୁକୁଲ ଆମ ସହିତ ନାହିଁ । ଏବେ ବି ସେ ଖୁବ ମନେପଡୁଛି । ସେ ମୋର ଭାଇ ଭଳି ଥିଲା, ତାକୁ ଖୁବ ଭଲ ପାଉଥିଲି ।

ସଲମାନ ଖାନ୍, ଅଭିନେତା



# ଭାରତର ଥଣ୍ଡା ମରୁଭୂମି


ନୁବ୍ରା ଘାଟି ଲଦାଖର ଏକ ଖୁବ ସୁନ୍ଦର ଘାଟି ଯାହା ନିଜର ସୁନ୍ଦର ଲାଣ୍ଡସ୍କେପ ଓ ବିସ୍ମୟକାରୀ ପ୍ରାକୃତିକ ଦୃଶ୍ୟ ପାଇଁ ପରିଚିତ । ଲେହ ଠାରୁ ୧୨୦ କିମି ଦୂରରେ ଥିବା ଏହି ଘାଟିରେ ଉଚ୍ଚା ପର୍ବତ, ବାଲିର ପାହାଡ ଓ ଛୋଟଛୋଟ ଗାଁ ରହିଛି । ଏହା ଏପରି ଏକ ସ୍ଥାନ ଯେଉଁଠି ମରୁଭୂମି ଓ ବୋହୁଥିବା ନଦୀ ସାମନାକୁ ଆସିଛି । ଏଠାରେ ଥିବା ହୁଂଦର ଭାରତର ଥଣ୍ଡା ମରୁଭୂମିରେ ଗଣା, ଯାହା ପ୍ରକୃତିରେ ଦେଖିବାକୁ ମିଳୁଥିବା ଅନେକ ବିସ୍ମୟ ଭିତରୁ ଗୋଟିଏ । ଏହି ସ୍ଥାନଟି ଦେଖିବାକୁ ଖୁବ ସୁନ୍ଦର ହୋଇଥାଏ । ଏଠାରେ ବାଲିର ପାହାଡକୁ ବରଫର ଚାଦର ଘୋଡାଇ ରଖିଥାଏ । ଏଠାରେ ଥିବା ବୌଦ୍ଧ ଧର୍ମର ମଠରେ ବୁଦ୍ଧଙ୍କର ଖୁବ ବଡ ମୂର୍ତ୍ତି ପୂଜା ପାଇଥାଆନ୍ତି । ଏଠାରେ ପ୍ରତିବର୍ଷ ଅନେକ ପର୍ଯ୍ୟଟକଙ୍କର ଭିଡ ଯମୁଥିବାର ଦେଖିବାକୁ ମିଳିଥାଏ ।

# ଉପକାରୀ ବ୍ରୋକଲି

ଖରାଦିନେ ଖାଦ୍ୟପେୟର ବିଶେଷଧାନ ରଖିବାକୁ ହୋଇଥାଏ । ଏହିଦିନେ ନିଜ ଡାଏଟ୍‌ରେ ବିଭିନ୍ନ ପନିପରିବା ଓ ଫଳକୁ ସାମିଲ କରନ୍ତୁ । ଯାହାଫଳରେ ଆପଣଙ୍କୁ ଅଧିକ ପୋଷଣ ସହିତ ଶରୀର ଡିହାଇଡ୍ରେଟ ରହିବ । ତେବେ ଏହିଦିନେ ଖାଦ୍ୟରେ ବ୍ରୋକଲି ସାମିଲ କରନ୍ତୁ ଖୁବ ଲାଭ ମିଳିବ । ଆସନ୍ତୁ ଜାଣିବା ବ୍ରୋକଲିର ଉପକାରିତା ।

**ଥଣ୍ଡା ରଖିଥାଏ–** ବ୍ରୋକଲିରେ ଖୁବ ଅଧିକ ପାଣି ଭରପୂର ହୋଇ ରହିଥାଏ, ଯାହା ଆମକୁ ଥଣ୍ଡା ରଖିବା ସହିତ ହାଇଡ୍ରେଟ ମଧ କରିଥାଏ । ଯାହାଫଳରେ ଆମର ଏନର୍ଜି ଲେବଲ୍ ମେଣ୍ଟେନ୍ ହୋଇ ରହିଥାଏ । ଏହାସହିତ ବ୍ରୋକଲି ଖାଇବା ଦ୍ୱାରା ଫ୍ରେସ ଫିଲ୍ ହୋଇଥାଏ ।

**ଆଣ୍ଟିଅକ୍ସିଡାଣ୍ଟ–** ବ୍ରୋକଲିରେ ଆଣ୍ଟିଅକ୍ସିଡାଣ୍ଟ ଯେପରି ଭିଟାମିନ୍ ସି, ବିଟା କେରୋଟିନ୍ ଭରପୂରମାତ୍ରାରେ ରହିଥାଏ, ଯାହା ଆମର ଶରୀରରୁ କ୍ଷତିକାରକ ସୂର୍ଯ୍ୟକିରଣରୁ ରକ୍ଷା କରିଥାଏ । ଏହାସହ ଅନ୍ୟ ସ୍ୱାସ୍ଥ୍ୟସମସ୍ୟା ପାଇଁ ମଧ ଉପକାରୀ ହୋଇଥାଏ ।



**ହଜମ ପାଇଁ ଭଲ–** ବ୍ରୋକଲି ଆମର ହଜମ ପାଇଁ ଖୁବ ଭଲ ହୋଇଥାଏ । ଏଥିରେ ଥିବା ଫାଇବର ଓ ତରଳ ପାଇଁ ଏହା ଭଲଭାବେ ହଜମ ହୋଇଥାଏ । ସେହିଭଳି ଏଥିରେ ଥିବା ବିଭିନ୍ନ ତତ୍ୱ ଆମର ପେଟ ସମସ୍ୟା ସହିତ ବଦହଜମି ଦୂର କରିଥାଏ ।

**ରୋଗ ପ୍ରତିରୋଧକ ଶକ୍ତି ବଢାଇଥାଏ–** ବ୍ରୋକଲି ଆମ ରୋଗ ପ୍ରତିରୋଧକ ଶକ୍ତି ପାଇଁ ଖୁବ ଭଲ ହୋଇଥାଏ । ଏହା ଖାଇବା ଦ୍ୱାରା ଆମ ଶରୀରରେ ବିଭିନ୍ନ ସ୍ୱାସ୍ଥ୍ୟ ସମସ୍ୟା ସହ ଲଢିବାକୁ ଶକ୍ତି ମିଳିଥାଏ ।

## ଇତିହାସ

୧୯୨୮–ପ୍ରସିଦ୍ଧ ଐତିହାସିକ ବିପିନ ଚନ୍ଦ୍ରଙ୍କ ଜନ୍ମ ।

୧୯୪୮– ମହାତ୍ମା ଗାନ୍ଧିଙ୍କ ହତ୍ୟା ମାମଲାର ତଦନ୍ତ ଆରମ୍ଭ ।

୧୯୬୨– ପୂର୍ବତନ ଭାରତୀୟ କ୍ରିକେଟର ରବି ଶାସ୍ତ୍ରୀଙ୍କ ଜନ୍ମ ।

୧୯୬୪– ସ୍ୱାଧୀନ ଭାରତର ପ୍ରଥମ ପ୍ରଧାନମନ୍ତ୍ରୀ ଜବାହରଲାଲ ନେହେରୁଙ୍କ ପରଲୋକ ।

୨୦୦୬– ଇଣ୍ଡୋନେସିଆରେ ଭୟାନକ ଭୂକମ୍ପରେ ୬,୬୦୦ ଲୋକଙ୍କ ମୃତ୍ୟୁ ।

୨୦୦୯– ରାଜନେତା ତଥା ଅରୁଣାଚଳ ପ୍ରଦେଶ ଓ ଆସାମର ପୂର୍ବତନ ରାଜ୍ୟପାଳ ଲୋକନାଥ ମିଶ୍ରଙ୍କ ନିଧନ ।



# ତାସ୍ ଘର ତୋଳି ରେକର୍ଡ


ନିକଟରେ କୋଲକାତାର ଜଣେ ୧୪ ବର୍ଷର ବାଳକ ଅରନବ ଡାଗା ତାସର ଘର ତୋଳି ରେକର୍ଡ କରିଛନ୍ତି । ଗୋଟିଏ ଦିନରେ ସେ ଚାରୋଟି ଗିନିଜ୍ ରେକର୍ଡ ଭାଙ୍ଗିଛନ୍ତି । ଏହି ରେକର୍ଡଟି ସେ ୧୯ ଅକ୍ଟୋବର ୨୦୨୪ରେ କରିଥିଲେ । ରେକର୍ଡ କରିବା ପାଇଁ ସେ ପ୍ରଥମେ ଗୋଟିଏ ଘଣ୍ଟାରେ, ଏହାପରେ ଆଠ ଘଣ୍ଟାରେ, ୧୨ ଘଣ୍ଟାରେ ଓ ୨୪ ଘଣ୍ଟାରେ ଏହି ତାସର ଘର ନିର୍ମାଣ କରିଛନ୍ତି । ତାସର ଘର ତିଆରି କରିବାକୁ ଖୁବ ଧୈର୍ଯ୍ୟ ଓ ଧ୍ୟାନର ଆବଶ୍ୟକତା ରହିଥାଏ । ଅରନବଙ୍କୁ ତାଙ୍କର ଏହି ସଫଳତା ପାଇଁ ସମସ୍ତେ ପ୍ରଶଂସା କରୁଥିବା ଦେଖିବାକୁ ମିଳୁଛି ।

# ବଗିଚାର ଯତ୍ନ

ଆଜିକାଲି ସମସ୍ତେ ଘରେ ଛୋଟଛୋଟ ଗାର୍ଡେନ୍ କରୁଛନ୍ତି, ଯାହାକୁ ସଜାଇବା ପାଇଁ ବିଭିନ୍ନ ଟ୍ରିକ୍ ଆପଣାଉଛନ୍ତି । ଏଭଳି କିଛି ଛୋଟଛୋଟ ଟ୍ରିକ୍ ରହିଛି ଯାହାକୁ ଫଲୋ କରିବା ଦ୍ୱାରା ଆପଣ ନିଜର ଗାର୍ଡେନ୍‌କୁ ଖୁବ ସୁନ୍ଦର ଭାବେ ଆକର୍ଷଣୀୟ କରି ସଜାଇପାରିବେ ।

- ପ୍ରଥମେ ଯେତିକି ଯାଗା ଅଛି ସେତିକି ସ୍ଥାନରେ କିଭଳି ଗାର୍ଡେନକୁ ସଜାଇ ପାରିବେ ସେଥିପାଇଁ ଯତ୍ନବାନ ହୁଅନ୍ତୁ । ସବୁବେଳେ ଛୋଟଛୋଟ ଫୁଲକୁଣ୍ଡକୁ ବ୍ୟବହାର କରନ୍ତୁ । ଏହା ବେଶି ଯାଗା ନେଇ ନଥାଏ ଏବଂ ସୁନ୍ଦର ମଧ ଲାଗିଥାଏ । ସେହିଭଳି କୁଣ୍ଡ ଗୁଡିକ ଯାଗା କମ ନେବାରୁ ଆପଣ ଯେତେ ପାରିବେ ସେତେ ଗଛ ଆରାମରେ ଲଗାଇ ପାରିବେ ।
- ସବୁବେଳେ ଗାର୍ଡେନ୍‌ରେ ଭେରାଇଟି ରଖିବାକୁ ଚେଷ୍ଟା କରନ୍ତୁ । ସବୁବେଳେ ଗାର୍ଡେନରେ ଯେତେ ଗ୍ରୀନେରୀ ରହିବ ଏହା ସେତେ ଆକର୍ଷକ ଲାଗିବ । ବିଭିନ୍ନ ରଙ୍ଗର ଫୁଲ ଗଛକୁ ଏଠାରେ ସ୍ଥାନ ଦିଅନ୍ତୁ, ଯାହା ଫଳରେ ବଗିଚାଟି ଭରପୂର ଲାଗିବ । ସେହିଭଳି ଋତୁ କାଳୀନ ଫୁଲକୁ ବିଶେଷ ଭାବେ ସାମିଲ କରନ୍ତୁ, ଏହା ଦ୍ୱାରା ଆପଣଙ୍କ ବଗିଚା ରଙ୍ଗବେରଙ୍ଗ ଲାଗିବ ।
- ବଗିଚାର ଗଛ ସଜାଇବା ପରେ ଏଥିରେ ଛୋଟଛୋଟ ଚେୟାର ରଖି ପାରିବେ, ଏହା ବଗିଚାରେ ଅନେକ କାର୍ଯ୍ୟରେ ସହାୟତାରେ ଆସିବ । ଏଠାରେ ଆପଣ ନିଜର ଖାଲି ସମୟ ବିତାଇ ପାରିବେ । ଏଥିସହିତ କେହି ଘରକୁ ଆସିଲେ ଆପଣ ତାଙ୍କୁ ନିଜ ବଗିଚା ଦେଖାଇବା ସହିତ ସେଠାରେ କିଛି ସମୟ ବସାଇ ପାରିବେ । ସେହିଭଳି କାଠର ଚେୟାର ଫୁଲ ବଗିଚାରେ ପଡିଲେ ଏହା ବେଶି ଆକର୍ଷଣୀୟ ଲାଗିଥାଏ ।





# ଦୀପିକାଙ୍କ ସ୍ଥାନରେ ତ୍ରିପ୍ତି

ସନ୍ଦୀପ ରେଡ୍ଡିଙ୍କ ଫିଲ୍ମ ସ୍ପିରିଟ୍‌କୁ ନେଇ ସବୁବେଳେ ଚର୍ଚ୍ଚା ଲାଗି ରହିଛି । ଏଥିରେ ପ୍ରଭାସଙ୍କ ବିପକ୍ଷରେ କେଉଁ ଅଭିନେତ୍ରୀ ଅଭିନୟ କରିବେ ତାହା ଏପର୍ଯ୍ୟନ୍ତ ଛିଡି ପାରୁ ନାହିଁ । କିଛି ଦିନ ଧରି ଏହି ଚରିତ୍ର ପାଇଁ ଦୀପିକା ପାଦୁକୋନଙ୍କ ନାଁ ଚର୍ଚ୍ଚା ହେଉଥିବାବେଳେ ବର୍ତ୍ତମାନ ଏଥିରେ ପରିବର୍ତ୍ତନ ଦେଖିବାକୁ ମିଳିଛି । ଦୀପିକାଙ୍କ ସ୍ଥାନରେ ତ୍ରିପ୍ତି ଡିମିରଙ୍କୁ ଫାଇନାଲ କରାଯାଇଥିବା ଚର୍ଚ୍ଚା ହେଉଛି । ଏନେଇ ମେକର୍ସ ନିକଟରେ ଔପଚାରିକ ଭାବେ ଘୋଷଣା କରିଛନ୍ତି । ଏହି ପୋଷ୍ଟରେ ତ୍ରିପ୍ତିଙ୍କର କମେଣ୍ଟ ମଧ ଦେଖିବାକୁ ମିଳିଛି । ତ୍ରିପ୍ତି ଏହି ପ୍ରୋଜେକ୍ଟରେ ସାମିଲ ହୋଇ ଖୁବ ଖୁସି ଥିବା ପ୍ରକାଶ କରିଛନ୍ତି । ସନ୍ଦୀପ ରେଡ୍ଡିଙ୍କ ସହିତ କାମ କରିବାକୁ ସୁଯୋଗ ମିଳିଥିବାରୁ ସେ ନିଜକୁ ଖୁବ ଭାଗ୍ୟବାନ ବୋଲି ବିବେଚନା କରିଛନ୍ତି । ତ୍ରିପ୍ତିଙ୍କୁ ଏହା ଆଗରୁ ସନ୍ଦିପଙ୍କ ଫିଲ୍ମ ଆନିମଲରେ ମଧ ନଜର ଆସିଥିଲେ । ହେଲେ ଚର୍ଚ୍ଚା ଅନୁସାରେ ସନ୍ଦିପଙ୍କର ପ୍ରଥମ ପସନ୍ଦ ଦୀପିକା ପାଦୁକୋନ ଥିଲେ । ହେଲେ ଦୀପିକାଙ୍କର ପ୍ରେଗ୍ନାସୀ କାରଣରୁ ଏଥିରେ ବିଳମ୍ବ ଘଟିଥିଲା । ଏହାପରେ ମଧ ସନ୍ଦିପ ଦୀପିକାଙ୍କ ପାଇଁ ଅପେକ୍ଷା କରିଥିଲେ ହେଲେ ଦୀପିକା ପାଦୁକୋନ୍‌ଙ୍କର ଏଭଳି ଅନେକ ଦାବି ଥିଲା ଯାହା ସନ୍ଦିପଙ୍କ ପାଇଁ ସମସ୍ୟା ସୃଷ୍ଟି କଲା । ଦୀପିକା ଫିଲ୍ମ ପାଇଁ ୨୦ କୋଟିର ଫିସ୍, ପାଞ୍ଚ ଦିନ ପାଇଁ ଆଠ ଘଣ୍ଟାର ସିଫ୍ଟ, ଫିଲ୍ମ ପ୍ରଫିଟ୍‌ରେ ଅଂଶ ଭଳି ଦାବି ରହିଥିଲା । ଯାହାକୁ ସନ୍ଦିପଙ୍କ ପକ୍ଷେ ମାନିବା କଷ୍ଟକର ଥିଲା ତେଣୁ ସେ ଦୀପିକାଙ୍କୁ ନିଜ ଫିଲ୍ମରୁ ହଟାଇଥିଲେ ଏବଂ ଦୀପିକାଙ୍କ ସ୍ଥାନରେ ତ୍ରିପ୍ତିଙ୍କୁ ସାଇନ୍ କରିଥିଲେ ।



## ବଜ୍ରାଘାତରେ ଚାଷୀଙ୍କ ମୃତ୍ୟୁ

କୁଆଁପାଳ,(ସବ୍ୟୁ) :ମାହାଙ୍ଗା ଥାନା ଅନ୍ତର୍ଗତ ଚାହାପଡା ପଂଚାୟତ ବରଦିଆ ଗ୍ରାମର ପ୍ରଦୀପ୍ତ କୁମାର ପୁଟିଆ(୬୦)ଙ୍କ ବଜ୍ରାଘାତରେ ମୃତ୍ୟୁବରଣ କରିଥିବା ଜଣାଯାଇଛି । ଖବରରୁ ପ୍ରକାଶ ,ଆଜି ଅପରାହ୍ନ ପ୍ରାୟ ୨ଟା ସମୟରେ ପ୍ରଦୀପ୍ତ ଘର ନିକଟ ତାଙ୍କ ବିଲରେ ଧାନ ତଳି ପକାଉଥିବା ସମୟରେ ବଜ୍ରଘାତ ହୋଇଥିଲା । ଯାହା ଫଳରେ ପ୍ରଦୀପ୍ତ ସଜ୍ଞାହୀନ ହୋଇ ପଡିଥିଲେ । ପରିବାର ଲୋକେ ତାଙ୍କୁ ତୁରନ୍ତ ମାହାଙ୍ଗା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତି କରିଥିଲେ । ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ଖବର ପାଇ ମାହାଙ୍ଗା ପୋଲିସ ଘଟଣାସ୍ଥଳରେ ପହଂଚି ଶବ ଜବତ କରିବା ସହ ଥାନା କେସ ନଂ ୧୦/୨୫ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରିବା ସହ ବ୍ୟବଛେଦ ପାଇଁ କଟକ ପଠାଯାଇଥିବା ଜଣାଯାଇଛି । ସେ ଜଣେ ଗରିବ ହୋଇଥିବାରୁ ତାଙ୍କୁ ସରକାରୀ ସହାୟତା ଯୋଗାଇ ଦେବାକୁ ସ୍ଥାନୀୟ ଗ୍ରାମବାସୀମାନେ ଦାବୀ କରିଛନ୍ତି ।

### ଅଦୃଶ୍ୟ ଅପରାଧୀଙ୍କ ମୁକାବିଲା ପାଇଁ ଅଣ୍ଟା ଭିଡିଲା ପୋଲିସ

## ସାଇବର ଅପରାଧ ତଦନ୍ତ, ବୁଦ୍ଧିମତା ସମ୍ପର୍କିତ କର୍ମଶାଳା

ଭୁବନେଶ୍ୱର, (ସବ୍ୟୁ) : ସାଇବର କ୍ରାଇମ୍ ମୁକାବିଲା ପାଇଁ ଅଣ୍ଟା ଭିଡିଲା ପୋଲିସ । ସାଇବର ଅପରାଧ ତଦନ୍ତ ଓ ବୁଦ୍ଧିମତା ସମ୍ପର୍କିତ କର୍ମଶାଳାକୁ ସୋମବାର ଭୁବନେଶ୍ୱର ସାଇବର କମ୍ପ୍ଲେକ୍ସରେ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଛନ୍ତି ଡିଜିପି ଯୋଗେଶ ବାହାଦୂର ଖୁରାନିଆ ।




ଆଗାମୀ ଦିନରେ ସାଇବର ଅପରାଧ ରୋକିବାକୁ ରାଜ୍ୟର ସମସ୍ତ ରେଞ୍ଜ ଏବଂ ଜିଲ୍ଲାସ୍ତରରେ ସାଇବର ଅପରାଧର ତଦନ୍ତ ସମ୍ପର୍କିତ କର୍ମଶାଳାର ଆୟୋଜନ କରାଯିବ । ଏଥିରେ କନଷ୍ଟେବଳଙ୍କ ଠାରୁ ଆରମ୍ଭ କରି ସମସ୍ତ ବର୍ଗର ଅଧିକାରୀମାନେ ଅଂଶଗ୍ରହଣ କରିବେ । ଅଳ୍ପ ସମୟ ମଧ୍ୟରେ ଅଧିକାରୀଙ୍କୁ ସାଇବର ଅପରାଧର ସଠିକ୍ ତଦନ୍ତ ଏବଂ ନିଜର ଦକ୍ଷତା ପ୍ରତିପାଦନ କରିବାରେ ଏହି କର୍ମଶାଳା ସେମାନଙ୍କୁ ବିଶେଷ ସହାୟକ ହେବ ବୋଲି ଡିଜିପି ଶ୍ରୀ ଖୁରାନିଆ ମତବ୍ୟକ୍ତ କରିଛନ୍ତି । ଭିତ୍ତିଭୂମି ଏବଂ ପ୍ରଯୁକ୍ତି ବିଦ୍ୟାର ପ୍ରୟୋଗ ଦ୍ୱାରା ଅଦୃଶ୍ୟ ଅପରାଧୀଙ୍କୁ ମୁକାବିଲା କରିବାକୁ ହେଲେ ପୋଲିସକୁ ନିଜର ଦକ୍ଷତା ବିକାଶ ଏବଂ ନିରନ୍ତର ତାଲିମ୍ ନେବା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ଏହାକୁ ଦୃଷ୍ଟିରେ ରଖି ସାରା ରାଜ୍ୟରେ କର୍ମଶାଳା ଆୟୋଜନ କରାଯିବା ଉପରେ ଡିଜିପି ଗୁରୁତ୍ୱାରୋପ କରିଛନ୍ତି ।

ପ୍ରଯୁକ୍ତି ବିଦ୍ୟାର ବିକାଶ ହେବା ସହ ଆମ ଦୈନନ୍ଦିନ ଜୀବନରେ ସାଇବର ଅପରାଧୀଙ୍କ ହସ୍ତକ୍ଷେପ ବଢିବାରେ ଲାଗିଛି । ଅନ୍‌ଲାଇନ୍‌ରେ ପୁଞ୍ଜିନିବେଶ, ଆର୍ଥିକ ଠକେଇ, ସାଧାରଣ ଲୋକଙ୍କ ପରିଚୟ ଚୋରି, ଡିଜିଟାଲ ଗିରଫ, ଶିଶୁ ତଥା ବୟସ୍କ ବ୍ୟକ୍ତିଙ୍କୁ ଶୋଷଣ ଭଳି ସାଇବର ଅପରାଧ ବଢିବାରେ ଲାଗିଛି । ଏହିଭଳି ଅପରାଧକୁ ରୋକିବାକୁ ରାଜ୍ୟ ପୋଲିସ ପକ୍ଷରୁ ବ୍ୟାପକ ଅଭିଯାନ ଚାଲିଛି । ଏହାକୁ ଦୃଷ୍ଟିରେ ରଖି ଆଗାମୀ ଦିନରେ ରାଜ୍ୟ ସରକାର ସାରା ରାଜ୍ୟରେ ୨୦ଟି ନୂତନ ସାଇବର ଅପରାଧ ଓ ଅର୍ଥନୈତିକ ଥାନା ଖୋଲିବାକୁ ଅନୁମୋଦନ କରିଛନ୍ତି । ସାଇବର ଅପରାଧ ରୋକିବାକୁ ଏହି ଥାନାଗୁଡିକ ଅଗ୍ରଣୀ ଭୂମିକା ଗ୍ରହଣ କରିବେ ବୋଲି ଡିଜିପି ଆଶାବ୍ୟକ୍ତ କରିଛନ୍ତି । ଏହା ବ୍ୟତୀତ ଭୁବନେଶ୍ୱର ଠାରେ ଓଡ଼ିଶା ସାଇବର କମାଣ୍ଡ ସେଣ୍ଟର ପ୍ରତିଷ୍ଠା କରାଯିବାକୁ ରାଜ୍ୟ ସରକାର ନିଷ୍ପତ୍ତି ନେଇଛନ୍ତି ବୋଲି ଶ୍ରୀ ଖୁରାନିଆ କହିଛନ୍ତି । ସାଇବର ଅପରାଧ ନିୟନ୍ତ୍ରଣ, ଚିହ୍ନଟ ଏବଂ ଅପରାଧର ଶିକାର ହେଉଥିବା ବ୍ୟକ୍ତିଙ୍କୁ ତୁରନ୍ତ ସହାୟତା ପ୍ରଦାନ ଭଳି କାର୍ଯ୍ୟକୁ ତ୍ୱରାନ୍ୱିତ କରିବାରେ ଏହି ସେଣ୍ଟର ଗୁରୁତ୍ୱପୂର୍ଣ୍ଣ ଭୂମିକା ତୁଲାଇବ ବୋଲି ଡିଜିପି କହିଛନ୍ତି ।

ସାଇବର ଅପରାଧକୁ ମୁକାବିଲା କରିବାକୁ ହେଲେ ଜ୍ଞାନ, ଦକ୍ଷତା ଏବଂ ତଦନ୍ତ କୌଶଳକୁ ସଶକ୍ତ କରିବାର ଆବଶ୍ୟକତା ରହିଛି । ଏହାକୁ କାର୍ଯ୍ୟ କ୍ଷେତ୍ରରେ ସଠିକ୍ ବିନିଯୋଗ କରିବାକୁ କର୍ମଶାଳାରେ ସାମିଲ ହୋଇଥିବା ଅଧିକାରୀଙ୍କୁ ଡିଜିପି ଉପଦେଶ ଦେଇଥିଲେ । ଏକ ନୂତନ ଆତ୍ମବିଶ୍ୱାସ ଏବଂ ଦକ୍ଷତା ସହିତ ସାଇବର ଅପରାଧ ବିରୋଧରେ ଲଢି ଓଡ଼ିଶାବାସୀଙ୍କ ସେବା କରିବାକୁ ଶ୍ରୀ ଖୁରାନିଆ ଆହ୍ୱାନ ଦେଇଛନ୍ତି । କାର୍ଯ୍ୟକ୍ରମ ପ୍ରାରମ୍ଭରେ କ୍ରାଇମ୍‌ବ୍ରାଞ୍ଚ ଡିଜି ବିନୟତୋଷ ମିଶ୍ର ସ୍ୱାଗତ ଭାଷଣ ଦେବା ସହ କର୍ମଶାଳାର ଆଭିମୁଖ୍ୟ ସମ୍ପର୍କରେ କହିଥିଲେ । କ୍ରାଇମବ୍ରାଞ୍ଚ ଆଇଜି ଡଃ ସାର୍ଥକ ଷଡଙ୍ଗୀ କର୍ମଶାଳାର ଆୟୋଜନ ଓ ପରିଚାଳନା କରିଥିବା ବେଳେ ଏସ୍‌ଟିଏଫ୍ ଡିଆଇଜି ପିନାକ ମିଶ୍ର କାର୍ଯ୍ୟକ୍ରମ ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ । ସାଇବର ବିଶେଷଜ୍ଞ ଡଃରକ୍ଷିତ ଟଣ୍ଡନ ବିଭିନ୍ନ ଜିଲ୍ଲାରୁ ଆସିଥିବା ଅଧିକାରୀଙ୍କୁ ତାଲିମ୍ ପ୍ରଦାନ କରିଥିଲେ ।

### ଏଲଆଇସି ଡିଓଙ୍କ କାର୍ଯ୍ୟାଳୟରୁ ଚୋରି

## ଅଢେ଼ଇ ଲକ୍ଷ ଚୋରି ହୋଇଥିବା ଥାନାରେ ଅଭିଯୋଗ

କଟକ,(ସବ୍ୟୁ): ବାଦାମବାଡ଼ି ଥାନା ଅନ୍ତର୍ଗତ ଲିଙ୍କରୋଡସ୍ଥିତ ଏଲଆଇସିର ଡିଓଙ୍କ କାର୍ଯ୍ୟାଳୟରୁ ଚୋରି ହୋଇଛି । ରବିବାର ବିଳମ୍ବିତ ରାତିରେ କେହି ଦୁର୍ବୃତ୍ତ କାର୍ଯ୍ୟାଳୟର କବାଟ ଭାଙ୍ଗି ଭିତରେ ପଶି ଲକ୍ଷାଧିକ ଟଙ୍କା ଚୋରାଇ ନେଇଛି । ଏନେଇ ବାଦାମବାଡି ଥାନାରେ ଅଭିଯୋଗ ପରେ ପୁଲିସ ଘଟଣାର ତଦନ୍ତ ଆରମ୍ଭ କରିଛି ।

ଲିଙ୍କରୋଡ ସ୍ଥିତ ଏଲଆଇସିର ଡିଓ(ଉନ୍ନୟନ ଅଧିକାରୀ) ଅରୁଣାଂଶୁ ଶତପଥୀଙ୍କ କାର୍ଯ୍ୟାଳୟ ରହିଛି । ଏହି କାର୍ଯ୍ୟାଳୟ ପ୍ରିମିୟମ ଆଦାୟ କେନ୍ଦ୍ର ଭାବେ ମଧ୍ୟ କାର୍ଯ୍ୟ କରୁଥିଲା । ତେଣୁ କାର୍ଯ୍ୟାଳୟରେ ନଗଦ ଟଙ୍କା ସହିତ ବହୁ ଗୁରୁତ୍ୱପୂର୍ଣ୍ଣ କାଗଜ ମଧ୍ୟ ରଖାଯାଉଛି । ସବୁଦିନ ଭଳି ଗତ ଶନିବାର କାମ ଶେଷ ହେବା ପରେ କାର୍ଯ୍ୟାଳୟ ବନ୍ଦ ହୋଇଥିଲା । ସୋମବାର ପୂର୍ବାହ୍ନରେ ଜଣେ କର୍ମଚାରୀ କାର୍ଯ୍ୟାଳୟ ଖୋଲିବାକୁ ଆସି ଦେଖିଲେଯେ, ବାହାର ପଟ କବାଟ ତାଲା ଭଙ୍ଗାଯାଇଛି । ଭିତରେ ଥିବା ଏକ କାଚ କବାଟ ମଧ୍ୟ ଭଙ୍ଗା ଯାଇଥିଲା । ଖବର ପାଇ ଡିଓ ଶ୍ରୀ ଶତପଥୀ ତୁରନ୍ତ ସେଠାରେ ପହଞ୍ଚିଥିଲେ । ଭିତରେ ପଶି ଯାଞ୍ଚ କଲାବେଳକୁ କାର୍ଯ୍ୟାଳୟ ଡ୍ର'ରୁ ଦୁର୍ବୃତ୍ତମାନେ ସବୁତକ ଟଙ୍କା ଚୋରାଇ ନେଇଛନ୍ତି । ସେହିପରି ଚେକ୍ ବହି ଓ ଅନ୍ୟାନ୍ୟ କିଛି କାଗଜପତ୍ର ମଧ୍ୟ ନେଇଯାଇଛନ୍ତି । ଖବର ପାଇ ବାଦାମବାଡି ଥାନା ଆଇଆଇସି ଅଜୟ ରାଉଳ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି । କାର୍ଯ୍ୟାଳୟ କର୍ମଚାରୀଙ୍କୁ ପଚରାଉଚରା କରିବା ସହ ଘଟଣାସ୍ଥଳ ଓ ଆଖପାଖର ସିସିଟିଭି ଫୁଟେଜ ଯାଞ୍ଚ କରାଯାଉଛି । ଏନେଇ ଶ୍ରୀ ଶତପଥୀ ବାଦାମବାଡି ଥାନାରେ ଏତଲା ଦେଇଛନ୍ତି । ଦୁର୍ବୃତ୍ତମାନେ କାର୍ଯ୍ୟାଳୟରୁ ପ୍ରାୟ ଅଢେଇ ଲକ୍ଷ ଚୋରାଇ ନେଇଥିବା ସେ ଅଭିଯୋଗ କରିଛନ୍ତି ।

### ୨୯ରୁ ଆରମ୍ଭ ହେବ ବିକଶିତ କୃଷି ସଂକଳ୍ପ ଅଭିଯାନ

## ପ୍ରଧାନମନ୍ତ୍ରୀଙ୍କ ନେତୃତ୍ୱରେ ଐତିହ୍ୟ ସହର ପୁରୀରୁ ଅଭିଯାନର ଶୁଭାରମ୍ଭ

ଭୁବନେଶ୍ୱର, (ସବ୍ୟୁ): କେନ୍ଦ୍ର ସରକାରଙ୍କ ଯୁଗାନ୍ତକାରୀ କୃଷି ପଦକ୍ଷେପ ଗୁଡିକୁ ତୃଣମୂଳସ୍ତରରେ ପହଞ୍ଚାଇ କୃଷିରେ ନବସୃଜନ ସୃଷ୍ଟି କରିବା ଲକ୍ଷ୍ୟରେ ଆରମ୍ଭ ହେବାକୁ ଯାଉଛି ବିକଶିତ କୃଷି ସଂକଳ୍ପ ଅଭିଯାନ । ଆସନ୍ତା ମେ ମାସ ୨୯ ତାରିଖରୁ ୧୨ ଜୁନ ପର୍ଯ୍ୟନ୍ତ ଏହି ଅଭିଯାନ ସାରା ଦେଶରେ ଚାଲିବ । ଏହି ବିକଶିତ କୃଷି ସଂକଳ୍ପ ଅଭିଯାନ ଓଡ଼ିଶାର ଐତିହ୍ୟ ସହର ପୁରୀରୁ ଆରମ୍ଭ ହେବ । ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଭାସୀ ମାଧ୍ୟମରେ ଅଭିଯାନର ଶୁଭାରମ୍ଭ କରିବେ । କେନ୍ଦ୍ର କୃଷି ମନ୍ତ୍ରୀ ଶିବରାଜ ସିଂ ଚୌହାନ, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ, ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପ୍ରଭାତୀ ପରିଡ଼ା, ମତ୍ସ୍ୟ ଓ ପ୍ରାଣିସମ୍ପଦ ବିକାଶ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ଏହି କାର୍ଯ୍ୟକ୍ରମରେ ଯୋଗଦେଇ ଏହାକୁ ସାଫଲ୍ୟ ମଣ୍ଡିତ କରିବେ ।

ଏହାକୁ ନେଇ କୃଷି ଭବନ ସ୍ଥିତ ସମ୍ମିଳନୀ କକ୍ଷରେ ସୋମବାର ଉପମୁଖ୍ୟମନ୍ତ୍ରୀ ତଥା କୃଷି ଓ କୃଷକ ସଶକ୍ତିକରଣ ଏବଂ ଶକ୍ତିମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓଙ୍କ ଅଧକ୍ଷତାରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ବିଭାଗୀୟ ପ୍ରମୁଖ ଶାସନ ସଚିବ ଡ଼ ଅରବିନ୍ଦ କୁମାର ପାଢ଼ୀ ମଧ୍ୟ ଉପସ୍ଥିତ ଥିଲେ । ଆସନ୍ତା ୨୯ ତାରିଖରୁ ଆରମ୍ଭ ହେବାକୁ ଥିବା ଏହି ବିକଶିତ କୃଷି ସଂକଳ୍ପ ଅଭିଯାନ ନିମନ୍ତେ ସମସ୍ତ ପ୍ରସ୍ତୁତି ଚୂଡାନ୍ତ ପର୍ଯ୍ୟାୟରେ ପହଞ୍ଚିଛି ବୋଲି ଡ଼ ପାଢ଼ୀ କହିଛନ୍ତି । କେନ୍ଦ୍ର କୃଷିମନ୍ତ୍ରୀଙ୍କ ସମେତ ଅତିଥିବୃନ୍ଦ ପ୍ରଥମେ ପୁରୀରେ ଶ୍ରୀଜଗନ୍ନାଥଙ୍କ ଦର୍ଶନ ପରେ ପରେ ତ୍ରିରଙ୍ଗାଯାତ୍ରାରେ ସାମିଲ ହେବେ । ସାକ୍ଷୀଗୋପାଳ ସ୍ଥିତ ବୀରଗୋବିନ୍ଦପୁର କୃଷି ବିଜ୍ଞାନ କେନ୍ଦ୍ରରେ ଅଭିଯାନର ଶୁଭାରମ୍ଭ କରାଯିବ । ଏହି ସମୟରେ କୃଷି ରଥର ଶୁଭାରମ୍ଭ ମଧ୍ୟ କରାଯିବ । ପରେ ପରେ ସିଆଇଏଫ୍‌ଏ ର କାର୍ଯ୍ୟକ୍ରମରେ ଯୋଗଦାନ କରିବେ । ଏହାବାଦ, କେନ୍ଦ୍ରୀୟ ଉଦ୍ୟାନ କୃଷି ପରୀକ୍ଷଣ କେନ୍ଦ୍ରରେ ମ୍ୟାଙ୍ଗୋ ଫେଷ୍ଟିଭାଲରେ ଯୋଗଦେବେ ଏବଂ ପରବର୍ତ୍ତୀ ସମୟରେ ଓୟୁଏଟିର କାର୍ଯ୍ୟକ୍ରମରେ ମଧ୍ୟ ଯୋଗଦାନ କରିବେ । ସମସ୍ତ କାର୍ଯ୍ୟକ୍ରମରେ 'ଏକ୍ ପେଡ ମାଁ କେ ନାମ୍' ଅନ୍ତର୍ଗତ ବୃକ୍ଷ ରୋପଣ କରାଯିବ । ଏ ସମସ୍ତ କାର୍ଯ୍ୟକ୍ରମରେ ବହୁସଂଖ୍ୟାରେ ଛାତ୍ରଛାତ୍ରୀ, କୃଷକ ଭାଇ ଭଉଣୀମାନେ ଯୋଗଦେବେ । ଆୟୋଜିତ ପ୍ରସ୍ତୁତି ବୈଠକରେ କୃଷି ନିର୍ଦ୍ଦେଶକ ଶୁଭମ୍ ସକ୍ସେନା, ଓୟୁଏଟି କୁଳପତି ଡ଼ ପ୍ରଭାତ କୁମାର ରାଉଳ, ଡ଼ାଇରେକ୍ଟର ସିଫା ପି କେ ସାହୁ, ଡ଼େପୁଟି ଡ଼ାଇରେକ୍ଟର ଜେନେରାଲ ଆଇସିଏଆର, କେନ୍ଦ୍ରୀୟ ଉଦ୍ୟାନକୃଷି ପରୀକ୍ଷଣ କେନ୍ଦ୍ର, ଓୟୁଏଟି ଡିନ, କୃଷି ବିଜ୍ଞାନ କେନ୍ଦ୍ର ପ୍ରମୁଖରୁ ବରିଷ୍ଠ ଅଧିକାରୀବୃନ୍ଦ ଯୋଗଦେଇଥିଲେ ।

## ବିଦ୍ୟୁତ ଆଘାତରେ ମୃତ୍ୟୁ

ନିମାପଡା,(ସବ୍ୟୁ) : ପୁରୀ ଜିଲ୍ଲା ଚାରିଛକ ଥାନା ଅନ୍ତର୍ଗତ ବାହାରଣା ପଞ୍ଚାୟତ ଛତିଆନା ଗ୍ରାମର ଜଣେ ବ୍ୟକ୍ତିଙ୍କ ବିଦ୍ୟୁତ ଆଘାତରେ ମୃତ୍ୟୁ ଘଟିଥିବା ଜଣାପଡିଛି । ମୃତକ ଜଣକ ହେଲେ ଉକ୍ତ ଗ୍ରାମର ସୁଧିର କୁମାର ରଥ(୫୫) । ସୁଧିର ନିଜ ଘରେ ବିଦ୍ୟୁତ କାମ କରୁଥିବା ବେଳେ କଂରେଟ ଲାଗିଥିଲା । ସଂଜ୍ଞାହୀନ ଅବସ୍ଥାରେ ପରିବାର ଲୋକମାନେ ତାଙ୍କୁ ଚିକିତ୍ସା ପାଇଁ ଚାରିଛକ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିଲେ । ତେବେ ଡାକ୍ତର ତାଙ୍କୁ ସେଠାରେ ମୃତ ଘୋଷଣା କରିଥିଲେ । ଏନେଇ ମୃତକଙ୍କ ଭଣଜା ସୌମ୍ୟ ରଂଜନ ମିଶ୍ରଙ୍କ ଅଭିଯୋଗ କ୍ରମେ ଚାରିଛକ ଥାନା ପୁଲିସ ଘଟଣା ସ୍ଥଳରେ ପହଂଚି ଶବକୁ ଜବତ କରିବା ସହ ୫/୨୫ରେ ଏକ ମାମଲା ରୁଜୁ କରି ବ୍ୟବଛେଦ ପାଇଁ ପଠାଇଛି ।

### ସାମ୍ବାଦିକଙ୍କୁ ହାତ ଗୋଡ ବାନ୍ଧି ମାଡ ଘଟଣା

## ୪ ଅଭିଯୁକ୍ତଙ୍କୁ ବାନ୍ଧିଲା ପୋଲିସ

ବଲାଙ୍ଗିର,(ସବ୍ୟୁ): ବଲାଙ୍ଗିର ଜିଲ୍ଲା ପୁଇଁତଳାରେ କର୍ତ୍ତବ୍ୟରତ ସାମ୍ବାଦିକ ବିଜୟ ପ୍ରଧାନଙ୍କ ହାତଗୋଡ ବାନ୍ଧି ଆକ୍ରମଣ ଘଟଣାରେ ପୋଲିସ ଏସପିଙ୍କ ନିର୍ଦ୍ଦେଶ କ୍ରମେ ଏକ ସ୍ୱତନ୍ତ୍ର ପୋଲିସ ଦଳ ପୁଇଁତଳା ସମେତ ବିଭିନ୍ନ ସ୍ଥାନରେ ଚଢାଉ କରି ଆକ୍ରମଣକାରୀ ଠିକାଦାର ଗଜେନ୍ଦ୍ର ଦଳାଇଙ୍କ ସମ୍ପର୍କୀୟ ଅବିନାଶ ଦଳାଇ, ଅନ୍ୟତମ ଆକ୍ରମଣକାରୀ ଆଦିତ୍ୟ ଜେନା ଏବଂ ଜଣେ ନାବାଳକ ସମେତ ୪ ଜଣଙ୍କୁ ଗିରଫ କରିଥିବା ବେଳେ ମୁଖ୍ୟ ଅଭିଯୁକ୍ତ ଗଜେନ୍ଦ୍ରଏବେବି ଫେରାର ଅଛି । ଏସପି ଅଭିଲାଷ ଜି ସୋମବାର ରିଜର୍ଭ ପୋଲିସ ଠାରେ ଏକ ସାମ୍ବାଦିକ ସମ୍ମିଳନୀରେ ଏହି ସୂଚନା ଦେବା ସହିତ ମୁଖ୍ୟ ଅଭିଯୁକ୍ତ ଠିକାଦାର ଗଜେନ୍ଦ୍ରକୁ ଖୁବଶିଘ୍ର ଗିରଫ କରାଯିବ ବୋଲି ସୂଚନା ଦେଇଛନ୍ତି ।



ସୂଚନାରୁ ପ୍ରକାଶ ଯେ, ଗତ ଶୁକ୍ରବାର ଜିଲ୍ଲାର ପୁଇଁତଳା ଥାନା କୁଲଥିପାଲି ଗାଁ ରେ ଏକ ଗାର୍ଡ ୱାଲ୍ କାମ ନିମ୍ନମାନର ହୋଇଥିବା ସହ ଦୁର୍ନୀତି ସମ୍ପର୍କରେ ଖବର ସଂଗ୍ରହ କରିବା ପାଇଁ ସେହି ଗାଁକୁ ଯାଇଥିଲେ ବିଜୟ । ଘଟଣାସ୍ଥଳରେ ଭିଡିଓ ଉତ୍ତୋଳନ କରୁଥିବା ସମୟରେ ସମ୍ପୃକ୍ତ କାମରେ ନିୟୋଜିତ ଠିକାଦାର ଗଜେନ୍ଦ୍ର ଓ କିଛି ଗୁଣ୍ଡା ଶ୍ରେଣୀୟ ଲୋକ ସାମ୍ବାଦିକ ବିଜୟ ପ୍ରଧାନଙ୍କ ଉପରେ ଅତର୍କିତ ଆକ୍ରମଣ କରିଥିଲେ । ଏପରିକି ସାମ୍ବାଦିକ ଶ୍ରୀ ପ୍ରଧାନଙ୍କ ହାତ ବାନ୍ଧି ଗାଁ ଦାଣ୍ଡରେ କଙ୍ଗାରୁ କୋର୍ଟ କରିଥିଲେ । ବିଜୟଙ୍କୁ ନିସ୍ତୁକ ମାଡ ମାରିବା ସହ ଆଗକୁ ଏହିଁ ଖବର କଲେ ତାଙ୍କ ଓ ତାଙ୍କ ପରିବାରକୁ ଜୀବନରେ ମାରିଦେବା ପାଇଁ ଧମକ ମଧ୍ୟ ଦେଇଥିଲେ । ଏନେଇ ରବିବାର ସାମ୍ବାଦିକ ବିଜୟ ପ୍ରଧାନ ପୁଇଁତଳା ଥାନାରେ ଲିଖିତ ଅଭିଯୋଗ କରିଥିବା ବେଳେ ଦୋଷୀ ଠିକାଦାରଙ୍କୁ ତୁରନ୍ତ ଗିରଫ କରିବା ଦାବିରେ ଜିଲ୍ଲାର ବିଭିନ୍ନ ଗଣମାଧ୍ୟମର ପ୍ରତିନିଧି ମାନେ ଏସ୍ ପି ଅଫିସ ସମ୍ମୁଖରେ ଧାରଣାରେ ବସିଥିଲେ । ପରେ ଅତିରିକ୍ତ ଏସ୍‌ପି ଆଲୋକ ଜେନା ସାମ୍ବାଦିକ ମାନଙ୍କୁ ବୁଝାସୁଝା କରି ଦାବିପତ୍ର ଗ୍ରହଣ କରିବା ସହ ଦୋଷୀଙ୍କୁ ତୁରନ୍ତ ଗିରଫ କରିବାର ପ୍ରତିଶ୍ରୁତି ଦେବା ପରେ ସାମ୍ବାଦିକ ମାନେ ଧାରଣାରୁ ଓହ୍ଲାଇ ଥିଲେ । ଏହି ଘଟଣାକୁ ନେଇ ସାରା ରାଜ୍ୟରେ ବିଭିନ୍ନ ସାମ୍ବାଦିକ ସଂଗଠନ, ବରିଷ୍ଠ ସାମ୍ବାଦିକ ଓ ସାମାଜିକ ସଂଗଠନ ମାନେ ପ୍ରତିବାଦ କରି ସାମ୍ବାଦିକ ବିଜୟଙ୍କ ପ୍ରତି ସମର୍ଥନ ଜଣାଇ ଆସୁଛନ୍ତି । ଏହି ବର୍ବରୋଚିତ ଆକ୍ରମଣକୁ ଘୋର ନିନ୍ଦା କରାଯାଇଛି । ଅନ୍ୟ ପକ୍ଷରେ ଗିରଫ ଅଭିଯୁକ୍ତ ନାବାଳକକୁ ପୋସ୍କୋ କୋର୍ଟରେ ହାଜର କରାଯିବ ବୋଲି ଏସପି ସୂଚନା ଦେଇଛନ୍ତି ।

### ମାଟ୍ରିକ ଟପ୍ପରଙ୍କୁ ସମ୍ବର୍ଦ୍ଧିତ କଲେ ରାଜ୍ୟପାଳ

## ଭବିଷ୍ୟତରେ ଦାୟିତ୍ୱବାନ ନାଗରିକ ଭାବେ ଉତ୍କର୍ଷ ହାସଲ କରନ୍ତୁ

ଭୁବନେଶ୍ୱର, (ସବ୍ୟୁ): କେବଳ ଶିକ୍ଷା କ୍ଷେତ୍ରରେ ନୁହେଁ, ବରଂ ଭବିଷ୍ୟତରେ ଦାୟିତ୍ୱବାନ ନାଗରିକ ଭାବେ ମାଟ୍ରିକ ଟପରମାନେ ଉତ୍କର୍ଷ ହାସଲ କରିବାକୁ ରାଜ୍ୟପାଳ ଡ଼. ହରି ବାବୁ କମ୍ଭମପାଟି ଆହ୍ୱାନ ଜଣାଇଛନ୍ତି । ୨୬ ତାରିଖ ଦିନ ରାଜଭବନର ନୁ ଅଭିଷେକ ହଲ ଠାରେ ଆୟୋଜିତ ସ୍ୱତନ୍ତ୍ର ସମାରୋହରେ ୨୦୨୫ ମସିହା ବୋର୍ଡ଼ ଅଫ୍ ସେକେଣ୍ଡାରୀ ଏଜୁକେସନ୍ (ବିଏସ୍‌ଇ), ସେଣ୍ଟ୍ରାଲ୍ ବୋର୍ଡ଼ ଅଫ୍ ସେକେଣ୍ଡାରୀ ଏଜୁକେସନ୍ (ସିବିଏସ୍‌ଇ) ଏବଂ କାଉନସିଲ ଫର୍ ଦ ଇଣ୍ଡିଆନ୍ ସ୍କୁଲ ସାର୍ଟିଫିକେଟ୍ ଏକଜାମିନେସନ (ଆଇସିଏସ୍‌ଇ) ଦ୍ୱାରା ଅନୁଷ୍ଠିତ ବାର୍ଷିକ ହାଇସ୍କୁଲ ସାର୍ଟିଫିକେଟ୍ ପରୀକ୍ଷାରେ ରାଜ୍ୟରେ ସର୍ବୋଚ୍ଚ ନମ୍ବର ରଖି ଟପର ହୋଇଥିବା କୃତୀ ଛାତ୍ରଛାତ୍ରୀମାନଙ୍କୁ ସମ୍ବର୍ଦ୍ଧିତ କରି ରାଜ୍ୟପାଳ ଏହି ଆହ୍ୱାନ ଜଣାଇଛନ୍ତି । ଏହି ଅବସରରେ ଟପରମାନଙ୍କୁ ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଇବା ସହିତ ସେମାନଙ୍କର ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ । ଏହି ସମାରୋହରେ ଉଦବୋଧନ ଦେଇ ରାଜ୍ୟପାଳ କହିଥିଲେ ଯେ, କୃତୀ ଟପରମାନେ ଶୃଙ୍ଖଳା, ପ୍ରତିବଦ୍ଧତା ଏବଂ ନିଷ୍ଠା ଦ୍ୱାରା କିପରି ସଫଳତା ହାସଲ କରାଯାଏ ତାହା ଦେଖାଇଛନ୍ତି ।



ଟପରମାନଙ୍କୁ ଉଜ୍ଜ୍ୱଳ ତାରକା ଭାବେ ଅଭିହିତ କରି ରାଜ୍ୟପାଳ କହିଥିଲେ ଯେ ସେମାନଙ୍କ ସଫଳତା କେବଳ ବ୍ୟକ୍ତିଗତ ଉତ୍କର୍ଷତା ଓ ସ୍ଥିରତା ନୁହେଁ, ବରଂ ପିତାମାତା ଓ ଶିକ୍ଷକମାନଙ୍କ ଅଟଳ ପ୍ରୟାସକୁ ପ୍ରତିଫଳିତ କରେ । ଜ୍ଞାନର କରିଡର ଦେଇ ଆପଣଙ୍କ ସଫଳ ଯାତ୍ରା ଅନ୍ୟମାନଙ୍କ ପାଇଁ ପ୍ରେରଣା ଯୋଗାଇବ । ରାଜ୍ୟପାଳ ଛାତ୍ରଛାତ୍ରୀମାନଙ୍କୁ କହିଥିଲେ ଯେ ସେମାନଙ୍କର ଶୈକ୍ଷିକ ସଫଳତା ସମାଜର ନୀତିବାନ ଓ ପ୍ରଭାବଶାଳୀ ସଦସ୍ୟ ହେବା ପାଇଁ ମୂଳଦୁଆ ହେବା ଉଚିତ୍ । ମାଟ୍ରିକ ସଫଳତା ଜୀବନର କେବଳ ଆରମ୍ଭ ସୋପାନ । ଜୀବନରେ ଆଗକୁ ଅନେକ ମାଇଲଖୁଣ୍ଟ ରହିଛି । ଶିଖିବା ପାଇଁ ନମ୍ରତା, ଅନୁସନ୍ଧାନ କରିବାର ସାହସ ଏବଂ ଅନ୍ୟମାନଙ୍କୁ ଆଗକୁ ନେବାର ମାନସିକତା ରଖିବାକୁ ସେ ପରାମର୍ଶ ଦେଇଥିଲେ । ଜାତୀୟ ଶିକ୍ଷାନୀତି- ୨୦୨୦ ପ୍ରବର୍ତ୍ତିତ ହୋଇଥିବା ପରିପ୍ରେକ୍ଷୀରେ ଛାତ୍ରଛାତ୍ରୀମାନଙ୍କୁ ଭାଗ୍ୟବାନ ବୋଲି କହିବା ସହ ଏହା ଛାତ୍ରଛାତ୍ରୀମାନଙ୍କର ସାମଗ୍ରିକ ବିକାଶ ଏବଂ ଆଧୁନିକ ବିଶ୍ୱରେ ବଢୁଥିବା ଆହ୍ୱାନଗୁଡିକୁ ମୁକାବିଲା କରିବାରେ ସଶକ୍ତ କରିବ ବୋଲି ରାଜ୍ୟପାଳ କହିଥିଲେ । ଏହି ସମ୍ବର୍ଦ୍ଧନା ସମାରୋହରେ ଓଡ଼ିଶାର ପ୍ରଥମ ମହିଳା ଶ୍ରୀମତୀ ଜୟଶ୍ରୀ କମ୍ଭମପାଟି ଯୋଗଦେଇ ଟପର ଏବଂ ତାଙ୍କ ପିତାମାତା ଓ ଶିକ୍ଷକମାନଙ୍କୁ ମଧ୍ୟ ସମ୍ବର୍ଦ୍ଧିତ କରିଥିଲେ । ପ୍ରାରମ୍ଭରେ ରାଜ୍ୟପାଳଙ୍କ ପ୍ରମୁଖ ଶାସନ ସଚିବ ଏନ୍‌ବିଏସ୍ ରାଜପୁତ ସ୍ୱାଗତ ଭାଷଣ ପ୍ରଦାନ କରି କୃତୀ ଛାତ୍ରଛାତ୍ରୀ, ପିତାମାତା ଓ ଶିକ୍ଷକମାନଙ୍କୁ ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଇଥିଲେ । ବିଏସ୍‌ଇ, ସିବିଏସ୍‌ଇ ଓ ଆଇସିଏସ୍‌ଇର ମୋଟ ୨୫ ଜଣ ଟପରଙ୍କୁ ଏହି ଅବସରରେ ସମ୍ବର୍ଦ୍ଧିତ କରାଯାଇଥିଲା ।

### ସମନ୍ୱିତ ବର୍ଜ୍ୟ ପରିଚାଳନା କେନ୍ଦ୍ର ନିର୍ମାଣରେ ବାଧା

## ଭୁବନେଶ୍ୱର ଉନ୍ନୟନ ପରିଷଦ ବିରୋଧରେ ବିଏମସିର ଏତଲା

ଭୁବନେଶ୍ୱର(ସବ୍ୟୁ): ଭୁବନେଶ୍ୱର ମହାନଗର ନିଗମ(ବିଏମ୍‌ସି) ଅଞ୍ଚଳରେ ଗୋଷ୍ଠୀ ସହଯୋଗରେ ପରିମଳ ପରିଚାଳନାର ପୂର୍ଣ୍ଣ ବିକାଶ ପାଇଁ କାର୍ଯ୍ୟମାନ ଦ୍ରୁତ ଗତିରେ ଆଗେଇ ଚାଲିଥିବା ବେଳେ କିଛି ମୁଷ୍ଟିମେୟ ବ୍ୟକ୍ତି ଏଥିରେ ବାଧା ସୃଷ୍ଟି କରୁଛନ୍ତି । ଫଳରେ ଜନସାଧାରଣଙ୍କୁ ସେବା ପହଞ୍ଚାଇବାରେ ପ୍ରତିବନ୍ଧକ ହୋଇଛି । ସମନ୍ୱିତ ବର୍ଜ୍ୟ ପରିଚାଳନା କେନ୍ଦ୍ରର ନିର୍ମାଣ କାର୍ଯ୍ୟରେ ବାଧା ସୃଷ୍ଟି କରିଥିବା ଭୁବନେଶ୍ୱର ଉନ୍ନୟନ ପରିଷଦ ବିରୋଧରେ ବିଏମସି ପକ୍ଷରୁ ଥାନାରେ ଏତଲା ଦିଆଯାଇଛି ।

ବିଏମ୍‌ସି କମିଶନର ରାଜେଶ ପ୍ରଭାକର ପାଟିଲଙ୍କ ନିର୍ଦ୍ଦେଶକ୍ରମେ ପଳାଶୁଣୀସ୍ଥିତ ସମନ୍ୱିତ ବର୍ଜ୍ୟ ପରିଚାଳନା କେନ୍ଦ୍ରର ନିର୍ମାଣ କାର୍ଯ୍ୟ ପ୍ରାୟ ଶେଷ ହୋଇଆସୁଥିବା ବେଳେ ଏଠାରେ ଗତକାଲି ଅର୍ଥାତ ୨୫ ତାରିଖ ସକାଳ ୮ଟାରେ ଭୁବନେଶ୍ୱର ଉନ୍ନୟନ ପରିଷଦର ସଭାପତି ବାସୁଦେବ ଭଞ୍ଜଙ୍କ ନେତୃତ୍ୱରେ କିଛି ବ୍ୟକ୍ତି ବେଆଇନ ଭାବେ ଜୋରଜବରଦସ୍ତ ଅନୁପ୍ରବେଶ କରି ହିଂସାତ୍ମକ କାର୍ଯ୍ୟକଳାପ ପ୍ରଦର୍ଶନ କରିଛନ୍ତି । ଫଳରେ ଉକ୍ତ କେନ୍ଦ୍ରରେ କିଛି ସମୟ ପାଇଁ ଆଇନଶୃଙ୍ଖଳା ପରିସ୍ଥିତି ସୃଷ୍ଟି ହୋଇଥିଲା । ସୁରକ୍ଷିତ ସରକାରୀ ପ୍ରକଳ୍ପ ମଧ୍ୟରେ ବିନା ଅନୁମତିରେ ପ୍ରବେଶ ପୂର୍ବକ ସେଠାରେ ଚାଲୁ ରହିଥିବା କାର୍ଯ୍ୟକୁ ବାଧା ପହଞ୍ଚାଇବା ସହିତ ସର୍ବସାଧାରଣଙ୍କ ମୂଲ୍ୟବାନ ଭିତ୍ତିଭୂମି ପ୍ରତି ବିପଦ ସୃଷ୍ଟି କରିଥିଲେ । ତେବେ ଏହିସବୁ କାର୍ଯ୍ୟକଳାପ ଭାରତୀୟ ନ୍ୟାୟ ସଂହିତାର ବ୍ୟାପକ ଉଲ୍ଲଂଘନ କରିଛି । ଯାହାକି ବେଆଇନ ଏବଂ ବେନିୟମ ସମାଗମ, ବିନାଅନୁମତିରେ ପ୍ରବେଶ, ଏହି ଭିତ୍ତିଭୂମିରେ କାର୍ଯ୍ୟରତ ଭୁବନେଶ୍ୱର ମହାନଗର ନିଗମ କର୍ମଚାରୀଙ୍କ ଜୀବନ ପ୍ରତି ବିପଦ ସୃଷ୍ଟି କରିବା ସହ ସର୍ବସାଧାରଣଙ୍କ ଭିତ୍ତିଭୂମିକୁ କ୍ଷତି ପହଞ୍ଚାଇବା ପାଇଁ ସେମାନେ ଧମକପୂର୍ଣ୍ଣ ପ୍ରଦର୍ଶନ କରିଛନ୍ତି । ଘଟଣା ସମୟର ଭିଡିଓ ଚିତ୍ର ପୋଲିସ ପ୍ରଶାସନକୁ ପ୍ରଦାନ କରାଯାଇଛି । ଏହି ଘଟଣାର ତଦନ୍ତ କରାଯିବା ସହ ସଂପୃକ୍ତ ବ୍ୟକ୍ତିଙ୍କ ବିରୋଧରେ ଆଇନଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଭୁବନେଶ୍ୱର ମହାନଗର ନିଗମ ପକ୍ଷରୁ ଏତଲା ଦିଆଯାଇଛି । କାର୍ଯ୍ୟରେ ଯେପରି କୌଣସି ବାଧା ସୃଷ୍ଟି ନହୁଏ ଏବଂ ସର୍ବସାଧାରଣଙ୍କର ଏହି ସଂପତ୍ତି ସୁରକ୍ଷିତ ରହିବ, ସେଥିପାଇଁ ଆବଶ୍ୟକ ପଦକ୍ଷେପ ନେବାକୁ ଏତଲାରେ କୁହାଯାଇଛ । ଗ୍ରୀନ ଟ୍ରିବ୍ୟୁନାଲଙ୍କ ନିର୍ଦ୍ଦେଶକ୍ରମେ ସମସ୍ତ ରାଜ୍ୟର ମୁଖ୍ୟ ସଚିବଙ୍କୁ କଠିନ ବର୍ଜ୍ୟବସ୍ତୁ ପରିଚାଳନା ନିୟମ ୨୦୧୬ର ଅନୁସରଣ ପୂର୍ବକ କାର୍ଯ୍ୟ କରିବାକୁ କୁହାଯାଇଥିଲା । ଏହା ସହିତ ଚାଲୁ ରହିଥିବା ଡମ୍ପିଂ ସାଇଟରୁ ଲିଗାସି ବର୍ଜ୍ୟର ବାୟୋ ମାଇନିଂ ଜରିଆରେ ପୁନଃଉଦ୍ଧାର ଓ ପ୍ରକ୍ରିୟାକରଣ କରିବାକୁ କୁହାଯାଇଥିଲା । ଏହାକୁ ଭିତ୍ତିକରି ବିଏମସି ଦାରୁଠେଙ୍ଗ ଡମ୍ପିଂୟାର୍ଡଠାରେ ବାୟୋ ମାଇନିଂ କରିବା ପାଇଁ ପ୍ରସ୍ତୁତି କାର୍ଯ୍ୟ ଆରମ୍ଭ କରିଥିଲା । ମାତ୍ର ଆଗ ବର୍ଜ୍ୟ ପକାଇବା ବନ୍ଦ କରିବା ପରେ ବାୟୋ ମାଇନିଂ କାର୍ଯ୍ୟ କରିବାକୁ ସଂପୃକ୍ତ ଗ୍ରାମବାସୀ ଦାବି କରିଥିଲେ । ଏହି କାରଣରୁ ୨୦୨୩ ମେ'୧୭ରେ ଭୁଆଶୁଣିଠାରେ ବର୍ଜ୍ୟ ପକାଇବା ବନ୍ଦ କରାଯାଇଥିଲା । ପରେ ୧୫ ଅକ୍ଟୋବର ୨୦୨୩ରେ ବାୟୋ ମାଇନିଂ କାର୍ଯ୍ୟ ଆରମ୍ଭ ହୋଇଥିଲା । ଅଦ୍ୟାବଧି ସେଠାରେ ୧୦ ଏକର ପରିମିତ ସ୍ଥାନର ପୁନଃଉଦ୍ଧାର ହୋଇ ୨୫ ପ୍ରତିଶତ ବର୍ଜ୍ୟର ପ୍ରକ୍ରିୟାକରଣ ହୋଇସାରିଛି ।

## ରାତିରେ ପାଟ୍ରୋଲିଂ ବେଳେ ପୋଲିସ ଗାଡିକୁ ଢେଲା ମାଡ : ଯୁବକ ଅଟକ

ବାଙ୍କୀ ,(ସବ୍ୟୁ) : ଗତ କିଛି ଦିନ ଧରି କଟକ ଜିଲ୍ଲାର ବାଙ୍କୀ ବ୍ଲକ୍ ଅନ୍ତର୍ଗତ ବୈଦେଶ୍ୱର ଥାନା ଅଞ୍ଚଳ ରେ ଆଇନ ଶୃଙ୍ଖଳା ବିପର୍ଯ୍ୟସ୍ତ ହୋଇ ପଡି ଥିବାର ନଗ୍ନ ଚିତ୍ର ରବିବାର ବିଳମ୍ବିତ ରାତିରେ ଦେଖିବାକୁ ମିଳିଛି। ବୈଦେଶ୍ୱର ଥାନାର କାଳୀପୋଇ ପଞ୍ଚାୟତର ଚଢ଼େଇବନ୍ଧ ଗାଆଁରେ ନାଟକ ପରିବେଷଣ କରା ଯାଉଥିଲା। ଏହି ନାଟକ ରେ ଶାନ୍ତି ଶୃଙ୍ଖଳା ରକ୍ଷା କରିବା ପାଇଁ ବୈଦେଶ୍ୱର ପୋଲିସ ଏକ ଟିମ ନାଇଟ ପାଟ୍ରୋଲିଂ କରି ଚଢ଼େଇବନ୍ଧ ଉପର ସାହି ସ୍କୁଲ ନିକଟରେ ଭ୍ୟାନ ରଖି ଚାଲି ଚାଲି ଯାଇ ପୁଣି ଫେରୁଥିବା ସମୟରେ ଭ୍ୟାନର ପଛ କାଚଭାଙ୍ଗି ଥିବାର ଦେଖିଥିଲେ। ପୋଲିସ କିଛି ସମୟ ପୂର୍ବ ରୁ ନାଟକ ପରିବେଷଣ ହେଉଥିବା ସ୍ଥାନରେ ଅମାନିଆ ବାଇକ୍ ଚାଳକଙ୍କୁ ସାବାଡ କରିବା ପାଇଁ ଚଢ଼େଇବନ୍ଧ ଗ୍ରାମ ର ଦନେଇ ସାହୁ ନାମକ ଯୁବକ ସହିତ ଯୁକ୍ତି ତର୍କ କରିଥିଲେ। ତେଣୁ ଯୁକ୍ତି ତର୍କ କରିଥିବା ଯୁବକ ଜଣକ କାର କାଚ କୁ ଢେଲା ମାଡ ମାରି ଭାଙ୍ଗିଥିବା ସନ୍ଦେହ କରି ପୋଲିସ୍ ଦନେଇ ସାହୁଙ୍କୁ ରାତିରେ ଉଠାଇ ଆଣି ପଚରା ଉଚରା କରିବା ସହ ତାକୁ ସୋମବାର ଦିନ କୋର୍ଟ ଚାଲାଣ କରିଛି।। ଯୁବକ ଜଣକଙ୍କ ସଂପୃକ୍ତି ସମ୍ପର୍କ ରେ ବୈଦେଶ୍ୱର ଥାନା ଆଇ ଆଇ ସି ସଞ୍ଜୟ କୁମାର ଜେନାଙ୍କୁ ପଚାରିବାରୁ ସେ କହିଲେ ଆମ ଟିମ୍ ଦେଖି ନାହିଁ କିଏ ଢେଲା ମାଡ କରିଛି। ହେଲେ ଲୋକେ ପୋଲିସ ର କାର୍ଯ୍ୟକ୍ରମ ଉପରେ ଅସନ୍ତୋଷ ପ୍ରକାଶ କରିଛନ୍ତି।

## ନ୍ୟୁ ବ୍ରିଟାନିଆ ଗବଲ୍ସର ମଜା ଯାହାକି ନରମ, ସ୍ୱାଦିଷ୍ଟ ଓ ଫଳଯୁକ୍ତ

ଭୁବନେଶ୍ୱର (ସବ୍ୟୁ): ଆପଣ ଏକ ନୂଆ ସ୍ୱାଦ ଓ ଅନୁଭୂତି ପାଇଁ ପ୍ରସ୍ତୁତ ହୁଅନ୍ତୁ । ବ୍ରିଟାନିଆ ଗବଲ୍ସ କେକ ଆପଣରଙ୍କୁ ଏକ ସ୍ୱାଦିଷ୍ଟ ଅନୁଭବ ପ୍ରଦାନ କରେ। ଯାହା ଚକୋଲେଟ, ପାଇନଆପଲ୍ସ, କମଳା, କ୍ଷୀର ଓ ବଟର ପ୍ରଭୃତିର ସ୍ୱାଦରେ ବଜାରକୁ ଆସିଛି। ଉନ୍ନତ ରେସିପି ସହ ସମୃଦ୍ଧ ଏହାର ପ୍ରାକେଜିଂ ମଧ୍ୟ ଆକର୍ଷଣୀୟ। ବ୍ରିଟାନିଆର ଏହି ନୂଆ ଅଭିଯାନଟି 'ବଡେ ବଡଁ କୋ ପିଘ୍ଲା ଦେ' ଥିମ ଉପରେ କେନ୍ଦ୍ରିତ। ଏହି ଡିଜିଟାଲ ଫିଲ୍ମ ଉପରେ ଆଧାରିତ ଏହାର ପ୍ରତୀକାତ୍ମକ ଯୋଡି ଦୟା ଓ ସାର ଜଣେ ଚୋରକୁ ପିଛା କରୁଥିବା କେକ ତଦନ୍ତ ବିଭାଗର ସଦସ୍ୟ ଭାବରେ ଚିତ୍ରିତ ହୋଇଛନ୍ତି । ଘଟଣାଟି ଏକ ହାସ୍ୟ ରସାତ୍ମକ ମୋଡରେ ପରିବେଷିତ ହୋଇଛି। ବ୍ରିଟାନିଆ କେକର ନରମ ଓ ସ୍ୱାଦିଷ୍ଟତାର ଅନୁଭବ କେବଳ ଗୋଟିଏ ଥର ଏହାକୁ ଖାଇବାକୁ ପଡ଼େ ବୋଲି ଦର୍ଶାଯାଇଛି।

## ଲାଇଫ୍ ଗାର୍ଡ ପ୍ରଶିକ୍ଷଣ ଶିବିର

ଅସ୍ତରଙ୍ଗ,(ସବ୍ୟୁ) :ସୋମବାର ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ ଛୁରିଆନା ପଞ୍ଚାୟତ ପୀର ଜାହାନିଆ ନିକଟସ୍ଥ କଲ୍ୟାଣ ମଣ୍ଡପରେ ପର୍ଯ୍ୟଟନ ବିଭାଗ ଓ ଇଣ୍ଡିଆନ ଇନଷ୍ଟିଚ୍ୟୁଟ ଅଫ ଟୁରିଜିମ୍ ଆଣ୍ଡ ଟ୍ରାଭେଲ ମ୍ୟାନେଜମେଣ୍ଟ (ଆଇଆଇଟିଟିଏମ୍ )ପକ୍ଷରୁ ଲାଇଫି ଗାର୍ଡ ବା ସମୁଦ୍ର ତଟ ଜୀବନ ରକ୍ଷକ ପ୍ରଶିକ୍ଷଣ ଶିବିର ସୋମବାର ଦିନ ଉଦଘାଟନ ହୋଇଛି। ଏହି କାର୍ଯ୍ୟକ୍ରମକୁ ଛୁରିଆନା ସରପଞ୍ଚ ଖିରୋଦ କାନ୍ତି ଉଦଘାଟନ କରିଥିଲେ । ଅତିଥି ଭାବେ କୋଣାର୍କ ପର୍ଯ୍ୟଟନ ବିଭାଗ ଅଧିକାରୀ ଅମୀୟ କୁମାର ସେଠୀ,



ଆଇଆଇଟିଟିଏମ୍ ପ୍ରଫେସର ଡ଼ଃ. ସ୍ୱଜନ ଶ୍ରୀୟନ, ବରିଷ୍ଠ ସାମ୍ବାଦିକ ଦୁଃଶାସନ ନାୟକ ଓ ମାନସ ଖଣ୍ଡୁଆଳ, ପ୍ରଶିକ୍ଷକ ଗଣେଶ ବାରିକ,ପ୍ରମୁଖ ଉପସ୍ଥିତ ଥିଲେ।ଏହି ପ୍ରଶିକ୍ଷଣ ଶିବିର ୩୦ ତାରିଖ ପର୍ଯ୍ୟନ୍ତ ପାଞ୍ଚ ଦିନ ଧରି ଅନୁଷ୍ଠିତ ହେବ। ଶିବିରରେ ସ୍ଥାନୀୟ ଅଞ୍ଚଳର ୫୦ ଜଣ, ଯୁବକ ଲାଇଫି ଗାର୍ଡ ତାଲିମ ପାଇଁ ଅଂଶ ଗ୍ରହଣ କରିଛନ୍ତି । ଏହି ତାଲିମର କିଛି ଦିନ ପରେ ପୁଣି ଦଶ ଦିନ ତାଲିମ ଦିଆ ଯିବ ବୋଲି ପର୍ଯ୍ୟଟନ ଅଧିକାରୀ ଶ୍ରୀ ସେଠି ପ୍ରକାଶ କରି ଛନ୍ତି ।





ପବିତ୍ର ସାବିତ୍ରୀ ଉପଲକ୍ଷେ ଭୁବନେଶ୍ୱର ଲକ୍ଷ୍ମୀନାରାୟଣ ମନ୍ଦିର ଓ ନାଗେଶ୍ୱର ମନ୍ଦିରରେ ବ୍ରତଧାରୀଙ୍କ ଭିଡ଼

## ମହିଳା ଆରଆଇଙ୍କୁ ଅତିରିକ୍ତ ତହସିଲଦାରଙ୍କ ଅସଦାଚରଣ : ତଦନ୍ତ ଜାରି

ଡ଼େଲାଙ୍ଗ, (ସବ୍ୟୁ) : ପୁରୀ ଜିଲ୍ଲା ପିପିଲି ଅଞ୍ଚଳରେ ରେ ଦିନକୁ ଦିନ ନାବାଳିକା ପ୍ରତି ହେଉଥିବା ଦୁଷ୍କର୍ମ ମାମଲା ବଢିଚାଲିଥିବା ବେଳେ ଅନ୍ୟପଟେ ଜଣେ ମହିଳା ଆରଆଇ ପିପିଲିର ଅତିରିକ୍ତ ତହସିଲଦାର ପ୍ରବୋଧ ମହାନ୍ତିଙ୍କ ନାମରେ ପିପିଲି ଥାନାରେ ଅସଦାଚରଣ ଅଭିଯୋଗ ଆଣିବା ଘଟଣା ସମଗ୍ର ରାଜ୍ୟରେ ପିପିଲି ଏବେ ଚର୍ଚ୍ଚାର କେନ୍ଦ୍ର ବିନ୍ଦୁ ପାଲଟିଛି। ମିଳିଥିବା ସୂଚନା ମୁତାବକ ଶନିବାର ପିପିଲି ତହସିଲଦାରଙ୍କ ଅଧ୍ୟକ୍ଷତାରେ ତାଙ୍କ କାର୍ଯ୍ୟାଳୟ ଠାରେ ରାଜସ୍ୱ ବିଭାଗ ବୈଠକ ଅନୁଷ୍ଠିତ ହୋଇଥିଲା। ଏହି ବୈଠକ ସରିବା ପରେ ବର୍ଷା କାରଣରୁ ଆରଆଇ ଜଣକ ଘରକୁ ଯାଇପାରିନଥିଲେ। ଏହାର ସୁଯୋଗ ନେଇ ଅତିରିକ୍ତ ତହସିଲଦାର ତାଙ୍କ ରୁମକୁ କଥା ହେବା ପାଇଁ ଡାକିଥିଲେ। କିଛି ସମୟ କଥା ବାର୍ତା ମଧ୍ୟରେ ଅତିରିକ୍ତ ତହସିଲଦାର ଆରଆଇଙ୍କୁ ଅସଦାଚରଣ କରିବା ସହ ତାଙ୍କର ସମ୍ବେଦନଶୀଳ ସ୍ଥାନକୁ ସ୍ପର୍ଶ କରିଥିବା ନେଇ ଜୈନିକ ମହିଳା ଆରଆଇ ପିପିଲି ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗ କୁ ଭିତିକରି ପିପିଲି ଥାନାରେ ଏସଂକ୍ରାନ୍ତରେ ୩୨୬/୨୫ରେ ଏକ ମାମଲା ରୁଜୁ କରାଯିବା ସହ ଘଟଣାର ତଦନ୍ତ କରାଯାଉଥିବା ଥାନା ଅଧିକାରୀ ସୌମେନ୍ଦୁ ଶେଖର ତ୍ରିପାଠୀ ସୂଚନା ଦେଇଛନ୍ତି।

## ଆପେକ୍ସ ବିଶ୍ୱବିଦ୍ୟାଳୟ ପକ୍ଷରୁ ଅଚ୍ୟୁତ ସାମନ୍ତଙ୍କୁ ୬୬ତମ ସମ୍ମାନସୂଚକ ଡକ୍ଟରେଟ୍




ଭୁବନେଶ୍ୱର (ସବ୍ୟୁ): ଶିକ୍ଷାବିତ୍, ସମାଜସେବୀ ତଥା କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତଙ୍କୁ ରାଜସ୍ଥାନ ଜୟପୁରସ୍ଥିତ ଆପେକ୍ସ ବିଶ୍ୱବିଦ୍ୟାଳୟ ପକ୍ଷରୁ ସମ୍ମାନସୂଚକ ଡକ୍ଟରେଟ୍ ଡିଗ୍ରୀ ପ୍ରଦାନ କରାଯାଇଛି । ରାଜସ୍ଥାନ ରାଜ୍ୟପାଳ ହରିଭାଉ କିଶନରାଓ ବାଗଡେ ଶ୍ରୀ ସାମନ୍ତଙ୍କୁ ଏହି ସମ୍ମାନ ଆନୁଷ୍ଠାନିକ ଭାବରେ ପ୍ରଦାନ କରିଥିଲେ । ଏହା ହେଉଛି ଅଚ୍ୟୁତ ସାମନ୍ତଙ୍କ ୬୬ତମ ସମ୍ମାନଜନକ ଡକ୍ଟରେଟ୍ଛ ଶିକ୍ଷା ଜରିଆରେ ସମାଜର ବିକାଶ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ସକାଶେ ଶ୍ରୀ ସାମନ୍ତଙ୍କୁ ଏହି ସମ୍ମାନ ପ୍ରଦାନ କରାଯାଇଛି । ଏହି ଅବସରରେ ନିରଞ୍ଜନ ଆଖଡାର ଆଚାର୍ଯ୍ୟ ମହାମଣ୍ଡଳଶ୍ୱର ସ୍ୱାମୀ କୈଳାସନନ୍ଦ ଗିରିଙ୍କୁ ମଧ ଆପେକ୍ସ ବିଶ୍ୱବିଦ୍ୟାଳୟ ପକ୍ଷରୁ ସମ୍ମାନସୂଚକ ଡକ୍ଟରେଟ୍ ଡିଗ୍ରୀ ପ୍ରଦାନ କରାଯାଇଥିଲା । କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ, ଆପେକ୍ସ ବିଶ୍ୱବିଦ୍ୟାଳୟର ଅଧକ୍ଷ ତଥା କୁଳାଧିପତି ଡ ରବି ଜୁନିୱାଲ, କୁଳପତି ପ୍ରଫେସର ସୋମଦେବ ଶତାଂଶୁ ଏବଂ ଅନ୍ୟାନ୍ୟ ଗଣ୍ୟମାନ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ ।

## କେନ୍ଦ୍ରମନ୍ତ୍ରୀଙ୍କ ଉପସ୍ଥିତିରେ ଲିଭରପୁଲ୍ ବିଶ୍ୱବିଦ୍ୟାଳୟକୁ ଏଲ୍ଓଆଇ ହସ୍ତାନ୍ତର ଭାରତରେ କ୍ୟାମ୍ପସ ସ୍ଥାପନ କରିବ ୟୁକେର ଲିଭରପୁଲ୍ ବିଶ୍ୱବିଦ୍ୟାଳୟ : ଧର୍ମେନ୍ଦ୍ର

ଭୁବନେଶ୍ୱର (ସବ୍ୟୁ): ଭାରତରେ ନିଜର ଏକ କ୍ୟାମ୍ପସ ସ୍ଥାପନ କରିବା ପାଇଁ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ସୋମବାର ନୂଆଦିଲ୍ଲୀ ଠାରେ ୟୁକେର ପ୍ରମୁଖ ଶିକ୍ଷାନୁଷ୍ଠାନ ମଧ୍ୟରୁ ଅନ୍ୟତମ ଲିଭରପୁଲ ବିଶ୍ୱବିଦ୍ୟାଳୟକୁ ଲେଟର ଅଫ୍ ଇଣ୍ଟେଣ୍ଟ ପତ୍ର ହସ୍ତାନ୍ତର କରିଛନ୍ତି । ୟୁଜିସି (ଭାରତରେ ବିଦେଶୀ ଉଚ୍ଚଶିକ୍ଷା ପ୍ରତିଷ୍ଠାନର କ୍ୟାମ୍ପସ ସ୍ଥାପନ ଏବଂ ପରିଚାଳନା) ନିୟମାବଳୀ, ୨୦୨୩ ଅନୁଯାୟୀ ଅଧୀନରେ ଦ୍ୱିତୀୟ ବିଦେଶୀ ବିଶ୍ୱବିଦ୍ୟାଳୟ ଭାବରେ ଏହାକୁ ଏଲଓଆଇ ଜାରି କରାଯାଯାଇଛି । କେନ୍ଦ୍ର ଶିକ୍ଷା ମନ୍ତ୍ରୀ କହିଛନ୍ତି ଯେ ବିଶ୍ୱସ୍ତରୀୟ ଉଚ୍ଚ ଶିକ୍ଷାରେ ଭାରତ ବିଶ୍ୱସ୍ତ ଅଂଶୀଦାର ଭାବରେ ଉଭା ହୋଇଛି । ଆଜିର ଏଲଓଆଇ ତାହାର ଏକ ପ୍ରତିଫଳନ । ଜାତୀୟ ଶିକ୍ଷା ନୀତିର ପରାମର୍ଶ ଅନୁସାରେ ଭାରତର ଶୈକ୍ଷିକ ସହଯୋଗକୁ ଆଗେଇ ନେବା ଦିଗରେ ଏହା ଆଉ ଏକ ମାଇଲଖୁଣ୍ଟ । କେନ୍ଦ୍ରମନ୍ତ୍ରୀ ଏହି ଅବସରରେ ଗବେଷଣା, ବିକାଶ ଏବଂ ନବସୃଜନ ଭଳି କ୍ଷେତ୍ର ଉପରେ ଧ୍ୟାନ ଦେବାକୁ ଆହ୍ୱାନ କରିଥିଲେ । ଲିଭରପୁଲ ବିଶ୍ୱବିଦ୍ୟାଳୟ ନବସୃଜନ ସହ ଷ୍ଟେମ ସମ୍ବନ୍ଧୀୟ ଗବେଷଣା ଉପରେ ଧ୍ୟାନ ଦେବା ଉପରେ ପ୍ରାଥମିକତା ଦେଉଥିବାରୁ ଖୁସିପ୍ରକାଶ କରିଥିଲେ । ସେ କହିଥିଲେ ବିଶ୍ୱ ନାଗରିକରୁ ନୂଆପିଢି ତିଆରି କରିବା ଗୁରୁତ୍ୱପୂର୍ଣ୍ଣ । ଭାରତରେ 'ଇନୋଭେସନ ସେଣ୍ଟର' ବିଶ୍ୱବିଦ୍ୟାଳୟ ଏବଂ ସମାଜ ଉଭୟ ପାଇଁ ପାରସ୍ପରିକ ଭାବରେ ଲାଭଦାୟକ ହେବ । ଶ୍ରୀ ପ୍ରଧାନ କହିଥିଲେ ଯେ ଲିଭରପୁଲ ବିଶ୍ୱବିଦ୍ୟାଳୟ ହେଉଛି ଭାରତରେ ନିଜର ଉପସ୍ଥିତି ଘୋଷଣା କରିବାରେ ଚତୁର୍ଥ ବିଦେଶୀ ବିଶ୍ୱବିଦ୍ୟାଳୟ । ଚଳିତ ଶିକ୍ଷା ବର୍ଷ ସୁଦ୍ଧା ବିଶେଷକରି ଷ୍ଟେମ୍(ସାଇନ୍ସ, ଟେକ୍ନୋଲୋଜି, ଇଞ୍ଜିନିୟରିଂ, ମେଡିସିନ୍ ଏବଂ ବିଜନେସ) ଶିକ୍ଷାରେ ୧୫ଟି ବିଦେଶୀ ବିଶ୍ୱବିଦ୍ୟାଳୟ ଭାରତକୁ ଆସିବେ ।



ବେଙ୍ଗାଲୁରୁରେ ଲିଭରପୁଲ ବିଶ୍ୱବିଦ୍ୟାଳୟର କ୍ୟାମ୍ପସ ଏକ ବିଶ୍ୱସ୍ତରୀୟ କ୍ୟାମ୍ପସ ହେବ, ଯାହା ଗବେଷଣା ଏବଂ ନବସୃଜନର ସୀମାକୁ ଆଗକୁ ବଢ଼ାଇବ ଏବଂ ବିଶ୍ୱ କଲ୍ୟାଣ ଏବଂ ସମୃଦ୍ଧିରେ ଯୋଗଦାନ ଦେବା ପାଇଁ ବୈଜ୍ଞାନିକ ମନୋଭାବକୁ ପ୍ରୋତ୍ସାହିତ କରିବ । ଏହା ଦ୍ୱାରା ଭାରତରେ ଗୁଣବତ୍ତାପୂର୍ଣ୍ଣ ଶିକ୍ଷାର ଲକ୍ଷ୍ୟକୁ ପ୍ରାପ୍ତ କରିବାରେ ସହାୟକ ହେବ । ଏହି ସମାରୋହ ଅବସରରେ ରୟାଲ୍ କଲେଜ୍ ଅଫ୍ ଅବେଷ୍ଟ୍ରିସିଆନ୍ସ ଆଣ୍ଡ ଗାଇନାକୋଲୋଜିଷ୍ଟସ୍ (ଆରସିଓଜି), ଆଷ୍ଟ୍ରାଜେନେକା ଫାର୍ମା ଇଣ୍ଡିଆ ଲିମିଟେଡ୍, ୟୁ ଉଇ କ୍ୟାନ୍ ଏବଂ ଡ୍ରିମ୍ ଇଲେଭେନ ସମେତ କମ୍ପାନୀ ଏବଂ ସଂଗଠନ ସହିତ ଭବିଷ୍ୟତର ସହଯୋଗୀ ସୁଯୋଗ ଅନୁସନ୍ଧାନ କରିବା ପାଇଁ ତିନୋଟି ଗୁରୁତ୍ୱପୂର୍ଣ୍ଣ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଥିଲା ।

## ନାବାଳିକା ଅସଦାଚରଣ ଅଭିଯୋଗରେ ଯୁବକ ଗିରଫ

ପୁରୀ (ସବ୍ୟୁ): ସୋମବାର ସକାଳେ ପୁରୀ ଶ୍ରୀ ମନ୍ଦିରରେ ମହାପ୍ରଭୁ ଜଗନ୍ନାଥଙ୍କ ଦର୍ଶନ ପାଇଁ ବାହାରୁ ଆସି ଥିବା ଏକ ବଙ୍ଗୀୟ ପର୍ଯ୍ୟଟକଙ୍କ ନାବାଳିକା ଝିଅକୁ ରଥ ଖଳା ନିକଟରେ ଜଣେ ଅସାମାଜିକ ଯୁବକ ଅସଦାଚରଣ କରିଥିବା ଅଭିଯୋଗରେ ସିଂହଦ୍ୱାର ଥାନା ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଛି । ଗିରଫ ହୋଇ ଥିବା ଅଭିଯୁକ୍ତର ପରିଚୟ ହେଉଛି ରଞ୍ଜିତ ସାମନ୍ତ ରାୟ (୨୮), ପିତା ଦାଶରଥି ସାମନ୍ତରା । ତାର ଘର ଭୁବନେଶ୍ୱର ପଟିଆ ଅଟେ । ସେ ପୁରୀ ସିଂହଦ୍ୱାର ନିକଟ ଏକ ଜୋତା ଷ୍ଟାଣ୍ଡରେ କର୍ମଚାରୀ ଭାବେ କାର୍ଯ୍ୟ କରୁଛି । ସୋମବାର ସକାଳ ପ୍ରାୟ ୯ ଟା ସମୟରେ ବଙ୍ଗୀୟ ପର୍ଯ୍ୟଟକ ତାଙ୍କ ନାବାଳିକା କନ୍ୟାକୁ ସାଙ୍ଗରେ ଧରି ମନ୍ଦିର ଅଭିମୁଖେ ଦର୍ଶନ ପାଇଁ ଯାଉ ଥିବା ସମୟରେ ହଠାତ୍ ଅଭିଯୁକ୍ତ ରଞ୍ଜିତ ନାବାଳିକାକୁ ରାସ୍ତା ମଝିରେ ଅସଦାଚରଣ କରି ଥିଲା । ସେଠାରେ ଉପସ୍ଥିତ ଥିବା ଲୋକେ ଅଭିଯୁକ୍ତକୁ ଉତ୍ତମ ମଧ୍ୟମ ଦେଇ ପୋଲିସ ଜିମା ଦେଇଥିଲେ । ତେବେ ପୀଡ଼ିତା ନାବାଳିକା ପରିବାର ରାଜ୍ୟ ବାହାରର ହୋଇ ଥିବାରୁ ସେ ଥାନାରେ ଏତଲା ଦେଇ ନ ଥିଲେ । ଫଳରେ ପୋଲିସ ନିଜ ଆଡୁ ଏକ ଏତଲା ରୁଜୁ କରିଛି ।

## ଶାଢ଼ୀ ବନ୍ଧାଇ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ସେବା ପୂଜା ଆରମ୍ଭ କଲେ ଆଦିତ୍ୟ ନାରାୟଣ ମହାନ୍ତି

ପୁରୀ (ସବ୍ୟୁ): ଶାଢ଼ୀ ବନ୍ଧାଇ ସୋମବାର ଠାରୁ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ସେବା ପୂଜା ଆରମ୍ଭ କରିଛନ୍ତି ଆଦିତ୍ୟ ନାରାୟଣ ମହାନ୍ତି ନାମକ ଜଣେ ଯୁବକ । ଶ୍ରୀମନ୍ଦିରରେ ଆଜି ସକାଳ ଧୂପ ନୀତି ସରିବା ପରେ ଜୟ ବିଜୟ ଦ୍ୱାର ନିକଟରେ ଛତିଶା ନିଯୋଗ ମହାନାୟକ ଜନାର୍ଦ୍ଦନ ପାଟଯୋଶୀ ମହାପାତ୍ର ତାଙ୍କୁ ଶାଢ଼ୀ ବାନ୍ଧିଥିଲେ । ଆଦିତ୍ୟ ହେଉଛନ୍ତି ସମାଜସେବୀ ଜମେଶ୍ୱର ମହାନ୍ତି(ହାତୀ)ଙ୍କ ପୁତ୍ର । ସେ ଅଖଣ୍ଡ ସେବାୟତ ଭାବେ ଶ୍ରୀମନ୍ଦିରରେ ଶାଢ଼ୀ ବନ୍ଧାଇ ମହାପ୍ରଭୁଙ୍କ ସେବା ପୂଜା ଆରମ୍ଭ କରିଛନ୍ତି । ଅଖଣ୍ଡ ସେବା ହେଉଛି ବର୍ଷ ଯାକର ସେବା । ପ୍ରତିଦିନ ଶ୍ରୀମନ୍ଦିର ଦ୍ୱାର ଫିଟିବା ସମୟରେ ୫ ଜଣ ସେବାୟତଙ୍କ



ଉପସ୍ଥିତି ଆବଶ୍ୟକତା ହୋଇଥାଏ । ଭିତରଛ, ଅଖଣ୍ଡ ମେକାପ , ଖୁଣ୍ଟିଆ , ପ୍ରତିହାରୀ ଓ ମୁଦୁଲି ସେବାୟତଙ୍କ ଉପସ୍ଥିତିରେ ଦ୍ୱାର ଫିଟିଥାଏ । ଭାଗ୍ୟରେ ଥିଲେ ମହାପ୍ରଭୁଙ୍କ ସେବା କରିବାର ସୁଯୋଗ ମିଳିଥାଏ । ଆଜି ଶାଢ଼ୀ ବନ୍ଧାଇ ମହାପ୍ରଭୁଙ୍କ ସେବା କରିବାର ସୁଯୋଗ ମିଳିଥିବାରୁ ନିଜକୁ ଧନ୍ୟ ମନେ କରୁଛି ବୋଲି କହିଛନ୍ତି ଆଦିତ୍ୟ ।

## ଆମ ବସ ଦେୟ, ଡିଜିଟାଲ ପେମେଣ୍ଟ ନଗଣ୍ୟ

ଭୁବନେଶ୍ୱର, (ତଥ୍ୟ): ସହରାଞ୍ଚଳରେ ଚଳାଚଳ କରୁଥିବା ମୋ ବସରେ ଦୈନିକ ୩ଲକ୍ଷରୁ ଅଧିକ ଯାତ୍ରୀ ଯା ଆସ କରୁଥିବାବେଳେ ଏମାନଙ୍କ ମଧ୍ୟରୁ ହାରାହାରି ୨୩ ପ୍ରତିଶତ ଡିଜିଟାଲ ବ୍ୟବସ୍ଥାରେ ଅର୍ଥ ପ୍ରଦାନ କରୁଛନ୍ତି । ଡିଜିଟାଲ ପ୍ରଦାନରେ ଇସ୍ପାତ ସହର ରାଉରକେଲା ସବୁଠାରୁ ପଛରେ ପଡିଛି । ରାଜ୍ୟର ୫ଟି ସହରରେ ଏବେ ୫୦୯ ଟି ଆମ ବସ ଚଳାଚଳ କରୁଛି । ଏଥି ମଧ୍ୟରୁ କ୍ୟାପିଟାଲ ରିଜିଅନ ଅର୍ଥାତ ଭୁବନେଶ୍ୱର-କଟକରେ ସର୍ବାଧିକ ୩୭୧ଟି ବସ ଚଳାଚଳ କରୁଥିବାବେଳେ ରାଉରକେଲାରେ ୯୫ଟି, ସମ୍ବଲପୁରରେ ୨୪ଟି ଓ ବ୍ରହ୍ମପୁରରେ ୧୯ଟି ବସ ଚଳାଚଳ କରୁଛି । ଏହିସବୁ ବସ ଗୁଡିକ ସମ୍ପୃକ୍ତ ସହରର ୧୦୬ଟି ରୁଟରେ ଗଡୁଛି ଏବଂ ଏଥିରେ ଦୈନିକ ୩ଲକ୍ଷ ୨୨ହଜାରରୁ ଅଧିକ ଲୋକ ଯାତାହତ କରୁଛନ୍ତି ।

ତେବେ ଯାତ୍ରୀ ପରିବହନରୁ ଦୈନିକ ୩୫ଲକ୍ଷରୁ ଅଧିକ ଟଙ୍କା ରାଜସ୍ୱ ଆଦାୟ ହେଉଥିଲେ ମଧ ଖୁମ କମ ସଂଖ୍ୟକ ଯାତ୍ରୀ ଡିଜିଟାଲ ପଦ୍ଧତିରେ ଭଡା ପ୍ରଦାନ କରୁଛନ୍ତି । କ୍ୟାପିଟାଲ ରିଜିଅନରେ ଦୈନିକ ଅଢେଇ ଲକ୍ଷରୁ ଅଧିକ ଯାତ୍ରୀ ଯା ଆସ କରୁଥିବାବେଳେ ମାତ୍ର ୩୪ ପ୍ରତିଶତ ଡିଜିଟାଲ ପେମେଣ୍ଟ କରୁଛନ୍ତି । ରାଉରକଲୋରେ ଏହା ସର୍ବନିମ୍ନ ୬ ପ୍ରତିଶତ ଥିବାବେଳେ ସମ୍ବଲପୁରରେ ୨୨ ଓ ବ୍ରହ୍ମପୁରରେ। ୧୯ ପ୍ରତିଶତ ରହିଛି । ଆମ ବସ ପରିଚାଳନା ଦାୟିତ୍ୱରେ ଥିବା କର୍ତ୍ତୃପକ୍ଷ ଡିଜିଟାଲ ଦେୟପାଇଁ ମାସିକିଆ କାର୍ଡ ଠାରୁ ଆରମ୍ଭ କରି ୟୁପିଆଇ, ମୋବାଇଲ ଟିକଟ, ଏଟିଭିଏମ ଓ ଓଏନଡିସି ଭଳି ବ୍ୟବସ୍ଥା କରିଥିଲେ ମଧ ଯାତ୍ରୀମାନେ କାହିଁକି ଡିଜିଟାଲ ପେମେଣ୍ଟରୁ ମୁହଁ ଫେରାଉଛନ୍ତି ତାହା ବଡ ପ୍ରଶ୍ନବାଚୀ ହୋଇଛି । ବସ ଭଡା ୫ଟଙ୍କାରୁ ଆରମ୍ଭ ହେଉଥିବାବେଳେ ଅଧିକାଂଶ ସମୟରେ ଯାତ୍ରୀମାନଙ୍କୁ ନଗଦ ଆକାରରେ ବଳକା ଅର୍ଥ ଫେରାଇବାକୁ କର୍ତ୍ତୃପକ୍ଷ ନାକେଦମ ହେଉଥିବାବେଳେ ଏହାକୁ ନେଇ କେତେକ ସମୟରେ ଯାତ୍ରୀ ଓ ବସ କର୍ମଚାରୀଙ୍କ ମଧ୍ୟରେ ଉଚ୍ଚବାଚ ବି ହେଉଛି । ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ଡିଜିଟାଲ ପେମେଣ୍ଟ ଉପରେ ଜୋର ଦେବା ସହିତ ଏଥିପାଇଁ ପୁରସ୍କାର ରାଶି ଘୋଷଣା କରୁଥିବାବେଳେ ରାଜ୍ୟର ସହରାଞ୍ଚଳ ବସ ଯାତ୍ରୀମାନେ କାହିଁକି ଏଥିପ୍ରତି ମୁହଁ ଫେରାଉଛନ୍ତି ତାହା ଏବେ ଅନେକଙ୍କୁ ଆଶ୍ଚର୍ଯ୍ୟ କରୁଛି । ତେବେ ବସ ଚଳାଚଳ ଦାୟିତ୍ୱରେ ଥିବା କୁଟ କର୍ତ୍ତୃପକ୍ଷ ଦେୟ ବ୍ୟବସ୍ଥାକୁ ଆହୁରି ସରଳ କରିବା ସହିତ ଲୋକେ ଯେଭଳି ମୋବାଇଲ ଫୋନ ବ୍ୟବହାର କରି ସେମାନଙ୍କ ଭଡା ଦେଇପାରିବେ ସେଥିପାଇଁ ପଦକ୍ଷେପ ନେବାକୁ ମତପ୍ରକାଶ ପାଉଛି ।

## ସହିଦ ନଗର ରେସିଡେନ୍ସିଆଲ ୱେଲଫେୟାର ଫୋରମର ବୈଠକ

ଭୁବନେଶ୍ୱର, (ସବ୍ୟୁ) : ସହିଦନଗର ରେସିଡେନ୍ସିଆଲ ୱେଲଫେୟାର ଫୋରମର ଏକ ବୈଠକ ବରିଷ୍ଠ ସଭ୍ୟ ଅନୁପ ଦିବେଦୀଙ୍କ ଅଧକ୍ଷତାରେ ସହିଦସ୍ପୋର୍ଟିଂ ପଡିଆରେ ଅନୁଷ୍ଠିତ ହୋଇଯାଇଛି। ୨୦୧୮ ମସିହାରେ ସହିଦନଗରକୁ ୫୦ ବର୍ଷ ହେଉ ଥିବାରୁ ସହିଦନଗରର ସୁବର୍ଣ୍ଣ ଜୟନ୍ତୀ ପାଳନ କରିବା ଏହାର ମୁଖ୍ୟ ଉଦେଶ୍ୟ ଥିଲା । ୧୯୭୮ ମସିହାରେ ଦୁର୍ଗାପୂଜା ଆରମ୍ଭ ହେଲା ତା ପରେ ଦୁଇଟି ଆଖଣ୍ଡଳମଣି ମନ୍ଦିର କାଳୀମନ୍ଦିର କଲ୍ୟାଣ ମଣ୍ଡପ ଖେଳ ପଡିଆ ହସ୍ପିଟାଲ ମହର୍ଷି କଲେଜ ମାର୍କେଟ ଓ ହାଟ ପ୍ରଭୃତି ସହିଦନଗରରେ ଗଢି ଉଠିଥିଲା। ସହିଦନଗରର ବାସିନ୍ଦା ମାନଙ୍କର ବିଭିନ୍ନ ସମସ୍ୟାକୁ ସମାଧାନ କରିବାକୁ ଏହି ଫୋରମ ଗଢ଼ା ହୋଇ ଥିଲା। ସ୍ମାର୍ଟ ସିଟି ହେବାକୁ ଘୋଷଣା ପରେ ସହିଦନଗରରୁ ଜଣେ ପ୍ରତନିଧି ଭାବେ କମିଟିରେ ରଖିବାକୁ ଚାହିଁଲେ, ନାରାୟଣ ମହାପାତ୍ର ସମ୍ପାଦକ ଭାବେ କମିଟିରେ ସଦସ୍ୟ ରହିଲେ ତା ପରେ ୨୦୨୧ ମସିହାରେ ଯୁକ୍ତ ଯୁଗଳ କିଶୋର ମହାପାତ୍ରଙ୍କ ସଭାପତିତ୍ୱ ଓ ନାରାୟଣ ମହାପାତ୍ର ସମ୍ପାଦକ କରାଯିବା ପାଇଁ ସର୍ବ ସମ୍ମତି ନିଷ୍ପତି ଗ୍ରହଣ କରାଯାଇ ଫୋରମକୁ ରେଜିଷ୍ଟ୍ରି କରାଯାଇଥିଲା। ସହିଦନଗର ବିଭିନ୍ନ



ସମସ୍ୟାର ସମାଧାନ ପାଇଁ ଓ କିଛି ଭଲ କାମ କରିବାର ଉଦେଶ୍ୟ ନେଇ ୪୩ ଜଣ ସଦସ୍ୟ କାର୍ଯ୍ୟ ଆରମ୍ଭ କରାଯିବାକୁ ସ୍ଥିର କରାଗଲା। ଏହି କମିଟିରେ ଶହୀଦ ନଗର ବାସିନ୍ଦା ମାନଙ୍କୁ ସଦସ୍ୟ ଭାବେ ଗ୍ରହଣ କରିବାକୁ ନିଷ୍ପତି କରାଯାଇଥିଲା, ଆଜିର ବୈଠକରେ ସମ୍ପାଦକ ଡ଼ ନାରାୟଣ ମହାପାତ୍ର ଅନୁପ ଦିବେଦୀ, ବିଜୟ ପଣ୍ଡା, ସୁଧୀର ଶତପଥୀ, ଉମାନାଥ ମିଶ୍ର ନବ କିଶୋର ମହାଳିକ ଶିବବ୍ରତ ଘୋଷ, ବିକାଶ ଚାନ୍ଦ ଦୀପକ ବେହେରା, ପ୍ରମୋଦିନୀ ପଣ୍ଡା ପ୍ରସନ୍ନ ପୃଷ୍ଟି ପ୍ରମୋଦ ପୃଷ୍ଟି, ସ୍ମିତା ବର୍ମା ସୁରଞ୍ଜନ ବର୍ମା ନିକୁଞ୍ଜ ମହାନ୍ତି ସାସ୍ୱତୀ ମିଶ୍ର, ବିକାଶ ଚାନ୍ଦ, ପ୍ରଣବ ପରିଜା, ଆଶିଷ ମହାପାତ୍ର ଅଜୟ ଚୌଧୁରୀ ଦିଲ୍ଲୀପ କୁମାର ମଲ୍ଲିକ ସରୋଜ ପଟ୍ଟନାୟକ, ପୁଷ୍ପରାଜ ମଲିକ ଶ୍ରୀନିବାସ ରାଓ ପ୍ରମୁଖ ଯୋଗ ଦେଇ ଆଲୋଚନାରେ ଭାଗ ନେଇ ଥିଲେ, ଆଗାମୀ ଦିନରେ ସମସ୍ତେ ଏକାଠି ମିଳି ମିଶି କାମ କରିବାକୁ ନିଷ୍ପତି ଗ୍ରହଣ କରାଗଲା ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

## ପଣ୍ଡିତ ବିଜୟ କିଶୋର ସିଂହଙ୍କ ସ୍ମୃତିଚାରଣ ସଭା

କଟକ,(ସବ୍ୟୁ): ପଣ୍ଡିତ ବିଜୟ କିଶୋର ସିଂହଙ୍କ ସ୍ମୃତିଚାରଣ ସଭା ଉତ୍କଳମଣି ଶିଶୁ ଉଚ୍ଚଶିକ୍ଷା ମନ୍ଦିର ପରିସରରେ ଅନୁଷ୍ଠିତ ହୋଇଯାଇଛି । ପଣ୍ଡିତ ବିଜୟ କିଶୋର ସିଂହ ସ୍ମୃତି ସଂସଦର ସଭାପତି କୈଳାସ ଚନ୍ଦ୍ର ଜେନା ଏଥିରେ ଅଧକ୍ଷତା କରିଥିଲେ । ମୁଖ୍ୟଅତିଥି ହିନ୍ଦୁ ଏକତା ମଞ୍ଚ ଭାରତର ସଭାପତି ପ୍ରଦୀପ୍ତ କୁମାର ଜେନା ସଭାକୁ ଉଦ୍ଘାଟନ କରିଥିଲେ । ମୁଖ୍ୟବକ୍ତା ଭାବେ ସାମାଜିକ କର୍ମୀ ଅଲେଖ ଚନ୍ଦ୍ର ବେହେରା, ସମ୍ମାନିତ ଅତିଥି କବି ମନୋ ରଞ୍ଜନ ପଣ୍ଡା ଓ ବ୍ରହ୍ମାନନ୍ଦ ମହାନ୍ତି, ଶୁଚିସ୍ମିତା ସିଂହ ଯୋଗଦେଇ ସ୍ୱର୍ଗତ ସିଂହଙ୍କ ହାତଗଢ଼ା ଅନୁଷ୍ଠାନ ଉତ୍କଳମଣି ଶିଶୁ ଉଚ୍ଚଶିକ୍ଷା ମନ୍ଦିର ତାଙ୍କୁ ଅମର କରି ରଖିବ ବୋଲି କହିଥିଲେଛ କବୟିତ୍ରୀ ଡ.ବସନ୍ତ କୁମାରୀ ନନ୍ଦଙ୍କ ସଂଯୋଜନାରେ ବହୁ କବି କବିତା ପାଠ କରିଥିଲେ । କବି ମହେନ୍ଦ୍ର ସାହୁ ସ୍ୱାଗତ ଭାଷଣ ଦେଇଥିବାବେଳେ ପ୍ରଧାନଆଚାର୍ଯ୍ୟା ନିରୁପମା ନାୟକ ଧନ୍ୟବାଦ ଅର୍ପଣ କରିଥିଲେ ।

## ପିସିଓଏସ ଆକ୍ରାନ୍ତ ମହିଳାମାନେ ଖାଦ୍ୟ ପ୍ରତି ଯତ୍ନବାନ ହେବା ଉଚିତ

ଭୁବନେଶ୍ୱର, (ସବ୍ୟୁ) : ସମଗ୍ର ବିଶ୍ୱ ତଥା ଭାରତରେ ବହୁ ସଂଖ୍ୟକ ମହିଳା ପଲିସିଷ୍ଟିକ ଓଭାରି ସିନଡ୍ରୋମ୍ (ପିସିଓଏସ) ଦ୍ୱାରା ପ୍ରଭାବିତ ହୋଇଥାନ୍ତି । ଏହା ଯୋଗୁଁ ହରମୋନାଲ ଅସନ୍ତୁଳନ ଦେଖାଦିଏ ଯାହା ସାମ୍ରଗିକ ସ୍ୱାସ୍ଥ୍ୟ, ମେଟାବୋଲିଜିମ ଏବଂ ଓଜନକୁ ପ୍ରଭାବିତ କରିଥାଏ। ଏଥିପାଇଁ ପରିବର୍ତିତ ଜୀବନଶୈଳୀ ଏବଂ ଆହାର ଉପରେ ସମାନ ରୂପେ ଧ୍ୟାନ ଦେବା ଗୁରୁତ୍ୱପୂର୍ଣ୍ଣ। ଯେଉଁଥିରେ ଆଲମଣ୍ଡକୁ ନିଶ୍ଚିତ ରୂପେ ସାମିଲ କରାଯିବା ଉଚିତ ଯାହା ସାରାଦିନ ପର୍ଯ୍ୟାପ୍ତ ଶକ୍ତି ପ୍ରଦାନ କରିଥାଏ । ବିଶେଷ କରି ଆଲମଣ୍ଡକୁ ଜଳଖିଆରେ ସାମିଲ କରିବା ପିସିଓଏସ ଡାଏଟ ପାଇଁ ଅଧିକ ଲାଭଦାୟକ ହୋଇଥାଏ । ଏହି ପ୍ରସଙ୍ଗରେ ନୂଆଦିଲ୍ଲୀ ମାକ୍ସ ହେଲ୍ଥକେୟାର ଡ଼ାଇଟେଟିକ୍ସ ଆଂଚଳିକ ମୁଖ୍ୟ ରୀତିକା ସମାଦ୍ଦାର ପିସିଓଏସ ଉପଯୋଗୀ ସ୍ୱାସ୍ଥ୍ୟକର ଜଳଖିଆ ବିକଳ୍ପଗୁଡ଼ିକରେ ଗୋଟା ଶସ୍ୟ, ସବୁଜ ପନିପରିବା ତଥା ଆଲମଣ୍ଡକୁ ସାମିଲ କରିବାକୁ ପରାମର୍ଶ ଦେଇଛନ୍ତି ।

## ସାବିତ୍ରୀରେ ରିଲିଜ ହେଲା କହରେ କାଳିଆ ସୁନା

ଭୁବନେଶ୍ୱର (ସବ୍ୟୁ): ଓଡ଼ିଶା ମ୍ୟୁଜିକ୍ ବ୍ୟାନର ସବୁବେଳେ ନୂଆ ପରିକଳ୍ପନା ସହ ନୂଆ ନୂଆ ମ୍ୟୁଜିକ୍ ଭିଡିଓ ଦର୍ଶକଙ୍କୁ ଭେଟି ଦେଇଥାଏ ।



ପବିତ୍ର ସାବିତ୍ରୀ ଅମାବାସ୍ୟା ଅବସରରେ ଆମ ଭାରତୀୟ ସୈନିକ ମାନଙ୍କ ଉଦ୍ଦେଶ୍ୟରେ ଓଡ଼ିଶା ମ୍ୟୁଜିକ୍ ଦ୍ୱାରା ରିଲିଜ ହୋଇଛି କହ ରେ କାଳିଆ ସୁନା । ଏହି ମ୍ୟୁଜିକ୍ ଭିଡିଓ ଟିର ସିଡି ଉନ୍ମୋଚନ କରାଯାଇଥିଲା ଏହି ରିଲିଜ ସମୟରେ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇଥିଲେ ଅର୍ଗସ୍ ଟିଭିର ମୁଖ୍ୟ ସମ୍ପାଦକ ସଞ୍ଜୟ ଜେନା ,ପ୍ରଯୋଜକ ସଚ୍ଚିକାନ୍ତ ଜେନା ଓ ସାମାଜିକ କର୍ମୀ ଅର୍ଥାତ୍ କିନ୍ନର ସମାଜ ମୁଖ୍ୟ ମୀରା ପରିଡ଼ା ଓ ପ୍ରଯୋଜକ ପ୍ରଣୟ ଜେଠି । ସ୍ୱାମୀ ଖୁସିରେ ଖୁସି ଆଉ ସ୍ୱାମୀ ଦୁଃଖରେ ଦୁଃଖି ହୋଇ ପାଦରେ ପାଦ ମିଶାଇ ସଂସାର ବାଟ ଚାଲିଥାଏ ସ୍ତ୍ରୀ । ସେଇଥିପାଇଁ ତ ସ୍ତ୍ରୀକୁ ଅର୍ଦ୍ଧାଙ୍ଗିନୀର ଆଖ୍ୟା ଦିଆଯାଇଛି । ସ୍ତ୍ରୀ ଟିଏ ସବୁବେଳେ ଚାହେ ତା ଶଙ୍ଖା ସିନ୍ଦୂର ବଜର ହେଉ,ସ୍ୱାମୀ ଦୀର୍ଘାୟୁ ହୁଅନ୍ତୁ । ଏହି କାମନା କରି ସେ ରଖେ ସାବିତ୍ରୀ ବ୍ରତ । ଆଉ ସେଭଳି ଏକ ପବିତ୍ର ଦିନ ଅର୍ଥାତ୍ ସାବିତ୍ରୀ ଅମାବାସ୍ୟା ରେ ଯେତେବେଳେ ଜଣେ ସ୍ତ୍ରୀ ପାଖରେ ତା ସ୍ୱାମୀ ନଥାଏ ସେତେବେଳେ ସେ ଜଗତ ର ନାଥ ଜଗନ୍ନାଥଙ୍କ ପାଖରେ ଲୁହ ଗଡ଼ାଇ ନିଜ ମନର ବ୍ୟଥା କୁ ବଖାଣିବା ଛଡ଼ା ଆଉ କିଛି ବାଟ ନଥାଏ ଛସେଭଳି ଏକ କାହାଣୀ କୁ ନେଇ ଏହି ଭଜନ ଟି ଗତିଶୀଳ ହୋଇଥିବା ବେଳେ ଏହି ଭଜନ ରେ ଅଭିନୟ କରିଛନ୍ତି ସାମ୍ବାଦିକା କବିତା ସ୍ୱାଇଁ ଓ ଅଭିନେତା ଦୀପକ ସାହୁ । ବାବୁ ବାବୁ ନିର୍ଦ୍ଦେଶନା ଭାର ସମ୍ଭାଳି ଥିବା ବେଳେ ପ୍ରଯୋଜନା ଦାୟିତ୍ୱ ରେ ରହିଛନ୍ତି ରାଘବ ସ୍ୱାଇଁ । ମ୍ୟୁଜିକ୍ ରେ ରହିଛନ୍ତି ଜୟଦେବ ମିଶ୍ର,ଲିରିଷ୍ଟ ରେ ରହିଛନ୍ତି ସ୍ୱର୍ଣ୍ଣପ୍ରଭା ନାୟକ , ଡିଓପି ବିଜୁ ରହିଥିବା ବେଳେ ସହ ନିର୍ଦ୍ଦେଶନା ଭାର ସମ୍ଭାଳିଛନ୍ତି ମଣ୍ଟୁ ।

## କର୍ପୋରେଟରଙ୍କ ନାଁରେ ମହିଳାଙ୍କ ଅଭିଯୋଗ

ବ୍ରହ୍ମପୁର, (ସବ୍ୟୁ): ବ୍ରହ୍ମପୁର ମହାନଗର ନିଗମର ଜଣେ କର୍ପୋରେଟର ସହରର ଜଣେ ମହିଳାଙ୍କ ନାମରେ ଅପପ୍ରଚାର କରୁଥିବା ଗୋସାଇଁନୂଆଗାଁ ଥାନାରେ ଅଭିଯୋଗ ହୋଇଛି । ଏପରିକି ପରୋକ୍ଷରେ ମହିଳାଙ୍କୁ ହତ୍ୟା ଧମକ ଦେଉଥିବା ଅଭିଯୋଗ ହୋଇଛି। ମହିଳାଙ୍କ ଅଭିଯୋଗକୁ ଭିତ୍ତି କରି ପୁଲିସ ଏକ ମାମଲା(ନଂ-୧୮୦/୨୫) ରୁଜୁ କରି ତଦନ୍ତ ଚଳାଇଛି । ସୂଚନାପ୍ରକାରେ, ଏହି ମହିଳା ଜଣଙ୍କ କିଛି ଗୃପର ମହିଳାଙ୍କ ଲକ୍ଷାଧିକ ଟଙ୍କା ଖାଇଦେଇଥିବା ନେଇ କର୍ପୋରେଟର ଜଣଙ୍କ ମିଥ୍ୟା ପ୍ରଚାର ଚଳାଇଛନ୍ତି । ଅପପ୍ରଚାର ଯୋଗୁ ମହିଳାଙ୍କ ସମ୍ମାନ ହାନୀ ହେବାରୁ ସେ ଗୋସାଇଁ ନୂଆଗାଁ ଥାନାକୁ ଯାଇ ଅଭିଯୋଗ କରିଥିଲେ। ହେଲେ ପୁଲିସ ତାଙ୍କ ଅଭିଯୋଗ ପ୍ରକାରେ ମାମଲା ରୁଜୁ ନକରି ଆପୋଷ ବୁଝାମଣା କରିବାକୁ କହିଥିଲା। ଏହାପରେ ମହିଳା ଜଣଙ୍କ ବ୍ରହ୍ମପୁର ଏସପିଙ୍କ ନିକଟକୁ ଯାଇଥିଲେ। ତା' ପରେ ଗୋସାଇଁ ନୂଆଗାଁ ଥାନାରେ ପୁଣିଥରେ ଲିଖିତ ଅଭିଯୋଗ କରିବା ପରେ ପୁଲିସ ଏକ ମାମଲା ରୁଜୁ କରିଥିଲା।

## ଘରେ ଓ ମନ୍ଦିରରେ ସାବିତ୍ରୀ ବ୍ରତ ପାଳନ

ବୁଗୁଡ଼ା, (ସବ୍ୟୁ): ପବିତ୍ର ଜ୍ୟେଷ୍ଠ ଅମବାସ୍ୟା ତିଥିରେ ବୁଗୁଡା ଅଞ୍ଚଳର ଘରେ ଘରେ ଏବଂ ବିଭିନ୍ନ ମନ୍ଦିରେ ସାବିତ୍ରୀ ବ୍ରତ ପାଳନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ସଧବା ନାରୀମାନଙ୍କ ପକ୍ଷରୁ ସ୍ୱାମୀଙ୍କ ଦୀର୍ଘ ନିରାମୟ ଜୀବନ କାମନା କରି ଏହି ବ୍ରତ ପାଳନ କରାଯାଉଥିବା ବେଳେ ବ୍ରତକାରିଣୀମାନେ ବ୍ୟକ୍ତିଗତ ଭାବେ ନିଜ ନିଜ ଘରେ ନତୁବା ସାମୁହିକ ଭାବେ ମନ୍ଦିର କିମ୍ବା ଅନ୍ୟ କୌଣସି ସ୍ଥାନରେ ଲକ୍ଷ୍ମୀନାରାୟଣଙ୍କୁ ଭକ୍ତିପୂତ ଭାବରେ ପୂଜା କରିଥିଲେ। ପଞ୍ଚବର୍ଣ୍ଣ ମୁରୁଜରେ ମଣ୍ଡଳ କାଟି ଗଣପତି ଘଟ ସ୍ଥାପନା ସାଙ୍ଗକୁ ଶିଳପୁଆକୁ ପଞ୍ଚାମୃତ ଜଳରେ ସ୍ନାନ କରାଇ ନୂତନ ବସ୍ତ୍ର ଓ ଅଳଙ୍କାର ଦ୍ୱାରା ଯତ୍ନରେ ସଜାଇ ଲକ୍ଷ୍ମୀନାରାୟଣ ରୂପେ ସ୍ଥାପନ କରି ଧୂପ, ଦୀପ, ଗନ୍ଧ, ପୁଷ୍ପ ଅର୍ପଣ ପୂର୍ବକ ସାବିତ୍ରୀ ବ୍ରତ ପାଳନ କରିଥିଲେ। ପାଚିଲା ଆମ୍ବ, ପଣସ, ସପୁରୀ, ତାଳସଜ, ନଡିଆ, କଦଳୀ ପ୍ରଭୃତି ନାନା ଜାତିର ଫଳ ନୈବେଦ୍ୟ ରୂପେ ବଢାଯାଇ ପୁରୋହିତଙ୍କ ଦ୍ୱାରା ସାବିତ୍ରୀ ବ୍ରତ କଥା ଶ୍ରବଣ ପୂର୍ବକ ପୂଜାର୍ଚ୍ଚନା କରାଯାଇଥିଲା । ବ୍ରତ ପାଳନକାରିଣୀମାନେ ଆନନ୍ଦ ମନରେ ପୂଜା ସାରି ଠାକୁରଙ୍କୁ ପୁଷ୍ପାଞ୍ଜଳି ଦେଇଥିଲେ।

## ବାଇକ୍ ଦୁର୍ଘଟଣାରେ ୨ ମୃତ, ତିନି ଗୁରୁତର



ଭଞ୍ଜନଗର, (ସବ୍ୟୁ): ଗଞ୍ଜାମ ଜିଲା ଭଞ୍ଜନଗର ସୋରଡ଼ା ମୁଖ୍ୟ ରାସ୍ତାର ଲାଠିପଡ଼ା ନିକଟରେ ସୋମବାର ପୂର୍ବାହ୍ନରେ ଗୋଟିଏ ବୁଲେଟ୍ ଓ ବାଇକ୍ ମଧ୍ୟରେ ମୁହାମୁହିଁ ଧକ୍କା ହେବାରୁ ୨ ଜଣଙ୍କର ମୃତ୍ୟୁ ଘଟିଛି। ମୃତକ ମାନେ ହେଲେ ଗଞ୍ଜାମ ଜିଲ୍ଲା ଗାଙ୍ଗପୁର ଥାନା ଅଧିନ ସିଂହମର୍ଦ୍ଦନ ଗ୍ରାମର ବିରଞ୍ଚି ଭୁୟାଁ(୩୦) ଓ ଅନ୍ୟ ଜଣେ ନୟାଗଡ ସଦର ଥାନା ଭାଟସାହି ପଞ୍ଚାୟତ ଡିଆଁପଡା ଗ୍ରାମର ପ୍ରଭାତ କୁମାର ପ୍ରଧାନ(୪୫) ବୋଲି ଜଣାପଡିଛି। ଏଥି ସହ ଏହି ଦୁର୍ଘଟଣାରେ ଆଉ ତିନି ଜଣେ ମଧ୍ୟ ଗୁରୁତର ହୋଇଛନ୍ତି। ଗୁରୁତର ମାନଙ୍କୁ ଉଦ୍ଧାର କରାଯାଇ ଭଞ୍ଜନଗର ଓ ସୋରଡ଼ା ମେଡିକାଲରେ ଭର୍ତ୍ତି କରାଯାଇଛି। ସେମାନଙ୍କ ମଧ୍ୟରୁ ଡିଆଁପଡାର କାହ୍ନୁଚରଣ ପ୍ରଧାନଙ୍କ ସ୍ୱାସ୍ଥ୍ୟବସ୍ଥା ସଙ୍କଟାପନ୍ନ ଥିବାରୁ ଭଞ୍ଜନଗର ମେଡିକାଲରେ ପ୍ରାଥମିକ ଚିକିତ୍ସା ପରେ ଡାକ୍ତର ତାଙ୍କୁ ବ୍ରହ୍ମପୁର ବଡ ମେଡିକାଲକୁ ରେଫର କରିଛନ୍ତି । ସୂଚନାନୁସାରେ, ସିଂହମର୍ଦ୍ଦନ ଗ୍ରାମର ବିରଞ୍ଚି ଭୁୟାଁ ତାର ଅନ୍ୟ ଦୁଇ ସଂପର୍କୀୟଙ୍କୁ ଧରି ସୋମବାର ପୂର୍ବାହ୍ନରେ ବାଇକ୍ ଯୋଗେ ଶ୍ୱଶୁର ଘର ଗୁଡିପଲ୍ଲୀକୁ ସାବିତ୍ରୀ ଅମାବାସ୍ୟା ପୂଜା ପାଇଁ ଯାଉଥିଲେ। ଏହି ସମୟରେ ବିପରୀତ ଦିଗରୁ ନୟାଗଡର ଜିଲ୍ଲାର ପ୍ରଭାତ ଓ କାହ୍ନୁ ଆସୁଥିବା ସମୟରେ ଲାଠିପଡ଼ା ଓ କୁଲାଙ୍ଗି ଗ୍ରାମ ନିକଟରେ ଉଭୟଙ୍କ ବାଇକ୍ ମୁହାଁମୁହିଁ ଧକ୍କା ହୋଇଥିଲା। ଫଳରେ ଘଟଣାସ୍ଥଳରେ ହିଁ ବିରଞ୍ଚି, ପ୍ରଭାତ, କାହ୍ନୁଚରଣ, ସାଗର ଓ ରୋହିତ ଗୁରୁତର ହୋଇ ପଡିଥିଲେ। ସ୍ଥାନୀୟ ବାସିନ୍ଦା ତୁରନ୍ତ ସମସ୍ତ ଆହାତଙ୍କୁ ଉଦ୍ଧାର କରି ଚିକିତ୍ସା ପାଇଁ ପ୍ରାଭାତ ଓ କାହ୍ନୁଚରଣଙ୍କୁ ଭଞ୍ଜନଗର ଏବଂ ବିରଞ୍ଚି, ସାଗର ଓ ରୋହିତଙ୍କୁ ସୋରଡ଼ା ମେଡିକାଲରେ ଭର୍ତ୍ତି କରିଥିଲେ। ହେଲେ ବିରଞ୍ଚିଙ୍କୁ ସୋରଡ଼ା ମେଡିକାଲରେ ଓ ପ୍ରଭାତଙ୍କୁ ଭଞ୍ଜନଗର ମେଡିକାଲରେ ଡାକ୍ତର ମୃତ ଘୋଷଣା କରିଥିଲେ। ପୁଲିସ ମୃତ ଦେହ ଜବତ କରିବା ସହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଭଞ୍ଜନଗର ଆଞ୍ଚଳିକ ପରିବହନ ଅଧିକାରୀ ଏବଂ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଦୁର୍ଘଟଣାର ତଦନ୍ତ କରୁଛି।

## ୩୫ ଲକ୍ଷ ଠକେଇ, ପୂର୍ବତନ ନିର୍ବାହୀ ଯନ୍ତ୍ରୀ ଗିରଫ

ବ୍ରହ୍ମପୁର, (ସବ୍ୟୁ): ପ୍ଲଟ ବିକ୍ରି ନାଁରେ ବ୍ରହ୍ମପୁରର ଏକାଧିକ ଲୋକଙ୍କ ଠାରୁ ୩୫ ଲକ୍ଷ ଟଙ୍କା ଠକେଇ କରିଥିବା ବ୍ରହ୍ମପୁର ମହାନଗର ନିଗମର ପୂର୍ବତନ ନିର୍ବାହୀ ଯନ୍ତ୍ରୀ ପି. ଶ୍ୟାମବାବୁ ପାତ୍ର (୫୮) ଙ୍କୁ ଟାଉନ ଥାନା ପୋଲିସ ଗିରଫ କରିଛି । ଘଟଣାରୁ ପ୍ରକାଶ ଯେ ଭୁବନେଶ୍ୱର ଖଣ୍ଡଗିରିରେ ରହୁଥିବା ନୟାଗଡ ରାଜାବଗିଚାର ମୂଳବାସିନ୍ଦା ଉକ୍ତ ନିର୍ବାହୀ ଯନ୍ତ୍ରୀ ୨୦୧୭ରୁ ୨୦୧୯ ଯାଏଁ ବ୍ରହ୍ମପୁର ମହାନଗର ନିଗମରେ ନିର୍ବାହୀ ଯନ୍ତ୍ରୀ ଭାବେ କାର୍ଯ୍ୟ କରୁଥିଲେ। ସେ ୨୦୧୯ରେ ଭିଆରଏସ ନେଇଯାଇଥିଲେ । ହେଲେ ବ୍ରହ୍ମପୁରରେ ଯନ୍ତ୍ରୀଭାବେ କାର୍ଯ୍ୟ କରୁଥିବା ବେଳେ ସେ ଏଠାରେ ପ୍ଲଟ ବ୍ୟବସାୟ ମଧ୍ୟ କରୁଥିଲେ । ୨୦୧୬ରେ ଗାନ୍ଧୀନଗର ଅଞ୍ଚଳର ରଶ୍ମୀତା ସାହୁ ଲୋଚପାଡା ଅଞ୍ଚଳରେ ୬ଟି ପ୍ଲଟ କିଣିବାକୁ ଯନ୍ତ୍ରୀ ପାତ୍ରଙ୍କ ସହ ଯୋଗାଯୋଗ କରିଥିଲେ। ଏହି ୬ଟି ପ୍ଲଟ ପାଇଁ ମୋଟ ୭୧ ଲକ୍ଷ ଟଙ୍କା ନେଣଦେଣ ପାଇଁ ପାତ୍ର ଓ ରଶ୍ମୀତାଙ୍କ ମଧ୍ୟରେ ଚୁକ୍ତିନାମା ହୋଇଥିଲା। ପ୍ଲଟ କିଣିବା ପାଇଁ ଅଗ୍ରୀମ ଟଙ୍କା ବାବଦକୁ ରଶ୍ମୀତା ବିଭିନ୍ନ ପର୍ଯ୍ୟାୟରେ ପାତ୍ରଙ୍କୁ ୨୫ ଲକ୍ଷ ଟଙ୍କା ଦେଇଥିଲେ। ହେଲେ ଅନେକ ମାସ ପରେ ମଧ୍ୟ ପାତ୍ର ପ୍ଲଟ ବିକ୍ରି କରିନଥିଲେ କିମ୍ବା ରଶ୍ମୀତାଙ୍କ ନାମରେ ପଞ୍ଜିକରଣ କରାଇ ନଥିଲେ । ରଶ୍ମୀତା ଓ ତାଙ୍କ ସ୍ୱାମୀ ସୁମନ୍ତ ଏ ବିଷୟରେ ପାତ୍ରଙ୍କୁ ପଚାରିବାରୁ ସେ ଉଭୟଙ୍କୁ ଗାଳିଗୁଲଜ କରିବା ସହ ଧମକ ଦେଇଥିଲେ। ହେଲେ ଥାନାରେ ଅଭିଯୋଗ କରିବେ ବୋଲି ଏହି ଦମ୍ପତି ଜଣାଇବା ପରେ ୨୦୨୧ରେ ଉକ୍ତ ଯନ୍ତ୍ରୀ ୧୫ ଲକ୍ଷ ଟଙ୍କା ଫେରାଇ ଦେଇଥିଲେ । ହେଲେ ଅଗ୍ରୀମ ଟଙ୍କାରୁ ଆଉ ୧୦ ଲକ୍ଷ ରଶ୍ମୀତା ପାଇବାକୁ ଥିଲା । ହେଲେ ପାତ୍ର ଟଙ୍କା ଫେରସ୍ତ କରିବାର ନାଁ ଧରିନଥିଲେ। ରଶ୍ମୀତା ଓ ତାଙ୍କ ସ୍ୱାମୀ ବାରମ୍ବାର ଟଙ୍କା ମାଗିବାକୁ ଯିବାରୁ ପାତ୍ର ନାନାପ୍ରକାର ଧମକ ଦେବା ସହ ଟଙ୍କା ଫେରାଇବେ ନାହିଁ ବୋଲି ମନା କରି ଦେଇଥିଲେ । ଯାହାକୁ ନେଇ ରଶ୍ମୀତାଙ୍କ ସ୍ୱାମୀ ଟାଉନ ଥାନାରେ ଅଭିଯୋଗ କରିଥିଲେ । ସେହିପରି ଅଷ୍ଟ୍ରେଲିଆରେ ରହୁଥିବା ବ୍ରହ୍ମପୁରର ସନ୍ତୋଷ କୁମାର ମୁନିଙ୍କୁ ଗୋଶାଣିନୁଆଗାଁ ଅଞ୍ଚଳରେ ଏକ ପ୍ଲଟ ଦେବାକୁ କହି ୨୫ ଲକ୍ଷ ଟଙ୍କା ନେଇଥିଲେ। ହେଲେ ପରବର୍ତ୍ତୀ ସମୟରେ ପ୍ଲଟ ପଞ୍ଜିକରଣ କରାଇନଥିଲେ କିମ୍ବା ଟଙ୍କା ଫେରସ୍ତ କରିନଥିଲେ। ଠକେଇର ଶିକାର ହୋଇଥିବା ଜାଣିବା ପରେ ମୁନି ମଧ୍ୟ ଉକ୍ତ ଥାନାକୁ ଯାଇ ପାତ୍ରଙ୍କ ବିରୋଧରେ ଅଭିଯୋଗ କରିଥିଲେ। ଉଭୟଙ୍କ ଅଭିଯୋଗକୁ ଭିତ୍ତି କରି ପୋଲିସ ପାତ୍ରଙ୍କ ନାଁରେ ୨ ଟି ମାମଲା ରୁଜୁ କରିବା ସହ ତଦନ୍ତ ଜାରି ରଖିଥିଲା । ଯନ୍ତ୍ରୀ ପାତ୍ର ଉଭୟଙ୍କ ଠାରୁ ଟଙ୍କା ନେଇ ପ୍ଲଟ ବିକ୍ରି କରିନଥିବା ସ୍ପଷ୍ଟ ହେବା ପରେ ରବିବାର ତାଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଥିବା ବ୍ରହ୍ମପୁର ଏସପି ଡା. ସର୍ବଣା ବିବେକ ଏମ କହିଛନ୍ତି । ପାତ୍ରଙ୍କ ଦ୍ୱାରା ଯଦି ଆଉ କିଏ ଠକେଇର ଶିକାର ହୋଇଛନ୍ତି ତେବେ ସେମାନେ ନିକଟସ୍ଥ ପୋଲିସ ଥାନାରେ ଅଭିଯୋଗ କରିବାକୁ ଏସ୍‌ପି ଜଣାଇଛନ୍ତି ।

## ବରିଷ୍ଠ ସାମ୍ବାଦିକ ନରସିଂହ ସାହୁ ଆହତ

ବ୍ରହ୍ମପୁର, (ସବ୍ୟୁ): ବରିଷ୍ଠ ସାମ୍ବାଦିକ ନରସିଂହ ସାହୁ ଏକ ଦୁର୍ଘଟଣାରେ ଆହତ ହୋଇଥିବା ବେଳେ ତାଙ୍କ ଗୋଡ଼ରେ ଅସ୍ତ୍ରୋପଚାର ହୋଇଛି । ଖବର ଶୁଣି ବାଣିଜ୍ୟ, ପରିବହନ, ଖଣି ଓ ଇସ୍ପାତ ମନ୍ତ୍ରୀ ବିଭୂତି ଭୂଷଣ ଜେନା ସ୍ଥାନୀୟ ଗୋସାଇଁନୂଆଗାଁ ଶାସ୍ତ୍ରୀ ନଗର ସ୍ଥିତ ତାଙ୍କ ବାସଭବନ ତାଙ୍କୁ ସାକ୍ଷାତ୍ କରି ତାଙ୍କ ଆଶୁ ଆରୋଗ୍ୟ କାମନା କରିଥିଲେ। ଏହି ଅବସରରେ ବିଜେପିର ବରିଷ୍ଠ ନେତା ସୁନିଲ କୁମାର ସାହୁ ଏବଂ ରାଜ୍ୟ ଆଇନଜୀବୀ ସଦସ୍ୟ ତଥା ବିଜେପି ନେତା ପିତବାସ ପଣ୍ଡା ତାଙ୍କ ସହିତ ଉପସ୍ଥିତ ଥିଲେ ।

## ଏକ ଲକ୍ଷ ୬୦ ହଜାର ଆତ୍ମସାତ, ମ୍ୟାନେଜର ଗିରଫ

ବ୍ରହ୍ମପୁର, (ସବ୍ୟୁ) : ଏକ ପେଟ୍ରୋଲ ପମ୍ପର ଏକ ଲକ୍ଷ ୬୦ ହଜାର ଟଙ୍କା ଆତ୍ମସାତ ଅଭିଯୋଗରେ ଗୋପାଳପୁର ପୋଲିସ ଜଣେ ଯୁବକଙ୍କୁ ଗିରଫ କରିଛି। ସେହେଲେ ନିମଖଣ୍ଡି ଥାନା ଅନ୍ତର୍ଗତ ନିମଖଣ୍ଡି କାଳିମନ୍ଦିର ନିକଟରେ ରହୁଥିବା ଅମରନାଥ ସାହୁ (୨୮)। ସୋମବାର ୧୬୦/୨୫ ନଂ ରେ ମାମଲା ରୁଜ କରି ତାଙ୍କୁ କୋର୍ଟ ଚାଲାଣ କରାଯାଇଛି। ପ୍ରକାଶ ଯେ, ଗୋପାଳପୁର ଥାନା ଅଞ୍ଚଳରେ ବ୍ରହ୍ମପୁର ମିଲିଟାରୀ ଲାଇନରେ ରହୁଥିବା ଚିତ୍ତରଞ୍ଜନ ପାଢିଙ୍କ ପ୍ରମୋଦ କେସେକେ ପେଟ୍ରୋଲ ପମ୍ପ ରହିଛି। ସେଠାରେ ଉକ୍ତ ଅଭିଯୁକ୍ତ ଜଣଙ୍କ ଗତ ୮ମାସ ହେଲା ମ୍ୟାନେଜର ଭାବେ କାମ କରୁଥିଲେ। ଗତ ଏପ୍ରିଲ୧୯ ରୁ ମଇ ୬ ତାରିଖ ଯାଏଁ ସେଠାରେ ବିକ୍ରି ହେଉଥିବା ପେଟ୍ରୋଲର ହିସାବର ଭୁଲ ତଥ୍ୟ ସେ ମାଲିକଙ୍କୁ ଦେଇଥିଲେ। ଉକ୍ତ ୧୭ ଦିନର ପେଟ୍ରୋଲ ବିକ୍ରି ବାବଦକୁ ୧ ଲକ୍ଷ ୬୪ ହଜାର ୮୪୯ ଟଙ୍କା ମ୍ୟାନେଜର ଆତ୍ମସାତ କରିଥିବା ଯାଞ୍ଚ ବେଳେ ମାଲିକ ଚିତ୍ତରଞ୍ଜନ ପାଢ଼ୀ ଜାଣିବାକୁ ପାଇଥିଲେ। ଏନେଇ ସେ ତାଙ୍କ ମ୍ୟାନେଜରଙ୍କୁ ପଚାରିଥିଲେ। ସେ ଉକ୍ତ ଟଙ୍କା ଆତ୍ମସାତ କରିଥିବା ସ୍ୱୀକାର କରିବା ସହ ତାହା ମଇ ୧୦ ତାରିଖ ସୁଦ୍ଧା ଫେରସ୍ତ କରିଦେବି ବୋଲି ପେଟ୍ରୋଲ ପମ୍ପ ମାଲିକଙ୍କୁ ଲିଖିତ ପ୍ରତିଶୃତି ଦେଇଥିଲେ। ଅମରନାଥ ସାହୁ ପ୍ରଥମେ ତାଙ୍କ ମାଲିକଙ୍କୁ ୪ ହଜାର ୮୬୯ ଟଙ୍କା ଫେରସ୍ତ କରିଥିଲା। ବଳକା ୧ ଲକ୍ଷ ୬୦ ହଜାର ଟଙ୍କା ନିର୍ଦ୍ଧାରିତ ସମୟ ମଧ୍ୟରେ ସେ ଫେରସ୍ତ କରିନଥିଲେ। ଏଣୁ ଉକ୍ତ ପେଟ୍ରୋଲ ପମ୍ପ ମାଲିକ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଘଟଣାର ତଦନ୍ତ କରି ଅଭିଯୁକ୍ତଙ୍କୁ ଗିରଫ କରିଥିବା କହିଛି।

## ବିଶୁଦ୍ଧ ପାନୀୟ ଜଳ ଯୋଗାଣ ଦାବି
## ୨୮ରେ ୱାଟକୋ ଓ କ୍ଷୁଦ୍ର ଜଳସେଚନ କାର୍ଯ୍ୟାଳୟ ଘେରିବ ଭଞ୍ଜସେନା

ବାରିପଦା, (ସବ୍ୟୁ) : ମୟୂରଭଞ୍ଜ ଜିଲ୍ଲାର ସଦର ମହକୁମା ବାରିପଦାରେ ସାଧାରଣ ଜନତାଙ୍କୁ ବିଶୁଦ୍ଧ ପାନୀୟ ଜଳ ଯୋଗାଇବା ପାଇଁ 'ୱାଟକୋ ବିଭାଗ ନିୟୋଜିତ ଥିବା ସତ୍ତ୍ୱେ ଠିକାଦାରୀ କାର୍ଯ୍ୟରେ ବ୍ୟାପକ ଅନିୟମିତତାକୁ ଗୁରୁତ୍ୱ ପ୍ରଦାନ କରିବା ଯୋଗୁଁ ସହରର ୨୮ଗୋଟି ୱାର୍ଡ ମଧ୍ୟରୁ ବହୁ ୱାର୍ଡରେ ଲୋକଙ୍କୁ ପାନୀୟ ଜଳ ପାଇଁ ସଂଘର୍ଷ କରିବାକୁ ପଡିଥାଏ । ମାତ୍ର ବେଡି ଉପରେ କୋରଡ଼ା ମାଡ଼ ଭଳି ୱାଟକୋ ବିଭାଗର ଦାୟିତ୍ୱ ହୀନତା ଯୋଗୁଁ ମଧ୍ୟ ବାରିପଦା ସହରରେ ଦୂଷିତ ପାନୀୟ ଜଳ ସମସ୍ୟା ପାଇଁ ଜଣ୍ଡିସ୍ ବ୍ୟାପିବା ଚିନ୍ତାର ବିଷୟ ସାଜିଛି। ୱାଟୋକର ଦାୟିତ୍ୱ ହୀନ ପରିଚାଳନା ପାଇଁ ପାଇପ ପାନୀୟ ଜଳ ଯୋଗାଣ ଉପରେ ନିର୍ଭରଶୀଳ ବାରିପଦା ପୌରପରିଷଦର ୨୮ଟି ୱାର୍ଡବାସୀ ବିଭିନ୍ନ ରୋଗକୁ ଆମନ୍ତ୍ରଣ କରୁଛନ୍ତି। ସମୟ ସୀମା ମଧ୍ୟରେ ପାଇପ ଅପସାରଣ ନକରିବା, ଡ୍ରେନ୍ ଭିତରେ ପାଇପ ନେବା ଓ ଚେକପଏଣ୍ଟ ଗୁଡିକ ରାସ୍ତା ମଝିରେ ଖୋଲାମେଲା ପାଇଁ ଦୂଷିତ ପାଣି ସହର ସାରା ପ୍ରବାହିତ ହେଉଛି। ସେହିପରି କ୍ଷୁଦ୍ର ଜଳସେଚନ ବିଭାଗ ଆନୁକୂଲ୍ୟରେ ସହର ମଧ୍ୟରୁ ଛଡାଯାଉଥିବା ଅତ୍ୟନ୍ତ ଖରାପ ବର୍ଯ୍ୟବସ୍ତୁ ନେଇ ପ୍ରବାହିତ ଜରାଳୀ ସରାଳୀ ଓ ଶୁକଯୋଡ଼ା ନାଳ ମହାନାଳ ସଫେଇ କରାଯାଉନଥିବାରୁ ସାମାନ୍ୟ ବର୍ଷା ହେଲେ ଉଦବୃତ୍ତ ଜଳ ଲୋକଙ୍କ ଘରେ ପଶୁଛି, ଯଦ୍ୱାରା ସାଧାରଣ ଜନତା ନର୍କ ଘାଣ୍ଟି ହେବା ଭଳିଆ ଅବସ୍ଥା ମଧ୍ୟରେ ଗତି କରିଥାନ୍ତି। ପୁଣି ଆଜି ଭଞ୍ଜସେନା ପ୍ରତିଷ୍ଠାତା କଳିଙ୍ଗ କେଶରୀ ଜେନା ଓଡ଼ିଶାର ମୁଖ୍ୟମନ୍ତ୍ରୀଙ୍କୁ ତୁରନ୍ତ ଏଭଳି ଜନ ବିରୋଧୀ କାର୍ଯ୍ୟ ଉପରେ ହସ୍ତକ୍ଷେପ କରି ସମାଧାନ କରିବାକୁ ଏକ୍ସ (ଟ୍ୱିଟ୍) ଯୋଗେ ନିବେଦନ କରିଛନ୍ତି, ତାସହିତ ଉପରୋକ୍ତ ସମସ୍ୟା ଗୁଡିକ ପ୍ରତି ଉଭୟ ବିଭାଗ ଯଥାଶୀଘ୍ର ଦୃଷ୍ଟି ଦେଇ ସ୍ଥାୟୀ ସମାଧାନ କରିବା ପାଇଁ ଭଞ୍ଜସେନା ପକ୍ଷରୁ ପୂର୍ବରୁ ବହୁବାର ଦାବି କରାଯାଉଥିଲେ ସୁଦ୍ଧା ଉଭୟ ବିଭାଗ ନିରବଦ୍ରଷ୍ଟା ସାଜି ବସିବାର କାର୍ଯ୍ୟକଳାପ ବିରୋଧରେ ଭଞ୍ଜସେନା, ବାରିପଦା ସହର ଶାଖା ପକ୍ଷରୁ ଚଳିତ ମେ ମାସ ୨୮ତାରିଖ ବୁଧବାର ଦିନ ବାରିପଦା ସ୍ଥିତ 'ୱାଟକୋ ଏବଂ 'କ୍ଷୁଦ୍ର ଜଳସେଚନ ଅଫିସ ଘେରାଓ କରାଯିବ ବୋଲି ସହର ସଭାପତି ରାକେଶ ମହାନ୍ତି ଏକ ପ୍ରେସ ବିବୃତ୍ତିରେ ଜଣାଇଛନ୍ତି।

## ଚର୍ଚ୍ଚାରେ ଅଂଶୁମାନ ପ୍ରଡକସନ୍‌ର ରଚିତ ଓଡିଆ ଚଳଚ୍ଚିତ୍ର 'ତୁମେ ନଥିଲେ

ବାରିପଦା, (ସବ୍ୟୁ) : ଅଂଶୁମାନ ପ୍ରଡକସନ୍ ତଥା ଚିନ୍ମୟ ଦାସ ପଟ୍ଟନାୟକଙ୍କ ରଚିତ ଓ ନିର୍ଦ୍ଦେଶିତ ଓଡ଼ିଆ ଚଳଚ୍ଚିତ୍ର 'ତୁମେ ନଥିଲେ ଏବେ ବେଶ୍ ଲୋକପ୍ରିୟତା ହାସଲ କରି ମୟୂରଭଞ୍ଜର ଏକମାତ୍ର ସିନେମା ହଲ୍ ରକ୍ସିରେ ପୂର୍ଣ୍ଣ ପ୍ରେକ୍ଷାଳୟରେ ସୌଗରବେ ଆଗେଇ ଚାଲିଛି। ନିଛକ ପାରିବାରିକ, ପ୍ରେମ ଆବେଗଭରା ମୌଳିକ କାହାଣୀ ଉପରେ ଆଧାରିତ ଏହି ଚଳଚ୍ଚିତ୍ରଟିର ପ୍ରତ୍ୟେକଟି କଳାକାରଙ୍କର ଅଭିନୟ ଅତି ସାବଲୀଳ ଥିବାବେଳେ ନାୟକ ମଣ୍ଟୁ (ଶୁଭାଶିଷ ଶର୍ମା), ନାୟିକା ଗୁଡ୍ଡି (ସାହିଲ ମିଶ୍ର)ଙ୍କ ଅଭିନୟ ଅତି ନିଖୁଣ ଥିଲା। କାହାଣୀ ଓ ସଂଳାପ ଯେମିତି ବଳିଷ୍ଠ, ସଂଗୀତ ସେମିତି ଉଚ୍ଚକୋଟୀର। ନବାଗତ ଗାୟକ କୁମାର ସୁଜିତ, ନବାଗତା ଗୀତିକାର ଡକ୍ଟର ଅସୀମା ସାହୁ, ନବାଗତ ଶିଶୁ କଳାକାର ବିନୁ (ଶ୍ରେୟାଂଶୁ ବେହେରା), ନବାଗତ ଏଡିଟର ମୁନା ମୋଦୀଙ୍କ ସଫଳ ଆବିର୍ଭାବ ଏହି ଚଳଚ୍ଚିତ୍ରର ଅନ୍ୟତମ ଆକର୍ଷଣ। 'ବିଶ୍ୱାସ ଫେମ୍ ନିର୍ଦ୍ଦେଶକ ଚିନ୍ମୟ ଦାସ ପଟ୍ଟନାୟକଙ୍କ ବଳିଷ୍ଠ ନିର୍ଦ୍ଦେଶନାରେ ନିର୍ମିତ ଏହି ଚଳଚ୍ଚିତ୍ରର



ନବାଗତ ପ୍ରଯୋଜକ ସୁରେନ୍ଦ୍ର ନାଥ ବେହେରା ଥିବାବେଳେ ଚମତ୍କାର ସଂଗୀତ ନିର୍ଦ୍ଦେଶନା ଦେଇ ଅଭିଜିତ ମଜୁମଦାର ବେଶ୍ ଚର୍ଚ୍ଚାରେ ଅଛନ୍ତି। ବହୁତ ଦିନ ପରେ ଏଭଳି ଏକ ନିଖୁଣ ପାରିବାରିକ ସଫଳ ଓଡ଼ିଆ ଚଳଚ୍ଚିତ୍ର ଭେଟି ଦେଇଥିବାରୁ ଦର୍ଶକ ଏବଂ ସିନେ ପ୍ରେମୀଗଣ ନିର୍ଦ୍ଦେଶକ ଓ ତାଙ୍କର ପୁରା ଟିମ୍‌କୁ ବଧେଇ ଜଣେଇବା ସଙ୍ଗେ ସଙ୍ଗେ ଉଚ୍ଚ ପ୍ରଶଂସା କରିବା ସହ ସ୍ୱଳ୍ପ ବଜେଟରେ ଏମିତି ସୁନ୍ଦର ଓଡିଆ ଚଳଚ୍ଚିତ୍ର ନିର୍ମାଣ ହେଲେ ଓଡ଼ିଆ ଚଳଚ୍ଚିତ୍ର ଶିଳ୍ପର ସୁବର୍ଣ୍ଣ ଯୁଗ ଫେରିଆସିବ ବୋଲି ମତପୋଷଣ କରିଛନ୍ତି।

## 'ରାଜମାତା' ରୁ 'ଲୋକମାତା'
# ପୁଣ୍ୟଶ୍ଲୋକା ଦେବୀ ଅହଲ୍ୟା ବାଇ ହୋଲକର ଜୀ

୨୧ ମେ' ୨୦୨୫ ରୁ ୩୧ ମେ ୨୦୨୫ ପର୍ଯ୍ୟନ୍ତ ସମଗ୍ର ଦେଶରେ ପୁଣ୍ୟଶ୍ଲୋକା ଦେବୀ ଅହଲ୍ୟାବାଇ ହୋଲକରଙ୍କ ୩୦୦ ତମ ଜନ୍ମବାର୍ଷିକୀ ମହା ଆଡମ୍ବରରେ ପାଳନ ହେଉଛି । ଅଷ୍ଟାଦଶ ଶତାବ୍ଦୀରେ ଶିବକାମିନୀ ମହାଦେବୀ ମହାରାଣୀ ଅହଲ୍ୟା ବାଇ ହୋଲକର ଏକମାତ୍ର ଶାସିକା ଥିଲେ, ଯାହାଙ୍କୁ ପ୍ରଜାମାନେ ଦେବୀ ସ୍ୱରୂପା ଭାବେ ସ୍ୱୀକାର କରୁଥିଲେ । ପିତା ମାଣକୋଜୀ ସିନ୍ଧେ ଓ ମାତା ସୁଶୀଳା ଦେବୀଙ୍କ ଔରସରୁ ୩ୟ ସନ୍ତାନ ଭାବେ ଅହଲ୍ୟା ବାଇ ୧୭୨୫ ମେ' ୩୧ ତାରିଖରେ ମହାରାଷ୍ଟ୍ର ପ୍ରଦେଶର ଔରଙ୍ଗାବାଦର ଏକ ଛୋଟଗ୍ରାମ ଚାଣ୍ଡୀ (ବର୍ତ୍ତମାନ ଅହଲ୍ୟାବାଇ ନଗର) ଠାରେ ଜନ୍ମ ଗ୍ରହଣ କରିଥିଲେ । ପିଲାଟି ଦିନରୁ ମହାରାଣୀ ଶିବ ଭକ୍ତ ଥିଲେ । ମାଲୱାର ସୁବେଦାର ମହ୍ଲାର ରାଓ ଜଣେ ବାଳିକାର ଶିବଭକ୍ତି ଓ ବିନମ୍ରତାକୁ ଅନୁଭବ କରି ମାତ୍ର ୧୨ ବର୍ଷ ବୟସରେ ସାଧାରଣ ପରିବାରରେ ଜନ୍ମ ଗ୍ରହଣ କରିଥିବା ଅହଲ୍ୟାଙ୍କୁ ସୁବେଦାର ରାଜବଂଶର ବୋହୂ ଭାବେ ସ୍ୱୀକାର କରିଥିଲେ। ସେ ପତି ଖଣ୍ଡେ ରାଓଙ୍କର ଅନୁମତି ନେଇ ଅହଲ୍ୟା ବାଇ ରାଜ ପରିବାରର ସମସ୍ତ ପରମ୍ପରା ଓ ଯୁଦ୍ଧ ବିଦ୍ୟା ଗ୍ରହଣ ସହିତ ଶାସନ ଓ ପ୍ରଶାସନ ସମ୍ବନ୍ଧରେ ଅବଗତ ହୋଇଥିଲେ । ୧୭୪୫ରେ ଅହଲ୍ୟାଙ୍କର ଏକ ପୁତ୍ର ସନ୍ତାନ ଯାହାର ନାମ ମାଲେ ରାଓ ଓ ୧୭୪୮ ରେ ଏକ କନ୍ୟା ସନ୍ତାନ ଯାହାର ନାମ ମୁକ୍ତା ରଖା ଯାଇଥିଲା । ୧୭୫୪ରେ ପତି ଖଣ୍ଡେ ରାଓଙ୍କର ରାଜସ୍ଥାନର କୁମ୍ଭେରି ଯୁଦ୍ଧରେ ମୃତ୍ୟୁ ପରେ ପରେ, ଶ୍ୱଶୁର ମହ୍ଲାର ରାଓଙ୍କର ଦେହାନ୍ତ ଏବଂ ମାତ୍ର ୨୨ ବର୍ଷ ବୟସରେ ପୁତ୍ର ମାଲେ ରାଓଙ୍କ ଦେହାନ୍ତ ଦେବୀ ଅହଲ୍ୟା ବାଇଙ୍କୁ ମାନସିକ ସ୍ତରରେ ଭାଙ୍ଗି ଦେଇଥିଲେ ମଧ୍ୟ ଦୃମନା ମହାରାଣୀ ଏହାର ଠିକ ପରେ ପରେ ସମସ୍ତ କଷ୍ଟକୁ ନିଜ ଭିତରେ ଚାପି ରଖି ନିରନ୍ତର ଭାବେ (୧୭୬୭ ରୁ ୧୭୯୫) ଦୀର୍ଘ ୨୮ ବର୍ଷ ସଫଳତାର ସହ ରାଜ୍ୟ ଶାସନ କରିଥିଲେ। ଅହଲ୍ୟା ବାଇ ଜଣେ ଦୃଢ଼ ପ୍ରଶାସିକା ଥିଲେ । ଜଣେ ସାଧାରଣ ସନ୍ଥଙ୍କ ପରି ଜୀବନ ଯାପନ କରି ପ୍ରତ୍ୟକ ଦିନ ଶିବ ଅର୍ଚ୍ଚନା ସହିତ ଗୋ-ଶାଳା ଦର୍ଶନ ଓ ଜନକଲ୍ୟାଣ କାର୍ଯ୍ୟରେ ନିଜକୁ ନିୟୋଜିତ କରୁଥିଲେ। ନିୟମିତ ଧନଦାନ ଓ ଅନ୍ନଦାନ ସହିତ ସେ ତାଙ୍କ ସମୟରେ ଯେଉଁ ଟଙ୍କା ପ୍ରଚଳନ କରିଥିଲେ ସେଥିରେ 'ଶିବଲିଙ୍ଗ' ଓ 'ବେଲପତ୍ର' ଅଙ୍କିତ ଥିଲା ଓ ମୁଦ୍ରାରେ 'ନନ୍ଦି' ଚିତ୍ର ଶୋଭା ପାଉଥିଲା। ଛସମସ୍ତ ପତ୍ରାଳାପରେ ନିଜର ସ୍ୱାକ୍ଷର ଜାଗାରେ ସେ 'ଶ୍ରୀ ଶଙ୍କର' ଲେଖୁଥିଲେ ଛଏହା ତା'ଙ୍କ ଶିବ ଭକ୍ତି ଓ ଉପାସନାର ପରିଚୟ ପ୍ରଦାନ କରେ ଛଶାସନ କାର୍ଯ୍ୟକୁ ସହଜ ଓ ସରଳ କରିବା ପାଇଁ ସେ ସମଗ୍ର ଦେଶକୁ ୧୩ ଟି ଦରବାରରେ ବିଭକ୍ତି କରି ପ୍ରତ୍ୟେକ ୧୦ କୋଶରେ ଗୋଟିଏ ଗୋଟିଏ ଶିବିର ନିର୍ମାଣ କରିଥିଲେ । ଯେଉଁ ଠାରେ ଜଣେ 'ସନ୍ଦେଶ ବାହକ' ନିୟୋଜିତ ହୋଇଥିଲେ । ଏହାଦ୍ୱାରା ଦେଶର କୋଣ ଅନୁକୋଣରୁ ସମସ୍ତ ଖବର/ସମସ୍ୟା ବିଷୟରେ ଅବଗତ ହୋଇ ସେ ଏହାର ତୁରନ୍ତ ସମାଧାନ କରି ପାରୁଥିଲେ। ସେ ହୃଦୟରେ ଯେତିକି କୋମଳ ଥିଲେ ଶାସନରେ ସେତିକ କଠୋର ଥିଲେ । କର ଦେଉ ନଥିବା ଓ ବିଦ୍ରୋହ କରୁଥିବା ଜାଟ ମାନଙ୍କୁ ସେକଠୋର ହସ୍ତରେ ଦମନ କରିଥିଲେ । ପ୍ରଚଳିତ ଉର୍ଦ୍ଦ୍ୟୁ ଓ ପାର୍ସି ଭାଷା ସ୍ଥାନରେ ସେ ସଂସ୍କୃତ , ମାଲାବୀ ଓ ଖଡ଼ି ଭାଷା ପ୍ରଚଳନ କରିଥିଲେ। ସେ ଥିଲେ ଶ୍ରେଷ୍ଠ ଅର୍ଥନିତୀଜ୍ଞ । ସେ ସ୍ୱଦେଶୀ ଅର୍ଥନୀତିର ଏକ ପକ୍ଷଧର ଥିଲେ । ତାଙ୍କର ସମସ୍ତ ଯୋଜନା ଥିଲା ରାଜ୍ୟର ରାଜକୋଷ ବୃଦ୍ଧି ଓ ସାଧାରଣ ଜନତାଙ୍କ ହାତରେ କାମ ଦେଇ ତା'ଙ୍କୁ ସ୍ୱାବଲମ୍ବୀ କରାଇବା । ସ୍ୱୟଂ ସହାୟିକା ସମୂହ ଦ୍ୱାରା 'ମାହେଶ୍ୱରୀ ଶାଢୀ' ର ପ୍ରସ୍ତୁତ ଓ ବିପଣନତଥା ସୁଦୂର ପ୍ରସାର, ସ୍ୱାବଲମ୍ବନର ଏକ ସଫଳ ଚିନ୍ତା ଓ ପରିକଳ୍ପନା ପରିପ୍ରକାଶ ଅଟେ। ରାଜକୋଷରୁ ସହିଦ ପରିବାରକୁ ଋଣ, ଦରିଦ୍ର ମାନଙ୍କୁ କୃଷି ଓ ବାଣିଜ୍ୟ ପାଇଁ ଶସ୍ତା ଋଣ, ବନ ସଂରକ୍ଷଣ, ବୃକ୍ଷରୋପଣ, ଦୈବ ଦୁର୍ବିପାକ ସମୟରେ କ୍ଷତି ପୂରଣ ପ୍ରଦାନ କରି ସେ ଜଣେ ପ୍ରଜା ବତ୍ସଳ ମହାରାଣୀ ହୋଇ ପାରିଥିଲେ। ଗୁରୁକୁଳ ପଦ୍ଧତିକୁ ପ୍ରୋତ୍ସାହିତ କରିବା ସହିତ ଶିକ୍ଷକ, ଆଚାର୍ଯ୍ୟ ଓ ବ୍ରାହ୍ମଣ ମାନଙ୍କୁ ଜ୍ଞାନ ପ୍ରଦାନରେ ନିୟୋଜିତ କରି ସେ ୧୯ ଟି ବିଷୟରେ ଏକ ଟିମ ଗଠନ କରିଥିଲେ। ସେହି ୧୯ଟି ବିଷୟ ଆଜି ମ୍ୟାନେଜମେଣ୍ଟ କ୍ଷେତ୍ରରେ ଅଧ୍ୟୟନ ହେଉଛି। ଅହଲ୍ୟା ବାଇଙ୍କର



**ଡ଼ଃ. କୃଷ୍ଣଚନ୍ଦ୍ର ମହାପାତ୍ର**

ରାଷ୍ଟ୍ରୀୟ ଦୃଷ୍ଟି ସନାତନ ହିନ୍ଦୁତ୍ୱ ମୂଲ୍ୟ ଆଧାରିତ ଥିଲା । ସେ ୨୮ ଟି ଘାଟ ଓ ୫୦ ଟି ମନ୍ଦିର ନିର୍ମାଣ କରିଥିଲେ । ତୀର୍ଥଯାତ୍ରାକୁ ପ୍ରାଧାନ୍ୟ ଦେଉଥିବା ମହାରାଣୀ ଇସଲାମ ଆକ୍ରମଣକାରୀ ମାନେ ଧ୍ୱଂସ କରିଥିବା ସମସ୍ତ ତୀର୍ଥସ୍ଥାନ ଗୁଡିକରେ ପୁନଃନିର୍ମାଣ ପାଇଁ ପ୍ରୟନ୍ କରିଥିଲେ। ଦେଶର ୧୦୦ ରୁ ଉର୍ଦ୍ଧ୍ୱ ସ୍ଥାନରେ ମନ୍ଦିର ଓ ଧର୍ମଶାଳା ନିର୍ମାଣ କରିଥିଲେ । ସେ ବାରଣାସୀର ମଣିକର୍ଣ୍ଣିକା ଘାଟ ସହିତ ଅନେକ ଘାଟ, ବଦ୍ରିନାଥରୁ ସମେଶ୍ୱର ପର୍ଯ୍ୟନ୍ତ ଓ ଦ୍ୱାରିକା ଠାରୁ କାଶୀ ପର୍ଯ୍ୟନ୍ତ ଅନେକ ମନ୍ଦିର, ଘାଟ, ଧର୍ମଶାଳା ଆଦି ନିର୍ମାଣ କରିଥିଲେ । ବିଶେଷ କରି ପାଠଶାଳା, ଧର୍ମଶାଳା ଓ ଅନ୍ନକ୍ଷେତ୍ର ଗୁଡିକର ଉନ୍ନତିକୁ ଆଖି ଆଗରେ ରଖି ସେ ସମସ୍ତ ଯୋଜନା ପରିକଳ୍ପନା କରିଥିଲେ । କ୍ଷମତା, ଧନ, ବୈଭବ ପ୍ରତି ନିଜର ଆସକ୍ତି ତୁଟାଇ ଏହାକୁ ଈଶ୍ୱରଙ୍କ ଦାନ ବୋଲି ମନେ କରି ନିଜକୁ ରାଜ୍ୟର ପ୍ରତ୍ୟକ କାର୍ଯ୍ୟ ପାଇଁ ଉତ୍ତରଦାୟୀ ଭାବି ସେ ଛତ୍ରପତି ଶିବାଜୀଙ୍କର ପଦାନୁସରଣ କରୁଥିଲେ। ଜଣେ କୁଶଳ ରାଜନୀତିଜ୍ଞ ଓ ଦୂରଦ୍ରଷ୍ଟା ଭାବେ ସେ ଇଂରେଜମାନଙ୍କ କୁଟିଳ ବୁଦ୍ଧିକୁ ହୃଦୟଙ୍ଗମ କରି ପାରିଥିଲେ ଓ ତୁକେଜୀ ରାଓଙ୍କୁ ମଧ୍ୟ ଟିପୁ ସୁଲତାନଙ୍କ ବିରୋଧରେ ଯୁଦ୍ଧ କରିବା ପାଇଁ ପରାମର୍ଶ ଦେଇଥିଲେ। ମହାରାଣୀ ଅହଲ୍ୟା ବାଇ ମହିଳାଶକ୍ତିର ଏକ ପ୍ରତ୍ୟକ୍ଷ ଉଦାହରଣ ଥିଲେ । ସେ ମହିଳାମାନଙ୍କୁ ନେଇ ଏକ ଶକ୍ତିଶାଳୀ ସେନା ପ୍ରସ୍ତୁତ କରିଥିଲେ । ସେ ଭଲଭାବେ ଜାଣିଥିଲେ ଅନ୍ୟ ରାଜ୍ୟର ସେନା ତୁଳନାରେ ତାଙ୍କ ସେନା ଦୁର୍ବଳ । ତେଣୁ ସେ ଯୁଦ୍ଧ ପୂର୍ବରୁ ଶତ୍ରୁ ସେନାକୁ ଏକ ପତ୍ର ପଠାଉ ଥିଲେ, 'ଯଦି ଏହି ସ୍ତ୍ରୀ ସେନାକୁ ପରାସ୍ତ କରି ଯୁଦ୍ଧରେ ବିଜୟୀ ହୁଅ, ଆପଣଙ୍କର କାର୍ତ୍ତି ଓ ଯଶ ବଢି ଯିବ ନାହିଁ । ଦୁନିଆ ଆପଣଙ୍କୁ ଦୁର୍ବଳ କହିବ 'ଜଣେ ବିଧବା ସ୍ତ୍ରୀକୁ ପରାସ୍ତ କରି ନିଜର ବାହାଦୁରି ଦେଖାଉଛି, ଏହା ଠାରୁ ଅପମାନ ଆଉ କିଛି ନାହିଁ। କିନ୍ତୁ ଯୁଦ୍ଧରେ ପରାଜୟ ହେଲେ, ଦୁନିଆ ଆପଣଙ୍କୁ ଏପରି ହସି ତାଚ୍ଛଲ୍ୟ କରିବ, ତାହା ଆପଣ କଳ୍ପନା କରିପାରିବେ ନାହିଁ, ଆପଣଙ୍କ ପ୍ରତିଷ୍ଠାରେ ଆଞ୍ଚ ଆସିବ। ତାଙ୍କର ଏହି ବୁଦ୍ଧିମତା ଯୁଦ୍ଧନୀତି ପାଇଁ ଅନ୍ୟ ଶତ୍ରୁ ରାଜ୍ୟମାନେ ଆକ୍ରମଣ କରିବା ପାଇଁ ଉଚିତ ମନେ କରୁନଥିଲେ ଏବଂ ନିଜ ରାଜ୍ୟକୁ ସେ ସୁରକ୍ଷିତ ରଖି ପାରିଥିଲେ। ଲୋକମାତା ଦେବୀ ଅହଲ୍ୟା ବାଇମାଲୱାର ପ୍ରଥମ ମହିଳା ଶାସିକା ହେବା ସହିତ ପ୍ରଜାମାନଙ୍କର ବିଶ୍ୱାସ ଭାଜନ ହୋଇପାରିଥିଲେ । ସମଗ୍ର ରାଜ୍ୟକୁ ଜିଲ୍ଲା ଓ ତହସିଲରେ ବଣ୍ଟନ କରିଥିଲେ । ନ୍ୟାୟର ଅନ୍ତିମ ଅପିଲ ନିଜେ ଶୁଣୁଥିଲେ ଓ ପ୍ରଜାମାନଙ୍କ ଦୁଃଖ ସେ ନିଜେ ବୁଝୁଥିଲେ। ସେ କେବେବି ରାଜ ସିଂହାସନରେ ବସି ରାଜ୍ୟ ଶାସନ କରୁନଥିଲେ ବରଂ ଗୋଟିଏ ସାଧାରଣ ଚୌକିରେ ବସୁଥିଲେ। ସର୍ବୋପରି ସେ ମହିଳା ମାନଙ୍କର ଅଧିକାର ପ୍ରତି ଅଧିକ ସଚେତନ ଥିଲେ । ତତ୍କାଳୀନ 'ସତିପ୍ରଥା' କୁ ଉଚ୍ଛେଦ କରି 'ଯୌତୁକପ୍ରଥା' କୁ ଅପରାଧ ବୋଲି ଘୋଷଣା କରିଥିଲେ । ସମଗ୍ର ଦେଶରେ ଆନ୍ତଃରାଜ୍ୟ ବିବାହକୁ ସମର୍ଥନ ଜଣାଇ ସେ ବିଧବା ମାନଙ୍କୁ ଉତ୍ତରାଧିକାରୀ ସୂତ୍ରରେ ସମ୍ପତ୍ତି ହାସଲ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ । ଅହଲ୍ୟା ବାଇ ବିପରୀତ ପରିସ୍ଥିତିରେ ମଧ୍ୟ ନିଜ ଜନକଲ୍ୟାଣୀକାରୀ ଓ ଉତ୍କୃଷ୍ଟ ଶାସନର ଉଦାହରଣ ସୃଷ୍ଟି କରି ପାରିଥିଲେ। ଜନକଲ୍ୟାଣ ସହିତ ରାଷ୍ଟ୍ରୀୟ ଏକତା ଓ ଅଖଣ୍ଡତାକୁ ବଜାୟ ରଖିବାକୁ ସେ ଦୃଢ଼ ପ୍ରୟାସୀ ଥିଲେ । ଭାରତ ଇତିହାସରେ ନିଜର ରାଜନୀତି ଓ ରଣନୀତିର ଉତ୍ତମ ଭାବେ ପରିପ୍ରକାଶ ଓ ପ୍ରତିପାଦନ କରି ସେ ପ୍ରକୃତରେ 'ରାଷ୍ଟ୍ରମାତା'ର ପଦବୀ ଧାରଣ କରିଛନ୍ତି । ତାଙ୍କ ଜୀବନ ଭାରତୀୟ ଇତିହାସର ସ୍ୱର୍ଣ୍ଣିମ ପର୍ବ । ଗ୍ରାମୀଣ ପୃଷ୍ଠଭୂମିରୁ ଆସିଥିବା ଏକ ସାଧାରଣ ପରିବାରର ବାଳିକାଙ୍କର ଜଣେ ଅସାଧାରଣ ଶାସକ ପର୍ଯ୍ୟନ୍ତର ଜୀବନ ଯାତ୍ରା ଏବେ ମଧ୍ୟ ପ୍ରେରଣା ଉତ୍ସ । ସେ ଥିଲେ କର୍ତ୍ତବ୍ୟ ପରାୟଣା, କଠିନ ପରିଶ୍ରମ, ସରଳତା, ଧର୍ମ ପ୍ରତି ଉତ୍ସର୍ଗୀକୃତ, ପ୍ରାଶାସନିକ ଦକ୍ଷତା, ଦୂରଦୃଷ୍ଟି, ଉତ୍କୃଷ୍ଟ ବିଚାର, ନୈତିକ ଆଚରଣ ଏବଂ ଉଜ୍ଜ୍ୱଳ ଚରିତ୍ରର ଏକ ଅଦ୍ୱିତୀୟ ଆଦର୍ଶ । ତାଙ୍କର ଜନ କଲ୍ୟାଣକାରୀ ନିୟମ ଏକ ଆଦର୍ଶ ନିୟମ ଥିଲା ଯାହା ଭୂମିହୀନ କୃଷକ, ଭୀଲ ମାନଙ୍କ ଭଳି ଜନଜାତୀୟ ଗୋଷ୍ଠୀ ଏବଂ ବିଧବାମାନଙ୍କ ସ୍ୱାର୍ଥ ରକ୍ଷା କରୁଥିଲା । ସାମାଜିକ ସଂସ୍କାର, କୃଷି ସଂସ୍କାର, ଜଳ ପରିଚାଳନା, ପରିବେଶ ସୁରକ୍ଷା, ଜନ କଲ୍ୟାଣ ଏବଂ ଶିକ୍ଷା ପ୍ରତି ସମର୍ପିତ ହେବା ସହିତ ତାଙ୍କ ଶାସନ ନ୍ୟାୟପ୍ରିୟ ଥିଲା । ସମାଜର ସମସ୍ତ ବର୍ଗକୁ ସମ୍ମାନ, ନିରାପତ୍ତା ଏବଂ ପ୍ରଗତି ପାଇଁ ସୁଯୋଗ ପ୍ରଦାନ କରୁଥିବା ସମରସତାର ଦୂରଦୃଷ୍ଟି ତାଙ୍କ ପ୍ରଶାସନର ଆଧାର ଥିଲା। ବୀରତ୍ୱ ଏବଂ ମୂଲ୍ୟବୋଧର ରାଣୀ ଅହଲ୍ୟାବାଇ ହୋଲକର ସାଂସ୍କୃତିକ ନବ ଜାଗରଣ ସହିତ ଗରିବ, ଦଳିତ, ପଛୁଆ ଏବଂ ଅବହେଳିତ ବର୍ଗର କଲ୍ୟାଣ ପାଇଁ ଯେଉଁ ନୀତି ପ୍ରଣୟନ କରିଥିଲେ, ଯାହା ଆମପାଇଁ ଆଦର୍ଶ ଏବଂ ପ୍ରେରଣା ଦାୟକ। ମାନନୀୟ ପ୍ରଧାନମନ୍ତ୍ରୀଙ୍କ ନେତୃତ୍ୱରେ କେନ୍ଦ୍ର ସରକାରଙ୍କ ଯୋଜନା ଗୁଡିକ ଏହି ଲକ୍ଷ୍ୟରେ ନିରନ୍ତର ଆଗକୁ ବଢିବା ସହିତ ଐତିହାସିକ ସଫଳତା ହାସଲ କରୁଛି । ସେ କେବଳ ତାଙ୍କ ରାଜ୍ୟ ନୁହେଁ, ବରଂ ସମ୍ପୂର୍ଣ୍ଣ ଦେଶର ମନ୍ଦିରରେ ପୂଜା ବ୍ୟବସ୍ଥା ତଥା ଆର୍ଥିକ ପରିଚାଳନା ଉପରେ ମଧ୍ୟ ବିଶେଷ ଧ୍ୟାନ ଦେଇଥିଲେ । ସେ ଆକ୍ରମଣକାରୀଙ୍କ ଦ୍ୱାରା କ୍ଷତିଗ୍ରସ୍ତ ବଦ୍ରିନାଥରୁ ରାମେଶ୍ୱର ଏବଂ ଦ୍ୱାରିକାଠାରୁ ପୁରୀ ପର୍ଯ୍ୟନ୍ତ ମନ୍ଦିରଗୁଡ଼ିକୁ ପୁର୍ନନିର୍ମାଣ କରିଥିଲେ। ତାଙ୍କର ଏହି କାର୍ଯ୍ୟକଳାପ ପ୍ରାଚୀନ କାଳରୁ ପ୍ରଚଳିତ ତଥା ଆକ୍ରମଣ ସମୟରେ ବ୍ୟାହତ ହୋଇଥିବା ତୀର୍ଥଯାତ୍ରା ପାଇଁ ନୂତନ ଚେତନା ଆଣିଥିଲା। ସମଗ୍ର ଭାରତରେ ବ୍ୟାପିଥିବା ଏହି ପବିତ୍ର ସ୍ଥାନଗୁଡ଼ିକର ବିକାଶ ପ୍ରକୃତରେ ତାଙ୍କର ରାଷ୍ଟ୍ରୀୟ ଦୃଷ୍ଟିର ପ୍ରତିଫଳନ । ଏହି ମହାନ କାର୍ଯ୍ୟଗୁଡ଼ିକ ପାଇଁ ତାଙ୍କୁ 'ପୁଣ୍ୟଶ୍ଲୋକା' ଉପାଧି ମିଳିଥିଲା । ତାଙ୍କର କୃତିତ୍ୱ ଓ ବ୍ୟକ୍ତିତ୍ୱ ତାଙ୍କୁ 'ରାଜମାତା'ରୁ 'ଲୋକମାତା'ରେ ପରିଗଣିତ କରିଥିଲା। ଅଷ୍ଟାଦଶ ଶତାବ୍ଦୀରେ ଜଣେ ସାଧାରଣ ମହିଳା ନିଜକୁ କେବଳ ରାଜନୀତିରେ ନୁହେଁ ଲୋକହିତକର କାର୍ଯ୍ୟରେ ନିୟୋଗ କରିବାର ଜ୍ୱଳନ୍ତ ନମୁନା କେବଳ ମହାରାଣୀ ଅହଲ୍ୟା ବାଇଙ୍କ ପାଖରେ ଦେଖିବାକୁ ମିଳିଥିଲା, ଯାହା ସଂପ୍ରତି ସମାଜ ପାଇଁ ଆମ ସମସ୍ତଙ୍କ ପାଇଁ ପ୍ରେରଣାର ଉତ୍ସ । ପୁଣ୍ୟଶ୍ଲୋକ ଦେବୀ ଅହଲ୍ୟାବାଇଙ୍କ ଜୟନ୍ତୀର ୩୦୦ ବର୍ଷ ପୂର୍ତ୍ତିର ପବିତ୍ର ଅବସରରେ ତାଙ୍କୁ ଶ୍ରଦ୍ଧାପୂର୍ବକ ନମସ୍କାର କରି ସମାଜର ସମସ୍ତ ଭାଇଭଉଣୀ ଏହି କାର୍ଯ୍ୟକ୍ରମରେ ମନୋଯୋଗ ପୂର୍ବକ ସହଭାଗୀ ହେବା । ତାଙ୍କ ଦ୍ୱାରା ପ୍ରଦର୍ଶିତ ସରଳତା, ଚରିତ୍ରବତ୍ତା, ଧର୍ମନିଷ୍ଠା ଏବଂ ରାଷ୍ଟ୍ରୀୟ ସ୍ୱାଭିମାନର ମାର୍ଗରେ ଅଗ୍ରସର ହେବା ହିଁ, ତାଙ୍କ ପାଇଁ ଉପଯୁକ୍ତ ଶ୍ରଦ୍ଧାଞ୍ଜଳି ହେବ ।

**ମନ୍ତ୍ରୀ, ଗୃହ ନିର୍ମାଣ, ନଗର ଉନ୍ନୟନ ଏବଂ ସାଧାରଣ ଉଦ୍ୟୋଗ, ଓଡିଶା ସରକାର**

# ଅଧଘଣ୍ଟା ବର୍ଷାରେ ରାସ୍ତାରେ ଆଣ୍ଠୁଏ ପାଣି

କେନ୍ଦ୍ରାପଡା,(ସବ୍ୟୁ) : କେନ୍ଦ୍ରାପଡା ପୌରାଞ୍ଚଳ ଅନ୍ତର୍ଗତ ବିଭିନ୍ନ ୱାର୍ଡର ଡ୍ରେନେଜ୍ ବ୍ୟବସ୍ଥା ଠିକ୍ ନଥିବାରୁ ବର୍ଷା ଜଳ ନିଷ୍କାସନ ହୋଇପାରୁ ନାହିଁ । ଯାହା ଫଳରେ ବର୍ଷା ଦିନରେ ବିଭିନ୍ନ ୱାର୍ଡର ମୁଖ୍ୟ ରାସ୍ତାରେ ଆଣ୍ଠୁଏ ଲେଖାଏଁ ବର୍ଷାଜଳ ଛିଡାହୋଇ ରହୁଛି । ସୋମବାର ଦିନ ପ୍ରାୟ ୧୨ଟା ସମୟରେ ଘଡଘଡି ସହ ଅଧଘଣ୍ଟା ବର୍ଷା ହେବା ଦ୍ୱାରା ସହରର ମୁଖ୍ୟରାସ୍ତା ଉପରେ ଆଣ୍ଠୁଏ ପାଣି ଛିଡା ହୋଇଥିବା ଦେଖିବାକୁ ମିଳିଛି । ସହରର ମୁଖ୍ୟ ରାସ୍ତା ପୌରସଂସ୍ଥା ଠାରୁ ମାତ୍ର ୫୦୦ ମିଟର ଦୂରରେ ଥିବା କେନ୍ଦ୍ରାପଡା କୋର୍ଟ ରାସ୍ତା ଓ କୋର୍ଟ ନିକଟରେ ଥିବା ହନୁମାନ ମନ୍ଦିର ନିକଟରେ ଆଣ୍ଠୁଏ ଡ୍ରେନ ପାଣି ମୁଖ୍ୟ ରସ୍ତା ଉପରେ ଲହଡି ମାରିବାରୁ ପବିତ୍ର ସାବିତ୍ରୀ ଓଷାରେ ହନୁମାନ ମନ୍ଦିରକୁ ଯାତାୟତ କରୁଥିବା



ମହିଳା ମାନେ ଡ୍ରେନ୍‌ର ପଚା ପାଣିରେ ପଶି ମନ୍ଦିରକୁ ପୂଜା କରିବୁ ଯାଉଥିବା ଦେଖିବାକୁ ମିଳିଛି । ବର୍ଷାଜଳ ଡ୍ରେନ୍ ଦ୍ୱାରା ନିଷ୍କାସନ ନ ହେବାରୁ କୋର୍ଟ ନିକଟରେ ପ୍ରାୟ ୨ ଘଣ୍ଟା ଧରି ବର୍ଷାଜଳ ଲହଡି ମାରୁଥିବା ଦ୍ୱାରା ବହୁ ଜନ ସାଧାରଣ କୋର୍ଟକୁ ଆସୁଥିବା ବ୍ୟକ୍ତି ଓ ମନ୍ଦିରକୁ ଯାଉଥିବା ମହିଳା ମାନେ ଅସୁବିଧାର ସମ୍ମୁଖୀନ ହୋଇଛନ୍ତି । ତୁରନ୍ତ ବର୍ଷାଜଳ ନିଷ୍କାସନ କରିବା ପାଇଁ ଡ୍ରେନ ଗୁଡିକୁ ସଫା କରିବା ସହ ଚଉଡା କରିବା ପାଇଁ ସାଧାରଣରେ ଦାବି ହେଉଛି ।

# କେବେ ମିଳିବ ପ୍ରଧାନମନ୍ତ୍ରୀ ଆବାସ କାର୍ଯ୍ୟାଦେଶ

ନିଶ୍ଚିନ୍ତକୋଇଲି,(ସବ୍ୟୁ) : ସରକାର ପରିବର୍ତ୍ତନ ହେବାର ପାଖାପାଖି ଏକ ବର୍ଷ ହୋଇଥିଲା ବେଳେ ଅଦ୍ୟାବଧି ପ୍ରଧାନମନ୍ତ୍ରୀ ଆବାସ ଯୋଜନା(ଗ୍ରାମୀଣ)ରେ କାର୍ଯ୍ୟାଦେଶ ବଣ୍ଟାଯାଇନଥିବା ଦେଖାଯାଇଛି ।ହେଲେ ବର୍ତ୍ତମାନ ମଇ ମାସ ଶେଷ ହେବାକୁ ବସିଥିଲେ ମଧ ଏହି ଦୁଇ ଯୋଜନାରେ ହିତାଧିକାରୀ ମାନେ ପକ୍କାଘର ନିର୍ମାଣ କରିବା ପାଇଁ କାର୍ଯ୍ୟାଦେଶ ମିଳିନଥିବା ଅଭିଯୋଗ ହେଉଛି । ବିଧବା ମହିଳା ଓ ଭିନ୍ନକ୍ଷମ ମାନଙ୍କୁ ସ୍ୱତନ୍ତ୍ର ଭାବେ ପକ୍କାଘର ଯୋଗାଇ ଦେବା ପାଇଁ ଅନ୍ତୋଦୟ ଗୃହ ଯୋଜନା ଆରମ୍ଭ କରିଛନ୍ତି ସରକାର । ଏହି ଗୃହ ଯୋଜନାରେ ଯୋଗ୍ୟ ହିତାଧିକାରୀ ସାମିଲ ହେବା ପାଇଁ ନିଶ୍ଚିନ୍ତକୋଇଲି ବ୍ଲକର ୪୧ଗୋଟି ପଞ୍ଚାୟତରେ ସର୍ଭେ କାର୍ଯ୍ୟ ମଧ ଚାଲିଛି । ଏହି ସର୍ଭେ କାର୍ଯ୍ୟ ମେ ମାସ ୩୦ ତାରିଖରେ ଶେଷ ହେବା ପରେ ଯୋଗ୍ୟ ହିତାଧିକାରୀ ବଛାଯାଇ ସେମାନଙ୍କୁ କାର୍ଯ୍ୟାଦେଶ ପ୍ରଦାନ କରାଯିବ ବୋଲି ବ୍ଲକ କାର୍ଯ୍ୟାଳୟ ସୂତ୍ରରୁ ଜଣାଯାଇଛି । ଏହି ବ୍ଲକରେ ଅନ୍ତୋଦୟ ଗୃହ ଯୋଜନାରେ ୭ଶହରୁ ଉର୍ଦ୍ଧ୍ୱ ହିତାଧିକାରୀଙ୍କୁ ପକ୍କାଘର ଯୋଗାଇ ଦେବା ପାଇଁ ଲକ୍ଷ୍ୟ ଧାର୍ଯ୍ୟ ମଧ କରାଯାଇଛି । ହେଲେ କାର୍ଯ୍ୟର ମନ୍ଥର ଗତି ପାଇଁ ସର୍ଭେ କାର୍ଯ୍ୟ ଶେଷ ହୋଇ ପାରୁନଥିବା ବେଳେ କାର୍ଯ୍ୟାଦେଶ ବଣ୍ଟନ ପାଇଁ ବାଧା ଉପୁଜିଛି । ଏହାଛଡ଼ା ଗତ ଫେବୃୟାରୀ ମାସରେ ଶହେରୁ ଉର୍ଦ୍ଧ୍ୱ ହିତାଧିକାରୀ ମାନଙ୍କୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ପକ୍କାଘର ନିର୍ମାଣ କରିବା ପାଇଁ କାର୍ଯ୍ୟାଦେଶ ବଣ୍ଟନ କରାଯାଇଥିଲା ବେଳେ ସେମାନଙ୍କର ବ୍ୟାଙ୍କ୍ ଜମାଖାତାକୁ ଅଦ୍ୟାବଧି ଅର୍ଥ ଯୋଗାଇ ଦିଆଯାଇନାହିଁ । ବର୍ତ୍ତମାନ ମୌସୁମୀ ଜନିତ ବର୍ଷା ଆଗମନ ପ୍ରାୟ । ହେଲେ ହିତାଧିକାରୀଙ୍କୁ ମିଳିନାହିଁ ପକ୍କାଘର ନିର୍ମାଣର କାର୍ଯ୍ୟାଦେଶ । ଯଦି ବର୍ଷା ଋତୁରେ ହିତାଧିକାରୀମାନଙ୍କୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଓ ଅନ୍ତୋଦ୍ୱୟ ଗୃହ ଯୋଜନାରେ ପକ୍କାଘର ନିର୍ମାଣ ପାଇଁ କାର୍ଯ୍ୟାଦେଶ ପ୍ରଦାନ କରାଯାଏ ତାହାହେଲେ ବର୍ଷା ସମୟରେ ସେମାନେ କିପରି ଗୃହ ନିର୍ମାଣ କରିବେ ସେ ନେଇ ପ୍ରଶ୍ନ ଉଠିଛି । ଗୃହ ନିର୍ମାଣ ପାଇଁ ଆବଶକୀୟ ଉପକରଣ ଇଟା, ବାଲି, ଗୋଡି, ସିମେଣ୍ଟଆଦି ନେବା ଆଣିବା କରିବାରେ ଅସୁବିଧା ଉପୁଜିବ । ବର୍ଷା ଲାଗି ରହିଲେ ଗୃହ ନିର୍ମାଣ କାର୍ଯ୍ୟ ମଧ ହୋଇ ପାରିବ ନାହିଁ । ସରକାରଙ୍କ ନିୟମାନୁଯାୟୀ ହିତାଧିକାରୀ ଗୃହ ନିର୍ମାଣ କରିବାର ପ୍ରଥମ କିସ୍ତି ଅର୍ଥ ପାଇବାର ୧୨୦ ଦିନ ଭିତରେ ଯଦି ଗୃହ ନିର୍ମାଣ କାର୍ଯ୍ୟ ପୂର୍ଣ୍ଣାଙ୍ଗ କରେ ତାହାହେଲେ ହିତାଧିକାରୀଙ୍କୁ ଅଧିକ ୧୦ ହଜାର ଟଙ୍କାର ପ୍ରୋତ୍ସାହନ ରାଶି ପ୍ରଦାନ କରାଯିବ । ସେହିପରି ଯେଉଁ ହିତାଧିକାରୀ ପ୍ରଥମ କିସ୍ତି ଅର୍ଥ ପାଇବାର ୯୦ ଦିନ ଭିତରେ ଗୃହ ନିର୍ମାଣ କାର୍ଯ୍ୟ ପୂର୍ଣ୍ଣାଙ୍ଗ କରିବ ତାଙ୍କୁ ୨୦ ହଜାର ଟଙ୍କାର ଅଧିକ ପ୍ରୋତ୍ସାହନ ରାଶି ପ୍ରଦାନ କରାଯିବାର ବ୍ୟବସ୍ଥା ରହିଛି । ହେଲେ ଜୁନ୍‌ମାସରେ ଯଦି କାର୍ଯ୍ୟାଦେଶ ପ୍ରଦାନ କରାଯାଏ ତାହା ହେଲେ ହିତାଧିକାରୀ ବର୍ଷା ଦିନରେ ନିର୍ଦ୍ଦିଷ୍ଟ ସମୟସୀମା ଭିତରେ ଗୃହ ନିର୍ମାଣ କାର୍ଯ୍ୟ ସଂପୂର୍ଣ୍ଣ କରିପାରିବ ନାହିଁ କିମ୍ବା ପ୍ରୋତ୍ସାହନ ରାଶି ବାବଦର ଅର୍ଥ ୧୦ ହଜାର ବା ୨୦ ହଜାର ଅର୍ଥ ରାଶି ପାଇ ପାରିବ ନାହିଁ । ସେ ନେଇ ହିତାଧିକାରୀମାନେ ଆଶା ଆଶଙ୍କାରେ ଅଛନ୍ତି । ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେଇ ତୁରନ୍ତ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଗ୍ରାମୀଣର କାର୍ଯ୍ୟାଦେଶ ବଣ୍ଟନ କରିବାକୁ ସାଧାରଣରେ ଦାବି ହେଉଛି ।

## ଟାଟା କାରଖାନାରୁ ଚୋରି :୨ ଚାଳକ ଗିରଫ

ଦାନଗଦି ,(ସବ୍ୟୁ):କଳିଙ୍ଗନଗର ଥାନା ଅନ୍ତର୍ଗତ ଟାଟା ଷ୍ଟିଲ କାରଖାନାରୁ ପୃଥକ ପୃଥକ ଚୋରି ଘଟଣାରେ ୨ ଗାଡି ଚାଳକ ଏହି ଥାନା ଅନ୍ତର୍ଗତ ସାରଙ୍ଗପୁର ଗ୍ରାମର ଜଗଦିଶ୍ ଜେରାଇ(୨୬) ଓ ସୁକିନ୍ଦା ଥାନା ଅନ୍ତର୍ଗତ ଯାମୁପଷି ଗ୍ରାମର ରାଧୁ ମଳିକ (୩୬) କୁ ଗିରଫ କରି ଆଜି ଅଦାଲତକୁ ଚାଲାଣ କରାଯାଇଥିବା ଜଣାଯାଇଛି । ଜଗଦିଶ୍ ଜେରାଇ ଏକ କ୍ୟାମ୍ପର ଗାଡି (ଓଡି ୩୪ ଡବ୍ଲୁ-୦୬୫୬ ) ରେ କାରଖାନା ପରିସରରୁ ୯୦ କି.ଗ୍ରା ତମ୍ବା ତାର ଚୋରି କରି ନେଉଥିଲା । ଯାହାର ଆନୁମାନିକ ମୂଲ୍ୟ ଏକ ଲକ୍ଷରୁ ଉର୍ଦ୍ଧ୍ୱ ହେବ । ସେହିପରି ରାଧୁ ମଳିକ ଏକ କ୍ୟାମ୍ପର ଗାଡି ( ଓଡ଼ି ୨୧ଏଫ୍-୧୯୪୫୬ ରେ କାରଖାନା ଭିତରୁ ୭ ଖଣ୍ଡ ଲୁହା ଚୋରି କରି ନେଉଥିଲା । କାରଖାନାରେ ନିୟୋଜିତ ସୁରକ୍ଷା କର୍ମିଙ୍କ **ଦ୍ୱାରା** ଧରା ପଡିଥିଲେ । ଉଭୟଙ୍କୁ ଥାନାରେ ଜିମା ଦିଆଯିବା ସହ ୨ଗୋଟି ଲିଖିତ ଅଭିଯୋଗ ହୋଇଥିଲା । ତଦନ୍ତ ଅଧିକାରୀ ଆସାମିଙ୍କୁ ଗିରଫ କରିବା ସହିତ ସେମାନଙ୍କ ଠାରୁ ଚୋରି ସାମଗ୍ରି ଜବତ ସହ ଗାଡି ୨ଟିକୁ ଜବତ କରି ତଦନ୍ତ ଜାରି ରଖିଛନ୍ତି ।

## କର୍କଟ ପୀଡିତଙ୍କୁ ସହଯୋଗର ହାତ ବଢାଇଲେ ଆମେରିକାର ପ୍ରାଧ୍ୟାପକ

କେନ୍ଦ୍ରାପଡା,(ସବ୍ୟୁ) :କେନ୍ଦ୍ରାପଡା ଜିଲ୍ଲା ସ୍ଥିତ ରାଜକନିକା ବ୍ଲକର ସିଂହପୁର ଜରିକୂଳ ସାହିର ନୃସିଂହ ଚରଣ ଦାସ କର୍କଟ ରୋଗରେ ଆକ୍ରା' ହୋଇ ଦୀର୍ଘ ଦିନ ହେଲା ଭୁବନେଶ୍ୱରସ୍ଥିତ ଏକ ଘରୋଇ ଚିକିତ୍ସାଳୟରେ ଚିକିତ୍ସିତ ହେଉଛି' । ଚିକିତ୍ସା ପାଇଁ ଅର୍ଥ ବାଧକ ସାଜିଥିବାରୁ ଉକ୍ତ ଅଂଚଳର ଜନୈକ ମହିଳା ସମାଜସେବୀ ଗାୟତ୍ରୀ ଦାସ ଆମେରିକାରେ ପ୍ରାଧ୍ୟାପକ ଥିବା ଡଃ ଦେବେନ୍ଦ୍ର କୁମାର ଦାସ ବାଞ୍ଛାନିଧି ଦାସ, ଶ୍ରୀମତୀ ଦେବୀ ଚାରିଟେବୁଲ ଟ୍ରଷ୍ଟର ମୁଖ୍ୟଙ୍କୁ ଅବଗତ କରାଇବା ପରେ ଡଃ ଦାସ ଉକ୍ତ ପୀଡିତଙ୍କୁ ସହଯୋଗର ହାତ ବଢାଇବାକୁ ନିଷ୍ପତି ନେଇ ଜିଲ୍ଲା ପ୍ରତିଭା ପୂଜା ସଂସଦର ସଭାପତି ପ୍ରଦୀପ ମହାଁ'ଙ୍କ ଜରିଆରେ ନୃସିଂହ ଚରଣଙ୍କୁ ତାଙ୍କ ବାସସ୍ଥାନରେ ପହଁଚି ତାଙ୍କୁ ଆର୍ଥିକ ସହାୟତା ପ୍ରଦାନ କରିବା ପାଇଁ କହିଥିଲେ । ଆଜି ଶ୍ରୀ ମହାଁ' ତାଙ୍କ ଘରେ ପହଁଚି ଉକ୍ତ ଅର୍ଥରାଶିକୁ ନୃସିଂହଙ୍କୁ ପ୍ରଦାନ କରିଥିଲେ । ଏହି ଅବସରରେ ଡଃ ଦାସ ସୁଦୂର ଆମେରିକାରୁ ତାଙ୍କର ଆସୁ ଆରୋଗ୍ୟ କାମନା ଓ ପ୍ରାର୍ଥନା କରିଛି' ବୋଲି ଶ୍ରୀ ମହାଁ' ପୀଡିତଙ୍କୁ କହିଥିଲେ । ଏଥିରେ ସମାଜସେବୀ ଭାଗିରଥି ଜେନା, ଶ୍ରୀନିବାସ ପ୍ରଧାନ ଓ ଗାୟତ୍ରୀ ଦାସ ପ୍ରମୁଖ ଉପସ୍ଥିତ ଥିଲେ ।

## ସାବିତ୍ରୀ ବ୍ରତ ପାଳନ

କଣାସ,(ସବ୍ୟୁ):ସଧବା ମହିଳାଙ୍କର ଶ୍ରେଷ୍ଠ ସାବିତ୍ରୀ ବ୍ରତ । ପୁରୀ ଜିଲ୍ଲା କଣାସ ବ୍ଲକର ପୁରପଲ୍ଲୀରେ ଆଧ୍ୟାତ୍ମିକ ପରିବେଶ ମଧ୍ୟରେ ପାଳିତ ହୋଇଯାଇଛି । ମହିଳା ମାନେ ନୂତନ ବସ୍ତ୍ର ପରିଧାନ କରି ଏକାଠି ହୋଇ ମଠ, ମନ୍ଦିର ଏବଂ ମଣ୍ଡପରେ ଏହି ବ୍ରତ ପାଳନ କରିଥିଲେ। ଆଉ କେତେକ ନିଜ ନିଜର ଘରର ମହିଳାଙ୍କୁ ନେଇ ଭିନ୍ନ ଭିନ୍ନ ଭାବରେ ଘରର ତୁଳସୀ ଚଉରା ମୂଳରେ ଆମ୍ବ, ପଣସ, ସପୁରୀ,କମଳା, ସେଓ,ଅଙ୍ଗୁର,ମୁଗ,ସଙ୍ଖା, ସିନ୍ଦୁର ଓ ନୂତନ ବସ୍ତ୍ର ଥାଳରେ ରଖି ପୂଜା କରିଥିବା ଦେଖିବାକୁ ମିଳିଥିଲା ।ପୁରାଣ ଶାସ୍ତ୍ରରେ ସାବିତ୍ରୀ ବ୍ରତ କଥାରେ ଉଲ୍ଲେଖ ରହିଛି ଯେ ଜ୍ୟୋଷ୍ଠ କୃଷ୍ଣପକ୍ଷ ଅମାବାସ୍ୟା ତିଥିରେ ସାବିତ୍ରୀ ନାମ ସ୍ମରଣ କରି ଯେଉଁ ନାରୀ ପବିତ୍ର ମନରେ ସାବିତ୍ରୀ ବ୍ରତ କରିବ ସେ ନାରୀ ଜନ୍ମେ ଜନ୍ମେ ସଧବା ରହିବ। ଏହାସହ ପତି ପରାୟଣ ହୋଇ ପୁତ୍ରବତୀ, ଧନବତୀ ହେବ ଓ ଅନ୍ତିମ ସମୟରେ ବୈକୁଣ୍ଠ ଗମନ କରିବ ।

## ସାବିତ୍ରୀରେ ପଣସ ବେପାର ମାନ୍ଦା

ନିରାକାରପୁର,(ସବ୍ୟୁ): ସାବିତ୍ରୀ ଅମାବାସ୍ୟା ରେ ଫଳ ବଜାରରେ ଅସମ୍ଭବ ଭିଡ ଦେଖିବାକୁ ମିଳି ଥିଲେ ବି ପଣସ ବେପାର ପୁରା ମାନ୍ଦା ପଡିଯାଇଥିଲା। ଖୋର୍ଦ୍ଧା ଜିଲ୍ଲା ନିରାକାରପୁର ବଜାରରେ ବହୁ ବେପାରୀ ଭଲ ବେପାର ଆଶାରେ ଟ୍ରକ୍ ଟ୍ରକ୍ ପଣସ ଆଣି ଗଦାଇଥିଲେ। କିନ୍ତୁ ଲୋକ ମାନଙ୍କର ଏ ବର୍ଷ କାହିଁକି କେଜାଣି ପଣସ ପ୍ରତି ସତେ ଯେମିତି ଆଗ୍ରହ ନ ଥିବା ଭଳି ପରିଲକ୍ଷିତ ହୋଇଥିଲା। ସାବିତ୍ରୀ ପର୍ଯ୍ୟନ୍ତ ବେପାରୀଙ୍କ ର ବେପାର ହୋଇ ନ ଥିବାବେଳେ ପଣସ ପୋଚା ହେବାରୁ କିଛି ବେପାରୀ ପଣସ ବଜାରରେ ଛାଡ଼ି ରାଗରେ ପଳାଇଥିଲେ। ଗାଈଗୋରୁ ମାନ ଭାରି ବଜାରରେ ବେପାର ପାଇଁ ରଖା ଯାଇଥିବା ପଣସ ଖାଉ ଥିବାର ଦେଖିବାକୁ ମିଳିଥିଲା।

# ଜାରକା ବସ ଷ୍ଟପ ରାସ୍ତାରେ ଲହଡି ମାରୁଛି ବର୍ଷାଜଳ



ଧର୍ମଶାଳା,(ସବ୍ୟୁ) :ଧର୍ମଶାଳା ବ୍ଲକ ଜାରକା ବସ ଷ୍ଟପ ନିକଟସ୍ଥ ରାସ୍ତାରେ ବର୍ଷା ଜଳ ଲହଡି ମାଡୁଥିବା ଦେଖିବାକୁ ମିଳିଛି । ଯାହା ଫଳରେ ବଜାରକୁ ଆସୁଥିବା ଲୋକେ ଓ ଯାତ୍ରୀ ମାନେ ନାନା ପ୍ରକାର ସମସ୍ୟା ର ସମ୍ମୁଖୀନ ହେଉଛନ୍ତି । ଧର୍ମଶାଳା ବ୍ଲକ ୧୬ ନଂ ଜାତୀୟ ରାଜପଥ ଉଭୟ ପାର୍ଶ୍ୱରେ ଜାରକା ବଜାର ରହିଥିବା ବେଳେ ବେଳେ ଏଠାରେ ବଡ ବଡ ବ୍ୟବସାୟିକ ଅନୁଷ୍ଠାନ , ଶିକ୍ଷାନିଷ୍ଠାନ, ବିଭିନ୍ନ ସରକାରୀ ଓ ବେସରକାରୀ ଅନୁଷ୍ଠାନ ମାନ ରହିଛି । ହେଲେ ବଜାରର ଉଭୟ ପାର୍ଶ୍ୱରେସଠିକ ଭାବେ ଡ୍ରେନେଜ ବ୍ୟବସ୍ଥା କରାଯାଇନଥିବାରୁ ବର୍ଷା ଜଳ ରାସ୍ତା ଉପରେ ଜମିରହୁଛି । କୋଟି କୋଟି ଟଙ୍କା ଖର୍ଚ୍ଚ କରାଯାଇ ଜାରକା ଅଂଚଳର ଗଳି କନ୍ଦି ରେ ଡ୍ରେନ ର ବ୍ୟବସ୍ଥା କରାଯାଇଛି ହେଲେ ଏସବୁ କାମରେ ଆସୁନାହିଁ । ଯାହାଫଳରେ ବସ ଷ୍ଟପରେ ବର୍ଷା ଜଳ ଜମି ରହୁଛି । ଏହାର ପାଶ୍ୱର୍ରେ ଥିବା ଡ୍ରେନକୁ ସଫା କରାନଯାଉ ନଥିବାରୁ ଏଭଳି ଅବସ୍ଥା ଉପୁଜୁଛି ବୋଲି ଅଭିଯୋଗ ହୋଇଛି । କେବଳ ଜାରକା ବସ ଷ୍ଟାଣ୍ଡ ନୁହେଁ ବରଂ ଜାରକା ର ବିଭିନ୍ନ ସ୍ଥାନରେ ଏହି ଭଳି ଚିତ୍ର ଦେଖିବାକୁ ମିଳୁଛି। ଅନେକ ସ୍ଥାନରେ ମଧ ବିପଦ ପୂର୍ଣ୍ଣ ଭାବେ ଡ୍ରେନ ଗୁଡ଼ିକ ମୁକୁଳା ହୋଇ ପଡି ରହିଛି। ତେଣୁ ଆଗକୁ ବର୍ଷା ଋତୁ ଆସୁ ଥିବାରୁ ଜାତୀୟ ରାଜପଥ କର୍ତୃପକ୍ଷ ତୁରନ୍ତ ଏହାକୁ ସଫା କରାଯିବା ସହ ସଠିକ ବ୍ୟବସ୍ଥା କରିବାକୁ ସାଧାରଣରେ ଦାବି ହୋଇଛି।

# କରାଣ୍ଡିଆ ଶାଖା କେନାଲ ନିର୍ମାଣଧିନ ଢଳେଇ ଭୁଶୁଡିଲା : ତଦନ୍ତ ଦାବି

ନିଶ୍ଚିନ୍ତକୋଇଲି,(ସବ୍ୟୁ) : ନିଶ୍ଚିନ୍ତକୋଇଲି ବ୍ଲକ ଅନ୍ତର୍ଗତ କରାଣ୍ଡିଆ ଶାଖା କେନାଲ ଲାଇନିଂ କାର୍ଯ୍ୟ ୬ କୋଟିରୁ ଉର୍ଦ୍ଧ୍ୱ ଟଙ୍କା ବ୍ୟୟରେ ଟେଣ୍ଡର ମାଧ୍ୟମରେ ଓସିସି କଂପାନୀ ନେଇ କାର୍ଯ୍ୟ କରୁଛି । ଜଳସେଚନ ବିଭାଗ ତତ୍ତ୍ୱାବଧାନରେ ଏହି ନିର୍ମାଣ କାର୍ଯ୍ୟ ଚାଲିଛି । ଏହି କେନାଲ ଉପରେ ନିର୍ଭର କରୁଥିବା ଚାଷୀମାନଙ୍କ ସ୍ୱାର୍ଥ ଦୃଷ୍ଟିରୁ ରାଜ୍ୟ ରାଜକୋଷରୁ କୋଟି କୋଟି ଟଙ୍କା ବ୍ୟୟ କରାଯାଇ ଏହି ନିର୍ମାଣ କାର୍ଯ୍ୟ ହେଉଛି । ନିର୍ମାଣାଧିନ ଅବସ୍ଥାରେ ନିର୍ମାଣ ହେଉଥିବା ଢଳେଇ ସାମାନ୍ୟ ମେଘରେ ଭୁଷୁଡି ପଡିଥିବା ଦେଖିବାକୁ ମିଳିଛି । ଠିକାଦାର ଓ ବିଭାଗୀୟ ଅଧିକାରୀଙ୍କ ଖାମ ଖିଆଲୀ ଓ ଦୁର୍ନୀତି କରିବାର ମାନସିକତା ଯୋଗୁ ରାଜ୍ୟ ସରକାରଙ୍କ ରାଜକୋଷରୁ ଅର୍ଥ ପାଣିରେ ଭାସି ଯାଉଛି । ସରକାର ଯେଉଁ ମହତ ଉଦ୍ଦେଶ୍ୟ ନେଇ ଚାଷୀମାନଙ୍କୁ ଜଳସେଚନର ସୁବିଧା ଯୋଗାଇ ଦେବାର ଲକ୍ଷ୍ୟରେ ଏହି ନିର୍ମାଣ କାର୍ଯ୍ୟ କରୁଛନ୍ତି । କିନ୍ତୁ ଠିକାଦାର ଓ ବିଭାଗୀୟ ଅଧିକାରୀଙ୍କ ସଲାସୁତୁରା ଯୋଗୁ ନିମ୍ନମାନର କାର୍ଯ୍ୟ ହେଉଥିବାରୁ ସରକାରଙ୍କ ଚାଷୀଙ୍କ ଉଦ୍ଦେଶ୍ୟରେ ହୋଇଥିବା ଏହି ଯୋଜନା ଫଳପ୍ରଦ ହେବ ନାହିଁ । ଏହି ସମ୍ବେଦନଶୀଳ ଘଟଣାକୁ ନେଇ ନିଶ୍ଚିନ୍ତକୋଇଲି ବ୍ଲକ କଂଗ୍ରେସ କମିଟି ପୂର୍ବତନ ସଭାପତି ରମାକାନ୍ତ ବେହେରା, କଂଗ୍ରେସ ବରିଷ୍ଠ କର୍ମୀ ଅକ୍ଷୟ କୁମାର ସାହୁ, କଟକ ଜିଲ୍ଲାପାଳ ଓ ଜଳସଂପଦ ବିଭାଗ ନିର୍ଦ୍ଦେଶକଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି ।



ଜିଲ୍ଲାପାଳ ଓ ଜଳସଂପଦ ବିଭାଗ ନିର୍ଦ୍ଦେଶକ ଏହାର ତଦନ୍ତ କରାଇଲେ ଠିକାଦାର ଓ ବିଭାଗୀୟ ଅଧିକାରୀଙ୍କ ଭିତରେ ହୋଇଥିବା ଅଲିଖିତ ବୁଝାମଣାର ସତ୍ୟତା ପଦାକୁ ଆସନ୍ତା ।

## ୩୦ରେ ପୂର୍ବତନ ବିଧାୟକ ରବି ଲାବଣ୍ୟଙ୍କ ଜୟନ୍ତୀ

ଧର୍ମଶାଳା,(ସବ୍ୟୁ) : ଜନପ୍ରିୟ ଜନନେତା ବନ୍ଦେ ଉତ୍କଳ ଜନନୀର ପ୍ରତିଷ୍ଠାତା ତଥା ଧର୍ମଶାଳାର ପୂର୍ବତନ ବିଧାୟକ ସ୍ୱର୍ଗତ ରବି ଲାବଣ୍ୟଙ୍କ ୮୮ ତମ ଜୟନ୍ତୀ ସମାରୋହ ଆସନ୍ତା ୩୦ ତାରିଖରେ ଅନୁଷ୍ଠିତ ହେବ ।ବନ୍ଦେ ଉତ୍କଳ ଜନନୀ ଅନୁଷ୍ଠାନ ଆନୁକୂଲ୍ୟରେ ଆୟୋଜିତ ଏହି ସମାରୋହରେ ବିଶିଷ୍ଟ ଓଡିଆ ଚଳଚ୍ଚିତ୍ର ଅଭିନେତା ପ୍ରଦ୍ୟୁମ୍ନ ଲେଙ୍କା, ଧର୍ମଶାଳା ବାଣୀପୀଠର ଅବସରପ୍ରାପ୍ତ ଆଦର୍ଶ ଶିକ୍ଷକ ମଦନ ମୋହନ କଣ୍ଡଙ୍କୁ ରବି ଲାବଣ୍ୟ ଗୌରବ ସମ୍ମାନରେ ସମ୍ବର୍ଦ୍ଧିତ କରାଯିବା ସହ ଦି ଗ୍ରେଟ ଓଡିଶା ପଲିଟିକାଲ ସର୍କସର ଦିବଙ୍ଗତ ହାସ୍ୟ ଅଭିନେତା ସ୍ୱର୍ଗତ ଅଜୟ ନାୟକଙ୍କୁ ମରଣୋତ୍ତର ସମ୍ମାନ ପ୍ରଦାନ କରାଯିବ ବୋଲି ଜଣାପଡିଛି । ସମାରୋହରେ ସ୍ମରଣିକା 'ସ୍ୱାଭିମାନ'ର ତୃତୀୟ ଭାଗ ଅତିଥିମାନଙ୍କ ଦ୍ୱାରା ଉନ୍ମୋଚିତ ହେବ । ପିତାଙ୍କର ସ୍ମୃତି ରକ୍ଷା ପାଇଁ ଆୟୋଜିତ ଏହି କାର୍ଯ୍ୟକ୍ରମକୁ ସଫଳ କରିବା ପାଇଁ ସ୍ୱର୍ଗତ ଲାବଣ୍ୟଙ୍କ ଜ୍ୟେଷ୍ଠ ପୁତ୍ର ପ୍ରାଧ୍ୟାପକ ବଳଭଦ୍ର ଦାଶ ଏବଂ କନିଷ୍ଠ ପୁତ୍ର ଆଇନଜୀବୀ ଶ୍ୟାମପ୍ରସାଦ ଦାଶ ସମସ୍ତଙ୍କର ସହଯୋଗ କାମନା କରିଛନ୍ତି ।

## ଅସିତ ସାଲେପୁର ମଣ୍ଡଳର ନୂତନ ସଭାପତି

ସାଲେପୁର,(ସବ୍ୟୁ) :ଭାରତୀୟ ଜନତା ପାର୍ଟି ରାଜ୍ୟସଭାପତି ମନମୋହନ ସାମଲ ଏବଂ କଟକ ଗ୍ରାମୀଣ ଜିଲ୍ଲା ସଭାପତି ରାମ ନାରାୟଣ ମହାନ୍ତିଙ୍କ ଅନୁମୋଦନ କ୍ରମେ ସାଲେପୁର ମଣ୍ଡଳର ନୂତନ ସଭାପତି ଭାବେ ଅସିତ କୁମାର ମହାନ୍ତିଙ୍କୁ ନିଯୁକ୍ତ କରିଛନ୍ତି । ଛାତ୍ର ଜୀବନରୁ ଅସିତ କୁମାର ମହାନ୍ତି ଛାତ୍ର ସଂସଦ ନିର୍ବାଚନରେ ବିଭିନ୍ନ ପଦ ପଦବୀରେ ରହିବା ସହିତ ଭାରତୀୟ ଜନତାପାର୍ଟିର ବିଭିନ୍ନ ଗୁରୁପୂର୍ଣ ଦାୟିତ୍ୱ ରେ ରହି ଆସିଛନ୍ତି । ଗତ ସାଧାରଣ ନିର୍ବାଚନରେ ମାହଙ୍ଗା ନିର୍ବାଚନ ମଣ୍ଡଳୀ ଭଳି ସଂବେଦନଶୀଳ ନିର୍ବାଚନ ମଣ୍ଡଳୀରେ ଭାରତୀୟ ଜନତା ପାର୍ଟି ତାଙ୍କୁ ପ୍ରଭାରିରୂପେ ଦାୟିତ୍ୱ ଦେଇଥିଲା । ସାଲେପୁର ମଣ୍ଡଳର ସଭାପତି ଭାବେ ଦାୟିତ୍ୱ ନେବା ପରେ ମଣ୍ଡଳର ସାଙ୍ଗଠନିକ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ସହିତ ସାଧାରଣ ଜନତାଙ୍କର ମୌଳିକ ସମସ୍ୟାକୁ ଗୁରୁତ୍ୱ ଦେଇ କାର୍ଯ୍ୟ କରିବେ ବୋଲି କାର୍ଯ୍ୟକର୍ତ୍ତାମାନେ ଆଶା ବାନ୍ଧିଛନ୍ତି । ଅସିତ ମହାନ୍ତିଙ୍କୁ ମଣ୍ଡଳ ସଭାପତି ଦାୟିତ୍ୱ ଦେଇଥିବାରୁ ସାଲେପୁର ବିଜେପିର ବରିଷ୍ଠ ବିଜେପି ନେତା କୁଞ୍ଜମୋହନ ସେଠି, ସତ୍ୟବାଦୀ ଚଇନି, ତ୍ରିଲୋଚନ ପାତ୍ର, ବିଜୟ କେତନ ଜେନା, ବିଜୟଲକ୍ଷ୍ମୀ ଦାଶ ,ଦିଲ୍ଲୀପ ଦାସ , ଜିଲ୍ଲା ସଭାପତି ରାମ ନାରାୟଣ ମହାନ୍ତି,ସାଲେପୁର ନିର୍ବାଚନ ମଣ୍ଡଳୀ ନେତା ଅରିନ୍ଦମ ରାୟ ଏବଂ ପୂର୍ବତନ କଟକ ଜିଲ୍ଲା ସଭାପତି ଚୌଧୁରୀ ହେମନ୍ତ କୁମାର ସାହୁଙ୍କ ସମେତ ସମସ୍ତ ନେତୃବୃନ୍ଦଙ୍କୁ ଅଶେଷ ଧନ୍ୟବାଦ ଜ୍ଞାପନ କରିଛନ୍ତି ।



## ନିଆରା କବିତା ଆସର ତାରୁଣ୍ୟ ତରଙ୍ଗ

କେନ୍ଦ୍ରାପଡ଼ା,(ସବ୍ୟୁ): ପ୍ରଥମ କରି ୩୦ ବର୍ଷରୁ କମ୍ ତରୁଣ ସୃଜନ ଶିଳ୍ପୀଙ୍କୁ ନେଇ ଏକ ନିଆରା କବିତା ଆସର ତାରୁଣ୍ୟ ତରଙ୍ଗ ଅନୁଷ୍ଠିତ ହୋଇଯାଇଛି। କଳା, ସଂସ୍କୃତି ଓ ବୌଦ୍ଧିକତା ବିକାଶ ଦିଗରେ କାର୍ଯ୍ୟରତ ଦୁଇ ପ୍ରତିବଦ୍ଧ ଅନୁଷ୍ଠାନ ସିମ୍ଫୋନି ଓ କେନ୍ଦ୍ରାପଡ଼ା ଇଭେଣ୍ଟ ମ୍ୟାନେଜସ୍(କେମ୍)ର ମିଳିତ ପ୍ରୟାସରେ ସ୍ଥାନୀୟ ମାଧପୁର ପୁନର୍ବାସଠାରେ ଏହି ଭିନ୍ନ ସୃଜନ ଆସର ଆୟୋଜିତ ହୋଇଯାଇଛି। ଯୁବକବି ଗୋଲାପ ରାଉତଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି ସ୍ୱତନ୍ତ୍ର କବିତା ଆସରରେ କବି ସଂଗ୍ରାମ ମହାରଣା, ପ୍ରିୟଙ୍କା ପ୍ରିୟଦର୍ଶିନୀ ସ୍ୱାଇଁ, ପୂଜାଶ୍ରୀ ସେଠୀ, ଦେବଦତ୍ତ ମିଶ୍ର, ଗାୟତ୍ରୀ ପୃଷ୍ଟି, ସଂଜୀବ ଜେନା ଓ ମନୋଜ ବିଶ୍ୱାଳ ପ୍ରମୁଖ ସେମାନଙ୍କ ସ୍ୱରଚିତ କବିତା ପାଠ କରିଥିଲେ। ଏହିଅବସରରେ ଯୁବକବି ଦେବଦତ୍ତ ମିଶ୍ରଙ୍କ ଦ୍ୱିତୀୟ କବିତା ସଂକଳନ ଆକାଶ ସମୁଦ୍ର ପଠାର୍କାପିତ ହୋଇଥିଲା। ନୂତନ ପୁସ୍ତକ ସମ୍ପର୍କରେ ଅଧ୍ୟାପକ ଡ. ଗିରିଜାକାନ୍ତ ଦାସ ନିଜର ସମୀକ୍ଷାତ୍ମକ ଦୃଷ୍ଟିକୋଣ ଉପସ୍ଥାପନା କରିଥିଲେ। ସଂକଳନର ବିଭିନ୍ନ କବିତାକୁ ଉପସ୍ଥିତ କବି ଆବୃତ୍ତି କବିତା ପରେ ପରିଶେଷରେ ସିମ୍ଫୋନି ଓ କେମ୍‌ର ମୁଖ୍ୟ ଉପଦେଷ୍ଟା ବିରଜା ରାଉତରାୟ ଦେବଦତ୍ତଙ୍କ ଏହି ନୂତନ ସଂକଳନର କାବ୍ୟିକ ଆବେଦନ ଓ କଳାତ୍ମକ ଅଭିନବତ୍ୱ ସମ୍ପର୍କରେ ଆଲୋକପାତ କରିଥିଲେ। ପରିଶେଷରେ ସିମ୍ଫୋନିର କୋଷାଧକ୍ଷ ବଂଶୀଧର ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ। ରଂଜନ ସ୍ୱାଇଁ, ମିହିର ରଂଜନ ବାରିକ ଓ ଦୀପକ ସାହୁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହାୟତା କରିଥିଲେ।

# ଓଡିଶା ପାଇଁ ଗୌରବ ଆଣିଲେ ସିପ୍‌କଟାକ୍ରୋ ମହିଳା ଖେଳାଳି



ଭୁବନେଶ୍ୱର(ସବ୍ୟୁ):ଡିଉ ଠାରେ ଚାଲିଥିବା ପ୍ରଥମ ଖେଳ 'ଖେଲୋ ଇଣ୍ଡିଆ ବିଚ୍' ଗେମ୍ସରେ ଓଡିଶା ସିପ୍‌କଟାକ୍ରୋ ମହିଳା ଦଳରୌପ୍ୟ ପଦକ ହାସଲ କରିଥିବାବେଳେ ପୁରୁଷ ଦଳରେ ବ୍ରୋଞ୍ଜ, ମହିଳାରେ କାଂସ୍ୟ ପଦକ ହାସଲ କରି ଓଡିଶାକୁ ଗୌରବ ଆଣିଛନ୍ତି। ଏଥିରେ ହାଇଟେକ୍ ଗ୍ରୁପ୍‌ର ପ୍ରତିଷ୍ଠାତା ଅଧ୍ୟକ୍ଷ ଡଃ ତିରୁପତି ପାଣିଗ୍ରାହୀ ଉପସ୍ଥିତରହି ଖେଳାଳିମାନଙ୍କୁ ଉତ୍ସାହିତ କରିବା ସହିତ ଆଗାମୀ ଦିନରେ ସମସ୍ତ ସାହାଯ୍ୟ ସହଯୋଗର ହାତବଢାଇଦେବା ପାଇଁ ପ୍ରତିଶୃତିବଦ୍ଧ ହୋଇଛନ୍ତି। ଡିଉ ଠାରେ ୧୯ ରୁ ୨୪ ତାରିଖ ପର୍ଯ୍ୟନ୍ତ ଚାଲିଥିବା ଖେଲୋଇଣ୍ଡିଆ ବିଚ୍ ଗେମ୍ସର ଶେଷ ଦିବସରେ ଓଡିଶାର ସିପ୍‌କଟାକ୍ରୋ ଦଳର ସଫଳତାରେ ଓଡିଶା ଗର୍ବିତ। ରାଜ୍ୟ ସରକାରଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ସିପ୍‌କଟାକ୍ରୋ ଦଳ ଡିଉର ଖେଲୋ ଇଣ୍ଡିଆ ଗେମ୍ସରେ ଭାଗ ନେଇଛନ୍ତି।ପୁରୁଷ ଦଳରେ ଆକାଶ ରେଡ୍ଡି, ବିକାଶ ରେଡ୍ଡି, ଗୁରୁ ମାଝି, ଆଶିଷ୍ ପ୍ରଧାନ, ଶୁଭେନ୍ଦୁ ନାୟକ ଏବଂ ଲୁଲୁପାତ୍ର ଖେଳୁଥିବାବେଳେ ସୁଶାନ୍ତ ଷଡଙ୍ଗୀ ମ୍ୟାନେଜର୍ ଏବଂ ଲଲାଟେନ୍ଦୁ ସ୍ୱାଇଁ କୋଚ୍ ରହିଥିଲେ। ସେହିପରି ମହିଳା ଦଳରେ ଏ. ଶ୍ରାବଣୀ, ସଙ୍ଗୀତା କିସାନ୍, ମଧୁସ୍ମିତା ବେହେରା, ଗାୟତ୍ରୀ ସାହୁ, ଇତିଶ୍ରୀ ସାମଲ ଏବଂରାଇମଣି ଟୁଡୁ ଖେଳାଳି ଭାବେ ଭାଗ ନେଇଥିବାବେଳେ କୋଚ୍ ଲକ୍ଷ୍ମୀପ୍ରିୟା ନାୟକ ଏବଂ ଟିମ୍ ମ୍ୟାନେଜର୍‌ସ୍ୱାରିକା ଦାଶ ରହିଛନ୍ତି। ଓଡିଶା ଦଳର ସଫଳତା ପାଇଁ ଓଡିଶା କ୍ରୀଡା ବିଭାଗ ନିର୍ଦ୍ଦେଶକ ଦିପମ୍ପର ମହାପାତ୍ର,ଓଡିଶା ସିପ୍‌କଟାକ୍ରୋ ଦଳର ରାଜ୍ୟ ସଭାପତି ସତ୍ୟବ୍ରତ ରଥ, ସାଧାରଣ ସଂପାଦକ ପୃଥ୍ୱୀରାଜ ସାହୁ , ବରିଷ୍ଠ ମହମଦ ଗୁଲଫାମ୍, ବିଶ୍ୱନାଥ ମିଶ୍ର, କୋଷାଧ୍ୟକ୍ଷ ନିରୋଧ କୁମାର ସ୍ୱାଇଁ ପ୍ରମୁଖ ଶୁଭେଚ୍ଛା ଜଣାଇଛନ୍ତି।

# ନବରସର ନାୟକ ଥିଲେ ନାଟ୍ୟଶ୍ରୀ ଆର୍ତ୍ତବନ୍ଧୁ ରାଉତରାୟ



ଜଗତସିଂହପୁର,(ସବ୍ୟୁ):ନବରସର ନାୟକ ନାଟ୍ୟଶ୍ରୀ ଆର୍ତ୍ତବନ୍ଧୁ ରାଉତରାୟଙ୍କ ୯୭ତମ ଜୟନ୍ତୀ ମହା ଆଡମ୍ବରରେ ପାଳିତ ହୋଇଯାଇଛି ।ନାଟ୍ୟଶ୍ରୀ ଆର୍ତ୍ତବନ୍ଧୁ ରାଉତରାୟ ସ୍ମୃତି ପରିଷଦ ତରଫରୁ ଅନୁଷ୍ଠିତ ଏହି ସ୍ମୃତିଚାରଣ ସଭାରେ ପରିଷଦର ଉପଦେଷ୍ଟା ସୁରେଶ ଚନ୍ଦ୍ର ରାଉତ ସଭାପତିତ୍ୱ କରିଥିଲେ । ସଭାର ଆରମ୍ଭରେ ପରିଷଦର ଉପସଭାପତି ଅଶୋକ ଜେନା ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ଦେଇଥିବା ବେଳେ ନାଟ୍ୟକାରଙ୍କ ପୁତ୍ର ତଥା ସମ୍ପାଦକ ତପନ କୁମାର ରାଉତରାୟ ସମ୍ପାଦକୀୟ ବିବରଣୀ ପାଠ କରିଥିଲେ ।ଏଥିରେ ମୁଖ୍ୟଅତିଥି ଭାବେ ଜଗତସିଂହପୁରର ବିଧାୟକ ଅମରେନ୍ଦ୍ର ଦାସ ତାଙ୍କ ବକ୍ତବ୍ୟରେ କହିଥିଲେ ଯେ ଆମ କଳା ଓ ସଂସ୍କୃତିକୁ ବିଶେଷ କରି ନାଟ୍ୟଶ୍ରୀ ଆର୍ତ୍ତବନ୍ଧୁ ରାଉତରାୟଙ୍କ ସ୍ମୃତିକୁ ବଞ୍ଚାଇ ରଖିବା ପାଇଁ ଏଭଳି ଉଦ୍ୟମର ଉଚ୍ଚ ପ୍ରଶଂସା କରିବା ସହିତ ପୂଜ୍ୟପୂଜା କ୍ଷେତ୍ରରେ ବ୍ୟତିକ୍ରମକୁ କୌଣସି ପରିସ୍ଥିତିରେ ପ୍ରଶୟ ଦିଆଯିବ ନାହିଁ ବୋଲି ଦୃଢୋକ୍ତି ପ୍ରକାଶ କରିଥିଲେ । ମୁଖ୍ୟ ବକ୍ତାଭାବେ ସୂଚନା ଓ ଲୋକସମ୍ପର୍କ ବିଭାଗର ଅବସରପ୍ରାପ୍ତ ଯୁଗ୍ମ ନିର୍ଦ୍ଦେଶକ ସୂର୍ଯ୍ୟରଞ୍ଜନ ମହାନ୍ତି ଆଲୋଚନାରେ ଭାଗନେଇ ନାଟ୍ୟଶ୍ରୀ ଆର୍ତ୍ତବନ୍ଧୁ ରାଉତରାୟ ଯଥାର୍ଥରେ ନବରସର ନାୟକ ଥିଲେ ବୋଲି କହିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲାପରିଷଦ ଅଧ୍ୟକ୍ଷ ମନୋଜ ଭୋଇ, ଅବସରପ୍ରାପ୍ତ ଅଧ୍ୟାପକ ତଥା ସ୍ତମ୍ଭକାର ହିମାଂଶୁ ଆଚାର୍ଯ୍ୟ, ରଘୁନାଥପୁର ପଞ୍ଚାୟତ ସମିତିର ପୂର୍ବତନ ଅଧ୍ୟକ୍ଷ ରଜତ ପାତ୍ର, ପୌରପରିଷଦ ଅଧ୍ୟକ୍ଷା ଅର୍ଚ୍ଚନା ସିଂ, ସ୍ଥାନୀୟ ସରପଞ୍ଚ ମିନତୀ ଜେନା, ସମିତି ସଭ୍ୟ ଦୀପକ ସ୍ୱାଇଁ ପ୍ରମୁଖ ଆଲୋଚନାରେ ଭାଗନେଇ ଆର୍ତ୍ତବନ୍ଧୁ ରାଉତରାୟଙ୍କ ଅଭିନୀତ ବହୁଚର୍ଚ୍ଚିତ ନାଟକ ପିତୃଭକ୍ତ କୁନାଳ, ଛାଇ ଆଲୁଅ, ବେଗମ୍ ଆସମାନ ତାରା ଥରେ ଦେଖନ୍ତୁ ସମ୍ପର୍କରେ ଆଲୋଚନା କରିଥିଲେ । ଏହି ପରିପ୍ରେକ୍ଷୀରେ ଆର୍ତ୍ତବନ୍ଧୁଙ୍କ ସ୍ମୃତିକୁ ଉଜ୍ଜିବୀତ କରି ରଖିବା ପାଇଁ ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ନାଟ୍ୟକାର କୈଳାସ ମଲ୍ଲିକ, ନାଟ୍ୟନିର୍ଦ୍ଦେଶକ ବିନୋଦ ରାଉତ, ଖଳନାୟକ କାହ୍ନା ସ୍ୱାଇଁ, ଶ୍ରେଷ୍ଠ ଅଭିନେତା ବ୍ରଜବିହାରୀ ନାୟକଙ୍କ ସମେତ ୨୦ଜଣଙ୍କୁ ନାଟ୍ୟଶ୍ରୀ ଆର୍ତ୍ତବନ୍ଧୁ ରାଉତରାୟ ସ୍ମୃତି ସମ୍ମାନରେ ସମ୍ବର୍ଦ୍ଧିତ କରାଯାଇଥିଲା । ଉତ୍ସବ ପରିଚାଳନାରେ ସମାଜସେବୀ ବିଜନ ମହାପାତ୍ର, ସମୀର ପଟ୍ଟନାୟକ, ସରୋଜ ଦ୍ୱିବେଦୀ, ଅରୁଣ ରାଉତରାୟ, ଗୌର ଚନ୍ଦ୍ର ପଣ୍ଡା, ତରୁଣ କୁମାର ରାଉତରାୟ, ଅଜୟ ଗୋଛାୟତ, ଶୁଭେନ୍ଦୁ ସ୍ୱାଇଁ ଓ ଭଞ୍ଜକିଶୋର ସ୍ୱାଇଁ ପ୍ରମୁଖ ସହାୟତା କରିଥିଲେ । ଉତ୍ସବକୁ ସରସ ସୁନ୍ଦର କରିବା ପାଇଁ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା । ଶେଷରେ ପରିଷଦର ଉପସଭାପତି ସରୋଜ କୁମାର ମହାପାତ୍ର ଧନ୍ୟବାଦ ଦେଇଥିଲେ ।

### ବାଙ୍କୀ କେନ୍ଦ୍ର ବ୍ୟାଙ୍କ ସିଇଓଙ୍କ କାର୍ଯ୍ୟାଳୟରେ ତାଲା ଠୁଙ୍କିଲେ ସଭାପତି

## ପ୍ରକୋଷ୍ଠ ବାହାରେ ଛିଡ଼ା ହୋଇ ଫେରିଲେ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ

ବାଙ୍କୀ ,(ସବ୍ୟୁ) : କଟକ ଜିଲ୍ଲାର ବାଙ୍କୀ କେନ୍ଦ୍ର ସମବାୟ ବ୍ୟାଙ୍କ ମୁଖ୍ୟ କାର୍ଯ୍ୟାଳୟର ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ (ସିଇଓ)ଙ୍କ ପ୍ରକୋଷ୍ଠରେ ତାଲା ପକାଇଲେ ବ୍ୟାଙ୍କ ପରିଚାଳନା ପରିଷଦର ସଭାପତି।ସୋମବାର ପୂର୍ବାହ୍ନ ୧୦ଟାରେ ବ୍ୟାଙ୍କ ମୁଖ୍ୟ କାର୍ଯ୍ୟାଳୟକୁ ବାଙ୍କୀ କେନ୍ଦ୍ର ସମବାୟ ବ୍ୟାଙ୍କ ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ (ସିଇଓ)କରୁଣାକର ସାହୁ ନିଜ ପ୍ରକୋଷ୍ଠକୁ ଯିବା ବେଳକୁ କବାଟରେ ତାଲା ଝୁଲୁଥିବା ଦେଖି ଥିଲେ। ଫଳରେ ପ୍ରକୋଷ୍ଠ ସମ୍ମୁଖରେ ଦୀର୍ଘ ଘଣ୍ଟା ଧରି ଛିଡା ହୋଇ ସମବାୟ ବିଭାଗ ବରିଷ୍ଠ ଅଧିକାରୀମାନଙ୍କୁ ଅଭିଯୋଗ କରି ଛିଡ଼ା ହୋଇଫେରିଥିଲେ। ଫଳରେ ବାଙ୍କୀ କେନ୍ଦ୍ର ସମବାୟ ବ୍ୟାଙ୍କର ସମସ୍ତ କାର୍ଯ୍ୟ ଅଚଳ ହୋଇ ପଡ଼ିଛି । ସେବା ସମବାୟ ସମିତି ର ମୁଖ୍ୟ କାର୍ଯ୍ୟାଳୟ ରେ ଏଭଳି ଅଭାବନୀୟ ଘଟଣା ସମସ୍ତ ଙ୍କୁ ଚକିତ କରିଛି। ବ୍ୟାଙ୍କ ସଭାପତି ସମସ୍ତ ଆର୍ଥିକ କାରବାର ଅନୈତିକ କାରବାର ରେ ହସ୍ତକ୍ଷେପ କରିବା ସହିତ ସମସ୍ତ ଅନିୟମିତା କାର୍ଯ୍ୟ କରିବାକୁ ବ୍ୟାଙ୍କ ସଭାପତି ସବୁ ବେଳେ ଚାପ୍ ପକାଇ ସଫଳ ନ ହେବାରୁ ଜେନ ତେନ୍ ପ୍ରକାରରେ ହଇରାଣ କରିବା ଉଦ୍ଦେଶ୍ୟରେ ଗତ ୨୩ ତାରିଖ ଦିନ ବ୍ୟାଙ୍କ କାର୍ଯ୍ୟାଳୟ ବନ୍ଦ ସମୟ ରେ ତାଲା ପକାଇ ଦେଇଥିଲେ ବୋଲି ବାଙ୍କୀ କେନ୍ଦ୍ର ସମବାୟ ବ୍ୟାଙ୍କ ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ କରୁଣାକର ସାହୁ ଅଭିଯୋଗ କରିଛନ୍ତି। ଆହୁରି ଅନେକ ଅଭିଯୋଗ କରିଛନ୍ତି ଯେ ଗତ ୧୪.୦୫.୨୦୨୫ ରେ ନୂଆ ଗାଁ ଗ୍ରାମ ପଞ୍ଚାୟତର ଭଗବାନ ଆଦିତ୍ୟ ସେବା ସମବାୟ ସମିତିର ପୂର୍ଣ୍ଣ କାର୍ଯ୍ୟକ୍ଷମ କରିବାକୁ ସମବାୟ ବିଭାଗ ରେଜିଷ୍ଟ୍ରରଙ୍କ ଠାରୁ ନିର୍ଦ୍ଦେଶ କାର୍ଯକାରୀ ନ କରିବା ପାଇଁ, ଦ୍ୱିତୀୟରେ କେନ୍ଦ୍ର ସମବାୟ ବ୍ୟାଙ୍କର ପାଞ୍ଚ ଗୋଟି ଶାଖା ରେ କାର୍ଯ୍ୟ କରିବା ପାଇଁ ପାଞ୍ଚ ଲକ୍ଷ ଟଙ୍କା ଲେଖାଏଁ ୨୦୨୪ ଆର୍ଥିକ ବର୍ଷରେ ଆସିଥିବା ଅନୁଦାନରୁ ଠିକା କାମ କରିବା ନିମନ୍ତେ ସଭାପତି ବାଧ କରିଥଲେ। ମାତ୍ର ଜିଲ୍ଲାପାଳଙ୍କ ନିର୍ଦ୍ଦେଶ ଅନୁସାରେ ନିୟନ୍ତ୍ରିତ ବଜାର କମିଟି ନିର୍ମାଣ କାର୍ଯ୍ୟ କରିବାରୁ ନିର୍ଦ୍ଦେଶ ଦେବାରୁ ବିରୋଧ କରିଛନ୍ତି ସଭାପତି ଶ୍ରୀ ପାଢ଼ୀ। ତୃତୀୟରେ ବ୍ୟାଙ୍କ ପାଇଁ ଯେଉଁ ସାମଗ୍ରୀ କିଣା ଯାଉଛି, ତାହା ସଭାପତି ନିଜେ କିଣିବାକୁ ମନା କରି ଦେବାରୁ ସଠିକ୍ ଭାବେ କୋଟେଶନ ଅନୁସାରେ କିଣା ଯିବାକୁ ରୋକ ଠୋକ ସିଇଓ ଶୁଣାଇବାରୁ ରାଗରେ ସଭାପତି ଏଭଳି ବିରୋଧ କରିଥିବାର ବାଙ୍କୀ କେନ୍ଦ୍ର ସମବାୟ ବ୍ୟାଙ୍କ ମୂଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ କରୁଣାକର ସାହୁ ପ୍ରତିକ୍ରିୟା ପ୍ରକାଶ କରିଛନ୍ତି।ସେପଟେ କେନ୍ଦ୍ରସମବାୟ ବ୍ୟାଙ୍କ୍ ପରିଚାଳନା ପରିଷଦ ସଭାପତି ସୁବାସ ଚନ୍ଦ୍ରପାଢ଼ୀ କହିଛନ୍ତି ପରିଚାଳନା ପରିଷଦର ସଭ୍ୟମାନେ ସଇଓଙ୍କ କାର୍ଯ୍ୟରେ ଅସନ୍ତୋଷ ପ୍ରକାଶ କରି ତାଲା ପକାଇ ଅଛନ୍ତି। ଉପରିଷ୍ଠ ଅଧିକାରୀ ତଦନ୍ତ କରିବା ପରେ ତାଲା ଖୋଲା ଯିବ। କେନ୍ଦ୍ରସମବାୟ ବ୍ୟାଙ୍କରେ ସି ଇ ଓ ଓ ସଭାପତି ଙ୍କ ମଧ୍ୟରେ ବିବାଦ ଉଗ୍ର ରୂପ ଧାରଣ କରିଥିବାରୁ ଚିନ୍ତାରେ ଜମାକାରୀ ।



## ସାମ୍ବାଦିକଙ୍କୁ ଆକ୍ରମଣ ଘଟଣାକୁ ଦୃଢ ନିନ୍ଦା

ନିମାପଡା,(ସବ୍ୟୁ):ବଲାଙ୍ଗୀରରେ କାର୍ଯ୍ୟରତ ଜଣେ ବରିଷ୍ଠ ସାମ୍ବାଦିକଙ୍କୁ ଜଣେ ଠିକାଦାର ଓ ତାଙ୍କର କିଛି ସମର୍ଥକ ହାତ ବାନ୍ଧି ବର୍ବର ଆକ୍ରମଣକୁ ପୁରୀ ଜିଲ୍ଲା ନିମାପଡାରେ ସାମ୍ବାଦିକ ମାନଙ୍କ ପକ୍ଷରୁ ଦୃଢ ନିନ୍ଦା କରାଯାଇଛି । ତୁରନ୍ତ ଘଟଣାର ମୁଖ୍ୟ ମାଷ୍ଟର ମାଇଣ୍ଡ କୁହାଯାଉଥିବା ଠିକାଦାର ଗଜେନ୍ଦ୍ର ଦଳେଇଙ୍କୁ ପୁଲିସ ଗିରଫ କରିବାକୁ ଦାବୀ କରାଯାଇଛି । ପୁଇଁତଲା ଥାନା କୁଲଥିପାଲି ଗାଁରେ ଗତ ଶୁକ୍ରବାର ଖବର ସଂଗ୍ରହ ପାଇଁ ଯାଇଥିବା ବେଳେ ସାମ୍ବାଦିକ ବିଜୟ ପ୍ରଧାନଙ୍କୁ ଗାଁ ଦାଣ୍ଡରେ ଠିକାଦାର ଗଜେନ୍ଦ୍ର ଦଳେଇ ଓ ତାଙ୍କର ସମର୍ଥକମାନେ ହାତ ବାନ୍ଦି ମାଡ ଓ ମୁହଁକୁ ଗୋଇଠା ମାରିଥିଲେ । ପରେ ଏନେଇ ସାମ୍ବାଦିକ ଶ୍ରୀ ପ୍ରଧାନ ପୁଇଁ'ଲା ଥାନାରେ ଅଭିଯୋଗ କରିବାପରେ ପୁଲିସ ଜଣେ ନାବାଳକ ସମେତ ୪ଜଣଙ୍କୁ ଗିରଫ କରିଥିବା ବେଳେ ଆଜି ପର୍ଯ୍ୟନ୍ତ ମୁଖ୍ୟ ଅଭିଯୁକ୍ତ ଗଜେନ୍ଦ୍ରଙ୍କୁ ଗିରଫ କରାଯାଇନାହିଁ । ତୁରନ୍ତ ମୁଖ୍ୟ ଅଭିଯୁକ୍ତଙ୍କୁ ଗିରଫ କରିବା ପାଇଁ ସାମ୍ବାଦିକ ବସନ୍ତ ନାୟକ ,ପ୍ରଦୀପ ବେହେରା,ଶରତ ସେନାପତି,ପୂର୍ଣ୍ଣଚନ୍ଦ୍ର ମହାପାତ୍ର,ଜୟନ୍ତ ସେଠୀ,ପ୍ରଫୁଲ୍ଲ କର ପ୍ରମୁଖ ଦାବୀ କରିଛନ୍ତି।


## ରିଜୋନାନ୍ସ ଉଚ୍ଚ ମାଧ୍ୟମିକ ଆବାସିକ ବିଦ୍ୟାଳୟରେ ସମ୍ବର୍ଦ୍ଧନା ଉତ୍ସବ



ଫୁଲନଖରା , (ସବ୍ୟୁ) :କଟକ ସଦର ଥାନା ଅନ୍ତର୍ଗତ ଭାଣପୁର ଠାରେ ସ୍ଥିତ ରିଜୋନାନ୍ସ ଉଚ୍ଚ ମାଧ୍ୟମିକ ଆବାସିକ ବିଦ୍ୟାଳୟ ପରିସରରେ ଏକ ସମ୍ବର୍ଦ୍ଧନା ଉତ୍ସବ ପାଳନ ହୋଇଯାଇଛି। ଏହି ଅବସରରେ ବିଦ୍ୟାଳୟର ଅଧ୍ୟକ୍ଷ ଧନେଶ୍ୱର ବେହେରାଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ବିଦ୍ୟାଳୟର ନିର୍ଦ୍ଦେଶକ ମୃତ୍ୟୁଞ୍ଜୟ ନାରାୟଣ ପଣ୍ଡା,ସମସ୍ତ ଶିକ୍ଷୟିତ୍ରୀ,ଶିକ୍ଷକ,କର୍ମଚାରୀ ଓ ଅଭିଭାବକମାନେ ଯୋଗଦେଇ ଚଳିତ ବର୍ଷ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦଦ୍ୱାରା ପରିଚାଳିତ ଯୁକ୍ତ୨ ପରୀକ୍ଷାରେ କୃତକାର୍ଯ୍ୟ ହୋଇଥିବା ଛାତ୍ରୀ ଛାତ୍ରମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ପରିପ୍ରେକ୍ଷୀରେ ବିଦ୍ୟାଳୟର ଟପର ଇତିଶ୍ରୀ ସାହୁ ୫୪୯ ମାର୍କ ରଖିଥିବା ସ୍ଥଳେ ,ଦ୍ୱିତୀୟରେ ଦିବ୍ୟଜିତ ମୁଦୁଲି ୫୪୮ ଓ ତୃତୀୟ ସ୍ଥାନରେ ୫୪୨ ନମ୍ବର ରଖି ଲିଜା ରାଣୀ ଶତପଥୀ ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ଚଳିତ ବର୍ଷ ବିଦ୍ୟାଳୟରେ ୮୨.୮% ଛାତ୍ରୀ ଛାତ୍ର ପ୍ରଥମ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଥିବା ବେଳେ,ଦ୍ୱିତୀୟ ଶ୍ରେଣୀରେ ୧୭.୨% ଜଣ ଛାତ୍ରୀ ଛାତ୍ର ଉତ୍ତୀର୍ଣ୍ଣ ହୋଇଛନ୍ତି। ସେହିପରି ଶତପ୍ରତିଶତ ଛାତ୍ର ଛାତ୍ରୀ ଉତ୍ତୀର୍ଣ୍ଣ ହୋଇଥିବାରୁ ଅଭିଭାବକ ମହଲରେ ଖୁସିର ଲହରି ଖେଳି ଯାଇଥିଲା।କାର୍ଯ୍ୟକ୍ରମରେ ବରିଷ୍ଠ ଅଧ୍ୟାପକ ପ୍ରଦୀପ କୁମାର ନାୟକ ଛାତ୍ରୀ ଛାତ୍ର ମାନଙ୍କର ଆଗାମୀ ସମୟର ସଦୁପୋଯୋଗ କରିବା ପାଇଁ ପରାମର୍ଶ ଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ଅଧ୍ୟାପିକା ସୁଦୀପ୍ତା ମୁଳିଆ,ଅଧ୍ୟାପକ ସରୋଜ କୁମାର ପଣ୍ଡା ଛାତ୍ରୀ ଛାତ୍ର ମାନଙ୍କୁ ନୂତନ ମାର୍ଗ ବିଷୟରେ ପରିଦର୍ଶନ କରାଇଥିଲେ। ପରିଶେଷରେ ଅଧ୍ୟାପକ କେଶବ ଚନ୍ଦ୍ର ଭୂୟାଁ ଧନ୍ୟବାଦ ଦେଇଥିଲେ।

## ଛାତ୍ରବତ୍ସଳ ଶିକ୍ଷକ ବୈରାଗୀ ସାହୁଙ୍କୁ ଶ୍ରଦ୍ଧାଞ୍ଜଳି

ବାଲିପାଟଣା ,(ସବ୍ୟୁ) : ଖୋର୍ଦ୍ଧା ଜିଲ୍ଲା ବାଲିପାଟଣା ବୁଦ୍ଧନାଥ ଉଚ୍ଚ ବିଦ୍ୟାଳୟର ଛାତ୍ର ବତ୍ସଳ ଶିକ୍ଷକ ବୈରାଗୀ ଚରଣ ସାହୁଙ୍କ ଏକାଦଶାହରେ ପୁରାତନ ଛାତ୍ରଛାତ୍ରୀମାନଙ୍କ ତରଫରୁ ଗଭୀର ଶ୍ରଦ୍ଧାଞ୍ଜଳି ପ୍ରଦାନ କରାଯାଇଛି। ଦୀଘଦିନ ଧରି ଶିକ୍ଷକତା କରିଥିବା ଅବସରପ୍ରାପ୍ତ ଶିକ୍ଷକ ବୈରାଗି ଚରଣ ସାହୁ ଗତ ୧୬ ତାରିଖ ଶୁକ୍ରବାର ଦିନ ଇହଲିଳା ସମ୍ବରଣ କରିଛନ୍ତି । ସେ ଜଣେ ଛାତ୍ର ବତ୍ସଳ ଓ ପରଉପକାରୀ ଶିକ୍ଷକ ଭାବରେ ବେସ ଜଣାଶୁଣା । ତାଙ୍କର ମତ୍ୟୁ ଖବର ପାଇବା ପରେ ବହୁ ପୁରାତନ ଛାତ୍ରଛାତ୍ରୀ ଗଭୀର ଶୋକ ପ୍ରକାଶ କରିଥିବା ଜଣାପଡିଛି । ଏହି ଉପଲକ୍ଷେ ସୋମବାର ପୂର୍ବାହ୍ନରେ ୧୯୯୨ ମାଟ୍ରିକ ବ୍ୟାଚର ଛାତ୍ରଛାତ୍ରୀ ବୁଦ୍ଧନାଥ ଉଚ୍ଚ ବିଦ୍ୟାଳୟରେ ଏକ ସମ୍ବର୍ଦ୍ଧନା ସଭାର ଆୟୋଜନ କରିଥିଲେ। ଅତିଥି ଭାବରେ ପୂର୍ବତନ ଛାତ୍ର କାଶୀନାଥ ସାହୁ , ପ୍ରଧାନ ଶିକ୍ଷକ ତଥା ପୂର୍ବତନ ଛାତ୍ର ବିଜୟ କୁମାର ବେହେରା ଯୋଗ ଦେଇ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ। ସେହିପରି ୧୯୮୦ ବ୍ୟାଚର ଛାତ୍ର ତଥା ଅବସରପ୍ରାପ୍ତ ଶିକ୍ଷକ ନାରାୟଣ ବେହେରା , ପ୍ରମୋଦ କୁମାର ସାହୁ , ଅଜୟ ରାଉତରାୟ ,ବରିଷ୍ଠ ସାମ୍ବାଦିକ ଶରତ କୁମାର ସାହୁ , ପ୍ରସନ୍ନ ସେନାପତି, ମନୋରଞ୍ଜନ ମିଶ୍ର ଓ ୧୯୮୩ ବ୍ୟାଚର ପୂର୍ବତନ ଛାତ୍ର ତଥା ସାମ୍ବାଦିକ ଅଭିମନ୍ୟୁ ନାୟକ ,ଗଙ୍ଗାଧର ଓଝା ,ଚିତରଞ୍ଜନ ମିଶ୍ର , ଅଜୟ କୁମାର ବେହେରା ପ୍ରମୁଖ ଶ୍ରଦ୍ଧାଞ୍ଜଳୀ ପ୍ରଦାନ କରିଛନ୍ତି । ତାଙ୍କର ବିୟୋଗରେ ସମସ୍ତ ଛାତ୍ରଛାତ୍ରୀ ଶୋକବ୍ୟକ୍ତ କରିଛନ୍ତି।



## ୱାଟକୋ କର୍ତ୍ତୃପକ୍ଷଙ୍କ ନାମରେ ଅଭିଯୋଗ: ପୋଲିସର ତଦନ୍ତ ଆରମ୍ଭ

କୋଣାର୍କ , (ସବ୍ୟୁ) : କୋଣାର୍କ ଏନଏସି ଅଧିନସ୍ଥ ୫ନଂ ୱାର୍ଡ ଡାଳିମ୍ବଗୋରଡି ଗ୍ରାମ ପ୍ରବେଶ ପଥର ଡାହାଣ ପାର୍ଶ୍ୱରେ ଥିବା ସହକାରୀ ପ୍ରାଣୀ ଚିକିତ୍ସା ଅଧିକାରୀଙ୍କ ଅଗୋଚରରେ ଅନାଧିକାର ଭାବେ କୋଣାର୍କ ୱାଟକୋ ସେକ୍ସନ ଦାୟିତ୍ୱରେ ଥିବା ସହକାରୀ ପରିଚାଳକ ବେଆଇନ ଭାବେ ପାନୀୟଜଳ ଯୋଗାଣ ପ୍ରକଳ୍ପ କାର୍ଯ୍ୟ ଆରମ୍ଭ କରିବା ପାଇଁ ମସୁଧା କରିବା ଘଟଣାରେ ଗତ ୧୪ ତାରିଖରେ କୋଣାର୍କ ସହକାରୀ ପ୍ରାଣୀ ଚିକିତ୍ସା ଅଧିକାରୀ କୋଣାର୍କ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଦୀର୍ଘ ଦିନ ଧରି କୋଣାର୍କ ଏନଏସି ଅଧିନସ୍ଥ ଡାଳିମ୍ବଗୋରଡି ଗ୍ରାମର ପ୍ରବେଶ ପଥର ଡାହାଣ ପାର୍ଶ୍ୱରେ ରାଜ୍ୟ ସରକାରଙ୍କ ପଶୁ ସମ୍ପଦ ବିକାଶ ବିଭାଗ ପକ୍ଷରୁ ସହକାରୀ ପ୍ରାଣୀ ଚିକିତ୍ସା ଅଧିକାରୀଙ୍କ କାର୍ଯ୍ୟାଳୟ ଖୋଲିବା ସହିତ କୋଣାର୍କ ତଥା ଆଖପାଖ ଅଞ୍ଚଳର ଗୋ ସମ୍ପଦ ମାନଙ୍କର ସୁରକ୍ଷା ପାଇଁ ନିରବଛିନ୍ନ ଭାବରେ ସେବା ପ୍ରଦାନ କରି ଆସୁଛି। ଦୀର୍ଘ ଦିନ ଧରି ଏହି ସ୍ଥାନରେ ସହକାରୀ ପ୍ରାଣୀ ଚିକିତ୍ସା ଅଧିକାରୀଙ୍କ କାର୍ଯ୍ୟାଳୟ କାର୍ଯ୍ୟ କରୁଥିବା ବେଳେ ୱାଟକୋ ସେକ୍ସନ ଦାୟିତ୍ୱରେ ଥିବା ସହକାରୀ ପରିଚାଳକଙ୍କ ବେପରୁଆ ଓ ଦିଶାହୀନ ନୀତି ୱାଟକୋ କର୍ତ୍ତୃପକ୍ଷଙ୍କୁ ବଦନାମର ଦ୍ୱାରଦେଶରେ ଛିଡା କରିଦେଇଛି ବୋଲି କୋଣାର୍କ ଅଞ୍ଚଳର ବୁଦ୍ଧିଜୀବୀ, ସଚେତନ ନାଗରିକ, ପଶୁପ୍ରେମୀ ଓ କୋଣାର୍କ ଅଞ୍ଚଳର ଜନସାଧାରଣଙ୍କ ମଧ୍ୟରେ ଆଲୋଚନାର କେନ୍ଦ୍ରବିନ୍ଦୁ ପାଲଟିଛି। କୋଣାର୍କ ସହକାରୀ ପ୍ରାଣୀ ଚିକିତ୍ସା ଅଧିକାରୀଙ୍କ କାର୍ଯ୍ୟାଳୟ ପରିସରରେ କୋଣାର୍କ ୱାଟକୋ କର୍ତ୍ତୃପକ୍ଷଙ୍କ ପକ୍ଷରୁ ବେଆଇନ ଭାବେ ପାନୀୟଜଳ ଯୋଗାଣ ପ୍ରକଳ୍ପ କାର୍ଯ୍ୟ ଆରମ୍ଭ କରିବା ପାଇଁ ମସୁଧା ଚାଲିଥିବା ବେଳେ ଏଭଳି ବେଆଇନ କାର୍ଯ୍ୟ ଉପରେ ରୋକ ଲଗାଇବା ପାଇଁ ବିଭାଗୀୟ କର୍ତ୍ତୃପକ୍ଷଙ୍କ ନିର୍ଦ୍ଦେଶ କ୍ରମେ କୋଣାର୍କ ସହକାରୀ ପ୍ରାଣୀ ଚିକିତ୍ସା ଅଧିକାରୀ କୋଣାର୍କ ଥାନାରେ ୱାଟକୋ କର୍ତ୍ତୃପକ୍ଷଙ୍କ ନାମରେ ଲିଖିତ ଅଭିଯୋଗ କରିବା ସହ ଘଟଣାର ପୁଙ୍ଖାନୁପୁଙ୍ଖ ତଦନ୍ତ କରି ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଦାବି କରିଛନ୍ତି। ଏ ସମ୍ପର୍କରେ କୋଣାର୍କ ଥାନା ଅଧିକାରୀ ପୂର୍ଣ୍ଣ ଚନ୍ଦ୍ର ସେଠୀଙ୍କୁ ପଚାରିବାରେ ସେ କୁହନ୍ତି କୋଣାର୍କ ପ୍ରାଣୀ ଚିକିତ୍ସା ଅଧିକାରୀଙ୍କ କାର୍ଯ୍ୟାଳୟ ପରିସରରେ କୋଣାର୍କ ୱାଟକୋ ସେକ୍ସନ ପକ୍ଷରୁ ବେଆଇନ ଭାବେ ପାନୀୟଜଳ ଯୋଗାଣ ପ୍ରକଳ୍ପ କାର୍ଯ୍ୟ ଆରମ୍ଭ କରିବା ଘଟଣାରେ ପଶୁ ସମ୍ପଦ ବିଭାଗର ରିପୋର୍ଟକୁ ଭିତ୍ତିକରି ତଦନ୍ତ କରାଯାଇ ଏଭଳି ବେଆଇନ କାର୍ଯ୍ୟ ଉପରେ ରୋକ ଲଗାଇବା ପାଇଁ ପଦକ୍ଷେପ ଗ୍ରହଣ କରାଯିବ ବୋଲି ଥାନା ଅଧିକାରୀ ଶ୍ରୀ ସେଠୀ ପ୍ରକାଶ କରିଛନ୍ତି।

## ସାବିତ୍ରୀ ବ୍ରତ: ମନ୍ଦିରରେ ମହିଳାଙ୍କ ଭିଡ

ଖଣ୍ଡପଡା,(ସବ୍ୟୁ) :ସୋମବାର ପବିତ୍ର ସାବିତ୍ରୀ ବ୍ରତ ପାଳନ ଅବସରରେ ଖଣ୍ଡପଡା ବ୍ଲକ ଅଂଚଳର ସମସ୍ତ ଶୈବ ପୀଠ ଗୁଡିକରେ ପୂଜାର୍ଚ୍ଚନା ନିମନ୍ତେ ଶହ ଶହ ମହିଳାଙ୍କ ଭିଡ ପରିଲକ୍ଷିତ ହୋଇଥିଲା । ମହିଳାମାନେ ନବବସ୍ତ୍ର ପରିଧାନ କରି ମନ୍ଦିରରେ ପହଁଚି ମା ପାର୍ବତୀଙ୍କ ନିକଟରେ ପରିବାରର ମଙ୍ଗଳ ମନାସି ବିଭିନ୍ନ କିସମର ଫଳ ଭୋଗ ଆକାରରେ ଲାଗି କରିଥିଲେ । ପ୍ରାତଃ ସମୟରୁ ଖଣ୍ଡପଡା ସହରର ପ୍ରଭୂ ଶ୍ରୀ ନୀଳକଣ୍ଠେଶ୍ୱର ଦେବ, ଶ୍ରୀ ବାଲୁଙ୍କେଶ୍ୱର ଦେବଙ୍କ ପୀଠ ପରିସରରେ ପୂଜାର୍ଚ୍ଚନା ନିମନ୍ତେ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା । ସେହିପରି ବିଭିନ୍ନ ଗ୍ରାମାଚଂଳରେ ଥିବା ପ୍ରସିଦ୍ଧ ଶୈବ ପୀଠ ଗୁଡିକରେ ମଧ ଭକ୍ତଙ୍କ ଭିଡ ଦେଖିବାକୁ ମିଳିଥିଲା ।

## ସତ୍ୟବାଦୀ ବ୍ଲକରେ ଖୋଲିଲା ସରକାରୀ ମୁଗ ମଣ୍ଡି

ସାକ୍ଷୀଗୋପାଳ ,(ସବ୍ୟୁ) :ସତ୍ୟବାଦୀ ବ୍ଲକରେ ସରକାରୀ ମୁଗ ମଣ୍ଡି ଖୋଲଛି। ଏହି ବ୍ଲକ ଅନ୍ତର୍ଗତ ବୀର ରାମଚନ୍ଦ୍ର ପୁର ପଞ୍ଚାୟତର ବୀର ରାମଚନ୍ଦ୍ରପୁର ଗ୍ରାମରେ ମହିଳା ଚାଷୀ ସଂଗଠନ ବକୁଳବନ ମହିଳା–ଚାଷୀ ଉତ୍ପାଦକ କଂପାନୀ ଲିମିଟେଡ଼ ମାଧ୍ୟମରେ ବ୍ଲକର ୨୪ ଗୋଟି ପଞ୍ଚାୟତର ଚାଷୀ ଭାଇମାନେ ସେମାନଙ୍କର ଉତ୍ପାଦିତ ମୁଗକୁ ଏଠାରେ ସରକାରୀ ଦରରେ ବିକ୍ରି କରିପାରିବେ। ବର୍ତ୍ତମାନ ସରକାରୀ ଦର ମୁଗ କୁଇଣ୍ଟାଲ ପ୍ରତି ୮୬୮୨/– ଅଟେ, ଯ ବର୍ତ୍ତମାନ ଚାଷୀମାନେ ଏ ବିଷୟରେ ଧ୍ୟାନ ନଦେଇ ବାହାରେ କମ ଦରରେ ମୁଗ ବିକ୍ରିକରି ଦେଉଛନ୍ତି।ଏହି କମ୍ପାନୀ ମାଧ୍ୟମରେ ଚାଷୀମାନେ ସେମାନଙ୍କର ମୁଗକୁ ବିକ୍ରିକରି ଉପଯୁକ୍ତ ମୂଲ୍ୟ ପାଇବାପାଇଁ କମ୍ପାନୀର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଚାଷୀଭାଇ ମାନଙ୍କୁ ଅନୁରୋଧ କରିଛନ୍ତି ।ଠାରେ ମୁଗ ବିକ୍ରି କରିବାପାଇଁ ଚାଷୀଭାଇ ମାନେ କାର୍ଯ୍ୟାଳୟକୁ ଆସି ପ୍ରଥମେ ପଞ୍ଜିକରଣ କରିବା ଆବଶ୍ୟକ ।ପଞ୍ଜିକରଣ ପାଇଁ ଜମିର ନେଟ ପଟ୍ଟା, ଆଧାରକାର୍ଡ ଓ ବ୍ୟାଙ୍କଜମା ବହିର ଜେରକ୍ସ କପି ଦାଖଲ କରି ନିଜ ନିଜର ପଞ୍ଜିକରଣ କରିବା ଆବଶ୍ୟକ ବୋଲି ଜଣା ପଡ଼ିଛି।

## ମହାସଂଘକୁ ଆସିଥିବା ସରକାରୀ ଅନୁଦାନର ସମୀକ୍ଷା ନିମନ୍ତେ ପିପିଲି ବିଡ଼ିଓଙ୍କୁ ଦାବିପତ୍ର

ପିପିଲି,(ସବ୍ୟୁ) :ପିପିଲି ବ୍ଲକର ତେଇଶିପୁର ଗ୍ରାମ ପଞ୍ଚାୟତରେ ୨୦୧୮ମସିହାରେ ଗଠିତ ପଞ୍ଚାୟତ ସ୍ତରୀୟ ମହାସଂଘ ଆକାଉଣ୍ଟକୁ ଆସିଥିବା ସମସ୍ତ ସରକାରୀ ଅନୁଦାନ ଯଥା ଆଇ ବି ଆକାଉଣ୍ଟ, ସିଏଲଏଫ ଆକାଉଣ୍ଟ, ଲାଇଫ ହୁଡ ଆକାଉଣ୍ଟ , ମିଶନ ଶକ୍ତି ଆକାଉଣ୍ଟ, କୁ ଯାଞ୍ଚ କରି ଯଥା ଶୀଘ୍ର ଅଭିଜ୍ଞତା ସମ୍ପର୍ଣ୍ଣ ଅଧିକାରୀଦ୍ୱାରା ଅଡିଟି କାର୍ଯ୍ୟ ସମ୍ପାଦନ କରିବାକୁ ଉକ୍ତ ମହାସଂଘର ସଭାନେତ୍ରୀ ଶାନ୍ତିଲତା ପରିଡା ଏବଂ ସମ୍ପାଦିକା ଉମାମଣୀ ରଥ ପିପିଲି ବିଡ଼ିଓଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି । ଓଡିଶା ରାଜ୍ୟ ସରକାର ଙ୍କ ମିଶନଶକ୍ତି ବିଭାଗ ର ନିର୍ଦ୍ଦେଶ କ୍ରମେ ପ୍ରତି ସ୍ୱୟଂସହାୟକ ଗୋଷ୍ଠୀ, ଆଞ୍ଚଳିକ ମଞ୍ଚ, ଓ ମହାସଂଘର ପୁନଃ ଗଠନ କରିବାପାଇଁ ନିର୍ଦ୍ଦେଶ ଆସିଥିବାବେଳେ ଯଥାଶୀଘ୍ର ଅଡିଟ କାଯ୍ୟ ସମ୍ପନ୍ନ କରିବାକୁ ଅଭିଯୋଗରେ ସେ ଦର୍ଶାଇଛନ୍ତି ।ଏଥି ସହିତ ୨୦୨୨ମସିହାରେ ରାଜ୍ୟ ସରକାରଙ୍କ ଲାଇଫ ହୁଡ ବିଭାଗ ପକ୍ଷରୁ ତେଇଶିପୁର ଗ୍ରାମପଞ୍ଚାୟତ ସ୍ତରୀୟ ମହାସଂଘକୁ ଏକ ଟ୍ରାକ୍ଟର ପ୍ରଦାନ କରାଯାଇଥିଲା ।ମାତ୍ର କୌଣସି କାରଣ ବଶତଃ ଏହା କାଯ୍ୟରେ ଲାଗି ପାରୁନାହିଁ। ଏହା ଦ୍ୱାରା ଟ୍ରାକ୍ଟରଟି ଅଧିକ ଦିନ ଚାଲି ନପାରିବାରୁ ଥୁଆହୋଇ ରହିବା ଦ୍ୱାରା ଖରାପ ହେବାର ସମ୍ଭାବନା ରହିଛି । ଉକ୍ତ ଟ୍ରାକ୍ଟର ଟି କିଭଳି ପଞ୍ଚାୟତ ବାସୀଙ୍କ ସେବାରେ ନିୟୋଜିତ ହୋଇପାରିବ ସେ ବିଷୟରେ ସରକାରୀ କାଯ୍ୟାନୁଷ୍ଠାନ ନେବାପାଇଁ ସଭାନେତ୍ରୀ ଏବଂ ସମ୍ପାଦିକା ଅଭିଯୋଗରେ ଦର୍ଶାଇଛନ୍ତି । ମିଳିଥିବା ସୂଚନା ମୁତାବକ ପଞ୍ଚାୟତରେ ପ୍ରକଳ୍ପ ନଥାଇ ସରକାରୀ ଅର୍ଥ ମଞ୍ଜୁର ହୋଇଥିବା ଅର୍ଥ ଆତ୍ମସାତକୁ ନେଇ ଅସନ୍ତୋଷ ବୃଦ୍ଧି ପାଇଛି । ଉଚ୍ଚ ସ୍ତରୀୟ ତଦନ୍ତ କରାଗଲେ ଘଟଣାର ପ୍ରକୃତ ରହସ୍ୟ ଜଣାପଡିବ ବୋଲି ବୁଦ୍ଧିଜୀବୀମାନେ କହିଛନ୍ତି । ଅନ୍ୟପଟେ ବ୍ଲକ ଲାଇଫ ହୁଡ କୋଡିନେଟର ସୁବ୍ରତ କୁମାର ମହାପାତ୍ରଙ୍କୁ ଘଟଣା ସମ୍ପର୍କରେ ପଚାରିବାରୁ ସେ କୁହନ୍ତି ଅଡିଟ ଖୁବଶୀଘ୍ର କରାଯିବ।ଏହି ପଞ୍ଚାୟତରେ ସରକାରଙ୍କର ସମସ୍ତ ନିୟମ ମୁତାବକ କାର୍ଯ୍ୟ କରାଯାଇଛି ।ସରକାରୀ ଅର୍ଥ ଆତ୍ମସାତ ଭଳି କୌଣସି ଘଟଣା ଘଟିନଥିବା ସେ କହିଥିଲେ।

## ଅଧାରେ ଅଟକିଛି ଗୃହ ନିର୍ମାଣ କାର୍ଯ୍ୟ

ଖଣ୍ଡପଡା ,(ସବ୍ୟୁ) :ଖଣ୍ଡପଡା ସହରର ୧୩ ନଂ ୱାର୍ଡରେ ଅବସ୍ଥିତ ମା ଉମାଦେବୀଙ୍କ ମନ୍ଦିର । ଏକ ପ୍ରମୁଖ ଶକ୍ତିପୀଠ ରୂପେ ଜଣାଶୁଣା ମା ଙ୍କ ପୀଠ ପରିସରରେ କରାଯାଇଥିବା ଏକ ପକ୍କା ଗୃହ ନିର୍ମାଣ କାର୍ଯ୍ୟ ୩ ବର୍ଷ ହେଲା ଅଧାରେ ଅଟକିଥିବା ଜଣାପଡିଛି । ଉକ୍ତ ପକ୍କା ଗୃହ ନିର୍ମାଣ ନିମନ୍ତେ ୨୦୨୨–୨୩ ଆର୍ଥିକ ବର୍ଷରେ ତତ୍କାଳୀନ ବିଧାୟକଙ୍କ ହାତପାଣ୍ଠି ଅନୁଦାନ ଅର୍ଥ ୨ଲକ୍ଷ ଟଙ୍କା ମଂଜୁର ହୋଇଥିଲା । ଅନୁଦାନ ଅର୍ଥରେ ଗୃହର ଛାତ ନିର୍ମାଣ କାର୍ଯ୍ୟ ଶେଷ ହୋଇ କାନ୍ଥ ପ୍ଲାଷ୍ଟର ଓ ରଙ୍ଗ କାର୍ଯ୍ୟ ଶେଷ ହୋଇଥିଲେ ହେଁ ଅଦ୍ୟାବଧି ଗୃହର ଚଟାଣ କାର୍ଯ୍ୟ ଆରମ୍ଭ ହୋଇ ନଥିବା ନଜରକୁ ଆସୁଛି । ତେବେ ପ୍ରଶ୍ନ ଉଠେ ଗୃହର ଚଟାଣ କାର୍ଯ୍ୟ ଆରମ୍ଭ ନକରି କାନ୍ଥ ପ୍ଲାଷ୍ଟର ସହ ବାହାର ପାର୍ଶ୍ୱ ରଙ୍ଗ କାର୍ଯ୍ୟ ଶେଷ କରି କାର୍ଯ୍ୟରେ ନିୟୋଜିତ ଠିକାଦାର ଏ ବାବଦ ବିଲ ଉଠାଇ ନେବାରେ ସକ୍ଷମ ହୋଇଥିବା ଜଣାପଡିଛି । ଏବେ ଉକ୍ତ ଗୃହର ଲୁହା ଗ୍ରିଲରେ ତାଲା ଝୁଲୁଥିବା ଜଣାପଡିଛି । ଅଧାପନ୍ତରିଆ ଅବସ୍ଥାରେ ଅଟକିଥିବା ଏହି ଗୃହଟିକୁ ପୂର୍ଣ୍ଣାଙ୍ଗ କରିବା ଦିଗରେ ପ୍ରଶାସନ ଓ ଏନଏସି କର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି । ଖଣ୍ଡପଡା ଏନଏସି ଅଧକ୍ଷା ସେଥିପ୍ରତି ଦୃଷ୍ଟି ଦେଇ ଗୃହ ନିର୍ମାଣ କାର୍ଯ୍ୟ ଶେଷ କରିବାକୁ ସହରବାସୀ ଦାବି କରିଛନ୍ତି ।

## ଅପରେସନ ସିନ୍ଦୂର : ବିଜେପିର ତ୍ରୀରଙ୍ଗା ଶୋଭାଯାତ୍ରା




ଭାପୁର, (ସବ୍ୟୁ) : ଅପରେସନ ସିନ୍ଦୁରରେ ସେନାର ଅସୀମ ବୀରତ୍ୱ, ତ୍ୟାଗ ଓ ବଳିଦାନକୁ ସମ୍ମାନ ଜଣାଇ ଭାରତୀୟ ଜନତା ଦଳ (ବିଜେପି) ପକ୍ଷରୁ ଖଣ୍ଡପଡ଼ା ବିଧାୟକ ଇଂ ଦୁଷ୍ମନ୍ତ କୁମାର ସ୍ୱାଇଁଙ୍କ ନେତୃତ୍ୱରେ ରବିବାର ଅପରାହ୍ନରେ ଏକ ତ୍ରୀରଙ୍ଗା ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଏହି ଶୋଭାଯାତ୍ରା ଭାପୁର ବ୍ଲକ ବାଇପାସ ସ୍ଥିତ ଶ୍ରୀରାମ ମନ୍ଦିର ଠାରୁ ବାହାରି ଭାପୁର ବଜାର ପରିକ୍ରମା କରି ଅଗ୍ନିଶମ କେନ୍ଦ୍ର ଠାରେ ପହଞ୍ଚିଥିଲା।ଏହି ଶୋଭାଯାତ୍ରାରେ ନୟାଗଡ଼ ଜିଲ୍ଲା ସଭାପତି ତାପସ ରଞ୍ଜନ ମାର୍ଥା ,ସାଂସଦଙ୍କ ଜିଲ୍ଲା ପ୍ରତିନିଧି ଗ୍ରୟାଧର ପରିଡ଼ା , ସାଂସଦଙ୍କ ବ୍ଲକ ପ୍ରତିନିଧି ତୋଫାନ କୁମାର ପ୍ରଧାନ, ୧୯ ନଂ ଜୋନ ଜିଲ୍ଲା ପରିଷଦ ସଭ୍ୟ ସୁଶାନ୍ତ କୁମାର ସାହୁ,ଭାପୁର ପ୍ରେସ କ୍ଲବ ସଭାପତ ରଞ୍ଜନ ମହାପାତ୍ରଙ୍କ ସମେତ ସମସ୍ତ ଜନପ୍ରତିନିଧି ଓ ଶତାଧିକ ଶହ ଶହ ମହିଳା, ପୁରୁଷ ଏହି ଶୋଭାଯାତ୍ରାରେ ସାମିଲ ଥିଲେ।

## ପ୍ରତିଶ୍ରୁତିକୁ ୪ମାସ ବିତିଲା : ହେଲାନି ଗଣିଆ–ବଡମୂଳ ରାସ୍ତା ନିର୍ମାଣ କାର୍ଯ୍ୟ

ଗଣିଆ,(ସବ୍ୟୁ) :ରାସ୍ତା ସମସ୍ୟା ନେଇ ପ୍ରତିଦିନ ନାହିଁ ନଥିବା ସମସ୍ୟା ଭୋଗୁଛନ୍ତି ନୟାଗଡ ଜିଲ୍ଲା ଗଣିଆ ବ୍ଲକର ଛାମୁଣ୍ଡିଆ , ବଡଶିଲିଙ୍ଗା ଓ ରାସଙ୍ଗ ପଞ୍ଚାୟତବାସୀ । ଗଣିଆ – ବଡମୂଳ ରାସ୍ତାର ଦୁରାବସ୍ଥା ସମ୍ପର୍କରେ କେବଳ ଯାତାୟତ କରୁଥିବା ଯାତ୍ରୀମାନେ ହିଁ କହିପାରିବେ ଯାତାୟତ ସମୟରେ କେଉଁଭଳି ସମସ୍ୟାର ସମ୍ମୁଖୀନ ହେଉଛନ୍ତି । ଏହି ରାସ୍ତା ସମସ୍ୟା ସମାଧାନ ନେଇ ଗତ ୨ବର୍ଷ ଧରି ଅଞ୍ଚଳବାସୀଙ୍କ ତରଫରୁ ବିଭିନ୍ନ ସମୟରେ ବିଭିନ୍ନ ରାଜନେତା, ପ୍ରଶାସନିକ ଅଧିକାରୀଙ୍କ ନିକଟରେ ଗୁହାରି କରିଆସୁଥିଲେ ମଧ କୌଣସି ସୁଫଳ ମିଳିପାରୁନାହିଁ ।ତେବେ ସଂପୃକ୍ତ ଠିକାଦାର ନିଜର ମନ ମୁତାବକ ଇଛା ହେଲେ ରାସ୍ତାର କିଛି ଅଂଶ କାମ କରି ପକାଇ ରଖୁଛନ୍ତି। କେଉଁଠି ରାସ୍ତା ଖୋଳି ରଖାଯାଇଛି ତ ଆଉ କେଉଁଠି ଅଧାଗଡା କଂକ୍ରିଟ କରି ରଖାଯାଇଛି । ରାସ୍ତା ସମସ୍ୟା ସମାଧାନ ନେଇ ଅଚଂଳବାସୀଙ୍କ ତରଫରୁ ଗତ ଫେବୃଆରୀ ମାସ ୩ ତାରିଖରେ ଗଣିଆ ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେଇଥିଲେ । ଅଞ୍ଚଳର ଶତାଧିକ ପୁରୁଷ ଓ ମହିଳା ଧାରଣାରେ ସାମିଲ ହୋଇଥିଲେ ।ତେବେ ପରଦିନ ଫେବୃଆରୀ ୪ ତାରିଖରେ ଧାରଣାସ୍ଥଳରେ ନୟାଗଡ ଉପଜିଲ୍ଲାପାଳ, ଗ୍ରାମ୍ୟ ଉନ୍ନୟନ ବିଭାଗର ଅଧୀକ୍ଷଣ ଯନ୍ତ୍ରୀ, ଗଣିଆ ତହସିଲଦାର ପହଚିଂ ଏପ୍ରିଲ ମାସ ୩୦ ତାରିଖ ସୁଦ୍ଧା ସମସ୍ତ ଦାବୀ ପୂରଣ କରିବା ପାଇଁ ପ୍ରତିଶୃତି ଦେଇଥିଲେ ।ପରିତାପର ବିଷୟ ପ୍ରଶାସନ ତରଫରୁ ଦିଆଯାଇଥିବା ପ୍ରତିଶୃତିର ଅବଧି ପରେ ୧ମାସ ବିତିଯାଇଥିବା ବେଳେ ରାସ୍ତା କାର୍ଯ୍ୟ ପୂର୍ବପରି ଅଧାପନ୍ତରିଆ ପଡିରହିଛି । ତେବେ ଏଥିପ୍ରତି ରାଜନେତା କିମ୍ବା ପ୍ରଶାସନିକ ଅଧିକାରୀମାନେ ସତେ ଯେମିତି ଅସହାୟ ହୋଇପଡିଥିବା ଅଚଂଳବାସୀ ଅନୁଭବ କରୁଥିବା କୁହନ୍ତି ଛାମୁଣ୍ଡିଆ ପଞ୍ଚାୟତର ବୟୋଜ୍ୟେଷ୍ଠ ନାଗରିକ କୃପାସିନ୍ଧୁ ନାୟକ । ଛାମୁଣ୍ଡିଆ ଅଚଂଳର ଜୟଦେବ ସାହୁ କୁହନ୍ତି , କାହା ପ୍ରଭାବରେ ଗଣିଆ – ଛାମୁଣ୍ଡିଆ ରାସ୍ତା କାର୍ଯ୍ୟରେ ଅହେତୁକ ବିଳମ୍ବ ହେଉଛି। ସରକାର ଏଥିପ୍ରତି ଦୃଷ୍ଟିଦେଇ ଭିଜିଲାନ୍ସ ତଦନ୍ତ କରିବା ଆବଶ୍ୟକ। ଏହି ରାସ୍ତାର ବୃତଙ୍ଗ ସେତୁ ନିକଟରେ ଅଧପନ୍ତରିଆ କଂକ୍ରିଟ ସାଙ୍ଗକୁ ସଂପୃକ୍ତ ଠିକାଦାର ରାସ୍ତାର ଉଭୟ ପାଶ୍ୱର୍ରେ ବିଛାଇଥିବା କରିଥିବା ପଚ୍ଛୁମାଟି ବର୍ଷା ହେଲେ ରାସ୍ତାଉପରେ ଜମା ହେବା ଫଳରେ ଯାନବାହାନ ଆରୋହୀ ଦୁର୍ଘଟଣାର ସମ୍ମୁଖୀନ ହୋଇଥାନ୍ତି ।ତେବେ ଗଣିଆ ବଡମୂଳ ରାସ୍ତା ସମସ୍ୟା ତୁରନ୍ତ ସମାଧାନ ନହେଲେ ଅଞ୍ଚଳବାସୀଙ୍କ ତରଫରୁ ପୁଣିଥରେ ବଡ ଧରଣର ଆନ୍ଦୋଳନ ମୁଣ୍ଡ ଟେକିବ ବୋଲି ଜଣାପଡିଛି । ସୂଚନାଯୋଗ୍ୟ ଗତ ୭ବର୍ଷ ତଳେ ପ୍ରଥମ ପର୍ଯ୍ୟାୟରେ ଗଣିଆ ବଜାର ଠାରୁ କଳାପାଟ ଠାକୁରାଣୀ ପୀଠ ୧୦କିଲୋମିଟର ରାସ୍ତା ନିର୍ମାଣ କାର୍ଯ୍ୟ ଶେଷ ହୋଇଯାଇଛି । ନିମ୍ନମାନର କାର୍ଯ୍ୟ ଯୋଗୁଁ ଏହି ରାସ୍ତାର ଅନେକ ସ୍ଥାନରେ ଗତ ୩ବର୍ଷ ହେବ ଖାଲଖମା ସୃଷ୍ଟି ହୋଇଥିବା ଦେଖିବାକୁ ମିଳିଛି । ଅନ୍ୟପରି ୨ୟ ପର୍ଯ୍ୟାୟରେ ଗତ ୨୦୨୨ ମସିହାରେ କଳାପାଟ ଠାକୁରାଣୀ ପୀଠ ଠାରୁ ବଡମୂଳ ୧୪ କିଲୋମିଟର ରାସ୍ତା ନିର୍ମାଣ ପାଇଁ ଗ୍ରାମ୍ୟ ଉନ୍ନୟନ ବିଭାଗ ତରଫରୁ ୫କୋଟି ୨୫ଲକ୍ଷ ୨୧ହଜାର ଟଙ୍କା ମଞ୍ଜୁର ହୋଇଥିଲା ।ଏହିରାସ୍ତାଟିର ନିର୍ମାଣ କାର୍ଯ୍ୟ ଗତ ୨୦୨୨ ଫେବୃଆରୀ ମାସ ୨୩ ତାରିଖରୁ ଆରମ୍ଭ ହୋଇ ୨୦୨୩ ମାର୍ଚ୍ଚ ମାସ ୨୨ତାରିଖରେ ଶେଷ ହେବାର ଅବଧି ରହିଥିଲେ ହେଁ ଅଦ୍ୟାବଧୀ ନିର୍ମାଣ କାର୍ଯ୍ୟ ଶେଷ ହୋଇପାରିନଥିବା ଦେଖାଯାଇଛି ।



(ଶ୍ରୀମଭଗବଦ୍ ଗୀତା ୧୫/୨୦)
-ପୁରୁଷୋତ୍ତମଯୋଗଃ-
(ଶ୍ରୀଭଗବାନୁବାଚ )

**ଇତି ଗୁହ୍ୟତମଂ ଶାସ୍ତ୍ରମିଦମୁକ୍ତଂ ମୟାନଘ !**
**ଏତଦ୍‌ବୁଦ୍ଧ୍ୱା ବୁଦ୍ଧିମାନ୍ ସ୍ୟାତ୍ କୃତକୃତ୍ୟଶ୍ଚ ଭାରତ ।।୨୦।।**

ହେ ବ୍ୟସନଶୂନ୍ୟ ଭାରତ ! ମୁଁ ଅତି ସଂକ୍ଷେପରେ ଏହି ଅତି ଗୋପନୀୟ ଶାସ୍ତ୍ର ତୁମ୍ଭଙ୍କୁ କହିଲି । ଏହା ଜାଣିଲେ ଲୋକେ ବୁଦ୍ଧିମାନ୍ ଓ କୃତାର୍ଥ ହେବେ ।।୨୦।।

# ବିକଶିତ ଭାରତ ମୁହାଁ ନିତି ଆୟୋଗ

**ସମ୍ପାଦକୀୟ**

ନିତି ଆୟୋଗର ଗଠନ ହୋଇଥିଲା ୨୦୧୫ ଜାନୁଆରୀ ପହିଲାରୁ । ୬୫ ବର୍ଷର ପୁରୁଣା ଯୋଜନା କମିଶନକୁ ବନ୍ଦ କରିଦେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ଏହା ଗଠିତ ହୋଇଥିଲା । ଏହି ନିତି ଆୟୋଗ (National Institution of Transforming Indian Aayog) ନୂତନ ଢାଞ୍ଚାରେ ଗଠିତ ହୋଇ ନେହେରୁଙ୍କ ଅମଳର ଯୋଜନା କମିଶନକୁ ସଂପୂର୍ଣ୍ଣ ଭାବେ ପରିବର୍ତ୍ତନ କରାଯାଇଥିଲା । ପାଞ୍ଚ ବର୍ଷ ପାଇଁ ଯେଉଁ ପଞ୍ଚବାର୍ଷିକ ଯୋଜନା ବିଭିନ୍ନ ରାଜ୍ୟର ବିକାଶ ପାଇଁ କରାଯାଉଥିଲା, ତାହାର ଅବସାନ ଘଟିଥିଲା । ଯୋଜନା କମିଶନଙ୍କ ଢାଞ୍ଚା ଅନୁଯାୟୀ କେନ୍ଦ୍ର ମନ୍ତ୍ରଣାଳୟ ବା ରାଜ୍ୟ ସରକାରମାନଙ୍କୁ କମିଶନ ଯେପରି ଅର୍ଥ ଆବଣ୍ଟନ କରି ଆସୁଥିଲେ, ଯେ କ୍ଷମତା ନିତି ଆୟୋଗରେ ଆଉ ରହିଲା ନାହିଁ । ବିଭିନ୍ନ ସାମାଜିକ ଓ ଆର୍ଥିକ ପ୍ରସଙ୍ଗ ଉପରେ ଏହି ନୂତନ ଆୟୋଗ କେବଳ ପରାମର୍ଶ ଦେଇ ପାରିବାର କ୍ଷମତା ରହିଲା ।

ଏହି ବ୍ୟବସ୍ଥାରେ ପ୍ରଧାନମନ୍ତ୍ରୀ ଏହି ପ୍ରତିଷ୍ଠାନର ମୁଖ୍ୟ ହୋଇ ରହିଛନ୍ତି । ଏହି ସଂସ୍ଥା ସରକାରଙ୍କ ଲାଗି ନୀତି ନିର୍ଦ୍ଧାରଣ କରି ଆସୁଛନ୍ତି ଏବଂ ଏହାର ଗଭର୍ଣ୍ଣିଂ କାଉନସିଲରେ ରାଜ୍ୟ ମୁଖ୍ୟମନ୍ତ୍ରୀ ଓ କେନ୍ଦ୍ର ଶାସିତ ଅଞ୍ଚଳର ଉପ-ରାଜ୍ୟପାଳମାନେ ସଦସ୍ୟ ରହିଛନ୍ତି । ପ୍ରଥମରୁ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦି ଏହି ସଂସ୍ଥାର ଅଧ୍ୟକ୍ଷ ରହିଥିଲେ ଓ ରହି ଆସିଛନ୍ତି ମଧ୍ୟ । ଏହା ଗଠିତ ହେବା ପରେ ବିଶିଷ୍ଟ ଅର୍ଥନୀତିଜ୍ଞ, କଲମ୍ବିଆ ବିଶ୍ୱବିଦ୍ୟାଳୟର ତତ୍କାଳୀନ ଅରବିନ୍ଦ ପାନାଗରିଆଙ୍କୁ ଏହାର ସର୍ବପ୍ରଥମ ଉପାଧ୍ୟକ୍ଷ ଭାବେ ନିଯୁକ୍ତି ଦିଆଯାଇଥିଲା ।

ଗତ ଶନିବାର ତା ୨୪/୫/୨୦୨୫ ରିଖରେ ନୂଆଦିଲ୍ଲୀରେ ନିତି ଆୟୋଗର ଦଶମ ଗଭର୍ଣ୍ଣିଂ ବଡ଼ି ବା ପରିଚାଳନା ପରିଷଦର ବୈଠକ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା । ୨୦୪୭ରେ ଯେତେବେଳେ ଭାରତ ତାହାର ଜନ୍ମ ଶତବାର୍ଷିକ ଉତ୍ସବ ପାଳନ କରିବ, ଭାରତ ସେତେବେଳେ ଏକ ବିକଶିତ ରାଷ୍ଟ୍ରରେ ପରିଣତ ହୋଇ ସାରିଥିବ । ସେହି ଲକ୍ଷ୍ୟରେ ନିତି ଆୟୋଗ ଅଗ୍ରସର କରିବା ଲାଗି ଏହି ବୈଠକରେ ଗୁରୁତ୍ୱରୋପ କରାଯାଇଥିଲା । ଦେଶର 'ନାରୀ ଶକ୍ତି'କୁ ଅଧିକ ଶକ୍ତିଶାଳୀ କରିବା ଲାଗି ପ୍ରଧାନମନ୍ତ୍ରୀ ଶ୍ରୀ ମୋଦିଜୀ ଚାହିଁଥିଲେ । ସେ କହିଥିଲେ ଯେ ପ୍ରଚଳିତ ଆଇନର ପରିବର୍ତ୍ତନ କରାଯାଉ, ତେବେ ଯାଇ ମହିଳାମାନେ ବିନା ବାଧାରେ ସମୃଦ୍ଧି କ୍ଷେତ୍ରରେ ପହଞ୍ଚି ପାରିବେ । ଉଭୟ ସରକାରୀ ଓ ଘରୋଇ ସଂସ୍ଥାମାନଙ୍କରେ କାର୍ଯ୍ୟରତ ମହିଳାମାନେ ଯେପରି ସୁବିଧାରେ କାର୍ଯ୍ୟ କରିପାରିବେ, ପ୍ରଧାନମନ୍ତ୍ରୀ ତାହା ଉପରେ ଗୁରୁତ୍ୱାରୋପ କରିଥିଲେ । ଏ ଦିଗରେ ସଂସ୍କାର ଅଣାଯିବା ଆବଶ୍ୟକ ବୋଲି ସେ ମଧ୍ୟ ପ୍ରକାଶ କରିଥିଲେ ।

ପ୍ରଧାନମନ୍ତ୍ରୀ ଏହି ବୈଠକରେ ଅଧ୍ୟକ୍ଷତା କରି ଆହୁରି ଅନେକ ବିଷୟର ଅବତାରଣା କରିଥିଲେ । ସେ କହିଥିଲେ ଯେ ଗତ ଜି-୨୦ ଶିଖର ସମ୍ମିଳନୀରେ ଭାରତ ବିଶ୍ୱରେ ଏକ ଶ୍ରେଷ୍ଠ ପର୍ଯ୍ୟଟନସ୍ଥଳ ଭାବେ ପରିଗଣିତ ହୋଇଥିଲା । ତେଣୁ ରାଜ୍ୟଗୁଡ଼ିକ ତାହାର ସୁଯୋଗ ନେବା ଆବଶ୍ୟକ । ରାଜ୍ୟରେ ବିଶ୍ୱସ୍ତରୀୟ ଅନ୍ତତଃ ଗୋଟିଏ ପର୍ଯ୍ୟଟନସ୍ଥଳର ବିକାଶ ଉପରେ ମନଧ୍ୟାନ ଦିଅନ୍ତୁ ଓ ସବୁ ପ୍ରକାର ସୁବିଧାସୁଯୋଗ ଏହି ପର୍ଯ୍ୟଟନସ୍ଥଳରେ ରହିଥାଉ । ଦେଶର ୨୫ରୁ ୩୦ ଗୋଟି ସେହିପରି ପର୍ଯ୍ୟଟନସ୍ଥଳ ନିର୍ମାଣ କରାଗଲେ ଭଲ ହେବ ବୋଲି ପ୍ରଧାନମନ୍ତ୍ରୀ ଶ୍ରୀ ମୋଦି ପ୍ରକାଶ କରିଛନ୍ତି ।

ପ୍ରଧାନମନ୍ତ୍ରୀ ତାଙ୍କ ବକ୍ତବ୍ୟରେ କହିଥିଲେ ଯେ କରୋନା ମହାମାରୀ ଆମକୁ ଯେଉଁ ଆହ୍ୱାନ ଦେଇଯାଇଛି, ସେ ଦୃଷ୍ଟିରୁ ଆମେ ସ୍ୱାସ୍ଥ୍ୟସେବା ଉପରେ ଅଧିକ ଗୁରୁତ୍ୱ ଦେବା ଦରକାର । ଆମେମାନେ ଅମ୍ଳଜାନ ପ୍ଲାଣ୍ଟ ନିର୍ମାଣ ଉପରେ ମଧ୍ୟ ଗୁରୁତ୍ୱ ଦେବା ଉଚିତ । କେନ୍ଦ୍ର ଓ ରାଜ୍ୟ ସରକାର ଏକାଠି ମିଶି ବିକଶିତ ଭାରତ ପାଇଁ କାମ କରିବାକୁ ମଧ୍ୟ ପ୍ରଧାନମନ୍ତ୍ରୀ ଆହ୍ୱାନ ଦେଇଥିଲେ ।

ଜାତୀୟ ଗଣତାନ୍ତ୍ରିକ ମେଣ୍ଟ ସରକାରଙ୍କ ସହଯୋଗୀ ବିହାର ମୁଖ୍ୟମନ୍ତ୍ରୀ ନୀତିଶ କୁମାର ଓ ଅନ୍ୟତମ ସହଯୋଗୀ ପୁଡୁଚେରୀର ମୁଖ୍ୟମନ୍ତ୍ରୀ ଏନ୍. ରଙ୍ଗାସ୍ୱାମୀ ଅନ୍ୟାନ୍ୟ କାର୍ଯ୍ୟବଶତଃ ଏହି ବୈଠକରେ ଯୋଗ ଦେଇ ପାରି ନ ଥିଲେ । ପଶ୍ଚିମବଙ୍ଗର ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଓ କର୍ଣ୍ଣାଟକର ମୁଖ୍ୟମନ୍ତ୍ରୀ ସିଦ୍ଧାରାମାୟା ମଧ୍ୟ ଏହି ବୈଠକରେ ଯୋଗ ଦେଇ ନ ଥିଲେ । ନିତି ଆୟୋଗର ଚିଫ୍ ଏକ୍‌ଜିକ୍ୟୁଟିଭ ଅଫିସର ବି.ଭି.ଆର୍ ସୁବ୍ରମନିଆମ୍ ସାମ୍ବାଦିକମାନଙ୍କୁ କହିଥିଲେ ଯେ ୩୬ ଗୋଟି ରାଜ୍ୟ ଓ କେନ୍ଦ୍ର ଶାସିତ ଅଞ୍ଚଳ ଏହି ବୈଠକରେ ଅଂଶଗ୍ରହଣ କରିଥିଲେ । ଏହା ହେଉଛି ସର୍ବାଧିକ ସଂଖ୍ୟାର ଯୋଗଦାନ ।

ବିରୋଧୀ ଦଳର ମୁଖ୍ୟମନ୍ତ୍ରୀମାନେ ମଧ୍ୟ ପ୍ରଧାନମନ୍ତ୍ରୀଙ୍କ ସହ ହାତ ମିଳାଇ ବୈଠକ ପରେ ଖୋଲା ମନରେ କଥାବାର୍ତ୍ତା କରିଥିବା ପରିଲକ୍ଷିତ ହୋଇଥିଲା । ଏହା ହିଁ ଭାରତୀୟ ଗଣତନ୍ତ୍ରର ବୈଶିଷ୍ଟ୍ୟ ।

ସମ୍ପାଦକୀୟ ପୃଷ୍ଠାପାଇଁ ଆଲେଖ୍ୟ ଏବଂ ସମ୍ପାଦକଙ୍କୁ ପତ୍ର, ଆପଣ ଆମକୁ ନିମ୍ନ ଇ-ମେଲ୍‌ରେ ପଠାଇପାରିବେ ।
(ସମସ୍ତ ଲେଖାରେ ଲେଖକଙ୍କ ସମ୍ପୂର୍ଣ୍ଣ ଠିକଣା ସହ ମୋବାଇଲ ନମ୍ବର ଏବଂ ଫଟୋ ରହିବା ଆବଶ୍ୟକ )
samayaeditorial2021@gmail.com

**ଏହି ପୃଷ୍ଠାରେ ସ୍ଥାନିତ ଆଲେଖ୍ୟଗୁଡ଼ିକର ତଥ୍ୟ, ମତାମତ ଆଦି ଲେଖକଙ୍କ ଏକାନ୍ତ ନିଜସ୍ୱ । ଏଥିପାଇଁ 'ସମୟ' କର୍ତ୍ତୃପକ୍ଷ ଦାୟୀ ନୁହଁନ୍ତି ।**

# ଆମର ଅଙ୍କ ଦୌଡ



ପ୍ରଣତି ଆଚାର୍ଯ୍ୟ ମିଶ୍ର

ଅଧିକାଂଶ ବୋର୍ଡ ପରୀକ୍ଷାର ଫଳାଫଳ ଆସିଛି । ଫଳାଫଳ ଦେଖି ଏବଂ ଶୁଣି, କେଉଁଠି ଅଭିନନ୍ଦନର ସୁଅ ଛୁଟୁଛି ତ କେଉଁଠି ନୀରବତା । କେହି ଭାବିବାକୁ ପ୍ରସ୍ତୁତ ନୁହଁନ୍ତି ଯେ କୌଣସି ପରୀକ୍ଷା ଜୀବନର ଶେଷ ପରୀକ୍ଷା ନୁହେଁ, କିମ୍ବା ସବୁକିଛି ଗୋଟିଏ ପରୀକ୍ଷାର ଫଳାଫଳ ଉପରେ ନିର୍ଭର କରେ ନାହିଁ । ଜୀବନ ଅନେକ ଥର ସୁଯୋଗ ଦେଇଥାଏ । ଜୀବନର ସ୍ଥାୟୀ ସଫଳତା ଏବଂ ବିଫଳତା ଜ୍ଞାନ ଏବଂ ପ୍ରତିଭା ଉପରେ ନିର୍ଭର କରେ । ସମାଜରେ ଏପରି ଅନେକ ଉଦାହରଣ ଦେଖାଯାଏ ଯେ ବୋର୍ଡ ପରୀକ୍ଷାରେ କମ୍ ନମ୍ବର ରଖି କିମ୍ବା ପ୍ରତିଯୋଗିତାମୂଳକ ପରୀକ୍ଷାରେ ପ୍ରାରମ୍ଭିକ ବିଫଳତା ପରେ ମଧ୍ୟ ଧୈର୍ଯ୍ୟ ଏବଂ ନିରନ୍ତରତା ସହିତ କରାଯାଇଥିବା କଠିନ ପରିଶ୍ରମ ଶେଷରେ ଫଳପ୍ରଦ ସାବ୍ୟସ୍ତ ହୁଏ । ଏପରି ଉଦାହରଣ ସତ୍ତ୍ୱେ, ପିଲାଟି ଗୋଟିଏ ପଟେ ପିଲାଦିନ ବୋର୍ଡ ଏବଂ ପ୍ରତିଯୋଗିତାମୂଳକ ପରୀକ୍ଷା ଚାପରେ ହଜିଯିବା ଦେଖାଯାଏ, ଅନ୍ୟପଟେ ଯେ କୌଣସି ଉପାୟରେ ପାସ୍ କରି ସର୍ବାଧିକ ନମ୍ବର ସଂଗ୍ରହ କରିବାର ଚଞ୍ଚଳତା ଦେଖାଯାଏ । ପ୍ରଶ୍ନ ହେଉଛି କାହାର ଜ୍ଞାନ କିମ୍ବା ବ୍ୟକ୍ତିତ୍ୱର ସାମଗ୍ରିକ ମୂଲ୍ୟାଙ୍କନ କେବଳ କାଗଜପତ୍ରରେ କରାଯାଇପାରିବ କି?

ଭବିଷ୍ୟତ କେବଳ ଗୋଟିଏ ପରୀକ୍ଷାର ସଫଳତା କିମ୍ବା ବିଫଳତା ଉପରେ ନିର୍ଭର କରେ କି ? ଜୀବନ ପରୀକ୍ଷାରେ ଏହି ଅଙ୍କ କେତେ ସହାୟକ? ମାର୍କ ପଛରେ ଦୌଡ଼ିବା ପ୍ରବୃତ୍ତି ଦିନକୁ ଦିନ ବୃଦ୍ଧି ପାଉଛି । ସଫଳତାର ଏକମାତ୍ର ମାନଦଣ୍ଡ ଭାବରେ ଉଚ୍ଚ ମାର୍କକୁ ବିଚାର କରି, ସାମାଜିକତା, ସମ୍ବେଦନଶୀଳତା ଏବଂ ସୃଜନଶୀଳତା ଭଳି ଗୁଣ କିମ୍ବା ମୂଲ୍ୟବୋଧ ବିଷୟରେ କୌଣସି ଆଲୋଚନା ହେଉନାହିଁ । ଯଦି ଜଣେ ଛାତ୍ରର ନମ୍ବର କମ୍ ଅଛି, କିନ୍ତୁ ସେ ନୈତିକ, ସାମାଜିକ, ସାଂସ୍କୃତିକ ଏବଂ ବ୍ୟବହାରିକ ମାନଦଣ୍ଡ ପୂରଣ କରେ, ତେବେ ଏସବୁ କ'ଣ ତାଙ୍କ ଦକ୍ଷତାର ମାନଦଣ୍ଡ ହେବା ଉଚିତ ନୁହେଁ ? ତାଙ୍କର ଯୋଗାଯୋଗ ଦକ୍ଷତା, ନେତୃତ୍ୱ କ୍ଷମତା, ସେବା ଭାବନା, ପ୍ରକୃତି ଏବଂ ପରିବେଶ ପ୍ରତି ସଚେତନତା ଇତ୍ୟାଦି ମୂଲ୍ୟାଙ୍କନ କରାଯିବା ଉଚିତ ନୁହେଁ କି? ଯଦି ଆମେ ଗତ ଶହେ ବର୍ଷର ମାନବିକ ସଫଳତାକୁ ଦେଖିବା, ତେବେ ମାନବତାକୁ ଦିଗ୍‌ଦର୍ଶନ ଦେଇଥିବା ଏବଂ ମହାନ କାର୍ଯ୍ୟ କରିଥିବା ଲୋକମାନେ ସ୍କୁଲ ପରୀକ୍ଷାରେ ସର୍ବାଧିକ ମାର୍କ ପାଇଥିବା ବ୍ୟକ୍ତି ନଥିଲେ, ବରଂ ସେମାନଙ୍କ ମଧ୍ୟରୁ ଅନେକ ତତ୍କାଳୀନ ଶିକ୍ଷା ବ୍ୟବସ୍ଥା ଦୃଷ୍ଟିରେ ଦୁର୍ବଳ କିମ୍ବା ପଛୁଆ ଥିଲେ । ଯେଉଁଠାରେ ସମାଜ ବିଷୟରେ ସେମାନଙ୍କର ଜ୍ଞାନ ବିଶାଳ ଥିଲା ଏବଂ ସେମାନଙ୍କର ଦୃଷ୍ଟିକୋଣ ବ୍ୟାପକ ଥିଲା । ମାର୍କ ପାଇଁ ଅନ୍ଧ ଦୌଡ଼ର ଅଂଶ ହେବା ପରିବର୍ତ୍ତେ, ଆମର ଶିକ୍ଷାନୁଷ୍ଠାନଗୁଡ଼ିକ କାହିଁକି ବିଶ୍ୱ ମାନଦଣ୍ଡ ପୂରଣ କରୁନାହାଁନ୍ତି ସେ ବିଷୟରେ ଗମ୍ଭୀରତାର ସହିତ ଚିନ୍ତା ଏବଂ ଆଲୋଚନା କରିବା ଦରକାର । ଆମର ଶିକ୍ଷାନୁଷ୍ଠାନ ଏବଂ ବିଶ୍ୱବିଦ୍ୟାଳୟଗୁଡ଼ିକରେ ମୌଳିକ ଗବେଷଣା ଏବଂ ବୈଜ୍ଞାନିକ-ବ୍ୟବହାରିକ ପଦ୍ଧତିର ଅଭାବ କାହିଁକି ? ଆମର ଶିକ୍ଷାନୁଷ୍ଠାନଗୁଡ଼ିକ କାହିଁକି ଅଭିନବ ପରୀକ୍ଷଣ, ଅଭିନବ ପଦ୍ଧତି, ବିଶ୍ଳେଷଣାତ୍ମକ ପ୍ରବୃତ୍ତିକୁ ପ୍ରୋତ୍ସାହିତ କରୁନାହାଁନ୍ତି? ଶିକ୍ଷାନୁଷ୍ଠାନଗୁଡ଼ିକରୁ ବାହାରୁଥିବା ଅଧିକାଂଶ ଛାତ୍ରଛାତ୍ରୀ କାହିଁକି ଆତ୍ମନିର୍ଭରଶୀଳ ଏବଂ ସ୍ୱାଧୀନ ହୋଇପାରୁନାହାଁନ୍ତି? ସେମାନଙ୍କ ମଧ୍ୟରେ କାର୍ଯ୍ୟ ଏବଂ ଉପଯୁକ୍ତ ଦକ୍ଷତା ଅଭାବ କାହିଁକି? ସେମାନେ ସାହସ ଏବଂ ଆତ୍ମବିଶ୍ୱାସର ସହିତ ଜୀବନର ଚ୍ୟାଲେଞ୍ଜଗୁଡ଼ିକୁ ସାମ୍ନା କରିପାରୁନାହାଁନ୍ତି କାହିଁକି ? ମାର୍କ ପାଇଁ ପ୍ରତିଯୋଗିତାର ଆତ୍ମଘାତୀ ଚାପ ଦୁଃଖଦାୟକ । ଏହି ଚାପ ତଳେ ପିଲାମାନେ ସହଯୋଗୀ ହେବା ପରିବର୍ତ୍ତେ ପ୍ରତିଦ୍ୱନ୍ଦ୍ୱୀ ହୋଇପଡୁଛନ୍ତି । ଏପରି ପ୍ରତିଯୋଗିତା ସେମାନଙ୍କ ଅହଂକାରକୁ ଭରି କିଛିଙ୍କୁ ଏକାକୀ ଏବଂ ସ୍ୱାର୍ଥପର କରି କେତେକଙ୍କୁ ଅନନ୍ତ ହତାଶାର ଗର୍ତ୍ତକୁ ଠେଲି ଦେଇଛି ।

ଏହା ସତ୍ୟ ଯେ ପ୍ରତିଯୋଗିତା ଏବଂ ଈର୍ଷାରେ, ଜଣେ ବ୍ୟକ୍ତି ପ୍ରକୃତିର ସହଯୋଗ, ସମନ୍ୱୟ ଏବଂ ସୌନ୍ଦର୍ଯ୍ୟକୁ ଭୁଲିଯାଏ ।

ପ୍ରତିଯୋଗିତା କରିବା ସମୟରେ, ସେ ନିଜ ପରିବାର, ସମାଜ ଏବଂ ରାଷ୍ଟ୍ର ପ୍ରତି ପ୍ରତିଯୋଗିତାମୂଳକ ମନୋଭାବ ରଖିବା ଆରମ୍ଭ କରେ । ବେଳେବେଳେ ସେ ନିଜ ଲୋକଙ୍କ ପ୍ରତି ମଧ୍ୟ ତିକ୍ତ ଏବଂ କୃତଘ୍ନ ହୋଇଯାଏ । କିନ୍ତୁ ବିଡ଼ମ୍ବନା ହେଉଛି ଯେ ଆମେ ଶିଶୁକୁ ସହଯୋଗ, ସମର୍ଥନ ଏବଂ ସମନ୍ୱୟ ବିଷୟରେ ଶିଖାଇବା ବଦଳରେ ଅନ୍ୟମାନଙ୍କୁ ପରାସ୍ତ କରିବାକୁ ଶିଖାଉଛନ୍ତି । ଏହା ଜାଣିବା ଏବଂ ବୁଝିବା ବହୁତ ଗୁରୁତ୍ୱପୂର୍ଣ୍ଣ ଯେ ଜୀବନ ଏକ ସଂଘର୍ଷ ନୁହେଁ ବରଂ ସହଯୋଗ ଏବଂ ସନ୍ତୁଳନର ଏକ ନିରନ୍ତର ଅଭ୍ୟାସ । ମାର୍କ ପାଇଁ କଠୋର ପ୍ରତିଯୋଗିତାର ଏହି ଯୁଗରେ, କିଛି କୋଚିଂ ପ୍ରତିଷ୍ଠାନଗୁଡ଼ିକ ସଫଳତାର ଗୋଲାପୀ ଚିତ୍ର ଦେଖାନ୍ତି ଏବଂ ସ୍ୱପ୍ନ ବିକ୍ରୟ କରି ଏକ ଭିନ୍ନ ପ୍ରକାରର ଅସତ୍ କାମ କରନ୍ତି । ସେମାନେ ପିତାମାତାଙ୍କ ସହିତ ସଫଳତାର ସୌଦା କରନ୍ତି । ସଫଳ ପ୍ରାର୍ଥୀଙ୍କ ଉଜ୍ଜ୍ୱଳତାର ମୁହଁ ଏବଂ ଅତିରଞ୍ଜିତ ଦାବି ପଛରେ, ସେମାନେ ସମସ୍ତ ଅସଫଳ ପ୍ରାର୍ଥୀ ଏବଂ ସେମାନଙ୍କର ଯନ୍ତ୍ରଣାର ଅଶେଷ ତାଲିକା ଦେଖାନ୍ତି ନାହିଁ । ସଜାଇଥିବା କାର୍ପେଟ ପଛରେ ଥିବା ଅନ୍ଧକାର ଏବଂ କଟୁ ସତ୍ୟକୁ କିଏ ଦେଖିବ ଏବଂ ଦେଖାଇବ? ରାତାରାତି କୋଟିପତି କିମ୍ବା ପ୍ରସିଦ୍ଧ ହେବାର ମାନସିକତା ଆମର ସ୍ୱାଭାବିକ ଚିନ୍ତା ଏବଂ ବୁଝିବା ଶକ୍ତିକୁ ମଧ୍ୟ ମଳିନ କରିଦିଏ । ଭ୍ରାମକ ପ୍ରଚାର କିମ୍ବା ଆକ୍ରମଣାତ୍ମକ ବିଜ୍ଞାପନ ମାଧ୍ୟମରେ, ନିରୀହ ପିଲାମାନଙ୍କୁ ଏବଂ ଆଖିର କୋଣରେ ସେମାନଙ୍କ ପାଇଁ ସ୍ୱପ୍ନ ଦେଖୁଥିବା ସମସ୍ତ ପିତାମାତାଙ୍କୁ ପ୍ରଲୋଭିତ କରାଯାଏ । ଅନେକ ସମୟରେ, ପିତାମାତାମାନେ ଜାଣତରେ କିମ୍ବା ଅଜାଣତରେ ସେମାନଙ୍କ ଆଗ୍ରହ ଏବଂ କ୍ଷମତା ବିଷୟରେ ଚିନ୍ତା ନକରି ସ୍ୱପ୍ନର ଭାର ସେମାନଙ୍କ ପିଲାମାନଙ୍କ କୋମଳ କାନ୍ଧରେ ଦେବାର ଭୁଲ କରନ୍ତି । ପିଲାମାନେ ସ୍ୱପ୍ନର ଭାର ବହନ କରିବା ସମୟରେ ସ୍ୱାଭାବିକ ଶୈଶବ ଜୀବନକୁ ଭୁଲିଯାଆନ୍ତି ।

ଭବିଷ୍ୟତର ସ୍ୱପ୍ନ ସେମାନଙ୍କୁ ପ୍ରତିଯୋଗିତାମୂଳକ ପରୀକ୍ଷାର ଅନନ୍ତ ଦୌଡ଼ ଭିଡ଼କୁ ଠେଲି ଦିଏ । ଯଦି ସେମାନେ ସଫଳ ହୁଅନ୍ତି, ତେବେ ଠିକ୍ ଅଛି, କିନ୍ତୁ ଯଦି ସେମାନେ ବିଫଳ ହୁଅନ୍ତି, ତେବେ ସାରା ଜୀବନ ସେହି ବିଫଳତାର ଲଜ୍ଜାରୁ ବାହାରି ପାରନ୍ତି ନାହିଁ । ସେମାନଙ୍କ ଓଠରୁ ସ୍ୱାଭାବିକ ହସ ଉଭାନ ହୋଇଯାଏ । ସମାଜ ଏବଂ ଅନୁଷ୍ଠାନଗୁଡ଼ିକୁ ଭାବିବାକୁ ପଡିବ ଯେ ଏହି ପିଲାମାନେ କିମ୍ବା ଛାତ୍ରମାନେ ଉତ୍ପାଦ ନୁହଁନ୍ତି ବରଂ ଜୀବନ୍ତ ମଣିଷ । ତେଣୁ, ଆମର ପିଲାମାନଙ୍କୁ ମାର୍କ ପାଇଁ ଅନ୍ଧ ପ୍ରତିଯୋଗିତା ଏବଂ ଏକ ଅନନ୍ତ ଦୌଡ଼ରେ ଠେଲି ଦେବା ପରିବର୍ତ୍ତେ, ଆମେ ସେମାନଙ୍କର ସାମଗ୍ରିକ, ସନ୍ତୁଳିତ ଏବଂ ବହୁମୁଖୀ ବ୍ୟକ୍ତିତ୍ୱର ବିକାଶ ଉପରେ ଧ୍ୟାନ ଦେବା ଉଚିତ । ପିଲାମାନେ ମାର୍କ ସଂଗ୍ରହ ମେସିନ୍ ନୁହଁନ୍ତି । ପ୍ରତ୍ୟେକ ପିଲା ଏକ ପୁସ୍ତକ ନୁହେଁ, ବରଂ ଏକ ସମଗ୍ର ବିଶ୍ୱ, ଯାହାର ଅନେକ ସ୍ୱପ୍ନ ଏବଂ ସମ୍ଭାବନା ଅଛି । ପ୍ରତ୍ୟେକ ପିଲାର କିଛି ନା କିଛି ପ୍ରତିଭା କିମ୍ବା ମୌଳିକ ଗୁଣ ରହିଛି । ଏହାକୁ କେବଳ ଚିହ୍ନିତ କରିବା କିମ୍ବା ସଠିକ୍ ଦିଗ୍‌ଦର୍ଶନ ଦେବା ଆବଶ୍ୟକ । ପ୍ରତେକ ଶିଶୁ ଭିନ୍ନ ଏବଂ ସେମାନଙ୍କ ଚିନ୍ତାଧାରା ମଧ୍ୟ ଭିନ୍ନ ।

ଜଣେ ପିଲାର ଯେଉଁ କ୍ଷେତ୍ରରେ ଆଗ୍ରହ ଏବଂ କ୍ଷମତା ଅଛି, ସେହି କ୍ଷେତ୍ରରେ ତାକୁ ପ୍ରତିପାଳିତ କରି ପୃଷ୍ଟ କରିବା ଉଚିତ । ଏହିପରି ସେ ତା'ର ଆଗ୍ରହର ବିଷୟ ଉପରେ ବିଶେଷ ଜ୍ଞାନ ହାସଲ କରେ ଏବଂ ଶେଷରେ ତା'ର ଉପଯୋଗିତା ପ୍ରମାଣିତ କରେ । ପିଲାମାନଙ୍କୁ କେବଳ ମାର୍କ ଦ୍ୱାରା ମାପ କରାଯିବା ଉଚିତ ନୁହେଁ । ଶିକ୍ଷାର ଅର୍ଥ ସେମାନଙ୍କ ମଧ୍ୟରେ ବୁଝାମଣା ଏବଂ ସମ୍ବେଦନଶୀଳତା ସୃଷ୍ଟି କରିବା । ପିଲାମାନଙ୍କୁ ଅନ୍ୟ ସହ ତୁଳନା କରାଯିବା ଅନୁଚିତ । ଆମେମାନେ ସମ୍ବେଦନଶୀଳ ଏବଂ ବୁଦ୍ଧିମାନ ମଣିଷ ହେବା ଆବଶ୍ୟକ ।

**ନୟାଗଡ଼, ମୋ-୯୪୩୭୬୪୨୯୪୭**

# ଦୁର୍ଘଟଣାରେ ଭାଙ୍ଗି ଯାଇଥିବା ଦାନ୍ତର ଚିକିତ୍ସା



ଡାକ୍ତର ରବି ରଂଜନ ସାହୁ

ଦୁର୍ଘଟଣା ଯୋଗୁଁ ଦାନ୍ତ ଭାଙ୍ଗିବା ଅନେକ ସ୍ଥଳରେ ଦେଖାଯାଇଥାଏ । ରାସ୍ତାରେ ଯାଉଥିବା ସମୟରେ ଯାନବାହନ ଦ୍ୱାରା ଧକ୍କା ହୋଇ କୌଣସି କାରଣରୁ ମୁହଁରେ ଆଘାତ ଯୋଗୁଁ ଏପରିକି ଖାଦ୍ୟ ଖାଉଥିବା ସମୟରେ ଅସାବଧାନତା ଯୋଗୁଁ ଦୁର୍ବଳ ଓ ରୋଗାକ୍ରାନ୍ତ ଦାନ୍ତ ଭାଙ୍ଗିବା ଦେଖାଯାଇଥାଏ । ଯେକୌଣସି ପ୍ରକାର ଆଘାତ ବା ଆକସ୍ମିକ ଦୁର୍ଘଟଣା ଯୋଗୁଁ ଦାନ୍ତ ସଂପୁର୍ଣ୍ଣ ବା ଆଂଶିକ ଭାଙ୍ଗିଯାଇ ପାରେ ।

ଦାନ୍ତ ଭାଙ୍ଗିଥିବା ସ୍ଥଳେ, ରକ୍ତସ୍ରାବର ଲକ୍ଷଣ ସାଧାରଣତଃ ପ୍ରକାଶ ପାଇଥାଏ ଓ ବେଳେବେଳେ, ଆଂଶିକ ଭାଙ୍ଗିଥିବା ସ୍ଥଳେ, ଏହାର ବ୍ୟତିକ୍ରମ ଘଟି, ରକ୍ତସ୍ରାବର ଲକ୍ଷଣ ପ୍ରକାଶ ପାଇ ନ ଥାଏ । ଯଦି କୌଣସି କାରଣରୁ ଦାନ୍ତ ଭାଙ୍ଗିଥାଏ, କିନ୍ତୁ ରକ୍ତସ୍ରାବ ହୋଇ ନ ଥାଏ କିମ୍ବା ବିଶେଷ ଯନ୍ତ୍ରଣା ଅନୁଭୂତ ନ ହେଲେ ସ୍ଥଳ ବିଶେଷରେ, ଅନେକ ଏହାର ଚିକିତ୍ସା ପ୍ରତି ସଚେତନ ନ ଥାନ୍ତି କିନ୍ତୁ ଭାଙ୍ଗିଥିବା ଦାନ୍ତ ପରବର୍ତ୍ତୀ ସମୟରେ ନିଶ୍ଚିତ ଜଟିଳରୂପ ଧାରଣ କରିଥାଏ । ଏପରିକି, ଦାନ୍ତ ଭାଙ୍ଗିବାର ୫/୧୦ ବର୍ଷ ପରେ ମଧ୍ୟ ରୋଗର ଉପସର୍ଗ ଦେଖାଯାଇଥାଏ ।

ଆକସ୍ମିକ ଦୁର୍ଘଟଣା ଯୋଗୁଁ ମାଢ଼ି ଉପରକୁ ଦେଖାଯାଉଥିବା ଦାନ୍ତର କିଛି ଅଂଶ ଭାଙ୍ଗିପାରେ କିମ୍ବା ମାଢ଼ି ଭିତରେ ଦାନ୍ତର ମୂଳ ଆଡ଼କୁ ରହିଥିବା ଅଂଶ ଭାଙ୍ଗିପାରେ । ମାଢ଼ି ଉପରକୁ ଦେଖାଯାଉଥିବା ଦାନ୍ତର କିଛି ଅଂଶ ଭାଙ୍ଗିଗଲେ ସଂଗେ ସଂଗେ ବା ନିକଟ ଭବିଷ୍ୟତରେ ଗରମ, ଥଣ୍ଡା, ଖଟା ବା ମିଠା ଜାତୀୟ ଖାଦ୍ୟ ଖାଉଥିବା ସମୟରେ କୋଲ ମାରିବା ବା ଶିର୍ ଶିର୍ ଲାଗିବା ଲକ୍ଷଣ ପରିଲକ୍ଷିତ ହୋଇଥାଏ । କିନ୍ତୁ ମାଢ଼ି ଭିତରେ ଥିବା ଦାନ୍ତର କିଛି ଅଂଶ ଭାଙ୍ଗି ଗଲେ ସ୍ଥଳ ବିଶେଷରେ, ଦାନ୍ତ ହଲିବା ଲକ୍ଷଣ ପ୍ରକାଶ ପାଇଥାଏ ।

କିନ୍ତୁ ଏହାର ଅବସ୍ଥିତି ସଂପର୍କରେ ସଠିକ୍ ନିରୂପଣ ପାଇଁ ରଞ୍ଜନରଶ୍ମୀ (ଏକ୍ସରେ) ଦ୍ୱାରା ହିଁ ସମ୍ଭବ ହୋଇଥାଏ । ଅନେକ ସମୟରେ ଦୁର୍ଘଟଣାରେ ଦାନ୍ତର କୌଣସି ଅଂଶ ନ ଭାଙ୍ଗି, କୌଣସି କଷ୍ଟ ଯନ୍ତ୍ରଣା ହେଉ ନ ଥିଲେ ମଧ୍ୟ ଦାନ୍ତର ମୂଳ ସହିତ ସଂଯୁକ୍ତ ହୋଇଥିବା ସ୍ନାୟୁ ଏହି ଆଘାତ ଦ୍ୱାରା ବିଚ୍ଛିନ୍ନ ହୋଇଥିବା ଦେଖାଯାଏ । ଭବିଷ୍ୟତରେ ଉକ୍ତ ଆଘାତପ୍ରାପ୍ତ ଦାନ୍ତର ରଙ୍ଗ ଅନ୍ୟ ଦାନ୍ତଗୁଡ଼ିକର ରଙ୍ଗ ଅପେକ୍ଷା ଗାଢ଼ ହଳଦିଆ, ଈଷତ୍ ଗୋଲାପୀ ବା ଖଇରିଆ ରଙ୍ଗ ଧାରଣ କରିଥାଏ । ଏଥିଯୋଗୁଁ ମୁଖମଣ୍ଡଳର ସୌନ୍ଦର୍ଯ୍ୟରେ ହାନି ଘଟିଥାଏ ।

**ଦାନ୍ତ ମୁଖ୍ୟତଃ ତିନୋଟି ସ୍ତରରେ ଗଠିତ । ଦାନ୍ତର ବାହ୍ୟ ଆବରଣ ତଥା ପ୍ରଥମ ସ୍ତରଟି ସବୁଠାରୁ ଟାଣୁଆ ଅଂଶ ଓ ଏହା ଦାନ୍ତକୁ ସଂପୂର୍ଣ୍ଣ ପ୍ରତିରୋଧ ଯୋଗାଇଥାଏ । ଏହା ଦେଖିବାକୁ ଧଳା ରଙ୍ଗର ଓ ଏହାକୁ ଏନାମେଲ୍ କୁହାଯାଏ । ଏହି ଏନାମେଲ୍ ତଳକୁ ଦାନ୍ତର ଦ୍ୱିତୀୟ ସ୍ତର ଯାହା କି ଏନାମେଲ୍ ଅପେକ୍ଷା ନରମ ଓ ଈଷତ୍ ହଳଦିଆ ରଙ୍ଗର ହୋଇଥାଏ, ଏହାକୁ ଡ଼େଣ୍ଟିନ୍ ବୋଲି କହିଥାନ୍ତି । ଏହାର ତଳକୁ ଦାନ୍ତର ତୃତୀୟ ସ୍ତର ଥାଏ । ଏହି ସ୍ତରକୁ ପଲ୍‌ପ ବା ସାଧାରଣ ଭାବେ ଦାନ୍ତର ମଞ୍ଜ ବୋଲି କୁହାଯାଏ । ଏହା ଦାନ୍ତର ସବୁଠାରୁ ନରମ ଏବଂ ଏକ ପ୍ରମୁଖ ଅଂଶ । ଏଠାରେ ସ୍ନାୟୁ ଓ ରକ୍ତ ସଞ୍ଚାଳନ ସଂଗଠିତ ହୋଇଥାଏ ।**

ଯଦି ଦୁର୍ଘଟଣାରେ ଆଘାତ ପାଇ ମାଢ଼ି ବାହାରେ ରହୁଥିବା ଦାନ୍ତର କେତେକାଂଶ ଭାଙ୍ଗିବା ଯୋଗୁଁ ଶରୀରର ସବୁଠାରୁ ଟାଣୁଆ ଅଂଶ ତଥା ଦାନ୍ତର ବାହ୍ୟ ଆବରଣ ଏନାମେଲ୍ କ୍ଷୟ ହୁଏ, ତେବେ ଖାଲି ଆଖିକୁ ଦେଖାଯାଉ ନ ଥିବା ପଲପ୍‌ଠାରୁ ଡ଼େଣ୍ଟିନ୍‌କୁ ଯାଇଥିବା ସୂକ୍ଷ୍ମାତି ସୂକ୍ଷ୍ମ ନଳୀ (ଯାହାକୁ ଡାକ୍ତରୀ ଭାଷାରେ ଡ଼େଣ୍ଟିନାଲ୍ ଟ୍ୟୁବଲ ବୋଲି କୁହାଯାଏ) ବାଟ ଦେଇ ରୋଗ ସଂକ୍ରମଣ ହୋଇଥାଏ ।

ଦାନ୍ତର ମଞ୍ଜ ରୋଗାକ୍ରାନ୍ତ ନ ହେବା ପର୍ଯ୍ୟନ୍ତ ରୋଗୀକୁ ବିଶେଷ କଷ୍ଟ, ଯନ୍ତ୍ରଣା ଅନୁଭୂତ ହୋଇ ନ ଥାଏ । କିନ୍ତୁ ଉପଯୁକ୍ତ ଚିକିତ୍ସା ବ୍ୟବସ୍ଥା ଗ୍ରହଣ କରି ଉକ୍ତ ଦାନ୍ତର ସ୍ଥାୟୀ ରକ୍ଷଣାବେକ୍ଷଣ ପାଇଁ ଏହା ହିଁ ପ୍ରକୃଷ୍ଟ ସମୟ । ଦାନ୍ତର ମଞ୍ଜ ରୋଗାକ୍ରାନ୍ତ ହେଲେ ଦାନ୍ତ ମୂଳରେ ପୂଜ ତିଆରି ହୋଇ ମାଢ଼ି ଉପରେ ଛୋଟ ଘିମିରି ଆକାରରେ ଫୁଲିବା, କେବେ କେମିତି ସାମାନ୍ୟ ପୂଜ ନିର୍ଗତ ହୋଇଯିବା ପରେ ଫୁଲା କମିଯିବା, ମାଢ଼ି ଦରଜ ହେବା, ସ୍ଥଳ ବିଶେଷରେ ଯନ୍ତ୍ରଣା ଅନୁଭବ ହେବା ଲକ୍ଷଣ ପ୍ରକାଶ ପାଇଥାଏ ।

ବିଜ୍ଞାନର ଅଗ୍ରଗତି ଯୋଗୁଁ ଦନ୍ତ ଶଲ୍ୟ ଚିକିତ୍ସାରେ ବ୍ୟାପକ ପ୍ରଗତି ଘଟିଲାଣି । ତେଣୁ ଦୁର୍ଘଟଣାରେ ଦାନ୍ତ ଆଘାତ ପାଇଲେ ଉପରକୁ ଦାନ୍ତ ଭାଙ୍ଗିବା ପରି ଦେଖାଯାଉ ନ ଥିଲେ ମଧ୍ୟ ଅଭିଜ୍ଞ ଦନ୍ତରୋଗ ବିଶେଷଜ୍ଞଙ୍କ ପରାମର୍ଶ ଅନୁଯାୟୀ ଆବଶ୍ୟକ ସ୍ଥଳେ ଏକ୍ସ-ରେ ମାଧ୍ୟମରେ ଏହାର ପ୍ରକୃତ ଉପସ୍ଥିତି ସମ୍ପର୍କରେ ଜାଣି ଚିକିତ୍ସା କରାଇବା ବାଞ୍ଛନୀୟ ।

**ଦୁର୍ଘଟଣାରେ ଭାଙ୍ଗିଥିବା ଦାନ୍ତକୁ ସମୂଳେ ଓପାଡ଼ି ନ ଦେଇ ଆଜିକାଲି ଅତ୍ୟାଧୁନିକ ରୁଟ୍ କାନାଲ ଚିକିତ୍ସା, କ୍ରାଉନ୍ ଓ ଲାଇଟ୍‌କିଓର କମ୍ପୋଜିଟ୍ ରେଜିନ୍ ମାଧ୍ୟମରେ ଅଭିଜ୍ଞ ଦନ୍ତରୋଗ ବିଶେଷଜ୍ଞଙ୍କ ପରାମର୍ଶ ଅନୁଯାୟୀ ଆଘାତପ୍ରାପ୍ତ ଦାନ୍ତର ସୁଚିକିତ୍ସା କରାଯାଇ ପୁର୍ନବିନ୍ୟାସ କରାଯାଇ ପାରୁଛି ।**

ଚାନ୍ଦିନୀଚୌକ, କଟକ-୨
ମୋ-୯୪୩୭୩୧୦୧୭୧

# ମନ ଓ ଇନ୍ଦ୍ରିୟର ଗୁଢ଼ ତତ୍ତ୍ୱ

ଡକ୍ଟର ଅମୂଲ୍ୟ କୁମାର ପଣ୍ଡା

ମଣିଷର ମନ ଠିକ୍ ଗୋଳିଆ ପାଣି ପରି । ଏହା ଯେତେ ବେଳେ ଗୋଳମାଳିଆ ଥାଏ,ତାହାକୁ ହସ୍ତକ୍ଷେପ କରିବାକୁ ଚେଷ୍ଟା କରିବା ଉଚିତ ନୁହଁ । ଏହି ପରିପ୍ରେକ୍ଷୀରେ ମନକୁ କିଛି ସମୟ ବିଶ୍ରାମ ଦେବା ଆବଶ୍ୟକ ଆଉ ଏହା କରିପାରିଲେ ଏହା ଆପେ ସ୍ଥିର ହେବ । ଏହାକୁ ଶାନ୍ତ କରିବା ପାଇଁ ଆଉ ଚେଷ୍ଟା କରିବାକୁ ପଡ଼ିବ ନାହିଁ । ମନ କେବଳ ଶାନ୍ତ ଥିବା ବେଳେ ହିଁ ଭଲ ଭାବେ ବିଚାର କରିହୁଏ ଏବଂ ଉଚିତ ନିଷ୍ପତ୍ତି ନେଇହୁଏ । ଏହି ମନକୁ ନେଇ ଗୋଟେ ସୁନ୍ଦର କଥା ଅଛି ଆଉ ଏହା ଗୌତମ ବୁଦ୍ଧଙ୍କ ଜୀବନ ସହ ସଂପର୍କୀତ ଏକ ଘଟନା । ଦଳେ ଅନୁଗାମୀଙ୍କ ସହ ଥରେ ଗୌତମ ବୁଦ୍ଧ ଯାତ୍ରା କରୁଥିଲେ । ପଥରେ ପଡ଼ିଲା ପୁଷ୍କରିଣୀଟିଏ ଆଉ ପଥ-ପ୍ରାନ୍ତରେ ଥିବା ତରୁର ଛାୟା ବୁଦ୍ଧଙ୍କୁ ଆକର୍ଷିତ କଲା । ସେ କିଛି କ୍ଷଣ ସେଠାରେ ବିଶ୍ରାମ ନେବାକୁ ଇଚ୍ଛା କଲେ । ପୁଷ୍କରିଣୀରୁ ପାଣି ମୁନ୍ଦିଏ ଆଣିବା ପାଇଁ ଜଣେ ଶିଷ୍ୟଙ୍କୁ କହିଲେ । ଶିଷ୍ୟ ପାଣି ପାଇଁ ପହଞ୍ଚି ଦେଖିଲେ, କିଛି ଲୋକ ସ୍ନାନରେ ବ୍ୟସ୍ତ । ପାଣିର ଅବସ୍ଥା ଦେଖି, ସେ ଖାଲି ହାତରେ ଫେରିଲେ ଏ ବିଷୟ ବୁଦ୍ଧଙ୍କୁ ଜଣାଇଲେ । ବୁଦ୍ଧ କହିଲେ- ବ୍ୟସ୍ତ ହେବାରେ କ'ଣ ଅଛି ? କିଛି ସମୟ ବିଶ୍ରାମ ନିଅ ତା'ପରେ ଯିବ । ଘଣ୍ଟାକ ପରେ ପୁନର୍ବାର ପାଣି ପାଇଁ ଶିଷ୍ୟଙ୍କୁ ପଠାଇଲେ । ଏଥର ଶିଷ୍ୟ ନିର୍ମଳ ଜଳ ସହ ଫେରିଲେ ଏବଂ ତାହା ପାନ କରି ବୁଦ୍ଧ ତୃଷ୍ଣା ମେଣ୍ଟାଇଲେ । କହିଲେ- ଦେଖିଲ, ଜଳ କିପରି ଆପେ ସ୍ୱଚ୍ଛ ହୋଇଗଲା ? ତୁମକୁ କିଛି କରିବାକୁ ପଡ଼ିଲା ନାହିଁ ! ଠିକ୍ ସେହି ପରି ଆନ୍ଦୋଳିତ ମନ ଆପେ ଶାନ୍ତ ହୋଇଥାଏ । ଏହାକୁ ଶାନ୍ତ କରିବା ପାଇଁ ଆଦୌ ବ୍ୟସ୍ତ ହେବା ଅନାବଶ୍ୟକ ।

ତେବେ ଆସନ୍ତୁ, ଜାଣିବା ଏହି ମନ ଉପରେ କେତେକ ଗୁଢ଼ ତତ୍ତ୍ୱ କଥା । ମନୁଷ୍ୟର ପାଞ୍ଚଟି ଜ୍ଞାନ ଇନ୍ଦ୍ରିୟ ଏବଂ ପାଞ୍ଚଟି କର୍ମ ଇନ୍ଦ୍ରିୟ ରହିଛି । ମନ ଏକ ଇନ୍ଦ୍ରିୟ ହୋଇଥିବାରୁ ସର୍ବଦା ଇନ୍ଦ୍ରିୟମାନଙ୍କୁ ସମର୍ଥନ କରେ । ମନ ସଂଯମ ହେଲେ ଇନ୍ଦ୍ରିୟମାନେ ଶୀତଳ ହୋଇଯାଆନ୍ତି । ଶାସ୍ତ୍ରମାନଙ୍କରେ ଇନ୍ଦ୍ରିୟମାନଙ୍କର ରାଜା ହେଉଛି ମନ ଏବଂ ଚିତ୍ତବୃତ୍ତିଗୁଡିକ ହେଉଛନ୍ତି ସେମାନଙ୍କ ନେତା । ଦେଶର ରାଜା ଭଲ ବ୍ୟକ୍ତି ହୋଇଗଲେ ପ୍ରଜାମାନେ ସୁଖଶାନ୍ତିରେ ରହିବେ । ସେଥିପାଇଁ ମନୁଷ୍ୟ ମନକୁ ସଂଯମ କରିବା ନିହାତି ଦରକାର ହୋଇଥାଏ । ଯାହାଫଳରେ ସମଗ୍ର ଶରୀର ସୁସ୍ଥ ରହିଥାଏ । ମନର କାମ ହେଉଛି ତିନୋଟି ପର୍ଯ୍ୟାୟରେ ବିଭକ୍ତ । ତାହା ହେଲା ଇନ୍ଦ୍ରିୟ ଲାଳସା, କାମ ଉତ୍ତେଜନା ଓ ଧନ ସଞ୍ଚୟ ପାଇଁ ସର୍ବଦା ଲାଗିରହେ । ମନର ପ୍ରଥମ କାମ ହେଲା ବିଭିନ୍ନ ପ୍ରକାର ସୁଆଦିଆ ଖାଦ୍ୟ ଖାଇବା ପାଇଁ ମନ ସବୁବେଳେ ଆଗ୍ରହ ପ୍ରକାଶ କରେ । ବେଳେବେଳେ ଆବଶ୍ୟକ ଠାରୁ ଅଧିକ ଖାଇ ଶରୀରକୁ ରୋଗୀ କରି ଛଟ-ପଟ ହୁଏ । ମନର ଦ୍ୱିତୀୟ କାମ ହେଲା କାମସେବନ । ମନ କାମସେବନ ପାଇଁ ଇନ୍ଦ୍ର ଭୁବନ ତିଆରି କରେ । ମନୁଷ୍ୟ କାମୁକ ହୋଇଗଲେ ଶରୀର ଦୁର୍ବଳ ହୋଇ ରୋଗ ମାଡ଼ିବସେ । ସେଥିପାଇଁ ରାମକୃଷ୍ଣ ପରମହଂସ କହିଛନ୍ତି ଯୋଗମାର୍ଗରେ ଯାଉଥିବା ସାଧକମାନେ କାମିନୀ ଓ କାଞ୍ଚନ ଠାରୁ ଦୂରେଇ ରହିବା ଉଚିତ । ମନର ତୃତୀୟ କାମ ହେଉଛି ଅଧିକ ଧନ ସଞ୍ଚୟ କରି ବଡ଼ଲୋକିଆ ଦେଖାଇ ଗର୍ବ ଅହଂକାର କରିବା । ଆଜିର ପରିସ୍ଥିତିରେ ଅଧକାଂଶ ଲୋକ ମନ ମୁତାବକ କାମକରି ଦୁଃଖ-କଷ୍ଟ ଭୋଗକରି ରୋଗରେ ପଡ଼ି ଛଟପଟ ହେଉଛନ୍ତି । ମନୁଷ୍ୟ ଶରୀରକୁ ସବୁକିଛି ମନେକରି ଆତ୍ମଜ୍ଞାନ ଭୁଲି ଅନେକ ସମୟରେ ବିପଦରେ ପଡୁଛି । ସେଥିପାଇଁ ମନୁଷ୍ୟ ସାଧନା ମାର୍ଗରେ ଯାଇ ଇନ୍ଦ୍ରିୟ ସଂଯମ କରିବା ଉଚିତ । ଜଣେ ଉତ୍ତମ ବ୍ୟକ୍ତିର ପ୍ରଥମ କାମ ହେଲା ସରଳ, ସୁପାଚ୍ୟ, ସାତ୍ତ୍ୱିକ, ପୋଷଣଯୁକ୍ତ ନିରାମିଷ ଭୋଜନ କରିବା ଉଚିତ । କାରଣ ଅନ୍ନ ଅନୁସାରେ ମନର ଗଠନ ହୋଇଥାଏ । ମନକୁ ସଂଯମ କରିବା ପାଇଁ ଜପ-ଧ୍ୟାନ ଓ ଆସନ-ପ୍ରାଣାୟାମ କରିବାକୁ ପଡ଼େ । ମନ ଏକାଗ୍ର ହୋଇଗଲେ ମନୁଷ୍ୟକୁ ଶାନ୍ତି ମିଳିଥାଏ । ମନ ଅଶାନ୍ତ ରହିଲେ ନର୍କକୁଣ୍ଡରେ ପକାଇ ଛଟପଟ କରିବ । ସବୁକିଛି ହେଉଛି ମନର ଖେଳ । ଦ୍ୱିତୀୟ ହେଲା ବ୍ରହ୍ମଚର୍ଯ୍ୟ । ମନୁଷ୍ୟ ବ୍ରହ୍ମଚର୍ଯ୍ୟ ପାଳନ ନ କଲେ ସାଧନା ମାର୍ଗରେ ଯାଇ ବିଫଳତା ଲାଭ କରିବା ସମ୍ଭାବନା ରହିଛି । ମନୁଷ୍ୟ ବ୍ରହ୍ମଚର୍ଯ୍ୟ ହେଲେ ମାନସିକ ଶାନ୍ତି ଏବଂ ଶାରୀରିକ ସୁଖ ଅନୁଭବ କରିବ । ମୁଖମଣ୍ଡଳ ତେଜିୟାନ ଦେଖାଯିବ । ଶରୀରରୁ ରୋଗ ଚାଲିଯିବ । ଆତ୍ମବଳ ବଢ଼ି ଯେଉଁ କାମରେ ହାତ ଦେବ ତାହାକୁ ସଫଳତା ମିଳିବାର ସମ୍ଭାବନା ସୃଷ୍ଟି ହେବ ।

ବର୍ତ୍ତମାନ ସମୟରେ ଲୋକଙ୍କ ପାଖରେ ଧନ-ରତ୍ନ ବହୁତ ବଢ଼ିଯାଇଛି ଏବଂ ଅଧିକାଂଶ ଲୋକ ଭଲ ରୋଜଗାର ମଧ୍ୟ କରୁଛନ୍ତି କିନ୍ତୁ ସେମାନେ ଅନେକଙ୍କୁ ସନ୍ତୋଷ ମିଳୁନାହିଁ । କାରଣ ସେମାନେ ମାନସିକ ରୋଗରେ ଆକ୍ରାନ୍ତ ହୋଇ ପାଗଳାମିର ଲକ୍ଷଣ ଦେଖାଉଛନ୍ତି । ନିଜକୁ ଅସହାୟ ମନେକରି ଜୀବନ କାଟୁଛନ୍ତି । ମନୁଷ୍ୟର ମସ୍ତିଷ୍କ ହେଉଛି ସବୁଠାରୁ ଶ୍ରେଷ୍ଠ । ଆଜି କେତେକ ଲୋକ ଅପରାଧ ମନୋବୃତ୍ତି ରଖି ତଥା କାମୁକ ସ୍ୱଭାବର ହୋଇ ଭୟ ଓ ନିରାଶା ଜୀବନ ବିତାଉଛନ୍ତି । ସେଥିପାଇଁ ଆମକୁ ମନ ଓ ଶରୀରକୁ ପବିତ୍ର କରିବା ଉଚିତ । ସେଥିପାଇଁ କୁହାଯାଏ ମନୁଷ୍ୟର ବୁଦ୍ଧି, ବିବେକ ଓ ଜ୍ଞାନ ଆସିଗଲେ, ସେ ଆତ୍ମସନ୍ତୋଷ ଓ ଜନ ସମ୍ମାନ ଲାଭ କରେ । ଇନ୍ଦ୍ରିୟରୂପୀ ଅଶ୍ୱମାନଙ୍କୁ ଯେଉଁ ଜୀବ ନିଜର ଚଞ୍ଚଳ ମନର ଲଗାମରେ ବାନ୍ଧି ପାରେନା, ସେ ଜୀବର ଜୀବନ ନାନାଦି ମାୟାରେ ଛନ୍ଦି ହୋଇପଡ଼େ । ମାୟାର ପ୍ରଭାବ ଓ ନିଜର କିଛି କର୍ମ ଦ୍ୱାରା ସେ ସଂସାରରେ ଦୁଃଖ ଓ ଅଶାନ୍ତି ଭୋଗ କରେ । ନିଜେ କର୍ତ୍ତା ବା ଭୋକ୍ତାର ଅହଂକାର ନେଇ, ନିଜର ହିଁ କ୍ଷତି ସାଧନ କରେ, ଏ ଜଗତରେ ହୁଏ ଘୃଣ୍ୟ, କାରଣ ସେ ହୋଇଯାଏ ସ୍ୱେଚ୍ଛାଚାରୀ, ଗର୍ବୀ, ଅହଙ୍କାରୀ ତଥା ଏକରକମ ବିନାଶ ପଥର ଯାତ୍ରୀ । ସେଥିପାଇଁ ନିଜକୁ ଆମକୁ ଏସବୁରୁ ଦୂରେଇଦେବା ଉଚିତ । ଏହା ହୋଇପାରିଲେ ମନରେ ବିରାଜମାନ ହେବ ଶାନ୍ତି ସହ ନିର୍ଭୀକତା, ନିଃସ୍ୱାର୍ଥପରତା, ନିର୍ମଳ ଭାବ ଉତ୍ତମ ବିଚାରବୁଦ୍ଧି, ସର୍ବୋପରି ଧାର୍ମିକ ଚେତନା ।

**ଅରଙ୍ଗାବାଦ, ବରୀ, ଯାଜପୁର**
**ମୋ- ୯୯୩୮୯୦୬୦୭୦**

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ରୁଟି...

କେଜି ଚେଷ୍ଟା କରନ୍ତି ତା'ର ମୂଳପୋଛ ହେବା ନିଶ୍ଚିତ । ଯେଉଁମାନେ ଆତଙ୍କବାଦ ବିସ୍ତାର କରୁଥିଲେ ସେମାନେ ସ୍ୱପ୍ନରେ କଳ୍ପନା କରିନଥିଲେ ଯେ ମୋଦି ସହ ଲଢ଼ିବା ଏତେ କଷ୍ଟକର ବୋଲି । ଆମ ସେନା ପାକିସ୍ତାନ ସେନାକୁ ପରାସ୍ତ କଲା । ଦେଶର ସେନା ସାହସକୁ ସଲାମ କରୁଛି । ଦେଶର ପ୍ରଗତି ପାଇଁ ଯାହା ଆବଶ୍ୟକ ଆମେ ତାକୁ ହିଁ ଭାରତରେ ତିଆରି କରିବା ଉଚିତ୍ । ଖେଳଣା ଠାରୁ ଆରମ୍ଭ କରି ସାମରିକ ଅସ୍ତ୍ରଶସ୍ତ୍ର ପର୍ଯ୍ୟନ୍ତ ସବୁକିଛି ବିଶ୍ୱର ବିଭିନ୍ନ ଦେଶକୁ ଭାରତ ରପ୍ତାନି କରୁଛି । ରେଳ, ମେଟ୍ରୋ ଏଥିପାଇଁ ଆବଶ୍ୟକ ପ୍ରଯୁକ୍ତି ବିଦ୍ୟା ଏବେ ଭାରତ ତିଆରି କରି ବିଶ୍ୱକୁ ରପ୍ତାନି କରୁଛି । ଆମେ ୧୫ ଦିନ ଅପେକ୍ଷା କରିଛୁ । ଯଦି ପାକିସ୍ତାନ ଆତଙ୍କବାଦୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ କ'ଣ ଗ୍ରହଣ କରୁଛି ତାହା ଦେଖନ୍ତୁ । ହେଲେ ଆତଙ୍କବାଦ ସେମାନଙ୍କ ଦୈନନ୍ଦିନ ଖାଦ୍ୟ ହେଉଛି । ଯଦି ସେମାନେ କିଛି ନ କରନ୍ତି ତେବେ ଆମ ସେନା ପୂର୍ଣ୍ଣ ସ୍ୱାଧୀନତା ଦିଆଯାଇଛି । ପାକିସ୍ତାନର ଏୟାରବେସ୍ ଏବେବି ଆଇସିୟୁରେ ଅଛି ବୋଲି କହିଛନ୍ତି । ପ୍ରଧାନମନ୍ତ୍ରୀ ଭଦଦୋରାରେ ଏକ ରୋଡସୋ କରିଥିଲେ । କର୍ଣ୍ଣେଲ ସୋଫିଆ କୁରେସିଙ୍କ ପରିବାର ଏଥିରେ ସାମିଲ ହୋଇଥିଲେ । କୁରେସିଙ୍କ ପରିବାର ସଦସ୍ୟ ଯଥା ତାଙ୍କ ପିତା, ମାତା, ଭାଇ ମହମ୍ମଦ ସଞ୍ଜୟ କୁରେସି, ଭଉଣୀ ସିନା ସୁନ୍ସାରା ରୋଡସୋରେ ଥିଲେ ।

## ରଥଯାତ୍ରାକୁ...

କରାଯାଇଛି । ଜୁନ୍ ୨୭ ତାରିଖ ଶୁକ୍ରବାର ଦିନ ଏଥର ତିନିଠାକୁର ରଥରେ ବିରାଜମାନ ହୋଇ ଭକ୍ତଙ୍କୁ ଦର୍ଶନ ଦେବେ । ଏହି ଦିବ୍ୟଲୀଳା ଦେଖିବାକୁ ପ୍ରଧାନମନ୍ତ୍ରୀଙ୍କୁ ନିମନ୍ତ୍ରଣ କରିଛନ୍ତି ମୁଖ୍ୟମନ୍ତ୍ରୀ ।

ଜୁନ୍ ୨୭ରେ ମହାପ୍ରଭୁଙ୍କ ଶ୍ରୀଗୁଣ୍ଡିଚା ଯାତ୍ରା ଅନୁଷ୍ଠିତ ହେବ । ଏବର୍ଷ ରଥଯାତ୍ରା ଦିନ ସକାଳ ୬ ଘଟିକାଠାରୁ ମଙ୍ଗଳ ଆଳତି ନୀତି ଅନୁଷ୍ଠିତ ହୋଇ ସକାଳ ୯ଟା ସୁଦ୍ଧା ରଥ ପ୍ରତିଷ୍ଠା ନୀତି କରାଯିବା ନେଇ ସ୍ଥିର ହୋଇଛି । ସେହିପରି ୯ଟା ୩୦ରେ ପହଣ୍ଡି ଆରମ୍ଭ କରାଯାଇ ସାଢେ ୧୨ଟା ସୁଦ୍ଧା ସରିବ । ଅପରାହ୍ନ ସାଢେ ୨ଟାରୁ ସାଢେ ୩ଟା ମଧ୍ୟରେ ଛେରାପହଁରା ଓ ଅପରାହ୍ନ ୪ଟାରେ ରଥ ଟଣା ହେବ ।

ସେହିପରି ଜୁନ ୧୧ରେ ଦେବସ୍ନାନ ପୂର୍ଣ୍ଣିମାର ନୀତି ନିର୍ଘଣ୍ଟ ମଧ୍ୟ ସ୍ଥିରୀକୃତ ହୋଇଛି । ଅପରାହ୍ନ ୪ଟା ୩୦ରେ ଅନୁଷ୍ଠିତ ହେବ ହାତୀ ବେଶ । ଅନ୍ୟପଟେ ବାହୁଡ଼ା ଦିନ ଅପରାହ୍ନ ୪ଟା ସୁଦ୍ଧା ରଥ ଟାଣିବା ପାଇଁ ନୀତି ନିର୍ଘଣ୍ଟ କରାଯାଇଛି ।

## ହଜାରେ...

କୋଭିଡ୍ ଗସ୍ତ ସୂଚନା ନାହିଁ ସେହିଭଳି କର୍ଣ୍ଣାଟକରେ ପ୍ରତିଷେଧକ ବ୍ୟବସ୍ଥା ଗ୍ରହଣ କରାଯାଇଛି । କର୍ଣ୍ଣାଟକ ସ୍ୱାସ୍ଥ୍ୟମନ୍ତ୍ରୀ କହିଛନ୍ତି ଯେ ସରକାର ପରିସ୍ଥିତିକୁ ତଦାରଖ କରୁଛନ୍ତି । ଅଧିକାରୀମାନଙ୍କୁ ଅଧିକ ରକ୍ତ ନମୁନା ପରୀକ୍ଷା ପାଇଁ କୁହାଯାଇଛି । ବିଶେଷ କରି ଯେଉଁମାନେ ଅଧିକ ସଂକ୍ରମିତ ହେବାର ସମ୍ଭାବନା ରହିଛି ତାଙ୍କ ଉପରେ ଦୃଷ୍ଟି ରଖାଯାଉଛି । ଆରଟିପିସିଆର୍ ଟେଷ୍ଟିଂ କିଟ୍ ଆସନ୍ତା କାଲି କେନ୍ଦ୍ରରୁ ଆସି ପହଞ୍ଚିବ । କେନ୍ଦ୍ର ସ୍ୱାସ୍ଥ୍ୟ ସଚିବ ରାଜେଶ ଭୂଷଣ ଶନିବାର ସ୍ଥିତି ନେଇ ସମୀକ୍ଷା କରିଥିଲେ । ଆଇସିଏମ୍ଆର୍, ସ୍ୱାସ୍ଥ୍ୟ ଗବେଷଣା ବିଭାଗ ଓ ଏନ୍‌ସିଡିସିର ଅଧିକାରୀମାନେ ଉପସ୍ଥିତ ଥିଲେ ।

## ସାରା ବିଶ୍ୱରେ...

ସଂସ୍କୃତି ଛାପ ଦିଆଯିବ । ଗୁଣ୍ଡିଚା ମନ୍ଦିର ନିକଟରେ ଥିବା କୋଠା ଗୁଡିକ ଉଚ୍ଚତା ନିର୍ଦ୍ଧାରଣ କରାଯିବ ନାଟ ମଣ୍ଡପରେ ଧାଡି ଦର୍ଶନ ଲାଗି ଆଜି ବିଶେଷ ଆଲୋଚନା ହୋଇଛି । ହେଲ୍ଥ ସ୍ଥାନାନ୍ତର ନେଇ ଆଲୋଚନା ହୋଇଛି । ଶ୍ରୀମନ୍ଦିରର ଭୂ ସମ୍ପତ୍ତିକୁ ସୁରକ୍ଷା ଦିଆଯିବା ଲାଗି ମାର୍ଗ ଦର୍ଶିକା ବାହାରିବ । ଚଳିତ ବର୍ଷ ବଜେଟ ଉପରେ ମଧ୍ୟ ଅନୁମୋଦନ କରାଯାଇଛି ।

ଶ୍ରୀ ମନ୍ଦିର ପ୍ରଶାସନ, ରାଜ୍ୟ ସରକାର ଏହାକୁ ନେଇ ଆଲୋଚନା କରନ୍ତୁ । ମହାପ୍ରଭୁଙ୍କ ନୀତି କାନ୍ତି ରେ ବ୍ୟତିକ୍ରମ ଆମେ ଚାହିଁବୁନି । ଭାରତ ଭିତରେ ଶ୍ରୀ ମନ୍ଦିର ପରମ୍ପରା ଅନୁଯାଇ ଇସ୍କନ ର ରଥଯାତ୍ରା କରିବେ । କିନ୍ତୁ ଦେଶ ବାହାରେ ହେଉଥିବା ରଥଯାତ୍ରା ପ୍ରସଙ୍ଗରେ ନେଇ ଆଲୋଚନା ହେଇନି । ଶ୍ରୀ ମନ୍ଦିର ପ୍ରଶାସନ ପକ୍ଷରୁ ମହାପ୍ରଭୁଙ୍କ ଶ୍ରୀ ମନ୍ଦିର ପରମ୍ପରାକୁ ସେ ମାନେ ଉପସ୍ଥାପନା କରିବେ । ମହାପ୍ରଭୁ ଙ୍କ ସଠିକ ନୀତି କାନ୍ତି ପରମ୍ପରା ଅନୁସାରେ ସାରା ବିଶ୍ୱରେ ମହାପ୍ରଭୁଙ୍କ ରଥଯାତ୍ରା ହେବ । ରଥଯାତ୍ରା ସମୟରେ ରଥ ଉପରେ ଅଣସେବାୟତ ରହିଲେ ହେବ ଦୃଢ଼ କାର୍ଯ୍ୟାନୁଷ୍ଠାନ । ମୋବାଇଲ ବ୍ୟବହାର ଉପରେ ଲାଗିବ କଟକଣା ।

ଶ୍ରୀମନ୍ଦିର କାର୍ଯ୍ୟାଳୟରେ ଉଚ୍ଚସ୍ତରୀୟ ବୈଠକ ଶେଷ । ବୈଠକ ପରେ ଗଜପତି ମହାରାଜା ଦିବ୍ୟସିଂହ ଦେବ ପ୍ରତିକ୍ରିୟା ଦେଇ କହିଛନ୍ତି ମହାପ୍ରଭୁଙ୍କର ଆଗାମୀ ସ୍ନାନଯାତ୍ରା, ରଥଯାତ୍ରା ଓ ବାହୁଡ଼ାଯାତ୍ରା ନିମନ୍ତେ ନୀତି ନିର୍ଘଣ୍ଟକୁ ପରିଚାଳନା କମିଟି ଅନୁମୋଦନ ଦେଇଛି । ଦୀଘା ଜଗନ୍ନାଥ ମନ୍ଦିର ପ୍ରସଙ୍ଗ ନେଇ ପ୍ରତିକ୍ରିୟା ରଖିଛନ୍ତି ଗଜପତି । ଦୀଘା ଜଗନ୍ନାଥ ମନ୍ଦିରକୁ ଜଗନ୍ନାଥ ଧାମ ନାମକରଣ କରିବା ଜଗନ୍ନାଥ ସଂସ୍କୃତି ବିରୋଧ । ଜଗନ୍ନାଥ ଧାମ କହିଲେ କେବଳ ପୁରୁଷୋତ୍ତମ କ୍ଷେତ୍ର, ଶ୍ରୀକ୍ଷେତ୍ର, ପୁରୀକୁ ବୁଝାଏ । ଦୀଘା ଜଗନ୍ନାଥ ମନ୍ଦିରର ଏଭଳି ନାମକରଣକୁ ନେଇ ଆମେ ଆଶ୍ଚର୍ଯ୍ୟ । ବିଶ୍ୱରେ ଅନେକ ଜଗନ୍ନାଥ ମନ୍ଦିର ନିର୍ମାଣ ହୋଇଛି । କିନ୍ତୁ ଏଭଳି ନାମକରଣ କେହି କରିନାହାନ୍ତି । କେବଳ ଶ୍ରୀକ୍ଷେତ୍ର ପୁରୀ ହେଉଛି ଜଗନ୍ନାଥ ଧାମ ବୋଲି ପୂର୍ବରୁ ମୁଁ ଏବଂ ଜଗତଗୁରୁ ମତପ୍ରକାଶ କରିଛୁ । ପଶ୍ଚିମବଙ୍ଗ ସରକାରଙ୍କ ନିର୍ଦ୍ଦେଶରେ ହିଁ ଦୀଘା ଜଗନ୍ନାଥ ମନ୍ଦିରକୁ ଜଗନ୍ନାଥ ଧାମ ନାମକରଣ କରାଯାଇଛିଛ ଶ୍ରୀଜଗନ୍ନାଥ ଧାମ ଶବ୍ଦ ଯେଭଳି ଦୀଘା ମନ୍ଦିରରୁ ତୁରନ୍ତ ହଟିବ ସେନେଇ ରାଜ୍ୟ ସରକାର ମଧ୍ୟ ପଶ୍ଚିମବଙ୍ଗ ସରକାରଙ୍କୁ ଚିଠି ମାଧ୍ୟମରେ ଅବଗତ କରିଛନ୍ତି । ଏନେଇ ରାଜ୍ୟ ସରକାର ତୁରନ୍ତ ପଦକ୍ଷେପ ନେବା ଆବଶ୍ୟକତା ରହିଛି । ଇସ୍କନ ସଂସ୍ଥା ଦାୟିତ୍ୱ ନେଇଥିଲେ ମଧ୍ୟ ସେମାନେ ଏହାକୁ ବାରଣ କରିନଥିବାରୁ ଏହା ଚିନ୍ତାର ବିଷୟ । ମହାପ୍ରଭୁଙ୍କ ପରମ୍ପରାକୁ ବିକୃତ କରିବା, ଉଲ୍ଲଂଘନ କରିବା ଗ୍ରହଣୀୟ ନୁହେଁ । ଇସ୍କନର ଅଦିନିଆ ରଥଯାତ୍ରା ପ୍ରସଙ୍ଗଛ ଭାରତ ଭିତରେ ଶ୍ରୀମନ୍ଦିର ପରମ୍ପରା ଅନୁଯାୟୀ ଇସ୍କନ ରଥଯାତ୍ରା କରୁଛି । ୨ ଡ଼ିସେମ୍ବର ୨୦୨୪ ରେ ଏନେଇ ଇସ୍କନ ମୁଖ୍ୟଙ୍କ ସହିତ ଆଲୋଚନା ହୋଇଛି । ଇସ୍କନର ପଣ୍ଡିତ ମାନେ ସେମାନଙ୍କ ତଥ୍ୟ ରଖିଛନ୍ତି । ଖୁବଶୀଘ୍ର ଇସ୍କନର ମତକୁ ଖଣ୍ଡନ କରି ଶ୍ରୀମନ୍ଦିର ପକ୍ଷରୁ ଇସ୍କନକୁ ତଥ୍ୟ ପ୍ରଦାନ କରାଯିବ । ସମସ୍ତ ତଥ୍ୟ ଇସ୍କନକୁ ଦିଆଯିବା ପରେ ସେମାନେ ଆମ ପରମ୍ପରାକୁ ପାଳନ କରିବେ ବୋଲି ଆଶା କରାଯାଉଛି । ଯଦି ଇସ୍କନ ମୁଖ୍ୟ ଏଥିରୁ ନିବୃତ୍ତ ନରୁହନ୍ତି ତେବେ ଆଗାମୀ କାର୍ଯ୍ୟପନ୍ଥା ଗ୍ରହଣ କରାଯିବ । ଇସ୍କନ ଏକ ଧାର୍ମିକ ସଂସ୍ଥାଛ ଏଣୁ କୋର୍ଟ କଚେରୀ ନଯାଇ ଆପୋଷ ବୁଝାମଣା ହୋଇ ଏହାର କିଭଳି ସମାଧାନ ହେବ ସେନେଇ ପ୍ରାଧାନ୍ୟ ଦିଆଯିବ ବୋଲି କହିଛନ୍ତି ଗଜପତି ।

ବୈଠକ ପରେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଅରବିନ୍ଦ ପାଢୀ ପ୍ରତିକ୍ରିୟା ଦେଇ କହିଛନ୍ତି ଚଳିତ ବର୍ଷ ସ୍ନାନ ଯାତ୍ରା, ରଥଯାତ୍ରା, ବାହୁଡାଯାତ୍ରା ସହିତ ସମସ୍ତ ବ୍ୟସ୍ଥାବଳୀକୁ ଅନୁମୋଦନ କରା ଯାଇଛି । ଠାକୁରଙ୍କ ପହଣ୍ଡି କିଭଳି ଶୃଙ୍ଖଳିତ ହେବ ତା'କୁ ଗୁରୁତ୍ୱ ଦେଇଛି ଶ୍ରୀମନ୍ଦିର ପ୍ରଶାସନ । ଗୁଣ୍ଡିଚା ମନ୍ଦିର ଚତୁଃପାଶ୍ୱର୍ରେ ଥିବା ଅଟାଳିକା ଗୁଡିକର ଏକ ଉଚ୍ଚତା ନିରୂପଣ କରାଯିବ । ନାଟମଣ୍ଡପରେ ଶୃଙ୍ଖଳିତ ଦର୍ଶନ ତଥା ଧାଡ଼ି ଦର୍ଶନ ପାଇଁ ବ୍ୟବସ୍ଥା କରାଯିବ । ଶ୍ରୀମନ୍ଦିର ର ଭୂସମ୍ପତ୍ତି ସୁରକ୍ଷାକୁ ଗୁରୁତ୍ୱ । ଗତବର୍ଷ ବଡ଼ ଠାକୁର ପ୍ରଭୁ ବଳଭଦ୍ରଙ୍କ ପହଣ୍ଡି ସମୟରେ ଘଟିଥିବା ଅଘଟଣର ତଦନ୍ତ ନେଇ ତିନି ଜଣିଆ କମିଟି ଗଠନ ହୋଇଥିଲା । ଏନେଇ ବୈଠକରେ କମିଟି ଆଜି ରିପୋର୍ଟ ପ୍ରଦାନ କରିଛି । ଚଳିତବର୍ଷ ଠାକୁରଙ୍କ ପହଣ୍ଡି ପାଇଁ ଏକ ସ୍ୱତନ୍ତ୍ର ମାର୍ଗଦର୍ଶିକା ଜାରି କରାଯିବଛ ସ୍ନାନ ଯାତ୍ରା ଠାରୁ ନିଳାଦ୍ରୀ ବିଜେ ପର୍ଯ୍ୟନ୍ତ ଠାକୁରଙ୍କ ପହଣ୍ଡିକୁ ଗୁରୁତ୍ୱ ଦିଆଯିବ ।

ଚଳିତ ବର୍ଷ ଘୋଷଯାତ୍ରାରେ ଯଦି କୌଣସି ଅଣ ସେବାୟତ ରଥ ଉପରେ ଚଢିବେ ସେନେଇ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ । ରଥ ଉପରେ ମୋବାଇଲ୍ ଫୋନ୍ ବ୍ୟବହାର କରାଗଲେ ଆଇନ୍ ଅନୁଯାୟୀ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଛନ୍ତି ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ।

## ଭୁଶୁଡିଲା...

ଥିବା ରେଳ ବିଭାଗୀୟ ମୁଖ୍ୟ ଯନ୍ତ୍ରୀ, ଡେପୁଟି ଚିଫ ଇଞ୍ଜିନିଅର (କନଷ୍ଟ୍ରକସନ)ଙ୍କ କାର୍ଯ୍ୟ ଦକ୍ଷତା ଉପରେ ବଡ଼ ପ୍ରଶ୍ନବାଚୀ ସୃଷ୍ଟି କରିଛି । ଏ ଦିଗରେ ରେଳ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ସ୍ୱତନ୍ତ୍ର ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି । ଅନ୍ୟ ପକ୍ଷରେ ଖୋର୍ଦ୍ଧା-ବଲାଙ୍ଗିର ରେଳ ଲାଇନର ନିର୍ମାଣଧୀନ ଟନେଲ ନମ୍ବର ୪ ସମ୍ପର୍କରେ ରେଳ ବିଭାଗ ପକ୍ଷରୁ ସ୍ପଷ୍ଟୀକରଣ ଦିଆଯାଇଛି । ସେଥିରେ କୁହାଯାଇଛି ଯେ ସୋମବାର ଅପରାହ୍ନରେ ଖୋର୍ଦ୍ଧା-ବଲାଙ୍ଗିର ରେଳ ଲାଇନର ନିର୍ମାଣଧୀନ ଟନେଲ ନମ୍ବର ୪ ରେ ଢିଲା ମାଟି ଗଠନ ଏବଂ ଏହି ଅଞ୍ଚଳରେ ନିରନ୍ତର ବର୍ଷା ଯୋଗୁଁ ଏକ ହାଲୁକା ମାଟି ଧସିବାର ଘଟଣା ଘଟିଛି । କାର୍ଯ୍ୟରତ ଶ୍ରମିକ କିମ୍ବା ଯନ୍ତ୍ରପାତି ଉପରେ କୌଣସି ପ୍ରଭାବ ପଡ଼ିନାହିଁ, ଏବଂ ଏହି ଘଟଣା ପ୍ରକଳ୍ପର ସାମଗ୍ରିକ ଅଗ୍ରଗତିକୁ ପ୍ରଭାବିତ କରିବ ନାହିଁ । ସମସ୍ତ ଆବଶ୍ୟକୀୟ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି, ଏବଂ ଯୋଜନା ଅନୁଯାୟୀ କାମ ଜାରି ରହିଛି ବୋଲି କୁହାଯାଇଛି । ଏହି ରେଳ ପ୍ରକଳ୍ପ ଖୋର୍ଦ୍ଧା-ବଲାଙ୍ଗିର ରେଳଲାଇନ୍ ନେଇ ବଲାଙ୍ଗିର, ସୁବର୍ଣ୍ଣପୁର, ବୌଦ୍ଧ, କନ୍ଧମାଳ, ସମ୍ବଲପୁର ଓ ନୟାଗଡ଼ବାସୀ ଉତ୍ସାହିତ ଅଛନ୍ତି । ବର୍ତ୍ତମାନ ସମୟରେ ଖୋର୍ଦ୍ଧାରୁ ନୟାଗଡ଼ ଜିଲ୍ଲା ଦଶପଲ୍ଲା (୧୦୬କିମି) ପର୍ଯ୍ୟନ୍ତ ଏହି ରୁଟରେ ଟ୍ରେନ୍ ଚଳାଚଳ କରୁଛି । ସେହିପରି ସୋନପୁରରୁ ବଲାଙ୍ଗିର (୪୮ କିମି) ମଧ୍ୟରେ ଟ୍ରେନ୍ ଚଳାଚଳ କରୁଛି । କିନ୍ତୁ ସୋନପୁର ଠାରୁ ଦଶପଲ୍ଲା ପର୍ଯ୍ୟନ୍ତ ନିର୍ମାଣ କାମ ଜାରି ରହିଛି । କିଛି ମାସ ପୂର୍ବରୁ ସୋନପୁର-ପୁରୁଣାକଟକ (୮୫କିମି) ମଧ୍ୟରେ ମଧ୍ୟ ଟ୍ରାଏଲ୍ ରନ୍ ହୋଇଛି । ଖୁବ ଶୀଘ୍ର ପୁରୁଣାକଟକରୁ ବଲାଙ୍ଗିର ମଧ୍ୟରେ ମଧ୍ୟ ଟ୍ରେନ୍ ଚଳାଚଳ କରିବ ବୋଲି ଆଶା କରାଯାଉଛି । ପୂରା ପ୍ରକଳ୍ପର ନିର୍ମାଣ କାମ ଆଗାମୀ ୨ ବର୍ଷ ମଧ୍ୟରେ ଶେଷ ହୋଇଯିବ ବୋଲି ଯୋଜନା ରହିଛି ।

ପ୍ରକାଶ ଥାଉକି ଖୋର୍ଦ୍ଧା-ବଲାଙ୍ଗୀର ରେଳଲାଇନର ନିର୍ମାଣ କାମ ନେଇ ପଶ୍ଚିମ ଓଡ଼ିଶା ସମେତ ଫୁଲବାଣୀ, ଗଂଜାମ ଓ ନୟାଗଡ଼ବାସୀ ଉତ୍ସାହିତ ଥିବା ବେଳେ ଏଭଳି ଏକ ଅଘଟଣ ଆଘାତ ଦେଇଛି । ପ୍ରାୟ ୪କିଲୋମିଟର ବିଶିଷ୍ଟ ଅଡେଣିଗଡ଼ ନିକଟରେ କୌଣସି କାରଣରୁ ଟନେଲ ଭୁଶୁଡ଼ି ପଡିଛି । ଟନେଲ ଭୁଶୁଡ଼ିବା କାରଣରୁ ପ୍ରାୟ ୩୦ ମିଟରର ଏକ ଗର୍ତ୍ତ ହୋଇଛି । ଏହି ଦୁର୍ଘଟଣା ସମୟରେ କାର୍ଯ୍ୟ ଚାଲିଥିଲା କି ନାହିଁ ଓ କୌଣସି ଶ୍ରମିକ ଉପସ୍ଥିତ ଥିଲେ କି ନାହିଁ ତାହା ସ୍ପଷ୍ଟ ହୋଇନାହିଁ । କିନ୍ତୁ ଘଟଣା ସ୍ଥଳକୁ ସ୍ଥାନୀୟ ପୋଲିସ ଓ ଦମକଳ ବିଭାଗ କର୍ମଚାରୀ ଯାଇଥିବା ଜଣାପଡ଼ିଛି ।

## ଅପରେସନ୍‌ର...

ପ୍ରକ୍ରିୟା ଡିଜିଏମ୍‌ଓ ମଧ୍ୟରେ ଯୋଗାଯୋଗ ପରେ କରାଯାଇଥିଲା । ପ୍ରଥମେ ପାକିସ୍ତାନ ପକ୍ଷରୁ ଏହି ଯୋଗାଯୋଗ କରାଯାଇଥିଲା । ଅପରେସନ୍ ସିନ୍ଦୂରରେ ସୀମାପାର ଆତଙ୍କବାଦକୁ ବନ୍ଦ କରିବା ଆମର ଲକ୍ଷ ଥିଲା । ଦଳମତ ନିର୍ବିଶେଷରେ ସାଂସଦମାନେ ପାକିସ୍ତାନ ଆତଙ୍କବାଦୀଙ୍କୁ ସମର୍ଥନ ଦେଉଥିବା ନେଇ ବିଶ୍ୱବାସୀଙ୍କୁ ଜଣାନ୍ତୁ । ବିଶେଷକରି ଏ ସମ୍ପର୍କରେ ସୂଚନା ଦିଅନ୍ତୁ । ଭାରତ କେବଳ ୧୦ ଶବ୍ଦରେ ଯୋଗାଯୋଗ କରିଥିଲା । ଯଦି ସେ ଆକ୍ରମଣ କରିବେ, ଆମେ ଆକ୍ରମଣ କରିବୁ, ସେମାନେ ବନ୍ଦ କଲେ ଆମେ ବନ୍ଦ କରିବୁ । ଯଦି ପାକିସ୍ତାନ ଜବାବ ଦେବ ତେବେ ଆମେ ଏହାର ଜବାବ ଦେବାପାଇଁ ପ୍ରସ୍ତୁତ ।

## ଆଜି...

ସ୍ଥାନେ ସ୍ଥାନେ ପ୍ରବଳ ବର୍ଷା ହୋଇପାରେ । ବାକି ଜିଲ୍ଲାଗୁଡ଼ିକରେ ସ୍ୱଳ୍ପରୁ ମଧ୍ୟମ ଧରଣର ବର୍ଷା ହେବାର ସମ୍ଭାବନା ରହିଛି । ମୌସୁମୀ ବାୟୁ କେରଳ, କର୍ଣ୍ଣାଟକ, ତାମିଲନାଡୁ, ଆନ୍ଧ୍ରପ୍ରଦେଶ, ମହାରାଷ୍ଟ୍ର, ତ୍ରିପୁରା, ମଣିପୁର, ନାଗାଲାଣ୍ଡ, ମିଜୋରାମ, ଅରୁଣାଚଳପ୍ରଦେଶ, ଆସାମ ଓ ମେଘାଳୟର ବହୁ ସ୍ଥାନରେ ପ୍ରବେଶ କରିଛି । ଆସନ୍ତା ତିନିଦିନରେ ପଶ୍ଚିମବଙ୍ଗ ଏବଂ ଓଡ଼ିଶାରେ ମୌସୁମୀ ସ୍ପର୍ଶ କରିବାର ସମ୍ଭାବନା ଅଛି । ତେବେ ମୌସୁମୀ ଅଗ୍ରସର ପାଇଁ ଲଘୁଚାପ ସହାୟକ ହେବ ବୋଲି କହିଛନ୍ତି ପାଣିପାଗ ବିଶେଷଜ୍ଞ ।

## ଅପରେସନ୍...

ଦେଖିବାକୁ ମିଳିଛି । ପାକିସ୍ତାନର ବାହଲପୁର, ସିଲାକୋଟ୍, ମୁରିଡେକେ, ଚାକ୍‌ମାରୁ, କୋଟ୍‌ଲି, ଭୀମ୍‌ବର, ଗୁଲ୍‌ପୁର ଓ ମୁଜାଫରବାଦ୍‌ର ଦୁଇ ସ୍ଥାନକୁ ଟାର୍ଗେଟ କରାଯାଇଥିଲା । ପ୍ରାୟ ୧୦୦ ଘଣ୍ଟା ଧରି ମିଶାଇଲ୍ ଓ ଡ୍ରୋନ୍ ମଧ୍ୟରେ ଯୁଦ୍ଧ ହୋଇଥିଲା । ପୁଞ୍ଚ ଓ ରାଜୋରୀ ସମେତ ଜମ୍ମୁ-କାଶ୍ମୀରର ଅନ୍ୟ ଅଞ୍ଚଳ କିଭଳି ପାକ୍‌ର ବହୁ ମିଶାଇଲ୍ ଆକ୍ରମଣକୁ ଭାରତୀୟ ସେନା କିଭଳି ଧ୍ୱଂସ, ବିଧ୍ୱସ୍ତ କରିଥିଲା ତାହା ଦେଖାଯାଇଥିଲା । ସେହିଭଳି ବହୁସ୍ତରୀୟ ବାୟୁସେନା ପ୍ରତିରକ୍ଷା ବ୍ୟବସ୍ଥା ସମ୍ପର୍କରେ ମଧ୍ୟ ଡାଇଗ୍ରାମ୍ ଦ୍ୱାରା ବୁଝାଯାଇଥିଲା । ଭୂପୃଷ୍ଠରୁ ଆକାଶକୁ ଯାଉଥିବା ମିଶାଇଲ୍, ସ୍ପାଇଡର, ପେଚୋରା, ଓଏସ୍‌ଏ-କେ ସମ୍ପର୍କରେ ମଧ୍ୟ ଏଥିରେ ଉଲ୍ଲେଖ ରହିଛି । ଏଗୁଡ଼ିକ ସୁରକ୍ଷା ପାଇଁ ବ୍ୟବହାର କରାଯାଇଥିଲା । ସେହିଭଳି ଏସ୍-୪୦୦ କିଭଳି ପାକ୍‌ର ଆକ୍ରମଣକୁ ପ୍ରତିରୋଧ କରୁଥିଲା, ମିଶାଇଲ ଆକାଶ ଓ ଇଣ୍ଡୋ-ଇସ୍ରାଏଲ ମିଶାଇଲ ଏମ୍‌ଆର୍‌ଏସ୍‌ଏଏମ୍ କିଭଳି ବ୍ୟବହାର ହୋଇଥିଲା ତାହା ମଧ୍ୟ ଉଲ୍ଲେଖ ରହିଛି । ନୁର୍ ଖାନ୍, ଘୋଲାରୀ, ଜାକୋବାବାଦ୍, ରହିମ୍ ଏୟାରଖାନ୍ ଓ ଚୁନିୟାନ୍ ବେସ୍‌ରୁ ପାକିସ୍ତାନର କ୍ରୁଜ୍ ମିଶାଇଲ ଓ ଗାଇଡେଡ୍ ବମ୍ ଓ ଡ୍ରୋନ୍ କିଭଳି ଛଡା ଯାଉଥିଲା ତାହା ମଧ୍ୟ ଏଥିରେ ଉଲ୍ଲେଖ ରହିଛି ।

## ୩ ବର୍ଷରେ...

ଚାକିରି ଜୀବନର ଶେଷ ଅର୍ଥକୁ ସେମାନେ ଲୁଟି ନେଉଛନ୍ତି । ସାଇବର ଅପରାଧୀମାନେ ଉଚ୍ଚ ପରିମାଣର ଟଙ୍କା ଲୁଟିନେବା କ୍ଷେତ୍ରରେ ତିନିବର୍ଷ ମଧ୍ୟରେ ରାଜ୍ୟରେ ତିନୋଟି ଆତ୍ମହତ୍ୟା ଘଟଣା ମଧ୍ୟ ଘଟିଛି । ଉଚ୍ଚଶିକ୍ଷିତ ଓ ଡିଜିଟାଲ ଜ୍ଞାନ ଥାଇ ମଧ୍ୟ ବହୁ ବ୍ୟକ୍ତି ସାଇବର ଅପରାଧର ଶିକାର ହେଉଛନ୍ତି । ଭୁବନେଶ୍ୱର ସାଇବର ଥାନାରେ ଯେଉଁ ଏତଲା ସବୁ ହେଉଛି ସେଥିମଧ୍ୟରୁ କେତେକ ଠକେଇ ଏତଲାକାରୀଙ୍କ ଭୁଲ୍ ପାଇଁ ହୋଇଥିବା ଜଣାପଡିଥିଲେ ମଧ୍ୟ ପୋଲିସ ସେମାନଙ୍କ ଅଭିଯୋଗ ଆଧାରରେ ମାମଲା ରୁଜୁ କରି ଟଙ୍କା ଫେରାଇବା ନଜିର ମଧ୍ୟ ରହିଛି ।

ରାଜ୍ୟର ଶହ ଶହ ଉଚ୍ଚଶିକ୍ଷିତ ଓ ଡିଜିଟାଲ ଓ୍ୱାର୍ଲ୍ଡକୁ ବୁଝୁଥିବା ନାଗରିକ ସାଇବର ଲୁଟେରାଙ୍କ କବଳରୁ ମଧ୍ୟ ମୁକ୍ତି ପାଉନାହାନ୍ତି । କିଛି ମାସ ତଳେ ପୂର୍ବତନ ଆଇଟି ମନ୍ତ୍ରୀ ତଥା ବର୍ତ୍ତମାନର ବିଧାୟକ ତୁଷାରକାନ୍ତି ବେହେରାଙ୍କ ଠାରୁ ସେୟାର ମାର୍କେଟରେ ବିନିଯୋଗ କରିବା ବାହାନାରେ ସାଇବର ଠକମାନେ ଟଙ୍କା ଠକି ନେଇଥିଲେ । ୧କୋଟି ୪୦ଲକ୍ଷ ଟଙ୍କା ଠକେଇର ଶିକାର ହୋଇଥିବା ସେ କ୍ରାଇମ୍‌ବ୍ରାଞ୍ଚ ସାଇବର ସେଲ୍‌ରେ ଅଭିଯୋଗ କରିଥିଲେ । ସାଇବର ଠକମାନେ ଟ୍ରେଡିଂ, ଟୁରିଜିମ୍, ଡିଜିଟାଲ ମାର୍କେଟିଂ ଆଦି ସାଇଟ୍‌ର ଜାଲ ବିଛାଇ ଛକି ବସିଛନ୍ତି । ଯେଉଁମାନେ ସେୟାର ମାର୍କେଟରେ ଇନ୍‌ଭେଷ୍ଟ କରୁଛନ୍ତି ସେମାନଙ୍କୁ ଟାର୍ଗେଟ କରି କମ୍ ଦିନରେ ଅଧିକ ଟଙ୍କା ରିଟର୍ଣ୍ଣ କରାଇବାର ଲୋଭ ଦେଖାଇ ସବୁ ଟଙ୍କା ଲୁଟି ନେଉଛନ୍ତି । ଗତ ୨୩ ତାରିଖରେ ଏହିପରି ଏକ ମାମଲାର ପର୍ଦ୍ଦାଫାସ କରିଥିଲେ କ୍ରାଇମ୍‌ବ୍ରାଞ୍ଚ ଡିଜି । ଭୁବନେଶ୍ୱରର ଜଣେ ବ୍ୟକ୍ତି ଅନ୍‌ଲାଇନ୍ ଟ୍ରେଡିଂ କରୁଥିବା ବେଳେ ସାଇବର ଲୁଟେରାଙ୍କ ଜାଲରେ ପଡିଯାଇଥିଲେ । ଆଇପିଓ, ଓଟିସିରେ ଅଧିକ ରିଟର୍ଣ୍ଣ ଦେବାକୁ କହି ତାଙ୍କ ଠାରୁ ୧କୋଟି ୫୫ଲକ୍ଷ ଟଙ୍କା ଲୁଟିବାରେ ସାଇବର ଅପରାଧୀମାନେ ସମର୍ଥ ହୋଇଥିଲେ । ଏହି ମାମଲାରେ କ୍ରାଇମ୍‌ବ୍ରାଞ୍ଚ ସାଇବର ସେଲ୍ ଭୋପାଳରୁ ୨ଜଣଙ୍କୁ ଗିରଫ କରିବାରେ ସମର୍ଥ ହୋଇଛି । ଅନ୍‌ଲାଇନ୍ ଟ୍ରେଡିଂ ଓ ସାଇବର ଠକେଇ ମାମଲାରେ କ୍ରାଇମ୍‌ବ୍ରାଞ୍ଚ ବହୁ ଅପରାଧୀଙ୍କୁ ରାଜ୍ୟ ବାହାରୁ ଗିରଫ କରି କୋର୍ଟଚାଲାଣ କରିଛି ।

୩ବର୍ଷ ମଧ୍ୟରେ କ୍ରାଇମ୍‌ବ୍ରାଞ୍ଚ ସାଇବର ସେଲ୍ ଓ କଟକ-ଭୁବନେଶ୍ୱର ସାଇବର ଥାନାରେ ବହୁ ମାମଲା ରୁଜୁ ହୋଇଥିବା ବେଳେ ସେଥିମଧ୍ୟରୁ କେତେକ ହନିଟ୍ରାପ୍ ଭଳି ଘଟଣା ଘଟିଛି । ଯୁବତୀମାନଙ୍କ ସହ ସମ୍ପର୍କ ଥିବା ବାହାନା ଓ କେତେକ ଏତଲାକାରୀଙ୍କ ଫଟୋ ବିଭିନ୍ନ ଡିଜିଟାଲ ସାଇଟ୍‌ରୁ ପାଇ ଏଆଇ ମାଧ୍ୟମରେ ଯୁବତୀଙ୍କ ସହ ଯୋଡି ସେମାନଙ୍କୁ ବ୍ଲାକ୍‌ମେଲିଂ କରି ଟଙ୍କା ଆଦାୟ କରୁଥିବା ନଜିର ମଧ୍ୟ ରହିଛି । ଏପରିକି ଆଧାର କାର୍ଡ ଓ ବ୍ୟାଙ୍କ ଖାତାର କେତେକ ପରିବର୍ତ୍ତନକୁ ନେଇ ମେସେଜ ଓ ଓଟିପି ଦେଇ ନମ୍ବର ମାଗୁଛନ୍ତି । ଆଉ କେତେକ କ୍ଷେତ୍ରରେ ଡିଜିଟାଲ ଲଟେରୀ ଜିତିଥିବା କହି ଲୋକଙ୍କ ଠାରୁ ବ୍ୟାଙ୍କ ଆକାଉଣ୍ଟ ନମ୍ବର ମାଗି ଟଙ୍କା ଲୁଟିବାରେ ସାଇବର ଲୁଟେରାମାନେ ସମର୍ଥ ହେଉଛନ୍ତି । ସାଇବର ବିଶେଷଜ୍ଞଙ୍କ କହିବା କଥା ସଚେତନତା ଅବଲମ୍ବନ କଲେ ସାଇବର ଅପରାଧୀଙ୍କ କବଳରୁ ମୁକ୍ତି ପାଇପାରିବେ ।

# ମାକ୍ରୋୱେଭ୍ ଟେକ୍ନୋଲୋଜିର ରକ୍ତଦାନ ଶିବିର ଉଦ୍‌ଘାଟିତ

ଭଦ୍ରକ,(ସବ୍ୟୁ):ଜାତି, ଧର୍ମ, ବର୍ଣ୍ଣ ନିର୍ବିଶେଷରେ ରକ୍ତଦାନ ଭଳି ମହତ୍ କାର୍ଯ୍ୟ କଲେ ମହାପୂଣ୍ୟ ମିଳିଥାଏ । ବର୍ତମାନର ଗ୍ରୀଷ୍ମଦିନରେ ଭଦ୍ରକ ଜିଲା ମୁଖ୍ୟ ଚିକିସିଳୟ ରକ୍ତଭଣ୍ଡାରରେ ରକ୍ତର ଅଭାବ ଦେଖାଦେଇଥିବାବେଳେ ଅଗ୍ରଣୀ ଶିକ୍ଷାନୁଷ୍ଠାନ ମାକ୍ରୋୱେଭ୍ ଟେକ୍ନୋଲୋଜି ପକ୍ଷରୁ ଆଜି ଏକ ରକ୍ତଦାନ ଶିବିରର ଆୟୋଜନ ନିଶ୍ଚିତ ଭାବେ ସ୍ୱାଗତଯୋଗ୍ୟ । ଅବକ୍ଷୟମୁଖୀ ସମାଜରେ ଛାତ୍ରଛାତ୍ରୀମାନେ ପଥଭ୍ରଷ୍ଟ ହୋଇ କୁପଥଗାମୀ ହେଉଥିବାବେଳେ ଏହି ଶିକ୍ଷାନୁଷ୍ଠାନର ପ୍ରତିଷ୍ଠାତାଙ୍କ ଜନ୍ମଦିନରେ କୌଣସି ମଉଜ ମଜଲିସ୍ ନକରି ରକ୍ତଦାନ ଭଳି ଯେଉଁ ମହତ୍ କାର୍ଯ୍ୟ କରାଯାଇଛି, ତାହାକୁ ଅନ୍ୟମାନେ ଅନୁସରଣ କରିବା ଉଚିତ୍ ବୋଲି ଉଦXାଟନ କରିବା କାଳରେ ବିଧାୟକ ସୀତାଂଶୁ ଶେଖରମହାପାତ୍ର ସୂଚନା ଦେଇଛନ୍ତି । ଭଦ୍ରକ ସହରର ଜଗନ୍ନାଥପୁରରେ ପ୍ରତିଷ୍ଠିତ ଏହି ଶିକ୍ଷାନୁଷ୍ଠାନର ନିର୍ଦ୍ଦେଶକ ମନୋଜ ରାୟଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ଏହି ରକ୍ତଦାନ ଶିବିରରେ ୭୧ୟୁନିଟ୍ ରକ୍ତ ସଂଗ୍ରହ ହୋଇଥିବାବେଳେ ଏଥିରେ କେବଳ ଅନୁଷ୍ଠାନର ଛାତ୍ରଛାତ୍ରୀ, କର୍ମଚାରୀ ନୁହଁନ୍ତି ଓସ୍‌ମେ, ଭଦ୍ରକ ବାଣିଜ୍ୟ ମେଳାର ସଭ୍ୟମାନେ ରକ୍ତଦାନ ପୂର୍ବକ ସହଯୋଗ କରିଥିଲେ । ଏମାନଙ୍କ ମଧ୍ୟରେ ଓସ୍‌ମେର ସଂପାଦକ ସୁଶାନ୍ତ କୁମାର ନାୟକ, କୋଷାଧ୍ୟକ୍ଷ କମଳାକାନ୍ତ ସାହୁ, ଅର୍ପିତା ମହାନ୍ତି, ଶାକମ୍ବରୀ ପରିଡା,ଯାଦବ ଲେଙ୍କା, ନାଟ୍ୟ ନିର୍ଦ୍ଦେଶକ ବାଦଲ ସିକ୍‌ଦାର, ଡ. ଅରୁଣ କୁମାର ଲେଙ୍କା ପ୍ରମୁଖ ଅଂଶଗ୍ରହଣ କରିଥିଲେ । ଗଣମାଧ୍ୟମ ପ୍ରତିନିଧିଙ୍କ ଉତରରେ ବିଗତ ଦିନର ଭୟଙ୍କର ବାହାନଗା ଟ୍ରେନ୍ ଦୁର୍ଘଟଣାର ଗୁରୁତରଙ୍କ ପାଇଁ ଆରମ୍ଭ ହୋଇଥିବା ଏହି ରକ୍ତଦାନ ଶିବିର ପ୍ରତିବର୍ଷ ଏହିଭଳି ଅନୁଷ୍ଠିତ ହୋଇଆସୁଥିବାବେଳେ ଆଗାମୀ ବର୍ଷମାନଙ୍କରେ ମଧ୍ୟ ଏହା ଜାରି ରହିବ ବୋଲି ଶ୍ରୀ ରାୟ କହିଥିଲେ । ଶେଷରେ ଅନୁଷ୍ଠାନର ପରିଚାଳନା ନିର୍ଦ୍ଦେଶିକା ନମ୍ରତା ରାୟ ଉପସ୍ଥିତ ସମସ୍ତ ରକ୍ତଦାତା ଓ ବୁଦ୍ଧିଜୀବୀଙ୍କ ସମେତ ରକ୍ତଦାନ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିବା ଭଦ୍ରକ ଜିଲା ମୁଖ୍ୟ ଚିକିସିଳୟର ରକ୍ତଭଣ୍ଡାର କର୍ମକର୍ତାଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

# ଉଦ୍‌ଘାଟିତ ହେଲା ବିଶାଳ ବିଗ୍ ବଜାର

ପାଟଣା,(ସବ୍ୟୁ):ରବିବାର ସନ୍ଧ୍ୟାରେ କେନ୍ଦୁଝର ଜିଲ୍ଲା ପାଟଣା ବଜାର ମୁଖ୍ୟାଳୟରେ ଥିବା ସମବାୟ ବ୍ୟାଙ୍କ ନିକଟରେ ରଜ ଉପଲକ୍ଷେ ଏକ ବିଶାଳ ବିଗ୍‌ବଜାର ଓ ମୀନାବଜାର ପାଟଣା ପ୍ରେସ Mବକୁ ନେଇ ଉଦଘାଟିତ ହୋଇ ଯାଇଛି ।ବିଶାଳ ବିଗ୍ ବଜାର ମୁଖ୍ୟ ହରେକୃଷ୍ଣ ମାଇତିଙ୍କ ପ୍ରତ୍ୟକ୍ଷ ତ%୦ାବଧାନ ଓ ରଶ୍ମିତା ଗୋଛିଙ୍କ ପରିଚାଳନାରେ ଏହି ମୀନାବଜାର ମେ ୨୫ ତାରିଖରୁ ଜୁନ ୨୦ ତାରିଖ ପର୍ଯ୍ୟନ୍ତ ଚାଲିବ । ଉଦଘାଟନ କାର୍ଯ୍ୟକ୍ରମରେ ପାଟଣା ପ୍ରେସ କ୍ଳବ ସଭାପତି କିଶୋର ଚନ୍ଦ୍ର ମହାନ୍ତ ସମ୍ପାଦକ ବିଜୟ ରନି ପତି, ସହସମ୍ପାଦକ କାମିନିକାନ୍ତ ଦ୍ୱିବେଦୀ, ଉପସଭାପତି, ରଞ୍ଜନ କୁମାର ବାରିକ,ଚିରଞ୍ଜିବି ଦାଶ,ନିଶିକାନ୍ତ ବେହେରା,ଦଶରଥ ବାରିକ ପ୍ରମୁଖଙ୍କ ସହିତ ସାମାଜିକ କର୍ମୀ ରଞ୍ଜନ ବେହେରା ଓ ଟୁକୁ ପାତ୍ର ଦିଲୁ ଭଞ୍ଜ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ ।ଏହି ମୀନାବଜାର ରେ ୩୦ ଉର୍ଦ୍ଧ୍ୱ ବିଭିନ୍ନ ପ୍ରକାରର ସାମଗ୍ରୀ ଯଥା ଘରକରଣା ଜିନିଷ ଠାରୁ ଆରମ୍ଭ କରି ଲୁଗାପଟା,ଜୋତା ଚପଲ, ଓ ଭଳିକି ଭଳି ଖାଦ୍ୟପେୟର ଷ୍ଟଲ ଲାଗିଥିବା ବେଳେ ଏଠାରେ ସୁଲଭ ମୂଲ୍ୟରେ ଜିନିଷ ମିଳିବ ବୋଲି ପରିଚାଳନା ନିର୍ଦ୍ଦେଶକ ରଶ୍ମିତ ଗୋଛି ଗଣ ମାଧ୍ୟମକୁ ସୂଚନା ଦେଇଛନ୍ତି ।ରଜ ଉପଲକ୍ଷେ ସ୍ୱତନ୍ତ୍ର ରିହାତି ପ୍ରଦାନ କରାଯିବ ବୋଲିବିଶାଳ ବଜାର ମୁଖ୍ୟ ହରେକୃଷ୍ଣ ମାଇତି ପ୍ରକାଶ କରିଛନ୍ତି ।

# ରଘୁନାଥ ଆଶ୍ରମରେ ବିଶ୍ୱଶାନ୍ତି ମହାଯଜ୍ଞ

ଅସୁରାଳି,(ସବ୍ୟୁ):ଭଦ୍ରକ-ଆଖଣ୍ଡଳମଣି ରାଜ୍ୟ ରାଜପଥର ଆନନ୍ଦ ବଜାରରେ ଅବସ୍ଥିତ ପ୍ରସିଦ୍ଧ ଆଧ୍ୟାତ୍ମିକ ପୀଠ ରାମତୀର୍ଥ ରଘୁନାଥ ଆଶ୍ରମରେ ବାର୍ଷିକ ବିଶ୍ୱଶାନ୍ତି ମହାଯଜ୍ଞ ଉଦଯାପିତ ହୋଇଛି । ଆଶ୍ରମରେ ଗତ ମେ ୨୨ତାରିଖ ଠାରୁ ଆରମ୍ଭ ହୋଇଥିବା ଆଧ୍ୟାତ୍ମିକ ଉତ୍ସବର ବିଭିନ୍ନ ଦିବସରେ ଶୁଭାଧିବାସ,ଅଙ୍କୁରାରୋପଣ,ଘଟ ସ୍ଥାପନ,ଅଗ୍ନି ସଂଯୋଗ, ରୁଦ୍ରାଭିଷେକ,ଚଣ୍ଡୀପାଠ,ସହସ୍ରା କୁମ୍ଭାଭିଷେକ,ସଂକଳ୍ପଧାରୀଙ୍କ ଦ୍ୱାରା କଳସ ସ୍ଥାପନ,ଦରିଦ୍ର ନାରାୟଣ ସେବା ସହିତ ଭଜନ କୀର୍ତ୍ତନ ଆଦି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଆଶ୍ରମ ପକ୍ଷରୁ ଗରିବ ବ୍ରାହ୍ମଣ ପିଲାଙ୍କ ବ୍ରତୋପନୟନ କରାଯାଇଥିଲା । ସାବିତ୍ରୀ ଅମାବାସ୍ୟା ତିଥିରେ ବିଶ୍ୱଶାନ୍ତି ମହାଯଜ୍ଞର ପୂର୍ଣ୍ଣାହୁତି ରଘୁନାଥ ଆଶ୍ରମର ପ୍ରତିଷ୍ଠାତା ସନ୍ଥ ସେବକ ପୂଜ୍ୟପାଦ ଶ୍ରୀଘନଶ୍ୟାମ ଦାସ ମହାରାଜ(ରଘୁନାଥ ବାବା) ପ୍ରଦାନ କରିଥିଲେ । ଏହି ଅବସରରେ ଉପସ୍ଥିତ ସହସ୍ରାଧିକ ଶ୍ରଦ୍ଧାଳୁ ଏବଂ ଅନୁଗାମୀଙ୍କୁ ରଘୁନାଥ ବାବା ଉଦବୋଧନ ଦେଇ ଧର୍ମ ଓ କର୍ମ ପାଳନ କରିବା ପାଇଁ ପରାମର୍ଶ ଦେଇଥିଲେ । ପଣ୍ଡିତ ରଞ୍ଜନ ପଣ୍ଡା,ଲକ୍ଷ୍ମୀଧର ପଣ୍ଡା,ବିଜୟ ପଣ୍ଡା,ବିଭୂଦତ୍ତ ପଣ୍ଡା,ଲକ୍ଷ୍ମଣ ମିଶ୍ର,ସଚ୍ଚିଦାନନ୍ଦ ତ୍ରିପାଠୀ,ପ୍ରଶାନ୍ତ ପଣ୍ଡା ସମସ୍ତ ପୂଜା କର୍ମ ସମ୍ପାଦନ କରିଥିଲେ । ଶ୍ରୀରଘୁନାଥ ସେବକ ମଣ୍ଡଳୀର କର୍ମକର୍ତ୍ତାମାନେ ୫୧ତମ ବାର୍ଷିକ ବିଶ୍ୱଶାନ୍ତି ମହାଯଜ୍ଞ ଉତ୍ସବକୁ ପରିଚାଳନା କରିଥିଲେ । ଏଥିରେ ରାଜ୍ୟ ଓ ରାଜ୍ୟ ବାହାରୁ ବହୁସଂଖ୍ୟକ ଶ୍ରଦ୍ଧାଳୁ ଅଂଶଗ୍ରହଣ କରିଥିଲେ ।

# ମୃତ ଡ୍ରାଇଭର ପରିବାରକୁ ସହାୟତା ପ୍ରଦାନ

ଜଳେଶ୍ୱର,(ସବ୍ୟୁ): ଟଟୋ ଚାଳକ ଜଳେଶ୍ୱର ଥାନା ଅନ୍ତର୍ଗତ ଆମ୍ବଡିଆ ଗାଁର ଦେବେନ୍ଦ୍ର ପ୍ରଧାନଙ୍କ ବିପ୍ଲବ(୨୬) ନିଜ ଋଣଭାର ଓ ଅଭାବ ମଧ୍ୟରେ ପରିବାର ପ୍ରତିପୋଷଣରେ ଅସମର୍ଥ ହେବାରୁ ଆତ୍ମହତ୍ୟା କରିଥିବା ଜଣାଯାଇଛି। ଏହା ଜଣାଯିବାପରେ ଅଟୋ ଓ ଟଟୋ ସଂଘ ପକ୍ଷରୁ କମଳ ଚକ୍ରବର୍ତ୍ତୀ, ଅଶୋକ ଦାସ, ମୃତ ବିପ୍ଳବର ଘରେ ପହଞ୍ଚି ୫ହଜାର ଟଙ୍କା ଆର୍ଥିକ ସହାୟତା ପ୍ରଦାନ କରିଛନ୍ତି। ସଂଘର ସଭାପତି ଅକ୍ଷୟ ପାତ୍ର, ଉପସଭାପତି ରବିନ୍ଦ୍ର ଦାସ, ସଂପାଦକ ସଂଜୟ ଦାସ ଓ କାଶୀ ଗୋଚ୍ଛାୟତ, ରାଖାଲ ମଣ୍ଡଳ, ରବିନ୍ଦ୍ର ଜେନା, ଗୋପାଳ ଦାସ ପ୍ରମୁଖ ବହୁ ଅଟୋଚାଳକ ତାଙ୍କ ଘରେ ପହଞ୍ଚି ସମବେଦନା ଜ୍ଞାନ କରିଛନ୍ତି।

# କିଶୋର ସ୍ୱାକ୍ଷରର ରୌପ୍ୟ ଜୟନ୍ତୀ

ଭଦ୍ରକ,ତା(ସବ୍ୟୁ):ଭଦ୍ରକ ଜିଲ୍ଲାର ଅଗ୍ରଣୀ ଶିଶୁ କିଶୋର ସୃଜନଶୀଳ ସାହିତ୍ୟ ପତ୍ରିକା କିଶୋର ସ୍ୱାକ୍ଷର ର ୨୫ବର୍ଷ ପୂର୍ତ୍ତି ରୌପ୍ୟ ଜୟନ୍ତୀ ସମାରୋହ ଜିଲ୍ଲା ସଂସ୍କୃତି ଭବନ ଭଦ୍ରକ ଠାରେ ଆଜି ମହାସମାରୋହରେ ପାଳିତ ଯାଇଛି । ଏହି ଉପଲକ୍ଷେ ଆୟୋଜିତ ରାଜ୍ୟସ୍ତରୀୟ ସାରସ୍ୱତ ସମ୍ମେଳନ ଓ ସମ୍ବର୍ଦ୍ଧନା ସଭାରେ ସ୍ତମ୍ଭକାର ଅଭୟ ଦ୍ୱିବେଦୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା, ଉଦXାଟକ ଭାବେ ଭଦ୍ରକର ମାନ୍ୟବର ବିଧାୟକ ସୀତାଂଶୁ ସେଖର ମହାପାତ୍ର ମୁଖ୍ୟ ଅତିଥି ଭାବେ ମାନନୀୟ ଭଦ୍ରକ ଜିଲ୍ଲାପାଳ ଦିଲୀପ କୁମାର ରାଉତରାଏ, ପାରାଦ୍ୱୀପ ଫସ୍‌ପେଟ ଲିମିଟେଡର କମ୍ପାନୀ ବ୍ୟାପର ମୁଖ୍ୟ ସୁଧିରଞ୍ଜନ ମିଶ୍ର, ବିଶିଷ୍ଟ ପ୍ରବକ୍ତା ପଣ୍ଡିତବୀରେନ୍ଦ୍ର କୁମାର ପଣ୍ଡା, ଶିଶୁ ସାହିତ୍ୟିକ ଶରତକୁମାର ନାୟକ ପ୍ରମୁଖ ଯୋଗ ଦେଇ କିଶୋର ସ୍ୱାକ୍ଷର ଦୀର୍ଘ ୨୫ ବର୍ଷ ଧରି ନିଜ ଜନ୍ମଭୂମି ଓଡିଶା ତଥା ପଶ୍ଚିମବଙ୍ଗ ଓ ଝାଡ଼ଖଣ୍ଡ ରାଜ୍ୟର ପ୍ରବାସୀ ଓଡିଆ ଅଞ୍ଚଳରେ ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତିକୁ ପ୍ରଚାର ପ୍ରସାର କରିବା ଦିଗରେ ପ୍ରତିଷ୍ଠାତା ସମ୍ପାଦକ ଶଶଧର ମହନୀଙ୍କ ସାଧୁ ଉଦ୍ୟମକୁ ପ୍ରଶଂସା କରିଥିଲେ। ବନ୍ଦେ ଉତ୍କଳ ଜନନୀ ଗାନ ପରେ ଶିକ୍ଷକ ନିର୍ମଳ କୁମାର ମିଶ୍ର ବେଦ ପାଠ କରିଥିଲେ। କୁନିକୁନି ବାଳିକା ମାନେ ସ୍ୱାଗତ ସମ୍ବର୍ଦ୍ଧନା ଓ ସମ୍ପାଦକ ଶଶଧର ମହନୀ ୨୫ ବର୍ଷର ସଂକ୍ଷିପ୍ତ ଇତିହାସ ପଠନ କରିଥିଲେ । ଦୀର୍ଘ ବର୍ଷ ଧରି ପତ୍ରିକା ସହିତ ଜଡିତ ସାରାରାଜ୍ୟରୁ ସାରସ୍ୱତ ସାଧକ ମଧ୍ୟରୁ ଖୋର୍ଦ୍ଧାରୁ ସେବତୀ ପରିଡା, କଟକ ରୁ ଜଫର ଅକ୍‌ବରୀ, ଭଦ୍ରକରୁ ନାରାୟଣ ଚନ୍ଦ୍ର ଲେଙ୍କା, ଚତୁର୍ଭୁଜ ପହି, ନୀରବକୁମାର ଦାସ, ମାନସକୁମାର ସାହୁ, ଡଃ ଜୟନ୍ତୀ କରଶର୍ମା, ସୁକାନ୍ତ କୁମାର ବେହେରା, ଡ଼ଃ ମନୀନ୍ଦ୍ର ମହାନ୍ତି, ତୁଳସୀ ମଞ୍ଜରୀ ନାୟକ, ନିତ୍ୟାନନ୍ଦ ପାଣିଗ୍ରାହୀ, ଶ୍ରୀକାନ୍ତ ପତି, ଜଗନ୍ନାଥ ମଲ୍ଲିକ, ଝରଣା ମଲ୍ଲିକଙ୍କ ସମେତ ପାରାଦ୍ୱୀପ ଫସ୍‌ପେଟ ଲିମିଟେଡର ମୁଖ୍ୟ ସୁଧିର।ନ ମିଶ୍ର ପ୍ରମୁଖଙ୍କୁ କିଶୋର ସ୍ୱାକ୍ଷର ରୌପ୍ୟଜୟନ୍ତୀ ସାରସ୍ୱତ ସମ୍ମାନ ରେ ସମ୍ବର୍ଦ୍ଧିତ କରାଯାଇଥିଲା। ଶଶଧର ମହନୀଙ୍କର ବୟସ ଆଧିକ୍ୟ ଯୋଗୁ ସେ ଉତ୍ତରପିଢ଼ୀଙ୍କୁ ଦାୟିତ୍ୱ ହସ୍ତାନ୍ତର କରିଥିଲେ। ସଭାପତି ଭାବେ ରଣଜିତ୍ କୁମାର ଶୁକ୍ଳ ଓ ସମ୍ପାଦକ ଭାବେ ସାଇସତ୍ୟ ମହନୀ ମନୋନୀତ ହୋଇଥିଲେ। କିଶୋର ସ୍ୱାକ୍ଷର କର୍ମକର୍ତ୍ତାମାନଙ୍କ ମଧ୍ୟରେ ହେମନ୍ତ କୁମାର ସିଂହ, ଦୀପିକାରାଣୀ ଶୁକ୍ଳ, ମାନସ କୁମାର ସାହୁ, ନମିତା ଶୁକ୍ଳ, ଗୌତମ ମହାରଣା ଓ ତପନ କୁମାର ପଣ୍ଡା ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ। ଶେଷରେ କବି ଶ୍ରୀକାନ୍ତ ପତି ଧନ୍ୟବାଦ ଅର୍ପଣ କରିଥିଲେ ।

# ଏମ୍‌ଏସ୍‌ଟିସି-ପିଏଏମ୍‌ପି ପକ୍ଷରୁ ପ୍ରଥମ ସ୍ୱତନ୍ତ୍ର ଷ୍ଟୋର୍‌ର ଶୁଭାରମ୍ଭ




ଭୁବନେଶ୍ୱର: ଭାରତର ଏକମାତ୍ର ଏଲ୍‌ବିଏମ୍‌ଏ-ମାନ୍ୟତାପ୍ରାପ୍ତ ଏବଂ ଗୁଡ୍ ଡେଲିଭେରି ସୁନା ଓ ରୂପା ଶୁଦ୍ଧିକରଣ କେନ୍ଦ୍ର ଏମଏମ୍‌ଟିସି-ପିଏଏମ୍‌ପି ଭୁବନେଶ୍ୱରରେ ନିଜର ଉପସ୍ଥିତି ସମ୍ପ୍ରସାରଣ କରିଛି । ସୁନା ଓ ରୂପା ପ୍ରତି ଏହି ସହରର ସାଂସ୍କୃତିକ ଆକର୍ଷଣକୁ ଦୃଷ୍ଟିରେ ରଖି କମ୍ପାନୀ ନିଜର ପ୍ରଥମ 'ପ୍ୟୁରିଟି ଭେରିଫିକେସନ୍ ସେଂଟର (ପିଭିସି)'ର ଶୁଭାରମ୍ଭ କରିଛି, ଯାହା ଅତୁଳନୀୟ ବିଶ୍ୱାସ, ଶୁଦ୍ଧତା ଏବଂ ପ୍ରାମାଣିକତାର ପ୍ରତିଶ୍ରୁତିକୁ ଦୃଢ଼ କରୁଛି । ଏହି ପଦକ୍ଷେପ ଗ୍ରାହକଙ୍କୁ ୯୯.୯୯% ଶୁଦ୍ଧ ସୁନା (୨୪ କ୍ୟାରେଟ୍) ଓ ରୂପା ଉତ୍ପାଦର ବିସ୍ତୃତ ପରିସର ପ୍ରଦାନ କରି ଗ୍ରାହକ ଅନୁଭୂତିକୁ ଉନ୍ନତ କରିବ । ଏମ୍‌ଏମ୍‌ଟିସି-ପିଏଏମ୍‌ପିର ଭୁବନେଶ୍ୱରରେ ଆଗମନ ସୁଇସ୍ କାରିଗରି ପ୍ରତିଶ୍ରୁତି ସହିତ ସର୍ବୋଚ୍ଚ ଗୁଣବତାର ସୁନା ଓ ରୂପା ଉତ୍ପାଦ ପ୍ରତି ଗ୍ରାହକଙ୍କ ବର୍ଦ୍ଧିତ ଚାହିଦାକୁ ପୂରଣ କରିବ ।

ଏମ୍‌ଏମ୍‌ଟିସି-ପିଏଏମ୍‌ପି ଶୁଦ୍ଧ ସୁନା ଓ ରୂପା ମୁଦ୍ରା ଓ ବାର୍‌ର ଏକ ଅନନ୍ୟ ସଂଗ୍ରହ ପ୍ରଦାନ କରିବ ଯାହା କ୍ଲାସିକ୍, ଧାର୍ମିକ, ସଂଗ୍ରହଣୀୟ ଏବଂ ଉପହାର ସାମଗ୍ରୀ ଭଳି ବିଭିନ୍ନ ବର୍ଗକୁ ଅନ୍ତର୍ଭୁକ୍ତ କରିବ । ଏଥିସହ ଗ୍ରାହକମାନେ ନିଜର ପୁରୁଣା ସୁନା ଓ ରୂପା ବିଶେଷଜ୍ଞ ଦ୍ୱାରା ମୂଲ୍ୟାଙ୍କନ କରାଇ ଏମ୍‌ଏମ୍‌ଟିସି-ପିଏଏମ୍‌ପିର କ୍ରୟ ସେବା ମାଧ୍ୟମରେ ବିକ୍ରୟ କରିବାର ସୁଯୋଗ ପାଇପାରିବେ । କମ୍ପାନୀର ସ୍ୱଚ୍ଛ ପ୍ରକ୍ରିୟା ଗ୍ରାହକଙ୍କୁ ନିଜର ମୂଲ୍ୟବାନ ଧାତୁର ପ୍ରକୃତ ମୂଲ୍ୟ ନିର୍ଣ୍ଣୟରେ ସର୍ବୋଚ୍ଚ ସଠିକତା ନିଶ୍ଚିତ କରୁଛି । ଏହି ମୂଲ୍ୟାଙ୍କନ ଏମ୍‌ଏମ୍‌ଟିସି-ପିଏଏମ୍‌ପିର ଜର୍ମାନୀର ଅତ୍ୟାଧୁନିକ ପ୍ରଯୁକ୍ତି ଓ ସଫଟୱେର ଦ୍ୱାରା ସମ୍ପନ୍ନ ଯାହା ପାରମ୍ପରିକ ଟଚ୍‌ଷ୍ଟୋନ୍ ପଦ୍ଧତିରେ ହୋଇଥିବା ମୂଲ୍ୟହାନି ବିନା ସର୍ବୋଚ୍ଚ ସଠିକତା ନିଶ୍ଚିତ କରୁଛି ।

**AFFIDAVIT**

An affidavit sworn before executive magistrate Talcher dated 3.3.2025, I Bhikari Behera, S/o-Giridhari Behera, At : Telisingha, PO : Jarada, PS : Kaniha, Dist : Angul declare that, in my Adhar card my name has wrongly maintained Bhika Swain instead of Bhikari Behera. Bhikari Behera and Bhika Swain is one and same person. Henceforth I shall be known as Bhikari Behera for all purposes.

Sd/- Bhikari Behera

**ଦ.ପୂ. ରେଳପଥ-ଟେଣ୍ଡର**

[illegible] https ://www.ireps.gov.in [illegible]

(PR-205)



ସର୍ବଦଳୀୟ ପ୍ରତିନିଧି ମଣ୍ଡଳୀର ନେତୃତ୍ୱ ନେଇ କୁଏତ୍‌ରେ ପହଞ୍ଚିବାପରେ ବିଜେପି ରାଷ୍ଟ୍ରୀୟ ଉପାଧ୍ୟକ୍ଷ ତଥା ସାଂସଦ ବୈଜୟନ୍ତ ପଣ୍ଡା କୁଏତର ଉପପ୍ରଧାନମନ୍ତ୍ରୀ ଓ ଅନ୍ୟ ନେତାମାନଙ୍କ ସହିତ ସାକ୍ଷାତ କରୁଛନ୍ତି ।

## ଉତ୍କଳ କଳା ମନ୍ଦିରର ବାର୍ଷିକ ଉତ୍ସବ

କଟକ,(ସବ୍ୟୁ): କୃଷକବଜାରସ୍ଥିତ ଉତ୍କଳ କଳା ମନ୍ଦିରର ୧୮ତମ ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି । କଟକ ଜିଲା ବରିଷ୍ଠ ନାଗରିକ ମହାସଂଘର ସାଧାରଣ ସମ୍ପାଦକ ଅକ୍ଷୟ କୁମାର ଆଚାର୍ଯ୍ୟ ଏଥିରେ ଅଧ୍ୟକ୍ଷତା କରିଥିଲେ । ସମାଜସେବୀ ଶୀତଳ ବସ୍ତିଆ ଉତ୍ସବକୁ ଉଦ୍ଘାଟନ କରିଥିବାବେଳେ ମୁଖ୍ୟ ଅତିଥି ଭାବେ ମେୟର ସୁବାସ ସିଂହ, ମୁଖ୍ୟବକ୍ତା ହାସ୍ୟ ଅଭିନେତା ଶତ୍ରୁଘ୍ନ ମାଟି, ସମ୍ମାନିତ ଅତିଥି ଅଶୋକ ଦାସ ଓ ଚିନ୍ମୟ ବସ୍ତିଆ ବରେଣ୍ୟ ଅତିଥି ଭାବେ ଯୋଗ ଦେଇଥିଲେ । ଏହି ପରିପ୍ରେକ୍ଷୀରେ ଅନୁଷ୍ଠାନର ଶିଶୁ କଳାକାରମାନେ ନୃତ୍ୟ ପରିବେଷଣ କରିଥିଲାବେଳେ ନାଟକ 'ହାପି ହୋମ' ପ୍ରଦର୍ଶିତ ହୋଇଥିଲା। ବିଭିନ୍ନ ପ୍ରତିଯୋଗିତାରେ କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା । ନୃତ୍ୟଗୁରୁ ଲକି ପ୍ରଜ୍ଞା ପ୍ରତିଷ୍ଠିତ ମହାନ୍ତି, ବାସ୍ତୁବିତ୍ ଜୟନ୍ତ କୁମାର ସାହୁଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଜ୍ୟୋତି ରଞ୍ଜନ ବସ୍ତିଆ ମଞ୍ଚ ପରିଚାଳନା କରିଥିଲେ ।

# ପୂର୍ବତନ ମୁଖ୍ୟମନ୍ତ୍ରୀ ନୀଳମଣି ରାଉତରାୟଙ୍କ ୧୦୫ ତମ ଜୟନ୍ତୀ

ଭୁବନେଶ୍ୱର, (ସବ୍ୟୁ) : ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ, ଜନନେତା, ଓଡିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ନୀଳମଣି ରାଉତରାୟଙ୍କ ୧୦୫ ତମ ଜନ୍ମ ଜୟନ୍ତୀ ଅବସରରେ ଭୁବନେଶ୍ୱର ଏ.ଜି ଛକ ସ୍ଥିତ ତାଙ୍କ ପ୍ରତିମୂର୍ତ୍ତି ସମ୍ମୁଖରେ ଏକ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି। ପୂର୍ବତନ ମନ୍ତ୍ରୀ ପ୍ରଫୁଲ୍ଲ ସାମଲଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଶ୍ରଦ୍ଧାଞ୍ଜଳି ସଭାରେ ବହୁ ବିଶିଷ୍ଟ ବ୍ୟକ୍ତିବିଶେଷ, ଜନନେତା, ବିଧାୟକ, ପୂର୍ବତନ ମନ୍ତ୍ରୀ, ସାଂସଦ, ପୂର୍ବତନ ବିଧାୟକ, ବୁଦ୍ଧିଜୀବି, ବିଭିନ୍ନ ରାଜନୈତିକ ଦଳର ନେତୃମଣ୍ଡଳୀ, ସାମ୍ବାଦିକ ପ୍ରମୁଖ ଉପସ୍ଥିତ ରହି ପ୍ରତିମୂର୍ତ୍ତିରେ ପୁଷ୍ପମାଳା ଅର୍ପଣ କରିବା ସହ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ।



ଜୟନ୍ତୀ କମିଟିର ଆବାହକ ରବି ସାମଲଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି ଶ୍ରଦ୍ଧାଞ୍ଜଳି ସଭାରେ ପୂର୍ବତନ ମନ୍ତ୍ରୀ ପ୍ରଫୁଲ୍ଲ ଚନ୍ଦ୍ର ଘଡେଇ, ପୂର୍ବତନ ମନ୍ତ୍ରୀ ନିରଞ୍ଜନ ପଟ୍ଟନାୟକ, ଶ୍ରୀକାନ୍ତ ଜେନା, ପିସିସି ସଭାପତି ଭକ୍ତ ଚରଣ ଦାସ, ପଞ୍ଚାନନ କାନୁନ୍‌ଗୋ, ଅମର ପ୍ରସାଦ ଶତପଥୀ, ଅଶୋକ ଚନ୍ଦ୍ର ପଣ୍ଡା, ପ୍ରଭାତ ତ୍ରିପାଠୀ, ସୁରେଶ କୁମାର ରାଉତରାୟ, ପୁଷ୍ପେନ୍ଦ୍ର ସିଂହଦେଓ, ଚନ୍ଦ୍ରସାରଥୀ ବେହେରା, ପ୍ରସନ୍ନ ପାଟ୍ଟଶାଣୀ, ବିଧାୟକ ପ୍ରଶାନ୍ତ ଜଗଦେବ, ଅନନ୍ତ ନାରାୟଣ ଜେନା, ବାବୁ ସିଂ, ପୂର୍ବତନ ବିଧାୟକ ରବି ନାରାୟଣ ପାଣି, ସୁବର୍ଣ୍ଣ ନାୟକ, ରାଧାକାନ୍ତ ସେଠି, ବିଷ୍ଣୁପଦ ରାଉତରାୟ ପ୍ରମୁଖ ଯୋଗ ଦେଇ ଶ୍ରଦ୍ଧାଞ୍ଜଳି ଜଣାଇ ବକ୍ତବ୍ୟ ରଖିଥିଲେ।

ଶ୍ରୀ ରାଉତରାୟ ଛାତ୍ର ଜୀବନରୁ ବ୍ରିଟିଶ ବିରୋଧୀ ମହାସଂଗ୍ରାମର ନେତୃତ୍ୱ ନେଇଥିଲେ। ସେ ଓଡିଶାର ଉପମୁଖ୍ୟମନ୍ତ୍ରୀ, ମନ୍ତ୍ରୀ, ମନ୍ତ୍ରୀ ପରିଷଦର ସଦସ୍ୟ, ମୁଖ୍ୟମନ୍ତ୍ରୀ ପଦବୀ ଭଳି ବହୁ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ନିର୍ବାହ କରିଥିବା ସତ୍ତ୍ୱେ ଗର୍ବ ଅହଙ୍କାର ତାଙ୍କୁ ସ୍ପର୍ଶ କରି ପାରିନଥିଲା। ପ୍ରଦେଶ କଂଗ୍ରେସ କମିଟିର ସଭାପତି, ଜନତା ପାର୍ଟିର ରାଜ୍ୟ ସଭାପତି, ପୂର୍ବତନ କେନ୍ଦ୍ରମନ୍ତ୍ରୀ ଭାବରେ ତାଙ୍କର ଅନେକ ଜନହିତକର ପଦକ୍ଷେପ ପାଇଁ ସେ ଚିର ସ୍ମରଣୀୟ ହୋଇ ରହିବେ ବୋଲି ଶ୍ରଦ୍ଧାଞ୍ଜଳି ସଭାରେ ମତ ପ୍ରକାଶ ପାଇଥିଲା। ସେ ଓଡିଶା ରାଜନୀତିର ଜଣେ ସଫଳ ଓ ମୂଲ୍ୟବୋଧ ସମ୍ପର୍ଣ୍ଣ ରାଜନେତା ଥିଲେ। ଆଜିର ଯୁବପିଢି ତାଙ୍କର ଆଦର୍ଶ ଓ କାର୍ଯ୍ୟଶୈଳୀରେ ଅନୁପ୍ରାଣିତ ହୋଇପାରିଲେ ତାହା ଏହି ମହାନ୍ ଜନନାୟକଙ୍କ ପ୍ରତି ଶ୍ରେଷ୍ଠ ଶ୍ରଦ୍ଧାଞ୍ଜଳି ହେବ ବୋଲି ବକ୍ତାମାନେ ଏହି ଶ୍ରଦ୍ଧାଞ୍ଜଳି ସଭାରେ ମତବ୍ୟକ୍ତ କରିଥିଲେ। ଏହି ଅବସରରେ ତାଙ୍କର ପରିବାରର ସଦସ୍ୟବୃନ୍ଦ ଓ ଶତାଧିକ ଶୁଭେଚ୍ଛୁ ଉପସ୍ଥିତ ରହି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ।

# ସଂସ୍କୃତ ପ୍ରବୋଧନ ପ୍ରଶିକ୍ଷଣ ଉଦ୍‌ଯାପିତ

କଟକ, (ସ୍ୱପ୍ର) : ସଂସ୍କୃତ ଭାରତୀ, ପୂର୍ବାଞ୍ଚଳ ପକ୍ଷରୁ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ନୂଆପଡା କଟକ ଠାରେ ନଅ ଦିନ ଧରି ସଂସ୍କୃତଭାଷାର ପ୍ରଚାର ଓ ପ୍ରସାର ନିମନ୍ତେ ଏକ ସଂସ୍କୃତ ପ୍ରବୋଧନ ପ୍ରଶିକ୍ଷଣ ଅନୁଷ୍ଠିତ ହୋଇଯାଇଛି । ଏହି ବର୍ଗରେ କଟକ, ପୁରୀ, ଖୋର୍ଦ୍ଧା, ନୟାଗଡ, ଗଞ୍ଜାମ, କେନ୍ଦ୍ରାପଡ଼ା, ଯାଜପୁର, ଭଦ୍ରକ, ବାଲେଶ୍ୱର ଓ ଢେଙ୍କାନାଳ ଇତ୍ୟାଦି ଜିଲ୍ଲାମାନଙ୍କରୁ ମୋଟ ୫୪ଜଣ ପ୍ରଶିକ୍ଷାର୍ଥୀ, ୧୧ଜଣ ପ୍ରଶିକ୍ଷକ ଓ ୫ ଜଣ ପ୍ରବନ୍ଧକ ଯୋଗଦାନ କରିଥିଲେ। ସଂସ୍କୃତ ଭାଷାକୁ ଲୋକାଭିମୁଖୀ କରିବା ପାଇଁ ଉର୍ଦ୍ଧ୍ୱଷ୍ଟ ପ୍ରଶିକ୍ଷଣରେ ଏହାର ପ୍ରାନ୍ତମନ୍ତ୍ରୀ ଡ଼ଃ ରମାକାନ୍ତ ସା ଓ ପୂର୍ବକ୍ଷେତ୍ର ସଂଯୋଜକ ପଣ୍ଡିତ ନୃସିଂହଚରଣ ପଣ୍ଡା ପୂର୍ଣ୍ଣ ଉପସ୍ଥିତ ରହି ପରିଚାଳନା କରିଥିଲେ। ବର୍ଗାଧିକାରୀ ଭାବରେ ସ୍ଥାନୀୟ ଶିଶୁବିଦ୍ୟାମନ୍ଦିର ନୂଆପଡାର ପ୍ରଧାନ ଆଚାର୍ଯ୍ୟ ଗୋବିନ୍ଦ ଚନ୍ଦ୍ର ପ୍ରଧାନ ଓ ବିଦ୍ୟାଳୟର ଗୁରୁଜୀ ଗୁରୁମା ମାନେ ପୂର୍ଣ୍ଣ ସହଯୋଗ କରିଥିଲେ । ପ୍ରତ୍ୟେକ ଦିନ ସନ୍ଧ୍ୟା ଅଧିବେଶନରେ ପ୍ରତିଷ୍ଠିତ ସଂସ୍କୃତ ବିଷାରଦମାନେ



ଉଦବୋଧନ ଦେଇଥିଲା ବେଳେ ଓଡିଶାର ପ୍ରତିଷ୍ଠିତ ସଂସ୍କୃତ ମହାବିଦ୍ୟାଳୟର ୧୧ ଜଣ ଅଧ୍ୟାପକ ମାନେ ପ୍ରଶିକ୍ଷକ ଭାବରେ ଉପସ୍ଥିତ ରହି ପ୍ରଶିକ୍ଷଣ ଦେଇଥିଲେ। ୧୭ତାରିଖ ଉଦ୍‌ଘାଟନ ଉତ୍ସରେ ମୁଖ୍ୟଅତିଥିଭାବରେ ଆଇନ ବିଷାରଦ କ୍ଷେତ୍ରମୋହନ ଧଳ, ମୁଖ୍ୟବକ୍ତା ଭାବରେ ନୃସିଂହ ଚରଣ ପଣ୍ଡା, ଅଧ୍ୟକ୍ଷ ଭାବେ ଦିଲ୍ଲୀପ ଖଣ୍ଡେଲବାଲ, ସମ୍ମାନିତ ଅତିଥି ଡ଼ଃ ରାକେଶ କୁମାର ଜେନା, ବର୍ଗାଧିକାରୀ ଗୋବିନ୍ଦ ଚନ୍ଦ୍ର ପ୍ରଧାନ ରହିଥିବାବେଳେ ଅତିଥି ପରିଚୟ ଡ଼ଃ ଶ୍ରୀ ରମାକାନ୍ତ ସା ଓ ଡ଼ଃ ଅକ୍ଷୟ କୁମାର ଦତ୍ତ ଧନ୍ୟବାଦ ଅର୍ପଣ କରିଥିଲେ । ସେହିପରି ସମାରୋପ ଉତ୍ସବର ମୁଖ୍ୟ ଅତିଥି ଭାବରେ ଅବସର ପ୍ରାଧ୍ୟାପକ ଡ଼ଃ ପ୍ରଭାତ କୁମାର ରାଉତରାୟ ମୁଖ୍ୟବକ୍ତା ଭାବରେ ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘର ପ୍ରାନ୍ତ ସଂଘଚାଳକ ପଣ୍ଡିତ ଗୌତମ ମହାରଣା, ସମ୍ମାନିତ ଅତିଥି ଭାବରେ ଗଣେଶ କୁଲକର୍ଣ୍ଣି ମଞ୍ଚାସୀନ ହୋଇଥିଲେ।

## ଦୋକାନରେ ଏକ୍ସପାୟାରୀ ଦହି ବିକ୍ରି
# ବିକ୍ରେତାଙ୍କ ଉପରେ କାର୍ଯ୍ୟାନୁଷ୍ଠାନ

ଭୁବନେଶ୍ୱର (ସବ୍ୟୁ): ହେରିଟେଜ୍ ଫୁଡ୍ସ ଲିମିଟେଡ୍‌କୁ ଓଡିଶାର ଜୟପୁର ଅଂଚଳରେ କିଛି ଦୋକାନରେ ଏକ୍ସପାୟରୀ ଦହି ବିକ୍ରି ହେବା ସଂପର୍କରେ ଖବର ମିଳିଛି। ଏକ ଦାୟିତ୍ୱପୂର୍ଣ୍ଣ କମ୍ପାନୀ ଭାବରେ, ହେରିଟେଜ୍ ଫୁଡ୍ସ ସବୁବେଳେ ଏଫ.ଏସ.ଏସ.ଏ.ଆଇ ନିୟମ ଓ ନିର୍ଦ୍ଦେଶକୁ କଠୋର ଭାବରେ ପାଳନ କରେ। କମ୍ପାନୀ ପ୍ଲାଟ୍‌ରେ ତିଆରି ଓ ପ୍ୟାକ୍ କରାଯିଥିବା ପ୍ରତ୍ୟେକ ପ୍ରଡକ୍ଟ ଏଫ.ଏସ.ଏସ.ଏ.ଆଇର ନିୟମ ଅନୁସାରେ କ୍ୱାଲିଟି ଯାଞ୍ଚ କରାହୋଇଥାଏ । କାରଖାନା ଆଇ.ଏସ.ଓ ସାର୍ଟିଫାଏଡ ଓ ତୃତୀୟ ପକ୍ଷ ଦ୍ୱାରା ନିୟମିତ ଅଡିଟ ହୋଇଥାଏ । ଜୟପୁର ଅଂଚଳରେ ଗୋଟିଏ ଉପଭୋକ୍ତା ଏକ୍ସପାୟରୀ ଡେଟ ପରେ ହେରିଟେଜ ଦହି କିଣିଥିଲେ । ଏଇ ଖବର ପ୍ରକାଶ ପାଇଲା ପରେ ଏଫଏସଏସଏଆଇ ଅଧିକାରୀମାନେ ସେହି ଅଂଚଳରେ କିଛି ଦୋକାନୀମାନଙ୍କୁ ଯାଂଚ କରିଥିଲେ । ତଦନ୍ତ ସମୟରେ ଦେଖାଗଲା କିଛି ଦୋକାନର ଷ୍ଟୋରେଜ୍ ଜାଗା ଅପରିଷ୍କୃତ ଓ ଫଙ୍ଗସ୍ ଲାଗିଥିବା ଅବସ୍ଥାରେ ଥିଲା । ବିଶେଷକରି, ହେରିଟେଜ୍ ଟୋଟାଲ୍ ଦହିର କିଛି ପ୍ୟାକେଟ, ଠିକ୍ ଭାବରେ ରଖାଯାଇନଥିଲା ଏବଂ ବ୍ୟବହାରର ଶେଷ ତାରିଖ (ଏକ୍ସପାୟର) ପରେ ବି ସେଠି ଥିବାର ଦେଖିବାକୁ ମିଳିଥିଲା । ଏଫ.ଏସ.ଏସ.ଏ.ଆଇ ପକ୍ଷରୁ ଏହି ଅନୁସନ୍ଧାନ ପରେ ଯେଉଁ ଦୋକାନ ନିୟମ ଉଲ୍ଲଂଘନ କରିଥିଲେ, ସେମାନଙ୍କ ବିରୁଦ୍ଧରେ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି।

# ଡ୍ରିମ୍‌ସ ଆଇଟିଆଇର ୯୧ ଛାତ୍ରଙ୍କୁ ନିଯୁକ୍ତି

କଟକ, (ସ୍ୱପ୍ର): ରାଜ୍ୟର ଅନ୍ୟତମ ଅଗ୍ରଣୀ ଶିକ୍ଷ ତାଲିମ୍ ପ୍ରତିଷ୍ଠାନ ଡ୍ରିମ୍‌ସ ଆଟିଆଇ ୨୦୨୫ ବ୍ୟାଚ୍ ୯୧ ଜଣ ଛାତ୍ରଙ୍କୁ ବିଭିନ୍ନ ପ୍ରତିଷ୍ଠିତ ଉଦ୍ୟୋଗରେ ନିଯୁକ୍ତି ମିଳିଥିବା ଜଣାଯାଇଛି। ଏଥି ମଧ୍ୟରେ ସର୍ବାଧିକ ୫୨ ଜଣ ଇଲେକ୍ଟ୍ରିସିଆନ୍ ଟ୍ରେଡର ଛାତ୍ରଙ୍କୁ ଟାଟା ଅଟୋକମ୍ପ, ଇଲୋକ୍ଟ୍ରୋ-ଏମ୍ ଟେକ୍‌ନୋସର୍ଭିସ, ଏଚ୍‌ଏଫସିଏଲ ଲିମିଟେଡ୍, ଭାମନ୍ ଇଂଜିନିୟରିଂ, ଦେବକୀ ୱାଟର ବଟଲିଂରେ ନିଯୁକ୍ତି ପାଇଥିବାବେଳେ ୩୧ଜଣ ଫିଟର ଓ ୮ଜଣ ଏମ୍‌ଏମ୍‌ଭି ଟ୍ରେଡ୍‌ର ଛାତ୍ର ନିଯୁକ୍ତି ପାଇଛନ୍ତି । ଶିକ୍ଷାନୁଷ୍ଠାନର ପ୍ଲେସମେଣ୍ଟ ଅଧିକାରୀ ବୈଦ୍ୟନାଥ ସାମଲଙ୍କ ତତ୍ତ୍ୱାବଧାନରେ ଏହି ନିଯୁକ୍ତି ମନୋନୟନ ଆୟୋଜିତ ହୋଇଥିଲା । ଡ୍ରିମସ ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠାତା ଅଧ୍ୟକ୍ଷ ଡ. ପ୍ରମୋଦ ଚନ୍ଦ୍ର ରଥ, ସହ ଅଧ୍ୟକ୍ଷ ଇଂ ଦୁର୍ଗା ପ୍ରସାଦ ରଥ, ପ୍ରଶାସନିକ ନିର୍ଦ୍ଦେଶକ ବଳରାମ କର, ବରିଷ୍ଠ ନିର୍ଦ୍ଦେଶକ ପ୍ରଦୀପ୍ତ ଚନ୍ଦ୍ର ରଥ, ନିର୍ଦ୍ଦେଶିକା ଚିନ୍ମୟୀ ରଥ ଓ ଆଇଟିଆଇ ଅଧ୍ୟକ୍ଷ ଇଂ ପ୍ରଶାନ୍ତ କୁମାର ନାୟକ ପ୍ରମୁଖ ନିଯୁକ୍ତି ପାଇଥିବା ବିଦ୍ୟାର୍ଥୀଙ୍କୁ ଶୁଭେଚ୍ଛା ଜଣାଇବା ସହ ସେମାନଙ୍କର ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଛନ୍ତି । ନିଯୁକ୍ତି ପ୍ରାପ୍ତ ଛାତ୍ରଙ୍କୁ ଶିକ୍ଷାନୁଷ୍ଠାନ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ।

# ସତ୍ୟବାନଙ୍କ ଲାଗି ମନ୍ଦିର ଆଗରେ ସାବିତ୍ରୀ ଭିଡ



ଖୋର୍ଦ୍ଧା, (ସବ୍ୟୁ): ହିନ୍ଦୁ ସମ୍ପ୍ରଦାୟର ସଧବା ନାରୀମାନେ ତାଙ୍କର ସ୍ୱାମୀର ଦିର୍ଘାୟୁ କାମନା ନିମନ୍ତେ ସାବିତ୍ରୀ ବ୍ରତ କରିଥାନ୍ତି। ଏଥିପାଇଁ ସୋମବାର ଜିଲ୍ଲାର ପ୍ରମୁଖ ମନ୍ଦିର ଗୁଡ଼ିକରେ ସଧବାନାରୀ ମାନଙ୍କ ଲମ୍ବାଧାଡ଼ି ଦେଖିବାକୁ ମିଳିଥିଲା । ହାତରେ ପାଚିଲାକଦଳୀ, ତାଳସଜ, ପଣସ, ନଡ଼ିଆ, ଲିଚୁକୋଳି ଆଦି ଭୋଗ ଥାଳି ଧରି ମନ୍ଦିର ଗୁଡ଼ିକରେ ଦେବାଦେବୀଙ୍କ ପୂଜା ଅର୍ଚ୍ଚନା କରିବା କରିଛନ୍ତି । ଏଥିସହିତ ସ୍ୱାମୀଙ୍କର ଦିର୍ଘାୟୁ କାମନା କରିଥିଲେ । ଖୋର୍ଦ୍ଧା ସହରର ମୁଖ୍ୟତଃ ଧବଳେଶ୍ୱର, ବାଟ ମଙ୍ଗଳା, ଲକ୍ଷ୍ମୀନାରାୟଣ, ଲୋକେଶ୍ୱର, ଲୋକନାଥ, ଦକ୍ଷେଶ୍ୱର, କାମନାମନ୍ଦିର, ଶ୍ରୀରାମନ୍ଦିର, ବାଲୁଙ୍କେଶ୍ୱର, ମାମଙ୍ଗଳା ପ୍ରମୁଖ ମନ୍ଦିରରେ ସଧବା ନାରୀଙ୍କର ବେଶ ଭିଡ଼ ଦେଖାଯାଇଥିଲା । ପ୍ରବଳ ଗହଳିକୁ ଦେଖି ମନ୍ଦିର ପରିଚାଳନା କମିଟି ତରଫରୁ ନିୟମିତ ରୀତିନୀତି ଓ ଶୃଙ୍ଖଳିତ ଦର୍ଶନ ଉପରେ ବିଶେଷ ଧ୍ୟାନ ଦିଆଯାଇଥିଲା ।

## ୧ରୁ ଗମେଇଁ ଗ୍ରାମଡିହ ଶୀତଳଷଷ୍ଠୀ ମହୋତ୍ସବ

ଖୋର୍ଦ୍ଧା,(ସବ୍ୟୁ) ଆସନ୍ତା ୧ରୁ ୯ତାରିଖ ନବଦିନ୍ୟାପି ଚାଲିବ ଗମେଇଁ ଗ୍ରାମଡିହ ଶୀତଳଷଷ୍ଠି ମହୋତ୍ସବ । ଜଟଣୀ ନିର୍ବାଚନମଣ୍ଡଳୀ ର ଉତର ଜଟଣୀ ଗଙ୍ଗପଡା ପଂଚାୟତ ର ଗ୍ରାମଡିହ ବାବା ସ୍ୱପ୍ନେଶ୍ୱର ପୀଠ ପରିସରରେ ଅନୁଷ୍ଠିତ ହେବ ଏହି ମହୋତ୍ସବ । ଆଜି ଏନେଇ ଆୟୋଜକ କମିଟି ବାବା ସେନା ପକ୍ଷରୁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି । ସଭାପତି ମିକନ ମହାରଣା ସଭାପତିତ୍ୱ ରେ ପ୍ରମୁଖ ଉପଦେଷ୍ଟା ସୀତାକାନ୍ତ ନାୟକ ମହୋତ୍ସବ ର ରୂପରେଖ ସମ୍ପର୍କରେ ବିସ୍ତୃତ ବୀବରଣୀ ରଖିଥିଲେ । ବିଗତ ଦୁଇବର୍ଷ ଧରି ୯ଦିନ ବ୍ୟାପି ଚାଲିବାକୁ ଥିବା ମହୋତ୍ସବକୁ ଚଳିତ ବର୍ଷ ମଧ ଶାନ୍ତିଶୃଙ୍ଖଳାରେ କରିବା ପାଇଁ ଆୟୋଜକ କମିଟି ଲକ୍ଷ୍ୟ ରଖିଛି । ପୂର୍ବ ଓଡିଶାର ପ୍ରଥମ ଶୀତଳଷଷ୍ଠି ମହୋତ୍ସବ ଏହା ହୋଇଥିବା ସଭାପତି କହିଛନ୍ତି ।ପ୍ରଥମେ ଆସନ୍ତା ୩୧ତାରିଖରେ ଆଡମ୍ବରପୁର୍ଣ୍ଣଭାବେ ଶିବ ବିବାହ କରାଯିବ । ଏହାପର ଦିନ ମହୋତ୍ସବ କରାଯିବ । ୯ଦିନ ବ୍ୟାପି ମଂଚଯାତ୍ରା ଓ ପାରମ୍ପରିକ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯିବ । ପ୍ରତ୍ୟେକ ସନ୍ଧ୍ୟା ୬ଟାରୁ ରାତି ୧୧ଟା ପର୍ଯ୍ୟନ୍ତ କାର୍ଯ୍ୟକ୍ରମ ଚାଲିବ । ତନ୍ମଧ୍ୟରେ ପାଇକ ଆଖଡା ସମରକଳା, ସମ୍ବଲପୁରୀ ଲୋକନୃତ୍ୟ, ଘୁଡୁକୀ ନୃତ୍ୟ, ମାହାରୀ ନୃତ୍ୟ, ଦଶାବତାର, ଯୋଡିଶଙ୍ଖ, ରଣପା, ଘଂଟବାଦ୍ୟ, ନୃତ୍ୟାଭିନୟ, ପଲ୍ଲୀନୃତ୍ୟ, ଓଡିଶୀ, ଘୋଡାନାଚ, ମେଢ ନୃତ୍ୟ, ପଶୁନୃତ୍ୟ, ଘୁମୁରା ନୃତ୍ୟ, ଛଉନୃତ୍ୟ, ମୋଗଲ ତାମସା, ଦାସକାଠିଆ, ମାଲଖମ୍ବ, ବନାଟି, ଗୋଟିପୁଅ, ବାଉଁଶରାଣୀ ପ୍ରଭୃତି ସାଂସ୍କୃତିକ କାର୍ଯ୍ୟକ୍ରମ ସାଙ୍ଗକୁ ଅପେରା ଓ ସୁପର୍ ମୀନାବଜାର ଲୋକଙ୍କୁ ଆମୋଦପ୍ରମୋଦ ଯୋଗାଇବାରେ ସହାୟକ ହେବ ବୋଲି ସଭାପତି ମହାରଣା ସୂଚନା ଦେଇଛନ୍ତି । ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଉପସଭାପତି ପ୍ରଦୋଷ ମହାନ୍ତି, ବଳିଆ ବେହେରା, କୋଷାଧ୍ୟକ୍ଷ ରବିନ ସିଂହଙ୍କ ସମେତ ସ୍ଥାନୀୟ ଯୁବକ, ବୁଦ୍ଧିଜିବୀ ଶିକ୍ଷୀବତ୍ ପ୍ରମୁଖ ଉପସ୍ଥିତଥିଲେ ।

# ଅଲ୍ ଓଡିଶା ଟ୍ରକ ମାଲିକ ମହାସଂଘ ପକ୍ଷରୁ ପଣା ବଣ୍ଟନ



ଭୁବନେଶ୍ୱର (ସବ୍ୟୁ): ଅଲ୍ ଓଡିଶା ଟ୍ରକ ମାଲିକ ମହାସଂଘ ଦୀର୍ଘ ଦୁଇ ମାସ ହେବ ରସୁଲଗଡ ଠାରେ ସୁସ୍ୱାଦୁ ଦହି ପଣାରେ ଜଳଛତ୍ର ସେବା ଯୋଗାଇ ଆସୁଅଛନ୍ତି ଏହିଭଳି ସେବା ମାଷ୍ଟର କ୍ୟାଣ୍ଟିନ, ତାଳଚେର, ନୟାଗଡ, ଗଞ୍ଜାମ ଏବଂ ବହୁତ ଅଞ୍ଚଳରେ ଯୋଗାଇ ଆସୁଛନ୍ତ । ଭୁବନେଶ୍ୱର ମଧ ବିଧାୟକ ଅନନ୍ତ ନାରାୟଣ ଜେନା ମଧ ଉପସ୍ଥିତ ରହି ପଣା ବାଣ୍ଟିଥିଲେ ମହାସଂଘ ରାଜ୍ୟ ସଭାପତି ପୁରଞ୍ଜନ ପାଢ଼ୀ, ଗଣେଶ ମାହାରି, ଓଡିଶା ଟ୍ରକ ମାଲିକ ମହାସଂଘ ସାଧାରଣ ସମ୍ପାଦିକା ସସ୍ମିତା କୁମାରୀ ପାଣିଗ୍ରାହୀ, ସମ୍ପାଦିକା ପରବିନ, ସମ୍ପାଦକ ଗର୍ ଅହମଦ ଚିଷ୍ଟି, ଉପସଭାପତି ଫିରୋଜ ଖାନ, ଉପସଭାପତି ମାନସ ମହାନ୍ତି, ଟ୍ରେଜରର ତପନ ବେହେରା, ଜହର ଅଲ୍ଲୀ ଖାନ, ମୁକୁନ୍ଦ ନାଥ, ଇମ୍ରାନ ଖାନ, ଦୀନବନ୍ଧୁ ସ୍, ଲକ୍ଷ୍ମୀଧର ନାୟକ, ରଶ୍ମି ରଞ୍ଜନ ବାରିକ, ରଜତ ବେଉରା, ଜିତେନ୍ଦ୍ର ସାହୁ, ପ୍ରଫୁଲ୍ଲ କୁମାର ରାୟ, ବିରେନ ସାହୁ ଏବଂ ମହାସଂଘର ଅସଂଖ୍ୟ ସଦସ୍ୟ ସେବାଦାନ ଯୋଗାଇ ଆସୁଛନ୍ତି ଏହି ସେବା ଆସନ୍ତା ରଜ ସଂକ୍ରାନ୍ତିରେ ଉଦଯାପିତ କରାଯିବ ।

## କଳାହାଣ୍ଡିରେ ଶିକ୍ଷାର ମାନକୁ ବୃଦ୍ଧି କରିଛି
# ଡିଏଭି ବେଦାନ୍ତ ଇଣ୍ଟରନ୍ୟାସନାଲ ସ୍କୁଲ

ଭୁବନେଶ୍ୱର, (ସବ୍ୟୁ): କଳାହାଣ୍ଡି, ଯାହା ଏକଦା ଦାରିଦ୍ର୍ୟ ଏବଂ କ୍ଷୁଦା ପାଇଁ ଜଣାଶୁଣା ଏକ ଅଂଚଳ ଥିଲା ଗତ ଦୁଇ ଦଶନ୍ଧି ମଧ୍ୟରେ ଏକ ବିରାଟ ପରିବର୍ତନ ଆଣିଛି । ବେଦାନ୍ତ ଏହାର ଆଲୁମିନା ରିଫାଇନାରୀ ପ୍ରତିଷ୍ଠା କରିବା ପରଠାରୁ, ଏକ ନୀରବ ବିପ୍ଳବ ମୂଳ ପୋଷଣ କରିଛି । ଏହି ବିକାଶର ଏକ ମୂଳଦୁଆ ହେଉଛି ଡିଏଭି ବେଦାନ୍ତ ଇଂଟରନ୍ୟାସନାଲ ସ୍କୁଲ - ଜିଲ୍ଲାର ପ୍ରଥମ ଇଂରାଜୀ ମାଧ୍ୟମ ସ୍କୁଲ । ୨୦୦୬ ମସିହାରେ, ଯେତେବେଳେ ସ୍କୁଲଟି ତା'ର ଦ୍ୱାର ଖୋଲିଥିଲା, ଦୃଷ୍ଟିକୋଣ ସରଳ ଥିଲା: ଶିକ୍ଷା ହେଉଛି ପ୍ରଗତିର ମୂଳଦୁଆ । କଳାହାଣ୍ଡି ଭଳି ଏକ ଆଦିବାସୀ ଅଂଚଳରେ, ଆବଶ୍ୟକତା ଶ୍ରେଣୀଗୃହ ବାହାରେ ବିସ୍ତାରିତ ହୋଇଥିଲା ଏହା ବ୍ୟାପକ ବିଶ୍ୱ ସହିତ ସେତୁ ନିର୍ମାଣ କରିବା ବିଷୟରେ ଥିଲା । ପ୍ରାରମ୍ଭିକ ଶୈଶବରୁ ଉଚ୍ଚ ମାଧ୍ୟମିକ ପର୍ଯ୍ୟନ୍ତ, ସ୍କୁଲଟି ଏକ ପୋଷଣ ସ୍ଥାନ ହୋଇଗଲା, ଯେଉଁଠାରେ ସୁପ୍ତ ସ୍ୱପ୍ନଗୁଡ଼ିକ ହଲାଇବାକୁ ଆରମ୍ଭ କଲା । ୧୩୦୦ ରୁ ଅଧିକ ଛାତ୍ରଛାତ୍ରୀଙ୍କ ସହିତ, ୮୩% ଆଖପାଖ ସମ୍ପ୍ରଦାୟର, ସ୍କୁଲଟି ପରବର୍ତ୍ତୀ ପିଢ଼ିକୁ ସଶକ୍ତ କରୁଛି। ଅନେକ ଛାତ୍ର ପ୍ରଥମ ପିଢ଼ିର ଶିକ୍ଷାର୍ଥୀ, କମ୍ପ୍ୟୁଟର ଲ୍ୟାବ ଏବଂ ବିଜ୍ଞାନ ପରୀକ୍ଷଣରେ ପରିପୂର୍ଣ୍ଣ ଏକ ଦୁନିଆରେ ପ୍ରବେଶ କରୁଛନ୍ତି । ସ୍ମାର୍ଟ କ୍ଲାସରୁମ୍ ଏବଂ କାହାଣୀରେ ପରିପୂର୍ଣ୍ଣ ଏକ ଲାଇବ୍ରେରୀ



ସହିତ ସଜ୍ଜିତ, ସ୍କୁଲଟି ଦୂରବର୍ତ୍ତୀ ଜିଲ୍ଲାରେ ଶିକ୍ଷାକୁ ଉଚ୍ଚ କରିଛି ।

୨୦୨୩ ରେ, ସ୍କୁଲଟି ଡିଏଭି ସ୍କୁଲଗୁଡ଼ିକ ମଧ୍ୟରେ ଶୀର୍ଷ ସ୍ଥାନ ହାସଲ କରିଥିଲା, ଦ୍ୱାଦଶ ଶ୍ରେଣୀର ଛାତ୍ରଛାତ୍ରୀମାନେ ହାରାହାରି ୯୦.୭% ସ୍କୋର କରିଥିଲେ, ଯାହା ଶିକ୍ଷକଙ୍କ ସମର୍ପଣ ଏବଂ ଛାତ୍ରମାନଙ୍କ ବୃଦ୍ଧି ପାଉଥିବା ସମ୍ଭାବନାର ପ୍ରମାଣ । ଏହା ବ୍ୟତୀତ, ସ୍କୁଲଟି ବୋର୍ଡ ପରୀକ୍ଷାରେ ୧୦୦% ପାସ୍ ହାର ହାସଲ କରିଥିଲା, ଛାତ୍ରଛାତ୍ରୀଙ୍କ ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ ୮୦% ରୁ ଅଧିକ ସ୍କୋର କରିଥିଲା । ସାଲୋନି ପ୍ରସାଦ ଡିଏଭି ବେଦାନ୍ତ ଇଣ୍ଟରନ୍ୟାସନାଲ୍ ସ୍କୁଲରେ ଏକ ଭବିଷ୍ୟତ ଭାବେ ପ୍ରବେଶ କରିଥିଲେ । ସେ ଶିକ୍ଷାଗତ ଭାବରେ ଉତ୍କର୍ଷ ହାସଲ କରିଥିଲେ, ତାଙ୍କ ଦଶମ ଶ୍ରେଣୀରେ ୯.୬ ସିଜିପିଏ ସ୍କୋର କରିଥିଲେ, ପାଠ୍ୟକ୍ରମିକ କାର୍ଯ୍ୟକଳାପରେ ସକ୍ରିୟ ଭାବରେ ଅଂଶଗ୍ରହଣ କରିବା ସହିତ, ବାୟୋଟେକ୍ନୋଲୋଜିରେ ମାଷ୍ଟର ଡିଗ୍ରୀ ଏବଂ ହାଇଦ୍ରାବାଦର ଆଇସିଏମଆର-ଏନଆଇଏନ ରେ ପ୍ରୋଜେକ୍ଟ ଆସୋସିଏଟ୍ ଭାବରେ ପଦବୀ ସ୍ଥାପନ କରିଥିଲେ । 'ମୋର ମାତୃତ୍ୱ ମୋର ଦକ୍ଷତା, ମୂଲ୍ୟବୋଧ ଏବଂ ଶିକ୍ଷା ପ୍ରତି ଜୀବନବ୍ୟାପୀ ପ୍ରେମକୁ ପୋଷଣ କରିଥିଲା,' ସଲୋନି ପ୍ରତିଫଳିତ କର୍ଚ୍ଚି, ତାଙ୍କ ସ୍ୱର ଅନେକଙ୍କ ଅଭିଜ୍ଞତାକୁ ପ୍ରତିନିଧିତ୍ୱ କରୁଛି ।

ଶିକ୍ଷା ବିକାଶର ଏକ ମୌଳିକ ଉପାଦାନ, ବିଶେଷକରି ଦୂରବର୍ତୀ ଏବଂ ଅନୁନ୍ନତ ଅଂଚଳରେ ଏହା ବ୍ୟକ୍ତିବିଶେଷଙ୍କୁ ବ୍ୟାପକ ଅର୍ଥନୀତି ଏବଂ ସମାଜରେ ଅଂଶଗ୍ରହଣ ପାଇଁ ଆବଶ୍ୟକୀୟ ଜ୍ଞାନ ଏବଂ ଦକ୍ଷତା ସହିତ ସଶକ୍ତ କରିଥାଏ। କଳାହାଣ୍ଡି ଭଳି ଅଂଚଳରେ, ସମ୍ପ୍ରଦାୟଗୁଡ଼ିକୁ ଜାତୀୟ ମୁଖ୍ୟସ୍ରୋତରେ ସାମିଲ କରିବା ପାଇଁ ଶିକ୍ଷାଗତ ସୁଯୋଗକୁ ଉନ୍ନତ କରିବା ଉପରେ ପ୍ରୟାସ କରାଯାଉଛି। ଡିଏଭି ବେଦାନ୍ତ ଇଣ୍ଟରନ୍ୟାସନାଲ ସ୍କୁଲ ବ୍ୟତୀତ, ମୋ ସ୍କୁଲ ଅଭିଯାନ ଅଧୀନରେ ଓଡ଼ିଶା ସରକାରଙ୍କ ସହ ସହଯୋଗ ୨୨ଟି ସ୍କୁଲକୁ ଆଧୁନିକ ଶିକ୍ଷା କେନ୍ଦ୍ରରେ ପରିଣତ କରିବାରେ ସାହାଯ୍ୟ କରିଛି, ଯେଉଁଥିରେ ଅତ୍ୟାଧୁନିକ ପ୍ରଯୁକ୍ତିବିଦ୍ୟା ଅନ୍ତର୍ଭୁକ୍ତ ହୋଇଛି । ଏହା ବ୍ୟତୀତ, ବେଦାନ୍ତ ମିନି ସାଇନ୍ସ ସେଣ୍ଟର ଏବଂ ବେଦାନ୍ତ ଜ୍ଞାନଶ୍ରୀ ଏବଂ ମେରିଟୋରିଆସ୍ ସ୍କଲାରସିପ୍ ଭଳି ପଦକ୍ଷେପଗୁଡ଼ିକ ଶୈକ୍ଷିକ ସଫଳତାକୁ ସ୍ୱୀକୃତି ଦେବା ଏବଂ ବିଜ୍ଞାନ ଶିକ୍ଷାକୁ ସୁଲଭ କରିବା ଲକ୍ଷ୍ୟକୁ ଆହୁରି ସମର୍ଥନ କରେ । ଏହି ପ୍ରୟାସଗୁଡ଼ିକ ସାମୂହିକ ଭାବରେ ଅଂଚଳର ଶିକ୍ଷାଗତ ବିକାଶରେ ଅବଦାନ ରଖେ ।

ପ୍ରଭାବ ସ୍କୁଲର ସୀମା ବାହାରକୁ ବିସ୍ତାର କରେ। ଏହା ପିଢ଼ିକୁ ଅଧିକ ପାଇଁ ଆକାଂକ୍ଷା କରିବାକୁ ପ୍ରେରଣା ଦିଏ। କଳାହାଣ୍ଡିର ଧୂଳି, ଯାହା ଏକଦା ଅବହେଳିତତାର ପ୍ରତୀକ ଥିଲା, ଏବେ ଶିକ୍ଷିତ, ସଶକ୍ତ ଯୁବ ବ୍ୟକ୍ତିବିଶେଷଙ୍କ ପାଦଚିହ୍ନ ଦ୍ୱାରା ପ୍ରବାହିତ ହେଉଛି । ସେମାନେ ଏକ ନୂତନ କାହାଣୀର ସ୍ଥପତି, ଯେଉଁଠାରେ ଶିକ୍ଷା ଏକ ସୁବିଧା ନୁହେଁ, ବରଂ ଏକ ମୌଳିକ ଅଧିକାର । ଲାଞ୍ଜିଗଡ଼ରେ ପ୍ରଜ୍ୱଳିତ ମୃଦୁ ଚିଙ୍ଗାଳି ସମଗ୍ର ଅଂଚଳକୁ ଆଲୋକିତ କରୁଛି, ଏହା ପ୍ରମାଣ କରୁଛି ଯେ ସବୁଠାରୁ ଦୂରବର୍ତୀ କୋଣରେ ମଧ୍ୟ ପରିବର୍ତ୍ତନ ସମ୍ଭବ, ଏବଂ ଶିକ୍ଷା ହେଉଛି ସ୍ଥାୟୀ ଚାବିକାଠି ଅଟେ ।

# ଆଇଏମ୍‌ଏସ୍ ଆଣ୍ଡ ସମ୍ ହସ୍ପିଟାଲରେ ବିଶ୍ୱ ସିଜୋଫ୍ରେନିଆ ଦିବସ

ଭୁବନେଶ୍ୱର, (ସବ୍ୟୁ): ସୋଆ ପରିଚାଳିତ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମେଡିକାଲ୍ ସାଇନ୍‌ସେସ୍ ଆଣ୍ଡ ସମ୍ ହସ୍ପିଟାଲର ମାନସିକ ରୋଗ ବିଭାଗ ପକ୍ଷରୁ ଶନିବାର ବିଶ୍ୱ ସିଜୋଫ୍ରେନିଆ ଦିବସ ପାଳିତ ହୋଇଯାଇଛି। ଏହି ସଚେତନତା କାର୍ଯ୍ୟକ୍ରମରେ ଆଇଏମ୍‌ଏସ୍ ଆଣ୍ଡ ସମ୍ ହସ୍ପିଟାଲର ଡିନ୍ ପ୍ରଫେସର ଡାକ୍ତର ବ୍ୟକ୍ତିଗତ ଦିଗ ଉପରେ ଆଲୋଚନା କରିଥିଲେ। ଏହି କାର୍ଯ୍ୟକ୍ରମରେ ମାନସିକ ରୋଗ ବିଭାଗ ର ବିଭାଗୀୟ ମୁଖ୍ୟ ପ୍ରଫେସର (ଡାକ୍ତର) ସୁରଜିତ ସାହୁ ଅଧ୍ୟକ୍ଷତା କରିଥିଲେ । ଏହି ବର୍ଷର ଶୀର୍ଷକ 'ରିଥିଙ୍କ୍ ଲେବଲ୍, ରିକ୍ଲେମ୍ ଦ ଷ୍ଟୋରୀ'ର ମହତ୍ତ୍ୱକୁ ବୁଝାଇଥିଲେ। ସେହିପରି ବିଶ୍ୱ ସିଜୋଫ୍ରେନିଆ ଦିବସ ୨୦୨୫ର ସମ୍ମାନନୀୟ ଅତିଥି ଭାବେ



ସଂଘମିତ୍ରା ମିଶ୍ର ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ସିଜୋଫ୍ରେନିଆ ରୋଗ ର ସଂପୂର୍ଣ୍ଣ ଚିକିତ୍ସା ତଥା ନୂତନ କୌଶଳ ଓ ଚିକିତ୍ସା ପଦ୍ଧତି ଦ୍ୱାରା ଏହି ରୋଗ ସହିତ ଜଡିତ ଅନେକ ଭ୍ରାନ୍ତ ଧାରଣାକୁ କିପରି ଲୋକଙ୍କ ମନରୁ ଦୂର କରି ହେବ ସେ ବିଷୟରେ ଆଲୋକପାତ କରିଥିଲେ ।

ସେହିପରି ଅନ୍ୟତମ ମୁଖ୍ୟ ଅତିଥି ଭାବେ ଆଇଏମ୍‌ଏସ୍ ଆଣ୍ଡ ସମ୍ ହସ୍ପିଟାଲର ମେଡିକାଲ ସୁପରିଟେଣ୍ଡେଣ୍ଟ ପ୍ରଫେସର (ଡାକ୍ତର) ପୁଷ୍ପରାଜ ସାମନ୍ତସିଂହାର ସିଜୋଫ୍ରେନିଆର ସାମାଜିକ ତଥା ପ୍ରସିଦ୍ଧ ହାସ୍ୟ କଳାକାର ଦୀପକ ତ୍ରିପାଠୀ (ଟୁକୁନା ଷ୍ଟାଇଲିଷ୍ଟ) ଯୋଗ ଦେଇଥିଲେ । ଏହି ଅବସରରେ ଆଇଏମ୍‌ଏସ୍ ଆଣ୍ଡ ସମ୍ ହସ୍ପିଟାଲର ନର୍ସିଂ ସୁପରିଟେଣ୍ଡେଂଟ ଶ୍ରୀମତି ମିନତି ମିଶ୍ର, ଡାକ୍ତର ଜିତେନ୍ଦ୍ରୀୟ ବିଶ୍ୱାଳ, ଡାକ୍ତର ସୋମ୍ୟ ରଂଜନ ଦାଶ ଓ ଡାକ୍ତର ସ୍ନେହାଂଶୁ ଦେ ଏହି ଉପଲକ୍ଷେ ଆୟୋଜିତ ବିଭିନ୍ନ ପ୍ରତିଯୋଗିତା ପରିଚାଳନା କରିବା ସହ ବକ୍ତବ୍ୟ ରଖିଥିଲେ। ବିଭାଗୀୟ ପ୍ରଫେସର (ଡାକ୍ତର) ଶୁଭେନ୍ଦୁ ନାରାୟଣ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।

# ପ୍ରବଳ ବର୍ଷାରେ ବେହାଲ୍ ମୁମ୍ବାଇ



ମୁମ୍ବାଇ: ମୌସୁମୀ ବାୟୁ ଶନିବାର କେରଳ ଛୁଇଁବା ପରେ ସୋମବାର ସକାଳେ ମୁମ୍ବାଇ ଆଡ଼େ ଗତି କରିବାରୁ ସହରରେ ପ୍ରବଳ ବର୍ଷା ହୋଇଛି। ଝଡ଼ବର୍ଷା ଯୋଗୁ ବ୍ୟାପକ ଜଳବନ୍ଦୀହୋଇ ମୁମ୍ବାଇରେ ପରିବହନ ଏବଂ ବିମାନ ଚଳାଚଳ ବାଧାପ୍ରାପ୍ତ ହୋଇଛି। କୁର୍ଲା, ସିଓନ, ଦାଦର ଏବଂ ପରେଲ ସମେତ ଅନେକ ତଳିଆ ଅଞ୍ଚଳ ଗୁରୁତର ଭାବରେ ପ୍ରଭାବିତ ହୋଇଥିବା ସୂଚନା ରହିଛି। ସୋମବାର ଦିନ ପ୍ରତ୍ୟୁଷରେ ପାଣି ଘେରରେ ଗାଡ଼ିମଟର ଯାଉଥିବାର ଦୃଶ୍ୟ ଦେଖଇବାକୁ ମିଳିଥିଲା। ସହରରେ ପ୍ରବଳ ବର୍ଷା ଯୋଗୁ ତିନୋଟି ପ୍ରମୁଖ ଲାଇନ କେନ୍ଦ୍ରୀୟ, ପଶ୍ଚିମ ଏବଂ ହାର୍ବରରେ ଲୋକାଲ୍ ଟ୍ରେନ୍ ସେବା ନିର୍ଦ୍ଧାରିତ ସମୟଠାରୁ ବିଳମ୍ବରେ ଚାଲିଛିଛସୋମବାର ଦିନ ସକାଳୁ ଭାରତୀୟ ପାଣିପାଗ ବିଭାଗ (ଆଇଏମ୍ଡି) ମୁମ୍ବାଇ ପାଇଁ ଏକ ସତର୍କ ସୂଚନା ଜାରି କରି କହିଛି ଯେ ଆଗାମୀ ୩ ରୁ ୪ ଘଣ୍ଟା ମଧ୍ୟରେ ସହରର ବିଭିନ୍ନ ସ୍ଥାନରେ ବଜ୍ରପାତ ସହିତ ବର୍ଷା ହେବ ବୋଲି ସୂଚନା ପ୍ରଦାନ କରିଛି। ସିସିଟିଭି ସର୍ଭେଲାନ୍ସ ମାଧ୍ୟମରେ ଜଳବନ୍ଦୀ ଉପରେ ନଜର ରଖାଯାଇଛି। ପ୍ରବଳ ପବନ ଏବଂ ବର୍ଷା ଯୋଗୁଁ ଗଛ ଏବଂ ଡାଳ ପଡ଼ିବା ଘଟଣା ମଧ୍ୟ ରିପୋର୍ଟ କରାଯାଇଛି। ସହରର ଚାରୋଟି ସ୍ଥାନରେ ଏବଂ ପଶ୍ଚିମ ଉପନଗରରେ ପାଞ୍ଚଟି ସ୍ଥାନରେ ଗଛ ପଡ଼ିବା ରିପୋର୍ଟ ବିଏମସି ପାଇଛି। ବିଏମସି କହିଛି ଯେ ରେଳ ସେବା ସ୍ୱାଭାବିକ ରହିଛି। ବର୍ତ୍ତମାନ ସ୍ଥାନୀୟ ଟ୍ରେନଗୁଡ଼ିକ ସମୟସୂଚୀ ଅନୁଯାୟୀ ଚାଲିଛି, କୌଣସି ବାଧାପ୍ରାପ୍ତ ସୂଚନା ନାହିଁ।




ଗୁଜୁରାଟର ଭଦୋଦରାଠାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ରୋଡ୍ ଶୋ ବେଳେ କର୍ଣ୍ଣେଲ୍ ସୋଫିଆ କୁରେସିଙ୍କ ପରିବାର ସଦସ୍ୟମାନେ ଉପସ୍ଥିତ ରହି ପୁଷ୍ପ ବୃଷ୍ଟି କରୁଛନ୍ତି।

# ୟୁରୋପୀୟ ଦେଶଙ୍କୁ ଜୟଶଙ୍କରଙ୍କ କଡ଼ା ଜବାବ

ନୂଆଦିଲ୍ଲୀ: ବୈଦେଶିକ ମନ୍ତ୍ରୀ ଏସ ଜୟଶଙ୍କର ପୁଣି ଥରେ ୟୁରୋପୀୟ ଦେଶଗୁଡ଼ିକର ମୁହଁ ବନ୍ଦ କରିଦେଇଛନ୍ତି । ଜୟଶଙ୍କର କହିଛନ୍ତି, ଯେତେବେଳେ ଆପଣମାନେ ସଂଘର୍ଷ ବିଷୟରେ ଚିନ୍ତା କରନ୍ତି, ଆପଣଙ୍କୁ ୟୁକ୍ରେନ କଥା ମନେପଡ଼େଛ କିନ୍ତୁ ଯେତେବେଳେ ମୁଁ ସଂଘର୍ଷ ବିଷୟରେ ଚିନ୍ତା କରେ, ମୋତେ ପାକିସ୍ତାନ, ଆତଙ୍କବାଦ, ଚୀନ୍ ଏବଂ ଆମର ସୀମା ମନେପଡ଼େଛ ତେଣୁ, ଆମର ଦୃଷ୍ଟିକୋଣ ଆଦୌ ସମାନ ହୋଇପାରିବ ନାହିଁ । ଜୟଶଙ୍କର କହିଛନ୍ତି ଯେ, ଭାରତ ଆତଙ୍କବାଦୀଙ୍କ ବିରୁଦ୍ଧରେ ସଠିକ୍ ଏବଂ ସୀମିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଥିଲା, ଯାହା କୌଣସି ପ୍ରକାରେ ପରମାଣୁ ଯୁଦ୍ଧର କାରଣ ହୋଇନଥାନ୍ତା । ପାକିସ୍ତାନୀ ସେନା ପକ୍ଷରୁ ଗୁଳିଚାଳନା ଆରମ୍ଭ ହୋଇଥିଲା, ଯାହାର ଜବାବ ଭାରତ ଦେଇଥିଲା ଏବଂ ପରେ ପାକିସ୍ତାନୀ ପକ୍ଷର ଅନୁରୋଧ କ୍ରମେ ଗୁଳିଚାଳନା ବନ୍ଦ କରାଯାଇଥିଲା । ଆମେ ବିଶ୍ୱାସ କରୁନାହ ଯେ ଦକ୍ଷିଣ ଏସିଆର ପ୍ରତ୍ୟେକ ଉତ୍ତେଜନା ପରମାଣୁ ସଙ୍କଟରେ ପରିଣତ ହୋଇପାରେ ।

## ଗୁପ୍ତଚର ଅଭିଯୋଗରେ

# ସିଆରପିଏଫ ଯବାନଙ୍କୁ ଧରିଲା ଏନଆଇଏ

ନୂଆଦିଲ୍ଲୀ: ଜାତୀୟ ତଦନ୍ତକାରୀ ସଂସ୍ଥା (ଏନଆଇଏ) ଦିଲ୍ଲୀରୁ ଜଣେ ସିଆରପିଏଫ ଯବାନଙ୍କୁ ଗିରଫ କରିଛି । ଅଭିଯୋଗ ହୋଇଛି ଯେ ସେ ଦେଶ ସହ ଜଡିତ ସମ୍ବେଦନଶୀଳ ସୂଚନା ପାକିସ୍ତାନକୁ ପଠାଉଥିଲେ । ରିପୋର୍ଟ ଅନୁସାରେ, ଯବାନ ଜଣକ ସୂଚନା ପଠାଇବା ପାଇଁ ଟଙ୍କା ପାଉଥିଲେ । ସେ ଏହି କାମ ପାଇଁ ସୋସିଆଲ ମିଡିଆ ବ୍ୟବହାର କରିଥିଲେ । ଅପରେସନ ସିନ୍ଦୂର ପରେ, ଦେଶରୁ ଅନେକ ଗୁପ୍ତଚର ଧରାପଡ଼ିଛନ୍ତି ।ନିକଟରେ ଜ୍ୟୋତି ମାଲହୋତ୍ରା ନାମକ ଜଣେ ୟୁଟ୍ୟୁବରଙ୍କୁ ମଧ୍ୟ ଗୁପ୍ତଚର ଅଭିଯୋଗରେ ଗିରଫ କରାଯାଇଥିଲା । ଏନଆଇଏ ବର୍ତ୍ତମାନ ସିଆରପିଏଫ ଯବାନଙ୍କୁ ପଚରାଉଚରା ଆରମ୍ଭ କରିଛି । ସେ ସୋସିଆଲ ମିଡିଆ ମାଧ୍ୟମରେ ଜଣେ ପାକିସ୍ତାନୀ ଗୁପ୍ତଚର ଅଧିକାରୀଙ୍କ ସମ୍ପର୍କରେ ଆସିଥିଲେ । ରିପୋର୍ଟ ଅନୁଯାୟୀ, ଯବାନ ଜଣକ ସୋସିଆଲ ମିଡିଆ ମାଧ୍ୟମରେ ଦେଶ ସହ ଜଡିତ ଗୁପ୍ତ ସୂଚନା ପଠାଇବା ଆରମ୍ଭ କରିଥିଲେ । ଏଥିପାଇଁ ତାଙ୍କୁ ଟଙ୍କା ମଧ୍ୟ ମିଳିଥିଲା । ଗିରଫ ହେବା ପରେ ସିଆରପିଏଫ ନିୟମ ଅନୁଯାୟୀ ଯବାନଙ୍କୁ ଚାକିରିରୁ ବହିଷ୍କାର କରାଯାଇଛ । ଅଭିଯୁକ୍ତ ପାକିସ୍ତାନରେ ବସିଥିବା ତାଙ୍କ ହ୍ୟାଣ୍ଡଲରମାନଙ୍କୁ ଅନେକ ସମ୍ବେଦନଶୀଳ ସୂଚନା ପଠାଇଥିଲା । ଅପରେସନ ସିନ୍ଦୂର ପରେ ଭାରତରେ ଅନେକ ଗୁପ୍ତଚର ଧରାପଡ଼ିଛନ୍ତ । ତେବେ ଯବାନ ଜଣକ କେଉଁ ସବୁ ତଥ୍ୟ ପାକିସ୍ତାନକୁ ପଠାଇଛନ୍ତି ସେନେଇ ପଚରାଉଚୁରା ଆରମ୍ଭ ହୋଇଛି ଏହି ଯବାନଙ୍କ ବାବଦରେ ଅନ୍ୟ କୌଣସି ତଥ୍ୟ ମିଳିନଥିଲେ ବି ସେ ଟଙ୍କା କେମିତି ପାଉଥିଲେ, ସେଥିପାଇଁ ତାଙ୍କ ବ୍ୟାଙ୍କ ଆକାଉଣ୍ଟକୁ ମଧ୍ୟ ଯାଞ୍ଚ କରାଯାଉଛି ।

## ପାକିସ୍ତାନକୁ ଯୁଦ୍ଧାସ୍ତ୍ର ଯୋଗାଉଛି ନେଦରଲ୍ୟାଣ୍ଡ

ଇସଲାମ୍‌ବାଦ୍ : ତୁର୍କୀ ପରେ ପାକିସ୍ତାନକୁ ଯୁଦ୍ଧାସ୍ତ୍ର ଯୋଗାଇବାରେ ଦ୍ୱିତୀୟ ବୃହତ୍ତମ ରାଷ୍ଟ୍ର ହେଉଛି ନେଦରଲ୍ୟାଣ୍ଡ। ପାକିସ୍ତାନର ସାମରିକ ଶକ୍ତି ବୃଦ୍ଧି ପାଇଁ ଚାଇନା, ତୁର୍କୀ ଓ ଆଜେରବୈଜାନ୍ ଯୁଦ୍ଧାସ୍ତ୍ର ଯୋଗାଉଛନ୍ତି। ଭାରତ ଆତଙ୍କବାଦ ବିରୋଧରେ ଆରମ୍ଭ କରିଥିବା ଅପରେସନ୍ ସିନ୍ଦୁର ପରେ ଏହି ଦେଶଗୁଡିକ ପାକିସ୍ତାନକୁ ପ୍ରଚୁର ପରିମାଣରେ ଯୁଦ୍ଧାସ୍ତ୍ର ଯୋଗାଉଛନ୍ତି।

## ଧରା ପଡିଲା ନାଗପୁର ମହିଳା

ନୂଆଦିଲ୍ଲୀ : ଭାରତ ପାକିସ୍ତାନ ମଧ୍ୟରେ ଲଢେଇ ଚାଲିଥିବା ବେଳେ ଏଲ୍‌ଓସି ଅତିକ୍ରମ କରି ନାଗପୁରରେ ଜଣେ ମହିଳା ସୁନିତା ଜାମଗାଦେ ପାକିସ୍ତାନ ଅନୁପ୍ରବେଶ ବେଳେ ଧରା ପଡିଛି। ପାକିସ୍ତାନ ଅଧିକାରୀ ମହିଳା ଜଣଙ୍କୁ ଭାରତୀୟ କର୍ତ୍ତୃପକ୍ଷଙ୍କୁ ହସ୍ତାନ୍ତର କରିଛନ୍ତି।

# ଗୁଜୁରାଟ ପାଇଁ ୫୩,୪୦୦ କୋଟିର ପ୍ରକଳ୍ପ

ଭୁଜ୍ : ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ଗୁଜରାଟର ଭୁଜରେ ୫୩,୪୦୦ କୋଟି ଟଙ୍କାରୁ ଅଧିକ ମୂଲ୍ୟର ଅନେକ ଗୁଡ଼ିଏ ଉନ୍ନୟନମୂଳକ ପ୍ରକଳ୍ପର ଶିଳାନ୍ୟାସ, ଉଦଘାଟନ ସହିତ ଦେଶକୁ ଉତ୍ସର୍ଗ କରିଛନ୍ତି। ସମାବେଶକୁ ସମ୍ବୋଧିତ କରି, ସେ କଚ୍ଛର ଜନସାଧାରଣଙ୍କୁ ହାର୍ଦ୍ଦିକ ଶୁଭେଚ୍ଛା ଜଣାଇଲେ ଏବଂ କ୍ରାନ୍ତିକାରୀ ତଥା ସହିଦମାନଙ୍କ, ବିଶେଷକରି ମହାନ ସ୍ୱାଧୀନତା ସଂଗ୍ରାମୀ ଶ୍ୟାମଜୀ କୃଷ୍ଣ ବର୍ମାଙ୍କ ପ୍ରତି ଗଭୀର ଶ୍ରଦ୍ଧାଞ୍ଜଳି ଅର୍ପଣ କଲେ। ପ୍ରଧାନମନ୍ତ୍ରୀ କଚ୍ଛର ପୁଅ ଏବଂ ଝିଅମାନଙ୍କୁ ସେମାନଙ୍କର ଶୃଙ୍ଖଳା ଏବଂ ଅବଦାନକୁ ସ୍ୱୀକାର କରି ତାଙ୍କର ସମ୍ମାନ ଜଣାଇଥିଲେ। ଶ୍ରୀ ମୋଦୀ କଚ୍ଛର ପବିତ୍ର ଭୂମିରେ ଆଶାପୁରା ମାତାଙ୍କ ଦିବ୍ୟ ଉପସ୍ଥିତିକୁ ସ୍ୱୀକାର କରି ତାଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ସେ ଏହି ଅଞ୍ଚଳ ଉପରେ ତାଙ୍କର ନିରନ୍ତର ଆଶୀର୍ବାଦ ପାଇଁ କୃତଜ୍ଞତା ପ୍ରକାଶ କରିଥିଲେ ଏବଂ ଲୋକମାନଙ୍କୁ ତାଙ୍କର ସମ୍ମାନ ଜଣାଇଥିଲେ। କଚ୍ଛ ସହିତ ତାଙ୍କର ଗଭୀର ସମ୍ପର୍କକୁ ପ୍ରତିଫଳିତ କରି, ଶ୍ରୀ ମୋଦୀ ଜିଲ୍ଲା ବ୍ୟାପୀ ତାଙ୍କର ବାରମ୍ବାର ଗସ୍ତକୁ ମନେ ପକାଇଲେ ଏବଂ ଏହି ଭୂମି ତାଙ୍କ ଜୀବନର ଦିଗକୁ କିପରି ଆକାର ଦେଇଛି ତାହା ଉପରେ ଗୁରୁତ୍ୱାରୋପ କରିଥିଲେ। ସେ କହିଥିଲେ ଯେ ଜୀବନଯାପନ ମାନରେ ଯଥେଷ୍ଟ ଉନ୍ନତି ଘଟିଛି। ଅତୀତରେ ଅନେକ ଆହ୍ୱାନ ସୃଷ୍ଟି ହୋଇଥିଲା। ନର୍ମଦା ନଦୀର ଜଳ କଚ୍ଛ ଅଞ୍ଚଳରେ ପହଞ୍ଚିବା ସମୟରେ ସେ କେତେ ଭାଗ୍ୟବାନ ଥିଲେ ତାହା ମଧ୍ୟ ସେ ମନେ ପକାଇଲେ। ମୁଖ୍ୟମନ୍ତ୍ରୀ ଭୂମିକା ଗ୍ରହଣ କରିବା ପୂର୍ବରୁ, ସେ ପ୍ରାୟତଃ କଚ୍ଛ ଗସ୍ତ କରୁଥିଲେ, ଜିଲ୍ଲା କାର୍ଯ୍ୟାଳୟରେ ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗ ଦେଉଥିଲେଛ ଶ୍ରୀ ମୋଦୀ କଚ୍ଛର କୃଷକମାନଙ୍କ ଦୃଢ଼ ନିଷ୍ଠା ଉପରେ ମଧ୍ୟ ଆଲୋକପାତ କରିଥିଲେ, ଉଲ୍ଲେଖ କରିଥିଲେ ଯେ ସେମାନଙ୍କର କଠିନ ପରିଶ୍ରମ ସର୍ବଦା ପ୍ରଶଂସନୀୟ। ସେ କହିଥିଲେ ଯେ ଏହି ଅଞ୍ଚଳରେ ତାଙ୍କର ବର୍ଷ ବର୍ଷର ଅଭିଜ୍ଞତା ଏହାର ବିକାଶ ପାଇଁ ତାଙ୍କ ପ୍ରୟାସରେ ବହୁଳ ଯୋଗଦାନ ଦେଇଥିଲା। ଉଲ୍ଲେଖନୀୟ ସଫଳତା ହାସଲ କରିବାରେ କଚ୍ଛ ଆଶାର ଶକ୍ତି ଏବଂ ନିରନ୍ତର ପ୍ରୟାସ ପ୍ରଦର୍ଶନ କରିଛି ବୋଲି ଗୁରୁତ୍ୱାରୋପ କରି ପ୍ରଧାନମନ୍ତ୍ରୀ ସେହି ବିନାଶକାରୀ ଭୂମିକମ୍ପକୁ ମନେ ପକାଇଲେ। ଏହି ଘଟଣା ପରେ କିଛି ଲୋକ ଏହି ଅଞ୍ଚଳର ଭବିଷ୍ୟତ ଉପରେ ସନ୍ଦେହ ପ୍ରକାଶ କରିଥିଲେ। ତଥାପି, ତାଙ୍କର ଅଟଳ ବିଶ୍ୱାସ ଥିଲା ଯେ କଚ୍ଛ ପାଉଁଶରୁ ଉଠିବ – ଏବଂ ଲୋକମାନେ ଏହାକୁ ସମ୍ଭବ କରିଥିଲେଛ ଆଜି, କଚ୍ଛ ବାଣିଜ୍ୟ, ବ୍ୟବସାୟ ଏବଂ ପର୍ଯ୍ୟଟନର ଏକ ପ୍ରମୁଖ କେନ୍ଦ୍ର ଭାବରେ ଉଭା ହୋଇଛି, ବୋଲି ପ୍ରଧାନମନ୍ତ୍ରୀ କହିଥିଲେ, ଆଗାମୀ ବର୍ଷଗୁଡ଼ିକରେ ଏହି ଅଞ୍ଚଳର ଭୂମିକା ଆହୁରି ବିସ୍ତାରିତ ହେବ ବୋଲି ପ୍ରକାଶ କରି ସେ କଚ୍ଛର ଦ୍ରୁତ ବିକାଶ ଦେଖିବା ଏବଂ ଏହାର ପ୍ରଗତିକୁ ସମର୍ଥନ କରିବାରେ ଆନନ୍ଦ ପ୍ରକାଶ କରିଥିଲେ। ତାଙ୍କ ଗସ୍ତ ସମୟରେ, ଭିତ୍ତିଭୂମି ଏବଂ ଅର୍ଥନୈତିକ ଅଭିବୃଦ୍ଧି ଉପରେ ଧ୍ୟାନ ଦେଇ ୫୦,୦୦୦ କୋଟି ଟଙ୍କାରୁ ଅଧିକ ମୂଲ୍ୟର ପ୍ରକଳ୍ପ ଉଦ୍ଘାଟନ ଏବଂ ଶୁଭାରମ୍ଭ କରାଯାଇଥିଲା।



# ପାକ୍ ପିଏମ୍‌ଓରେ ମୁନିରଙ୍କ ଗୁପ୍ତଚର

ଇସଲାମାବାଦ: ଯୁଦ୍ଧବିରତି ମଧ୍ୟରେ ପାକିସ୍ତାନରେ ଏକ ବଡ଼ ରାଜନେତିକ ଖେଳ ଚାଲିଥିବାର ସୂଚନା ମିଳୁଛି । ଗୋଟିଏ ପଟେ, ସେନା ମୁଖ୍ୟ ଅସୀମ ମୁନିର ନିଜ ସ୍ଥିତିକୁ ମଜବୁତ କରିବାରେ ବ୍ୟସ୍ତ । ସେହି ସମୟରେ ପ୍ରଧାନମନ୍ତ୍ରୀ ଶାହବାଜ ସରିଫ ମଧ୍ୟ ତାଙ୍କ ପଦ ବଞ୍ଚାଇବାକୁ ଚେଷ୍ଟା କରୁଛନ୍ତି । ଏହି କ୍ରମରେ, ମୁନିରଙ୍କୁ ଫିଲ୍ଡ ମାର୍ଶାଲ କରାଯାଇଥିଲା, କିନ୍ତୁ ପାକିସ୍ତାନରୁ ଏବେ ଆସୁଥିବା ଖବର ସରିଫ ପରିବାର ପାଇଁ ସଙ୍କଟ ସୃଷ୍ଟି କରିଛ । ସାମା ଟିଭି ଅନୁଯାୟୀ, ମୁନିର ତାଙ୍କର ଜଣେ ଘନିଷ୍ଠ ସହଯୋଗୀଙ୍କୁ ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟରେ ନିଯୁକ୍ତି ଦେଇଛନ୍ତି ।ଏହି ବ୍ୟକ୍ତିଙ୍କ ନାମ ବିଲାଲ ବିନ୍ ସାକିବ । ପାକିସ୍ତାନରେ ସାକିବଙ୍କୁ ମନ୍ତ୍ରୀର ପଦବୀ ଦିଆଯାଇଛ । ପ୍ରଧାନମନ୍ତ୍ରୀଙ୍କୁ ପରାମର୍ଶ ଦେବା ପାଇଁ ସାକିବ ଦାୟିତ୍ୱ । ସାକିବଙ୍କୁ ମୁନିରଙ୍କ ଗୁପ୍ତଚର କୁହାଯାଉଛି ।ରିପୋର୍ଟ ଅନୁସାରେ, ବିଲାଲ ବିନ୍ ସାକିବଙ୍କୁ କ୍ରିପ୍ଟୋ ମାମଲାରେ ପରାମର୍ଶଦାତା ଭାବରେ ନିଯୁକ୍ତ କରାଯାଇଛି । ସାକିବଙ୍କ କାମ ହେଉଛି କ୍ରିପ୍ଟୋ ଏବଂ ଆର୍ଥିକ ସମ୍ପର୍କିତ ପ୍ରସଙ୍ଗରେ ପ୍ରଧାନମନ୍ତ୍ରୀଙ୍କୁ ପରାମର୍ଶ ଦେବା । ପାକିସ୍ତାନ ସରକାର ସାକିବଙ୍କୁ ମନ୍ତ୍ରୀ ପଦ ମଧ୍ୟ ଦେଇଛନ୍ତି ।ଏହାର ଅର୍ଥ ହେଉଛି ସାକିବଙ୍କୁ ପାକିସ୍ତାନୀ ମନ୍ତ୍ରୀଙ୍କ ଭଳି ସୁବିଧା ଦିଆଯିବ । ସାକିବଙ୍କ ବସିବା ବ୍ୟବସ୍ଥା ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟରେ ହିଁ କରାଯାଇଛି । ଏହିଠାରୁ ସାକିବ ତାଙ୍କର ଅପରେସନ୍ କରିବେ ।ବିଲାନ-ବିନ ସାକିବଙ୍କୁ ସେନା ମୁଖ୍ୟ ଅସୀମ ମୁନିରଙ୍କ ଜଣେ ସହଯୋଗୀ ବୋଲି ବିବେଚନା କରାଯାଏ । ଏହି ପଦବୀରେ ନିଯୁକ୍ତ ହେବା ପୂର୍ବରୁ ସାକିବ ମୁନିରଙ୍କୁ ଭେଟିଥିଲେ । ପାକିସ୍ତାନରେ କ୍ରିପ୍ଟୋ କରେନ୍ସିକୁ ପ୍ରୋତ୍ସାହିତ କରିବା ପାଇଁ ଉଭୟଙ୍କ ମଧ୍ୟରେ ବୈଠକ ଅନୁଷ୍ଠିତ ହୋଇଥିଲା । ଏହି ବୈଠକର ମାତ୍ର ୨୪ ଘଣ୍ଟା ପରେ, ସାକିବଙ୍କୁ ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟରେ ନିଯୁକ୍ତ କରାଯାଇଛି ।ପାକିସ୍ତାନରେସେନା ମୁଖ୍ୟ କ୍ରିପ୍ଟୋ କରେନ୍ସି ଏବଂ ସମ୍ପର୍କିତ ପ୍ରସଙ୍ଗରେ ବହୁତ ଆଗ୍ରହୀ । ମୁନିରଙ୍କ ନାମ ପୂର୍ବରୁ କ୍ରିପ୍ଟୋ ମାମଲାରେ ଦେଖାଦେଇଛି । ମୁନିରଙ୍କ ଉପରେ କ୍ରିପ୍ଟୋ ମାଧ୍ୟମରେ ବେଆଇନ ଭାବରେ ଟଙ୍କା ରୋଜଗାର କରିବାର ଅଭିଯୋଗ ଆସିଛି । ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟରେ ସାକିବଙ୍କ ବସିବା କିପରି ବିପଦପୂର୍ଣ୍ଣ ବୋଲି ରାଜନେତିକ ସମୀକ୍ଷକ ମତପୋଷଣ କରିଛନ୍ତି । ଏପର୍ଯ୍ୟନ୍ତ ସେନା ମୁଖ୍ୟ ମୁନିର ପରୋକ୍ଷ ଭାବରେ ସରକାର ଚଳାଉଥିଲେ । ସେ କେବଳ ବଡ଼ ବଡ଼ ପ୍ରସଙ୍ଗରେ ପାକିସ୍ତାନ ସରକାରଙ୍କ ସହିତ କଥା ହେଉଥିଲେଛ ସେ ସରକାର ପରିଚାଳନାରେ ସିଧାସଳଖ ଜଡିତ ନଥିଲେ । ଶାହବାଜ ସରିଫ ସରକାରଙ୍କ ଛୋଟ ଛୋଟ କାମ କରୁଥିଲେ, କିନ୍ତୁ ଅପରେସନ ସିନ୍ଦୁର ପରେ ପରିବେଶ ବଦଳି ଯାଇଛି ।

ଏବେ ସାକିବଙ୍କୁ ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟରେ ବସାଇବା ପାଇଁ କିପରି ବ୍ୟବସ୍ଥା କରାଯାଇଛି । ସେଥିପାଇଁ ପ୍ରଶ୍ନ ଉଠିବା ଆରମ୍ଭ ହୋଇଛି । ସାକିବ ପିଏମ୍ ଅପରେସନର ଡିଲ୍ ଅପରେସନରେ ସାମିଲ ହେବେ । ଏହା ବ୍ୟତୀତ, କୁହାଯାଉଛି ଯେ, ମୁନିର ଆଗାମୀ ଦିନରେ ଆହୁରି କିଛି ଲୋକଙ୍କୁ ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟକୁ ପଠାଇବାର ଯୋଜନା କରୁଛନ୍ତି ।



ଶ୍ରୀଲଙ୍କାରୁ ଆସିଥିବା ଉଚ୍ଚସ୍ତରୀୟ ସଂସଦୀୟ ପ୍ରତିନିଧି ଦଳକୁ ସାଂସଦ ଭର୍ତ୍ତୃହରି ମହତାବ ଭାରତୀୟ ସଂଶୋଦୀୟ ବ୍ୟବସ୍ଥା ଉପରେ ଉଦ୍‌ବୋଧନ ଦେଉଛନ୍ତି।

# ଭାରତରେ ଲଞ୍ଚ୍ ହେବ ସାଟେଲାଇଟ୍ ଇଣ୍ଟରନେଟ୍


ନୂଆଦିଲ୍ଲୀ : ଭାରତରେ ଖୁବ୍‌ଶୀଘ୍ର ସାଟେଲାଇଟ୍ ବ୍ରଡବ୍ୟାଣ୍ଡ ସେବା ଆରମ୍ଭ ହେବାକୁ ଯାଉଛି। ଭାରତରେ ସାଟେଲାଇଟ୍ ଇଣ୍ଟରନେଟ୍ ସେବା ଦୌଡ଼ରେ ଅନେକ ବିଦେଶୀ କମ୍ପାନି ମଧ୍ୟ ଅଛନ୍ତି, ଯେପରିକି ଏଲନ୍ ମସ୍କଙ୍କ



ଷ୍ଟାରଲିଙ୍କ୍, ଆମାଜନ କୁଇପର ଏବଂ ୟୁଟେଲସାଟର ୱାନୱେବ୍, ଯେଉଁଥିରେ ଏୟାରଟେଲର ସହଭାଗିତା ରହିଛି। ସାଟେଲାଇଟ୍ ସେବା ଆରମ୍ଭ କରିବା ପୂର୍ବରୁ ସରକାର ବିଭିନ୍ନ ପ୍ରସ୍ତୁତି କରିଛନ୍ତି। ବିଶେଷକରି ଜାତୀୟ ସୁରକ୍ଷାକୁ ଆଖି ଆଗରେ ରଖି, କେନ୍ଦ୍ର ସରକାର ସତର୍କତା ଅବଲମ୍ବନ କରୁଛନ୍ତି । ସରକାର ଭାରତରେ ସାଟେଲାଇଟ୍ ସେବା ମନିଟରିଂ ପାଇଁ ଏକ ନିୟନ୍ତ୍ରଣ କେନ୍ଦ୍ର ସ୍ଥାପନ କରିବାକୁ ନିଷ୍ପତ୍ତି ନେଇଛନ୍ତି। ଏଥିପାଇଁ ୯୦୦ କୋଟି ଟଙ୍କାରୁ ଅଧିକ ନିବେଶ କରାଯିବ। ଏହା ମାଧ୍ୟମରେ ଭାରତୀୟ ସୀମା ମଧ୍ୟରେ ଉପସ୍ଥିତ ଦେଶୀ ଏବଂ ବିଦେଶୀ ଉପଗ୍ରହ ଉପରେ ନଜର ରଖାଯିବ । ଗଣମାଧ୍ୟମ ରିପୋର୍ଟ ଅନୁଯାୟୀ, ସରକାର ଭାରତରେ ସାଟେଲାଇଟ୍ ସେବା ମନିଟରିଂ ପାଇଁ ଏକ ନିୟନ୍ତ୍ରଣ କେନ୍ଦ୍ର ସ୍ଥାପନ କରିବାକୁ ନିଷ୍ପତ୍ତି ନେଇଛନ୍ତି। ଏଥିପାଇଁ ୯୦୦ କୋଟି ଟଙ୍କାରୁ ଅଧିକ ନିବେଶ କରାଯିବ। ଏହା ମାଧ୍ୟମରେ ଭାରତୀୟ ସୀମା ମଧ୍ୟରେ ଉପସ୍ଥିତ ଦେଶୀ ଏବଂ ବିଦେଶୀ ଉପଗ୍ରହ ଉପରେ ନଜର ରଖାଯିବ। ସ୍ଥାନୀୟ ଏବଂ ବିଶ୍ୱସ୍ତରୀୟ କାର୍ଯ୍ୟ ଉପରେ ନଜର ରଖିବା ପାଇଁ ଏହି ସୁବିଧା ସ୍ଥାପନ କରାଯିବ। ରିପୋର୍ଟ ଅନୁଯାୟୀ, ସରକାର ନୂତନ ଟେଲିକମ୍ ନୀତିରେ ଏଥିପାଇଁ ବ୍ୟବସ୍ଥା କରିବେ ଯାହା ଦ୍ୱାରା ଆଗାମୀ ୫ ବର୍ଷ ପାଇଁ ଏକ ରୋଡମ୍ୟାପ୍ ପ୍ରସ୍ତୁତ କରାଯାଇ ପାରିବ। ଏହି ବିଷୟ ସହିତ ଜଡିତ ଜଣେ ଅଧିକାରୀଙ୍କ ଅନୁଯାୟୀ, ଏଥିପାଇଁ ଏକ ଡିଜିଟାଲ୍ ଯୋଗାଯୋଗ କମିଶନ (ଡିସିସି) ଗଠନ କରାଯିବ, ଯେଉଁଥିରେ ଏକ ଆନ୍ତଃମନ୍ତ୍ରୀସ୍ତରୀୟ ପ୍ୟାନେଲ୍ ଗଠନ କରାଯିବ। ଏଥିପାଇଁ ଦୂରସଂଚାର ବିଭାଗ (ଡିଓଟି) ପୂର୍ବରୁ ମଞ୍ଜୁରୀ ଦେଇସାରିଛି ଏବଂ ଏହି ସୁବିଧା ପାଇଁ ୯୩୦ କୋଟି ଟଙ୍କାର ବଜେଟ୍ ପ୍ରସ୍ତୁତ କରାଯାଇଛି।

# ପାକିସ୍ତାନରେ ଜ୍ୟୋତିଙ୍କୁ ମିଳିଥିଲା କଡା ସୁରକ୍ଷା

ନୂଆଦିଲ୍ଲୀ : ଭାରତର ୟୁଟ୍ୟୁବର ଜ୍ୟୋତି ମାଲହୋତ୍ରା ପୁଣି ଥରେ ଖବରରେ ରହିଛନ୍ତି । ଏଥର କାରଣ ହେଉଛି ତାଙ୍କର ଭାଇରାଲ ଭିଡିଓ । ଯେଉଁଥିରେ ସେ ପାକିସ୍ତାନର ଲାହୋରରେ ଅବସ୍ଥିତ ପ୍ରସିଦ୍ଧ ଅନାରକଲି ବଜାରରେ ବୁଲୁଥିବାର ଦେଖାଯାଉଛି ।କିନ୍ତୁ ଏହି ଭିଡିଓରେ ସବୁଠାରୁ ଆଶ୍ଚର୍ଯ୍ୟଜନକ କଥା ହେଉଛି ଯେ, ତାଙ୍କ ସହିତ ପ୍ରାୟ ୫ ରୁ ୬ ଜଣ ସଶସ୍ତ୍ର ବନ୍ଧୁକଧାରୀ ମଧ୍ୟ ଅଛନ୍ତି । ଯେଉଁମାନେ ତାଙ୍କୁ ସବୁ ପାର୍ଶ୍ୱରୁ ସୁରକ୍ଷା ଦେଉଛନ୍ତି ।ଏହି ଭାଇରାଲ ଭିଡିଓଟି ସ୍କଟଲ୍ୟାଣ୍ଡର ପ୍ରସିଦ୍ଧ ଟ୍ରାଭେଲ୍ ବ୍ଲଗର୍ କ୍ୟାଲମ ମିଲ୍ ତାଙ୍କ ୟୁଟ୍ୟୁବ୍ ଚ୍ୟାନେଲ୍ କ୍ୟାଲମ ଆବ୍ରୋଡରେ ପୋଷ୍ଟ କରିଛନ୍ତି । ଭିଡିଓରେ କ୍ୟାଲମ ନିଜେ ଅନାରକଲି ବଜାରର ରାସ୍ତାରେ ବୁଲୁଥିବାର




ଦେଖାଯାଉଛି ଏବଂ ଏହି ସମୟରେ ସେ ହଠାତ୍ ଜ୍ୟୋତି ମାଲହୋତ୍ରାଙ୍କୁ ଭେଟୁଛନ୍ତି । ଭିଡିଓରେ ସ୍ପଷ୍ଟ ଭାବରେ ଦେଖାଯାଉଛି ଯେ, ଉଭୟ ୟୁଟ୍ୟୁବର ପରସ୍ପର ସହିତ କଥାବାର୍ତ୍ତା କରୁଛନ୍ତ ।ଜ୍ୟୋତି ମାଲହୋତ୍ରା କ୍ୟାଲମଙ୍କୁ ପଚାରିଛନ୍ତି ଯେ ସେ କେତେଥର ପାକିସ୍ତାନ ଆସିଛନ୍ତି । ଏହାର ଉତ୍ତରରେ, କ୍ୟାଲମ କହୁଛନ୍ତି, ସେ ଏପର୍ଯ୍ୟନ୍ତ ୫ ଥର ପାକିସ୍ତାନ ଗସ୍ତ କରିସାରିଛନ୍ତି । ଉତ୍ତରରେ ଜ୍ୟୋତି କହୁଛନ୍ତି, ମୁଁ ଭାରତରୁ ଆସିଛି, କେବେ ଭାରତକୁ ଆସନ୍ତୁ । କଥାବାର୍ତ୍ତା ସମୟରେ, ଉଭୟଙ୍କ ମଧ୍ୟରେ ଏକ ସୌହାର୍ଦ୍ଦପୂର୍ଣ୍ଣ ପରିବେଶ ଦେଖିବାକୁ ମିଳୁଛି । କିନ୍ତୁ ତା'ପରେ ଦେଖାଯାଇଥିବା ଦୃଶ୍ୟ ଆଶ୍ଚର୍ଯ୍ୟଜନକ ରହିଛି ।

ଯେତେବେଳେ ଜ୍ୟୋତି ମାଲହୋତ୍ରା ଆଗକୁ ଯାଉଛନ୍ତି, ତାଙ୍କ ଚାରିପାଖରେ ୬ ଜଣ ସଶସ୍ତ୍ର ବନ୍ଧୁକଧାରୀ ଦେଖାଯାଉଛନ୍ତ । ସେମାନେ ତାଙ୍କୁ ସୁରକ୍ଷା ଘେରାରେ ନେଇଯାଉଛନ୍ତି । ଜ୍ୟୋତିଙ୍କୁ ନେଇ ଯାଉଥିବା ବନ୍ଧୁକଧାରୀମାନେ 'ନୋ ଫିୟର'ଲେଖାଥିବା ଜ୍ୟାକେଟ୍ ପିନ୍ଧିଛନ୍ତି ।ଏହି ସମଗ୍ର ଘଟଣାରେ କ୍ୟାଲମ ମିଲ୍ ନିଜେ ଆଶ୍ଚର୍ଯ୍ୟ ହୋଇଯାଇଛନ୍ତି ଏବଂ କ୍ୟାମେରା ସାମ୍ନାରେ କହିଛନ୍ତି, ଏହି ମହିଳା ଏତେ ସୁରକ୍ଷା ସହିତ କାହିଁକି ବୁଲୁଛନ୍ତି?

# ୧୧୦ ରନରେ ଜିତିଲା ହାଇଦ୍ରାବାଦ



ନୂଆଦିଲ୍ଲୀ, (ଏଜେନ୍ସି) : ଦିଲ୍ଲୀର ଅରୁଣ ଜେଟଲି ଷ୍ଟାଡିୟମଠାରେ ଖେଳାଯାଉଥିବା ଆଇପିଏଲ ୨୦୨୫ର ୬୮ତମ ମ୍ୟାଚରେ କୋଲକାତା ନାଇଟରାଇଡର୍ସକୁ ରେକର୍ଡ ୧୧୦ ରନ ବ୍ୟବଧାନରେ ପରାସ୍ତ କରିଛି ସନରାଇଜର୍ସ ହାଇଦ୍ରାବାଦ । ୨୭୯ ରନ ଲକ୍ଷ୍ୟର ଜବାବରେ କୋଲକାତା ମାତ୍ର ୧୬୮ ରନ କରି ଅଲଆଉଟ ହୋଇଯାଇଥିଲା । କୋଲକାତା ପକ୍ଷରୁ ମନିଷ ପାଣ୍ଡେ ୩୭ ରନ କରିଥିବାବେଳେ ହର୍ଷିତ ରାଣା ୩୪ ରନ ଓ ସୁନୀଲ ନାରାୟଣ ୩୧ ରନ କରିଥିଲେ । ହାଇଦ୍ରାବାଦ ପକ୍ଷରୁ ଜୟଦେବ ଉନାଦକଟ, ହର୍ଷ ଦୁବେ ଓ ଇଶାନ ମାଲିଙ୍ଗା ୩ଟି ଲେଖାଏଁ ୱିକେଟ ନେଇଥିଲେ । ଏହି ମ୍ୟାଚରେ ହାଇଦ୍ରାବାଦ ଟସ ଜିତି ପ୍ରଥମେ ବ୍ୟାଟିଂ କରିବାକୁ ନିଷ୍ପତ୍ତି ନେଇଥିଲା । ଦଳର ଦୁଇ ଓପନର ଟ୍ରାଭିସ ହେଡ ଓ ଅଭିଷେକ ଶର୍ମା ଆରମ୍ଭରୁ ହିଁ ଦ୍ରୁତ ଗତିରେ ସ୍କୋର କରିବା ଆରମ୍ଭ କରିଦେଇଥିଲେ । ହେଡ୍ ୭୬ ରନ କରିଥିବାବେଳେ ଅଭିଷେକ ୩୨ ରନ କରିଥିଲେ ଛ ତେବେ ଆଜିର ଦିନ ଥିଲା ହେନେରିକ କ୍ଲାସେନଙ୍କର । ଅଭିଷେକ ଆଉଟ ହେବା ପରେ ୩ୟ ସ୍ଥାନରେ ଆସିଥିବା କ୍ଲାସେନ କୋଲକାତା ବୋଲରଙ୍କ ଉପରେ ସଂପୂର୍ଣ୍ଣ ଆଧିପତ୍ୟ ବିସ୍ତାର କରି ଖେଳିଥିଲେ ଓ ମାତ୍ର ୩୭ଟି ବଲରେ ଶତକ ଅର୍ଜନ କରିଥିଲେ । ନିଜର ଏହି ଇନିଂସରେ ସେ ୯ଟି ଛକା ଓ ୭ଟି ଚୌକା ମାରିଥିଲେ । ସେ ମୋଟ ୧୦୫ ରନ କରିଥିଲେ । ଇଶାନ କିଷନ ୨୯ ରନ କରିଥିଲେ । ହାଇଦ୍ରାବାଦ ନିର୍ଦ୍ଧାରିତ ୨୦ ଓଭରରେ ୨୭୮ ରନ କରିଥିଲା । ସୂଚନାଯୋଗ୍ୟ ଯେ ଆଇପିଏଲର ସର୍ବାଧିକ ସ୍କୋର ରେକର୍ଡ ମଧ୍ୟ ହାଇଦ୍ରାବାଦ ନାଁରେ ରହିଛି । ହାଇଦ୍ରାବାଦ ଗତ ବର୍ଷ ଆରସିବି ବିରୋଧରେ ୨୮୭ ରନ କରିଥିଲା ।

# ମୁମ୍ବାଇ ନିରାଶ, ପଞ୍ଜାବ ବିଜୟୀ



ଜୟପୁର : ଆଇପିଏଲ୍ ୨୦୨୫ର ୬୯ ତମ ମ୍ୟାଚରେ ମୁମ୍ବାଇକୁ ୭ ୱିକେଟ୍‌ରେ ହରାଇ ପଞ୍ଜାବ କିଙ୍ଗସ ବିଜୟ ଲାଭ କରିଛି । ମୁମ୍ବାଇ ଇଣ୍ଡିଆନ୍ସ ୭ ୱିକେଟ୍ ହରାଇ ୧୮୪ ରନ୍ କରିଥିବା ବେଳେ ପଞ୍ଜାବ କିଙ୍ଗସ ଆଉ ୯ ଟି ବଲ୍ ବାକି ଥାଇ ୩ ୱିକେଟ୍ ବିନିମୟରେ ୧୮୭ ରନ୍ କରିଥିଲା। ଏହି ମ୍ୟାଚରେ ପଞ୍ଜାବ ଟସ ଜିତି ପ୍ରଥମେ ବୋଲିଂ କରିବାକୁ ନିଷ୍ପତ୍ତି ନେଇଥିଲା । ମୁମ୍ବାଇ ପକ୍ଷରୁ ରିୟାନ ରିକଲଟନ ଓ ରୋହିତ ଶର୍ମା ଦଳକୁ ଏକ ଭଲ ଆରମ୍ଭ ଦେଇଥିଲେ । ରୋହିତ ୨୪ ରନ କରିଥିବାବେଳେ ରିକଲଟନ ୨୭ ରନ କରିଥିଲେ । ସୂର୍ଯ୍ୟକୁମାର ଯାଦବ ଲଢୁଆ ବ୍ୟାଟିଂ କରି ୨ ଛକା ଓ ୬ ଚୌକା ସହ ୫୭ ରନ କରିଥିଲେ । ଅଧିନାୟକ ହାର୍ଦ୍ଦିକ ପାଣ୍ଡ୍ୟା ୨୬ ରନ କରିଥିବାବେଳେ ନମନ ଧୀର ୨୦ ରନ କରିଥିଲେ । ସେହିପରି ୱିଲ ଜାକ୍ସ ୧୭ ରନ କରିଥିଲେ । ପଞ୍ଜାବ ପକ୍ଷରୁ ବିଜୟ କୁମାର ବୈଶକ, ଅର୍ଶଦୀପ ସିଂ ଓ ମାର୍କୋ ଜାନସେନ ୨ଟି ଲେଖାଏଁ ୱିକେଟ ନେଇଥିଲେ । ସେହିପରି ହରପ୍ରିତ ବ୍ରାର ଗୋଟିଏ ୱିକେଟ ନେଇଥିଲେ ।

**ପଏଣ୍ଟ ଟେବୁଲ**

| ଦଳ | ମ୍ୟାଚ୍ | ଜୟ | ପରାଜୟ | ପଏଣ୍ଟ |
|---|---|---|---|---|
| ଗୁଜରାଟ | ୧୪ | ୯ | ୫ | ୧୮ |
| ବେଙ୍ଗାଲୁରୁ | ୧୩ | ୮ | ୪ | ୧୭ |
| ପଞ୍ଜାବ | ୧୩ | ୮ | ୪ | ୧୭ |
| ମୁମ୍ବାଇ | ୧୩ | ୮ | ୫ | ୧୬ |
| ଦିଲ୍ଲୀ | ୧୪ | ୭ | ୬ | ୧୫ |
| କୋଲକାତା | ୧୩ | ୫ | ୬ | ୧୨ |
| ଲକ୍ଷ୍ନୌ | ୧୩ | ୬ | ୭ | ୧୨ |
| ସନ୍‌ରାଇଜର୍ସ | ୧୩ | ୫ | ୭ | ୧୧ |
| ରାଜସ୍ଥାନ | ୧୪ | ୪ | ୧୦ | ୮ |
| ଚେନ୍ନାଇ | ୧୪ | ୪ | ୧୦ | ୮ |

**ଆଜିର ମ୍ୟାଚ**

ଲକ୍ଷ୍ନୌ – ବେଙ୍ଗାଲୁରୁ
ସମୟ: ରାତି ୭.୩୦
ସ୍ଥାନ: ଲକ୍ଷ୍ନୌ
ପ୍ରସାରଣ: ଷ୍ଟାରନେଟୱର୍କ, ଜିଓ ସିନେମା

# ଆୟର ଟିମ୍‌ରେ ସାମିଲ ହୋଇନଥିବାରୁ ଅସନ୍ତୋଷ

ନୂଆଦିଲ୍ଲୀ, (ଏଜେନ୍ସି) : ଜୁନ୍ ୨୦ରୁ ଆରମ୍ଭ ହେଉଥିବା ପାଞ୍ଚ ମ୍ୟାଚ୍ ବିଶିଷ୍ଟ ଗୁରୁତ୍ୱପୂର୍ଣ୍ଣ ଭାରତ-ଇଂଲଣ୍ଡ ଶୃଙ୍ଖଳା ପାଇଁ ଟିମ୍ ଇଣ୍ଡିଆର ଦଳ ଘୋଷଣା କରାଯାଇଛି। କରୁଣ ନାୟାର ୮ ବର୍ଷ ପରେ ଫେରିବା ପରେ ଶୁଭମନ ଗିଲ ଦଳର ଅଧିନାୟକ ହୋଇଛନ୍ତି। ସାଇ ସୁଦର୍ଶନ ଏବଂ ଅନେକ ଯୁବ ଖେଳାଳିଙ୍କୁ ଦଳରେ ସାମିଲ କରାଯାଇଛିଛ ତଥାପି, ଶ୍ରେୟସ ଆୟରଙ୍କ ପ୍ରଦର୍ଶନ ଭଲ ହୋଇଥିଲେ ମଧ୍ୟ ତାଙ୍କୁ ସ୍ଥାନ ମିଳିନାହିଁ। ଅନେକ ପ୍ରଶଂସକ ଏଥିରେ କ୍ଷୁବ୍ଧ ଏବଂ ଅଜିତ ଅଗରକରଙ୍କ ନେତୃତ୍ୱାଧୀନ ଚୟନ କମିଟି ଉପରେ ପ୍ରଶ୍ନ ଉଠାଇଛନ୍ତି। ବୀରେନ୍ଦ୍ର ସେହୱାଗ ମଧ୍ୟ ଏହା ଉପରେ ପ୍ରଶ୍ନ ଉଠାଇଥିଲେ। ପୂର୍ବତନ ଭାରତୀୟ କ୍ରିକେଟର ବୀରେନ୍ଦ୍ର ସେହୱାଗ ଇଂଲଣ୍ଡ ଗସ୍ତରୁ ଶ୍ରେୟସ ଆୟରଙ୍କୁ ବାଦ ଦେବା ଉପରେ ବିସିସିଆଇକୁ ପ୍ରଶ୍ନ କରିଥିଲେ। ସେ କହିଛନ୍ତି ନିଶ୍ଚିତ ଭାବରେ, ତାଙ୍କୁ ତାଙ୍କ ଅଧିନାୟକତ୍ୱ ପାଇଁ ବହୁତ ଶ୍ରେୟ ମିଳେ ନାହିଁ। ଅନ୍ୟପଟେ ମନୋଜ (ତିୱାରୀ) ମଧ୍ୟ କହିଛନ୍ତି ଯେ ରିଷଭ ପନ୍ତଙ୍କୁ ଅଧିନାୟକତ୍ୱ ମିଳିଲା ନାହିଁ କାରଣ ତାଙ୍କର ଆଇପିଏଲ ସିଜିନ୍ ଭଲ ନଥିଲା। କିନ୍ତୁ ଆୟରଙ୍କର ଏକ ଭଲ ସିଜିନ୍ ଥିଲା ସେ ଟେଷ୍ଟ କ୍ରିକେଟ୍ କାହିଁକି ଖେଳିପାରିବେ ନାହିଁ? ସେ ନିଶ୍ଚିତ ଭାବରେ ତିନୋଟି ଫର୍ମାଟ୍ ଖେଳିପାରିବେଛଶ୍ରେୟସ ଆୟର ଆଇପିଏଲ ସିଜିନ ୧୮ ରେ ସବୁଠାରୁ ଭଲ ଫର୍ମରେ ଥିବା ବ୍ୟାଟସମ୍ୟାନଙ୍କ ମଧ୍ୟରୁ ଜଣେ। ସେ ଏହି ସିଜିନରେ ଖେଳାଯାଇଥିବା ୧୩ ଟି ମ୍ୟାଚରେ ୪୮୮ ରନ କରିଛନ୍ତି। ୨୦୧୪ ପରେ ଏହା ପ୍ରଥମ ଥର ଯେ ପଞ୍ଜାବ କିଙ୍ଗ୍ସ ପ୍ଲେଅଫରେ ପହଞ୍ଚିଛି, ଏହା ମଧ୍ୟ ତାଙ୍କ ଅଧିନାୟକତ୍ୱରେ ଘଟିଥିଲା। ସେହୱାଗ ଚାହୁଁଥିଲେ ଯେ ଇଂଲଣ୍ଡ ଗସ୍ତ ପାଇଁ ଆୟରଙ୍କୁ ଦଳରେ ଚୟନ କରାଯାଉ ସେହୱାଗ କହିଛନ୍ତି, ଯେତେବେଳେ ଆପଣ ଭଲ ଫର୍ମରେ ଥାଆନ୍ତି, ସେମାନଙ୍କୁ ଗସ୍ତରେ ନେବା ଭଲ, କାରଣ ସେମାନଙ୍କ ଭଲ ପ୍ରଦର୍ଶନ କରିବାର ସମ୍ଭାବନା ଅଧିକ ଥାଏଛ ମୁଁ ତାଙ୍କୁ ଟେଷ୍ଟ ଦଳରେ ସାମିଲ କରିବାକୁ ଚାହୁଁଛି। ଯଦି ସେ ଟେଷ୍ଟ କ୍ରିକେଟରେ ମଧ୍ୟ ସମାନ ମନୋଭାବ ଗ୍ରହଣ କରନ୍ତି, ତେବେ ଏହା ଦଳକୁ ଲାଭ ଦେବ। ଆୟର ୨୦୨୧ ମସିହାରେ ତାଙ୍କର ଟେଷ୍ଟ ଡେବ୍ୟୁ କରିଥିଲେ ଏବଂ ୨୦୨୪ ଫେବୃଆରୀରେ ଇଂଲଣ୍ଡ ବିପକ୍ଷରେ ତାଙ୍କର ଶେଷ ଟେଷ୍ଟ ଖେଳିଥିଲେ। ଏହି ସମୟ ମଧ୍ୟରେ, ସେ ମୋଟ ୧୪ଟି ଟେଷ୍ଟ ମ୍ୟାଚ୍ ଖେଳିଛନ୍ତି ଯେଉଁଥିରେ ସେ ୩୬.୮୬ ହାରରେ ୮୧୧ ରନ କରିଛନ୍ତି। ସେ ଏହି ଫର୍ମାଟରେ ଗୋଟିଏ ଶତକ ଏବଂ ୫ଟି ଅର୍ଦ୍ଧଶତକ ହାସଲ କରିଛନ୍ତି।

# ବାସେଲୀ ସାହି ପ୍ରିମିୟର ଲିଗ୍ ଉଦ୍‌ଯାପିତ



କଟକ, (ସ୍ୱପ୍ର) : ଗତ ଦୁଇଦିନ ଧରି ବାସେଲୀ ସାହି ପ୍ରିମିୟର ଲିଗ୍ ଦିବାରାତ୍ର ମ୍ୟାଚ୍ ବାସେଲୀ ସାହିରେ ଅନୁଷ୍ଠିତ ହୋଇଯାଇଛି । ଏହି ଟୁର୍ଣ୍ଣାମେଣ୍ଟରେ ମୋଟ୍ ୬ଟି ଟିମ୍ ଅଂଶଗ୍ରହଣ କରିଥିଲେ। ମୁଖ୍ୟଅତିଥିଭାବେ କଟକ ମହାନଗର ନିଗମ ୩୪ନଂ ୱାର୍ଡର ବିଜୁ ଜନତା ଦଳର ସଭାପତି ମନୋରଞ୍ଜନ ସାହୁ ଯୋଗଦାନ କରି ଖେଳାଳୀମାନଙ୍କୁ ଉତ୍ସାହିତ କରିବା ସହିତ ଆଗାମୀ ଦିନରେ କିଭଳି ଏହି ଟୁର୍ଣ୍ଣାମେଣ୍ଟକୁ ଆହୁରି ବ୍ୟାପକ ତଥା ଉନ୍ନତ ଧରଣର ମ୍ୟାଚ୍ ହୋଇପାରିବ ସେନେଇ ଆୟୋଜକ କର୍ମକର୍ତ୍ତାଙ୍କୁ ବିଭିନ୍ନ ଉପାଦେୟ କଥା କହିଥିଲେ । ଟୁର୍ଣ୍ଣାମେଣ୍ଟରେ ମା ବାସଲୀ ୱାରିୟରର୍ସ ବିଜେତା ହୋଇଥିଲେ। ଏଥିରେ ଅନ୍ୟମାନଙ୍କ ମଧ୍ୟରେ ବାସେଲୀ ସାହି ପୂଜା କମିଟିର ସଭାପତି ସୁରଜିତ୍ ମହାରଣା, ଉପସଭାପତି ଲକ୍ଷ୍ମୀଧର ମହାରଣା, ସମ୍ପାଦକ ଅଜେୟ କୁମାର ସାହୁ, ସହ ସମ୍ପାଦକ ସୋମନାଥ ବାରିକ, କୋଷାଧ୍ୟକ୍ଷ ପିଣ୍ଟୁ ପୃଷ୍ଟି, ଯୁବ ସମ୍ପାଦକ ରବି ମହାରଣା, ସାହିର ବରିଷ୍ଠ କର୍ମକର୍ତ୍ତା ମନୋରଞ୍ଜନ ସାହୁ, ସୁଜିତ କୁମାର ସାହୁ, ଭବାନୀ ଶଙ୍କର ମହାପାତ୍ର ଓ ସାହିର ସମସ୍ତ ଯୁବକ ଏହି ଟୁର୍ଣ୍ଣାମେଣ୍ଟରେ ସହଯୋଗ କରିଥିଲେ ।

## ଆନ୍ତଃସ୍କୁଲ କ୍ରିକେଟ ଟୁର୍ଣ୍ଣାମେଣ୍ଟ

# କିଡ଼ସ ପବ୍ଲିକ ସ୍କୁଲ ବିଜୟୀ



କେନ୍ଦୁଝର, (ସବ୍ୟୁ): ସୋମବାର ଓଡିଶା କ୍ରିକେଟ ଆସୋସିଏସନ ଆନୁକୂଲ୍ୟରେ ଏବଂ ଜିଲ୍ଲା କ୍ରୀଡା ସଂସ୍ଥା ସହଯୋଗରେ ସ୍ଥାନୀୟ ଷ୍ଟାଡିୟମ ପଡିଆ ଠାରେ ଅନୁଷ୍ଠିତ ସପ୍ତମ ଦିବସର ଏକ ତୀବ୍ର ପ୍ରତିଦ୍ୱନ୍ଦୀତା ତଥା ସଂଘର୍ଷପୂର୍ଣ୍ଣ ଲିଗ ପର୍ଯ୍ୟାୟ ଖେଳରେ କିଡ଼ସ ପବ୍ଲିକ ସ୍କୁଲ (ମିଳିତ ) ଡିଏଭି ସ୍କୁଲ (ମିଳିତ ) ବିପକ୍ଷରେ ମାତ୍ର ୯ ରନରେ ଏକ ଚମକପ୍ରଦ ବିଜୟ ହାସଲ କରି ପୁରା ପଏଣ୍ଟ ହାସଲ କରିଛି । ଏକ ବ୍ୟାଟିଂ ପିଚରେ କିଡ଼ସ ପବ୍ଲିକ ସ୍କୁଲ ଟସରେ ଜିଣି ପ୍ରଥମେ ପାଳି ଆରମ୍ଭ କରିବାକୁ ନିଷ୍ପତି ନେଇଥିଲା ଏବଂ ନିର୍ଦ୍ଧାରିତ ୩୫ ଓଭରରେ ୬ଟି ଉଇକେଟ ହରାଇ ୨୧୨ ରନ ସଂଗ୍ରହ କରିଥିଲା । ଦଳ ପକ୍ଷରୁ ରାହୁଲଦେବ ନାୟକ ୧୦୭ଟି ବଲର ସମ୍ମୁଖୀନ ହୋଇ ୧୩ଟି ଚୌକା ସହାୟତାରେ ୯୮.୧୩ ଷ୍ଟ୍ରାଇକ ରେଟ ସହ ୧୦୫ ରନ ସଂଗ୍ରହ କରି ପ୍ରତିଯୋଗିତାର ତୃତୀୟ ଶତକ ହାସଲ କରି ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ । ପ୍ରତିପକ୍ଷ ଦଳର ଅଧିନାୟକ ଈଶାନ୍ତ ମୁର୍ମୁ ୭ ଓଭର ବୋଲିଂ କରି ୩୬ ରନ ବିନିମୟରେ ୪ଟି ଉଇକେଟ ଅକ୍ତିଆର କରିଥିଲେ। ଏହାର ଜବାବରେ ମ୍ୟାଚ ଜିତିବା ପାଇଁ ଓଭର ପିଛା ୬.୦୮ ହାରରେ ରନ ସଂଗ୍ରହ କରିବାର ଲକ୍ଷ୍ୟ ନେଇ ଡିଏଭି ପବ୍ଲିକ ସ୍କୁଲ ବ୍ୟାଟିଂ ଆରମ୍ଭ କରି ବିଜୟ ଆଡକୁ ଅଗ୍ରସର ହେଉଥିଲା ।କିନ୍ତୁ ଶେଷ ମୁହୂର୍ତ୍ତରେ ହାତରେ ଆଉ ୪ଟି ବଲ ଥାଇ ଆଉ ମାତ୍ର ୯ ରନ ପାଇଁ ବିଜୟକୁ ହାତଛଡା କରିଥିଲା । ଡିଏଭି ୩୪.୨ ବ୍ୟାଟିଂ କରି ୨୦୩ ରନରେ ସମସ୍ତ ଉଇକେଟ ହରାଇଥିଲା । ଦଳ ପକ୍ଷରୁ ଅଧିନାୟକ ଈଶାନ୍ତ ମୁର୍ମୁ ୪୨ଟି ବଲର ସମ୍ମୁଖୀନ ହୋଇ ୮ଟି ଚୌକା ଏବଂ ଗୋଟିଏ ଛକା ସହାୟତାରେ ୫୧ ରନ ସଂଗ୍ରହ କରି ଅର୍ଦ୍ଧ ଶତକ ହାସଲ କରିଥିବା ବେଳେ ଶୁଭମ ଦାସ ୩୭ଟି ବଲର ସମ୍ମୁଖୀନ ହୋଇ ୫ଟି ଚୌକା ସହାୟତାରେ ୩୪ ରନ ସଂଗ୍ରହ କରିଥିଲେ । ପ୍ରତିପକ୍ଷ ଦଳର ରାହୁଲଦେବ ନାୟକ ୭ ଓଭର ବୋଲିଂରେ ଗୋଟିଏ ମେଡନ ସହ ୨୪ ରନ ଦେଇ ୪ଟି ଉଇକେଟ ଅକ୍ତିଆର କରିଥିଲେ । ଏକ ଆକର୍ଷଣୀୟ ଶତକ ସହ ୪ଟି ମୂଲ୍ୟବାନ ଉଇକେଟ ନେଇ ଜିତିବାର ମୁଖ୍ୟ ନାୟକ ରାହୁଲଦେବ ମ୍ୟାନ ଅଫ ଦି ମ୍ୟାଚ ବିବେଚିତ ହୋଇ ପୁରସ୍କୃତ ହୋଇଥିଲେ। ଏହିଖେଳକୁ କିଶୋର ମହାକୁଡ଼, ଯଶୋବନ୍ତ ମହାପାତ୍ର ( ଲୁନା) ପରିଚାଳନା କରିଥିବା ବେଳେ ଗିରୀଶ ଚନ୍ଦ୍ର ହୋତା ମ୍ୟାଚ ରେଫେରୀ ଏବଂ ଗଜେନ୍ଦ୍ରସାହୁ ସ୍କୋରର ଦାୟିତ୍ୱ ତୁଲାଇ ଥିଲେ ।

## ପିଏସଏଲ ଫାଇନାଲରେ

# ବିଜୟ ଶଟ ମାରିଲେ ସିକନ୍ଦର ରାଜା

ଲାହୋର, (ଏଜେନ୍ସି) : ପାକିସ୍ତାନ ସୁପର ଲିଗ ବା ପିଏସଏଲ ଇତିହାସରେ ସବୁଠାରୁ ନାଟକୀୟ ଅନ୍ତ ଦେଖିବାକୁ ମିଳିଛି। ମ୍ୟାଚ ପାଗଳ ଜିମ୍ବାୱେ କ୍ରିକେଟର ସିକନ୍ଦର ରାଜା ଫିଲ୍ମ ଷ୍ଟାଇଲରେ ପିଏସଏଲ ଫାଇନାଲରେ ପ୍ରବେଶ କରି ନିଜ ଟିମକୁ ବିଜୟ ଭେଟିଛନ୍ତି। ସେ ଗଦାଫି ଷ୍ଟାଡିୟମରେ ଖେଳାଯାଉଥିବା ଫାଇନାଲ ମ୍ୟାଚ୍ର ଠିକ ୧୦ ମିନିଟ ପୂର୍ବରୁ ଇଂଲଣ୍ଡରୁ ଆସି ପାକିସ୍ତାନରେ ପହଞ୍ଚିଥିଲେ। ସେ ଇଂଲଣ୍ଡରୁ ଆସିବାର କାରଣ ଥିଲା ନିଜ ପିଏସଏଲ ଟିମ ପାଇଁ ବିଜୟ ଶଟ ମାରିବା ତାଙ୍କ ଶଟ ପାଇଁ ପିଏସଏଲ ୨୦୨୫ ଟ୍ରଫି ଜିତିଛି ଲାହୋର କ୍ୱାଲନ୍ଦର୍ସ। ଟସ୍ର ୧୦ ମିନିଟ ପୂର୍ବରୁ ୩୯ ବର୍ଷୀୟ ସିକନ୍ଦର ରାଜା ମ୍ୟାଚ୍ ଖେଳିବାକୁ ଚାଲି ଆସିଥିଲେ। ଏହାପରେ ସେ ମ୍ୟାଚ୍ରେ ମାତ୍ର ୭ଟି ବଲ ଖେଳି ଅପରାଜିତ ୨୭ ରନ କରିଛନ୍ତି। ତାଙ୍କ ଇନିଂସ ଯୋଗୁ ଲାହୋର ୬ ୱିକେଟରେ କ୍ୱେଟା ଗ୍ଲାଡିଏଟର୍ସକୁ ହରାଇ ଦେଇଛି। ରାଜା ଚୌକା ମାରି ଦଳକୁ ଟ୍ରଫି ଭେଟି ଦେଇଛନ୍ତି। ସିକନ୍ଦର ରାଜାଙ୍କୁ ମ୍ୟାଚ ପାଗଳ କହିବାର ଯଥେଷ୍ଟ କାରଣ ରହିଛି। ପିଏସଏଲ ଫାଇନାଲର ୨୪ ଘଣ୍ଟା ପୂର୍ବରୁ ସେ ନିଜ ଦେଶ ଜିମ୍ବାୱେ ପାଇଁ ନଟିଂହାମରେ ଇଂଲଣ୍ଡ ବିପକ୍ଷରେ ଟେଷ୍ଟ ଖେଳୁଥିଲେ। ସେଠାରେ ମ୍ୟାଚ୍ ଖେଳିବା ପରେ ସେ ସିଧା ପିଏସଏଲ ଖେଳିବାକୁ ବାହାରି ଯାଇଥିଲେ। ନଟିଂହାମରୁ ସେ ପ୍ରଥମେ ବର୍ମିଂହାମ, ପରେ ଦୁବାଇ, ଅବୁଧାବିରେ ପହଞ୍ଚିଥିଲେ। ସେଠାରୁ ଶେଷରେ ବିମାନ ଧରି ଲାହୋରକୁ ଆସିଥିଲେ।

# ମନ୍‌କୀ ବାତ୍‌ରେ ଖେଲୋ ଇଣ୍ଡିଆ ଗେମ୍‌ସ ପ୍ରତିଫଳିତ

ନୂଆଦିଲ୍ଲୀ, (ଏଜେନ୍ସି) : ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ମନ୍‌କୀ ବାତ୍‌ରେ ଖେଲୋ ଇଣ୍ଡିଆ ଗେମ୍‌ସ ପ୍ରତିଫଳିତ ହୋଇଛି ।ଖେଲୋ ଇଣ୍ଡିଆ ସମୟରେ ବିହାରର ପାଞ୍ଚଟି ସହରରେ ଖେଳ ଆୟୋଜିତ ହୋଇଥିଲା । ସେଠାରେ ବିଭିନ୍ନ ବିଭାଗର ଖେଳଗୁଡ଼ିକ ହୋଇଥିଲା । ସାରା ଭାରତରୁ ପ୍ରାୟ ୫,୦୦୦ରୁ ଅଧିକ ଖେଳାଳି ସେଠାରେ ଯୋଗଦେଇଥିଲେ ।



ବିହାରର ମାଟି ବହୁତ ସ୍ୱତନ୍ତ୍ର ଅଟେ, ଏହି ଆୟୋଜନରେ ଏଠାରେ କିଛି ଅଭିନବ ଘଟଣା ଘଟିଥିଲା । ଏହା ଖେଲୋ ଇଣ୍ଡିଆ ୟୁଥ୍ ଗେମ୍ସର ପ୍ରଥମ ଆୟୋଜନ ଥିଲା। ସାରା ବିଶ୍ୱର ଲୋକମାନେ ଆମର ଯୁବ ଖେଳାଳିମାନଙ୍କର ପ୍ରତିଭାକୁ ଦେଖିଲେ ଏବଂ ପ୍ରଶଂସା କଲେ । ମୁଁ ସମସ୍ତ ପଦକ ବିଜେତାମାନଙ୍କୁ ବିଶେଷକରି ଶ୍ରେଷ୍ଠ ତିନି ବିଜେତା – ମହାରାଷ୍ଟ୍ର, ହରିଆନା ଏବଂ ରାଜସ୍ଥାନକୁ ଅଭିନନ୍ଦନ ଜଣାଉଛି ।

ଏ ବର୍ଷ ଖେଲୋ ଇଣ୍ଡିଆରେ ସର୍ବମୋଟ ୨୬ଟି ରେକର୍ଡ ହୋଇଛି । ଭାରୋତ୍ତଳନ ପ୍ରତିଯୋଗିତାରେ ମହାରାଷ୍ଟ୍ରର ଅସ୍ମିତା ଧୋନେ, ଓଡ଼ିଶାର ହର୍ଷବର୍ଦ୍ଧନ ସାହୁ ଏବଂ ଉତ୍ତରପ୍ରଦେଶର ତୁଷାର ଚୌଧୁରୀଙ୍କ ଶ୍ରେଷ୍ଠ ପ୍ରଦର୍ଶନ ସମସ୍ତଙ୍କ ହୃଦୟକୁ ଜିତିନେଇଥିଲା । ସେହିଭଳି ମହାରାଷ୍ଟ୍ରର ସାଇରାଜ ପରଦେଶୀ ତିନୋଟି ରେକର୍ଡ ସ୍ଥାପିତ କରିନେଲେ । ଆଥଲେଟିକରେ ଉତ୍ତରପ୍ରଦେଶର କାଦିର ଖାନ୍, ଶେଖ୍ ଜିଶାନ୍ ଏବଂ ରାଜସ୍ଥାନର ହଂସରାଜ ଚମତ୍କାର ପ୍ରଦର୍ଶନ କରିଥିଲେ । ଏହିଥର ବିହାର ମଧ୍ୟ ୩୬ଟି ପଦକ ଅଧିକାର କରିଥିଲା । ବନ୍ଧୁଗଣ, ଯିଏ ଖେଳେ, ସେ ପ୍ରସ୍ଫୁଟିତ ହୁଏ । ଯୁବ କ୍ରୀଡ଼ା ପ୍ରତିଭାମାନଙ୍କ ପାଇଁ ଟୁର୍ଣ୍ଣାମେଣ୍ଟ ବହୁତ ଗୁରୁତ୍ୱ ରଖିଥାଏ । ଏହିଭଳି ଆୟୋଜନ ଭାରତୀୟ ଖେଳର ଭବିଷ୍ୟତକୁ ଆହୁରି ସୁନ୍ଦର କରିବ ।

# କ୍ରିକେଟ ଇତିହାସରେ ବିରଳ ରେକର୍ଡ



ନୂଆଦିଲ୍ଲୀ, (ଏଜେନ୍ସି) : ୯୦ ଦଶକରେ ଯେତେବେଳେ କ୍ରିକେଟ କଥା ଉଠେ, ସେତେବେଳେ ରାହୁଲ ଦ୍ରାବିଡ, ସୌରଭ ଗାଙ୍ଗୁଲି, ସଚିନ ତେନ୍ଦୁଲକରଙ୍କ ନାଁ ଆଗ ଆସୁଥିଲା । କାରଣ ଗୋଟିଏ ସମୟ ଥିଲା ଯେତେବେଳେ ଏହି ଭାରତୀୟ କ୍ରିକେଟରମାନେ ଅନ୍ତର୍ଜାତୀୟ କ୍ରିକେଟରେ ନିଜ ଦବଦବା ରଖିଥିଲେ ।

ବିପକ୍ଷ ଦଳକୁ ଧୂଳି ଚଟାଇବାର ଦକ୍ଷତା ରଖୁଥିଲେ ଏହି ଖେଳାଳିମାନେ । ତେବେ ଆଜି ଆମେ ଏମିତି ଏକ ମ୍ୟାଚ କଥା କହିବୁ ଯେଉଁଥିରେ ଦ୍ରାବିଡ ଆଉ ଗାଙ୍ଗୁଲିଙ୍କ ଜଲୱା ଦେଖିବାକୁ ମିଳିଥିଲା । ଆଉ ଏହି ଦୁଇ ଖେଳାଳି ଅନ୍ତର୍ଜାତୀୟ କ୍ରିକେଟରେ ରଚିଥିଲେ ବିରଳ ରେକର୍ଡ ।

୧୯୯୯ ମସିହା କ୍ରିକେଟ ବିଶ୍ୱକପ କଥା । ମେ' ୨୬ ତାରିଖ, ଭାରତ-ଶ୍ରୀଲଙ୍କା ମଧ୍ୟରେ ଚାଲିଥାଏ ମ୍ୟାଚ । ଏହି ମ୍ୟାଚରେ ଟସ ଜିତି ପ୍ରଥମେ ଫିଲ୍ଡିଂ ନିଷ୍ପତ୍ତି ନେଇଥିଲା ଶ୍ରୀଲଙ୍କା ଦଳ । ଆଉ ବ୍ୟାଟିଂ କରିବାକୁ ମୈଦାନକୁ ଓହ୍ଲାଇଥିଲା ଭାରତୀୟ ଦଳ । ଆରମ୍ଭରୁ ସଦାଗୋପନ ରମେଶଙ୍କ ୱିକେଟ ଭାରତକୁ ବଡ଼ ଝଟକା ଦେଇଥିଲା । ହେଲେ ପ୍ରଥମ ୱିକେଟରେ ଗାଙ୍ଗୁଲିଙ୍କ ସହ ଯୋଗ ଦେଇଥିଲେ ରାହୁଲ ଦ୍ରାବିଡ ।

ଏବେ ଆରମ୍ଭ ହୋଇଥିଲା ଅସଲି ମ୍ୟାଚ । ଚାରିଆଡେ ଖାଲି ଛକା ଚୌକାର ବର୍ଷା । ନିଜର ବିସ୍ଫୋରକ ବ୍ୟାଟିଂରେ ଶ୍ରୀଲଙ୍କା ଦଳକୁ ପାଣି ପିଆଇ ଦେଇଥିଲେ ଗାଙ୍ଗୁଲି-ଦ୍ରାବିଡ । ୪୫ ଓଭର ଯାଏଁ ପୂରା ଶ୍ରୀଲଙ୍କା ଦଳର ନିଦ ହଜାଇ ଦେଇଥିଲେ ଏହି ଦୁଇ ଖେଳାଳି । କାହାକୁ କେମିତି ବୋଲିଂ କରିବେ ବୁଝି ପାରୁନଥିଲେ ଶ୍ରୀଲଙ୍କା ବୋଲର । କାରଣ ଉଭୟ ବ୍ୟାଟ୍ସମ୍ୟାନ ପୂରା ଫର୍ମରେ ରହିଥାନ୍ତି । ଆଉ ଏଭଳି ଖେଳି ଅନ୍ତର୍ଜାତୀୟ କ୍ରିକେଟରେ ବିରଳ ରେକର୍ଡ ସୃଷ୍ଟି କରିଥିଲେ ଦ୍ରାବିଡ-ଗାଙ୍ଗୁଲି ।

୪୫ ଓଭର ବେଳକୁ ୧୪୫ ରନ କରି ରାହୁଲ ଦ୍ରାବିଡ ଆଉଟ ହୋଇଯାଇଥିଲେ । ଆଉ ସେତବେଳକୁ ଭାରତର ସ୍କୋର ଥାଏ ୩୨୪ ରନ । ୩୧୮ ରନର ପାର୍ଟନରସିପ କରି ଦ୍ରାବିଡ ଆଉ ଗାଙ୍ଗୁଲି ଦିନିକିଆ କ୍ରିକେଟ ଇତିହାସରେ ସୃଷ୍ଟି କରିଥିଲେ ଏଭଳି ରେକର୍ଡ । ପୂର୍ବରୁ କୌଣସି ଖେଳାଳି ଏତେ ରନର ପାର୍ଟନରସିପ କରିନଥିଲେ । ଯାହା ଏହି ଦୁଇ ଭାରତୀୟ ଖେଳାଳି କରି ଦେଖାଇଥିଲେ । ବଡ ବିଜୟ ଲକ୍ଷ୍ୟ ନେଇ ମୈଦାନକୁ ଓହ୍ଲାଇଥିଲା ଶ୍ରୀଲଙ୍କା ଦଳ ଏଥିରେ ବିଫଳ ହୋଇଥିଲା । ଆଉ ଏହି ମ୍ୟାଚରେ ଭାରତ ୧୫୭ ରନରେ ବିଜୟୀ ହୋଇଥିଲା । ଭାରତର ବିଜୟ ସହ ଦ୍ରାବିଡ-ଗାଙ୍ଗୁଲିଙ୍କ ଏହି ରେକର୍ଡ କ୍ରିକେଟ ଇତିହାସରେ ଆଜି ଯାଏଁ ଲିପିବଦ୍ଧ ହୋଇ ରହିଛି ।

ସୂଚନା

ସମୟ BHIM SCAN & PAY

ASHIRBAD PRAKASHAN PVT.LTD.

ଦୈନିକ ଖବରକାଗଜ ସମୟରେ କ୍ଲାସିଫାଏଡ୍ / ଶ୍ରଦ୍ଧାଞ୍ଜଳି ବିଜ୍ଞାପନ ଦେବାକୁ ଚାହୁଁଥିବା ଇଚ୍ଛୁକ ବ୍ୟକ୍ତି ଉପରୋକ୍ତ କ୍ୟୁଆର୍ କୋଡ୍ ସ୍କାନ କରି ଦେୟ ପୈଠ କରିପାରିବେ । ଫୋନ୍ ପେ, ପେଟିଏମ୍, ଗୁଗୁଲ ପେ, ଭାରତ ପେ ଇତ୍ୟାଦିରେ ଦେୟ ପୈଠ କରି ଦେୟ ରସିଦ୍‌କୁ ବିଜ୍ଞାପନ ସହ ୭୯୭୮୫୩୩୧୭୪ / ଇମେଲ୍:classifiedsamaya@gmail.com ରେ ପଠାଇ ପାରିବେ । ଅଧିକ ସୂଚନା ପାଇଁ ୭୯୭୮୫୩୩୧୭୪ରେ ଯୋଗାଯୋଗ କରନ୍ତୁ।

Printed & Published by Satyanarayan Mohanty for Ashirbad Prakashan Pvt. Ltd. at its Press at Plot- 44 & 54, Sec.-A, Zone-D, M.I.Estate, Po.:Rasulgarh, Bhubaneswar -10. PBX-0674-7117711, News/Fax-2585740,2586665, TEL: 2585602, 0674-7117713, Advertisement : 0674-7117734 / 37, Circulation: 0674- 2583867, 7117718, Chief Editor: Gurukalyan Mohapatra, ମୁଖ୍ୟ ସମ୍ପାଦକ: ଗୁରୁକଲ୍ୟାଣ ମହାପାତ୍ର, Editor: Papu Mohanty: ସମ୍ପାଦକ: ପପୁ ମହାନ୍ତି